# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-248 •SATURDAY •07 MARCH 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୪୮ •ଶନିବାର •୦୭ ମାର୍ଚ୍ଚ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦




ଆଉ ଫେରିବେନି କ୍ୟାଟ୍ରିନା, କିଆରା

▸ପୃଷ୍ଠା ୧୧ ଦେଖନ୍ତୁ...

# ଯୁଦ୍ଧ ଜିଦ୍‌ରେ ଜଳୁଛି ମଧ୍ୟପ୍ରାଚ୍ୟ

## ଆତ୍ମସମର୍ପଣ ଶେଷ ରାସ୍ତା: ଆମେରିକା





■ ୱାଶିଂଟନ, ୬।୩ (ଏଜେନ୍ସି): ଇରାନ ବିରୋଧରେ ଆମେରିକା-ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧ ଥମିବାର ନା ଧରୁନି। ଯୁଦ୍ଧ ଜିଦ୍‌ରେ ମଧ୍ୟପ୍ରାଚ୍ୟ ଜଳୁଛି। ଇରାନ ଉପରେ ଦୁଇ ଦେଶ କ୍ରମାଗତ ଭାବେ ଆକ୍ରମଣ କରି ଚାଲିଛନ୍ତି। ଅସ୍ତ୍ରଶସ୍ତ୍ର ଭଣ୍ଡାରଠାରୁ ନେଇ ରାଷ୍ଟ୍ରପତି ଭବନକୁ ବି ଇସ୍ରାଏଲ ଛାଡୁନାହିଁ। ଇରାନ ମଧ୍ୟ ଏହି ଦୁଇ ଦେଶକୁ ଦୃଢ଼ ଜବାବ ଦେଇଚାଲିଛି। ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଥିବା ଆମେରିକାର ସେନା ଘାଟୀକୁ ନିଶାଣ କରି ତୁହାକୁ ତୁହା ଆକ୍ରମଣ ଜାରି ରଖିଛି। ଏଭଳି ଆକ୍ରମଣ ଉପସାଗରୀୟ ଦେଶଗୁଡ଼ିକ ପାଇଁ ସୁରକ୍ଷା ସଙ୍କଟ ସୃଷ୍ଟି କରିଛି।

ବିଶ୍ୱରେ ଶକ୍ତି ସୁରକ୍ଷା ଘନଉ ଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ଥିର ହୋଇଯାଇଛନ୍ତି। ଇରାନ ଆକ୍ରମଣ ପାଇଁ ନିଜ ଦେଶରେ ବିରୋଧର ସମ୍ମୁଖୀନ ହେଉଥିବା ଟ୍ରମ୍ପଙ୍କୁ ଉପସାଗରୀୟ ଦେଶଗୁଡ଼ିକ ବି ଭରସା କରିପାରୁ ନାହାନ୍ତି। ଏହି ଦେଶଗୁଡ଼ିକ ଆମେରିକାର କ୍ଷମତା ଉପରେ ପ୍ରଶ୍ନ ଉଠାଇବା ସହ ଯୁଦ୍ଧ ବନ୍ଦ ପାଇଁ ଆମେରିକା ଉପରେ ଚାପ ପକାଇ ଚାଲିଛନ୍ତି। ଯଦି ଯୁଦ୍ଧ ତୁରନ୍ତ ବନ୍ଦ ନ ହୁଏ, ତେବେ ଉପସାଗରୀୟ ଦେଶଗୁଡ଼ିକ ଉପରୁ ବିଶ୍ୱବାସୀ ଆସ୍ଥା ହରାଇ ଦେବେ। ଅନ୍ୟପକ୍ଷରେ ଇରାନ ବିରୋଧରେ ଟ୍ରମ୍ପଙ୍କ ଯୁଦ୍ଧ ନିଷ୍ପତ୍ତିକୁ ପୂର୍ବରୁ ସିନେଟ୍ ସମର୍ଥନ ଦେଇଥିବା ବେଳେ ୟୁଏସ୍ କଂଗ୍ରେସ ମଧ୍ୟ ଏହି ନିଷ୍ପତ୍ତିକୁ କାଏମ ରଖିଛି।

### ଖାମେନେଇଙ୍କ ପୁଅ ଗ୍ରହଣୀୟ ନୁହେଁ; ଶୀର୍ଷ ନେତା ମନୋନୟନରେ ଆମେରିକାର ଭୂମିକା ଜରୁରୀ

ଅନ୍ୟପକ୍ଷରେ ଇରାନର ଶୀର୍ଷ ନେତୃତ୍ୱ ପଦରେ ଖାମେନେଇଙ୍କ ପୁଅକୁ ଆମେରିକା ଅଗ୍ରାହ୍ୟ କରିଛି। ଟ୍ରମ୍ପ କହିଛନ୍ତି ଯେ ମୋ ବିନା ଇରାନ ନୂଆ ସର୍ବୋଚ୍ଚ ନେତା ବାଛିବା ଅନୁଚିତ। ଏପରି କହି ସେ ପୁଣିଥରେ ଇରାନକୁ ଧମକ ଦେଇଛନ୍ତି। ଅସ୍ତ୍ରବିରତି ପାଇଁ କହିବା ସହିତ ଆତ୍ମସମର୍ପଣ କର; ନଚେତ ମର ବୋଲି ଇରାନ ସେନା ଆଇଆରଜିସିକୁ ଟ୍ରମ୍ପ କହିବା ସହ ସ୍ଥଳ ଅଭିଯାନ ଆରମ୍ଭ କରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି। ମାତ୍ର ଟ୍ରମ୍ପଙ୍କ ଏହି ଧମକରେ ଇରାନ ଡରି ଯାଇନାହିଁ। ଯୁଦ୍ଧ ଆମେ ଆରମ୍ଭ କରିନୁ; ତେଣୁ ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଇରାନ ବିଦେଶମନ୍ତ୍ରୀ ଆବାସ ଅରାଗଛି କହିଛନ୍ତି। ସେ କହିଛନ୍ତି ଆମେ ଯେତେବେଳେ ଆଲୋଚନା ପାଇଁ ପ୍ରସ୍ତୁତ ଥିଲୁ, ସେତେବେଳେ ଟ୍ରମ୍ପ ରାଜି ନ ଥିଲେ। ଆମେ ବି ଅସ୍ତ୍ରବିରତି ପାଇଁ ଅନୁରୋଧ କରିନୁ। ତେଣୁ ଆଲୋଚନାର ପ୍ରଶ୍ନ ଉଠୁନାହିଁ। ଆମେରିକାକୁ ଜବାବ ଦେବାକୁ ଆମେ ପ୍ରସ୍ତୁତ ଅଛୁ। ସ୍ଥଳ ▸ପୃଷ୍ଠା-୭

## ଶେଷ ଗୁଳି ଥିବା ପର୍ଯ୍ୟନ୍ତ ଲଢ଼ିବୁ: ଇରାନ



■ ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଯୁଦ୍ଧ ମଧ୍ୟରେ ଦିଲ୍ଲୀରେ ଜାରି 'ରାଇସିନା ଡାଇଲଗ୍-୨୦୨୬'ରେ ସାମିଲ ହୋଇଛନ୍ତି ଇରାନ ଉପ ବିଦେଶମନ୍ତ୍ରୀ ସୈଇଦ ଖତିବଜାଦେହ। ସେ ଭାରତରୁ ରଣ ହୁଙ୍କାର ଦେଇ ଆମେରିକା ଉପରେ ବର୍ଷିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତୀବ୍ର ନିନ୍ଦା କରିଛନ୍ତି। ଶେଷ ଗୁଳି ଥିବା ପର୍ଯ୍ୟନ୍ତ ଇରାନ ଲଢ଼ିବ ବୋଲି ସେ ଦମ୍ଭ ଦେଖାଇଛନ୍ତି। ଦେଶର ସର୍ବୋଚ୍ଚ ନେତା ଚୟନରେ ହସ୍ତକ୍ଷେପ ଚାହୁଁଥିବା ଟ୍ରମ୍ପଙ୍କୁ ମଧ୍ୟ କଡ଼ା ବାର୍ତ୍ତା ଦେଇଛନ୍ତି। ନ୍ୟୁୟର୍କ ମେୟର ନିଯୁକ୍ତି କରିପାରୁ ନ ଥିବା ବ୍ୟକ୍ତି ଇରାନ କେମିତି ବାଛିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଖତିବଜାଦେହ କହିଛନ୍ତି ଯେ ଆମେରିକା-ଇସ୍ରାଏଲ ବିରୋଧରେ ଦେଶ ସାହସର ସହ ଲଢ଼ିବ। ଏହା ବ୍ୟତୀତ ଦେଶ ପାଖରେ ଆଉ କୌଣସି ବିକଳ୍ପ ନାହିଁ। ଦେଶରେ ଶେଷ ସୈନିକ ଏବଂ ଗୁଳି ଥିବା ପର୍ଯ୍ୟନ୍ତ ଲଢ଼ିବାକୁ ଆମେ ଶପଥ ନେଇଛୁ।

### "ନ୍ୟୁୟର୍କ ମେୟର ନିଯୁକ୍ତ କରିପାରୁ ନଥିବା ଟ୍ରମ୍ପ ଆମ ନେତା କେମିତି ବାଛିବେ"

ଟ୍ରମ୍ପଙ୍କୁ ନେଇ ଇରାନ ଉପବିଦେଶମନ୍ତ୍ରୀ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ନେତୃତ୍ୱ ପରିବର୍ତ୍ତନ କଥା ବାରମ୍ବାର କହି ଚାଲିଛନ୍ତି। ମାତ୍ର ସେ ନ୍ୟୁୟର୍କ ମେୟରଙ୍କୁ ବି ନିଯୁକ୍ତି କରିପାରୁନାହାନ୍ତି। ଏହା ଟ୍ରମ୍ପଙ୍କ ଉପନିବେଶବାଦର ଛବିକୁ ଦର୍ଶାଉଛି। ସେ ନିଜ ଦେଶର ଗଣତନ୍ତ୍ର କଥା କହୁଛନ୍ତି, କିନ୍ତୁ ଇରାନର ଗଣତାନ୍ତ୍ରିକ ସରକାର ଭୁଶୁଡ଼ାଇବାକୁ ଚାହୁଁଛନ୍ତି। ଏବେ ଇରାନ ସମ୍ପୂର୍ଣ୍ଣ ଯୁଦ୍ଧ ସ୍ଥିତି ଦେଇ ଗତି କରୁଛି। ଇରାନ ନାଗରିକଙ୍କ ଉପରେ ଆମେରିକା ଏବଂ ଇସ୍ରାଏଲ କ୍ରମାଗତ ଭାବେ ଆକ୍ରମଣ କରି ଚାଲିଛନ୍ତି। ଆକ୍ରମଣକାରୀଙ୍କୁ ସମ୍ପୂର୍ଣ୍ଣ କ୍ଷମତାର ସହ ଜବାବ ଦେଉ ବୋଲି ମୁଁ ଚାହୁଁଛି। ଯଦି କୌଣସି ଦେଶ ଅନ୍ୟ ଦେଶର ସର୍ବୋଚ୍ଚ ନେତାଙ୍କୁ ହତ୍ୟା କରେ ଏବଂ ଏହାର ସାଧାରଣ ପ୍ରକ୍ରିୟା ପାଲଟି ଯାଏ, ତେବେ ଦେଶ ଦେଶ ମଧ୍ୟରେ କୂଟନୈତିକ ସମ୍ବନ୍ଧ ରଖିବା କଠିନ ହୋଇଯିବ।


ଆମେରିକାର ସମ୍ଭାବ୍ୟ ସ୍ଥଳସେନାର ଆକ୍ରମଣକୁ ନେଇ ଖତିବଜାଦେହ କହିଛନ୍ତି ଯେ କୌଣସି ବି ଉପନିବେଶ ଅଭିଯାନକୁ ରୋକିବା ପାଇଁ ପ୍ରସ୍ତୁତ। ନିଜ ଦେଶର ରାଜନୈତିକ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ହେଉଥିବା ଯେକୌଣସି ପ୍ରୟାସକୁ ଇରାନ ଜୋରଦାର ବିରୋଧ କରିବ। ଇରାନର କୁର୍ଦ୍ଦ ସମୁଦାୟକୁ ବିଚ୍ଛିନ୍ନତାବାଦୀଙ୍କ ସହ ଯୋଡ଼ି ଦେଖିବା ଅନୁଚିତ।

## ୟୁପିଏସ୍‌ସି ପରୀକ୍ଷା ଫଳ

# ଦେଶରେ ଅନୁଜ, ରାଜ୍ୟରେ ସାତ୍ତ୍ୱିକ ଟପ୍ପର



ଅନୁଜ



ସାତ୍ତ୍ୱିକ୍

■ ଭୁବନେଶ୍ୱର, ୬।୩ (ସମିସ): କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷା (ସିଏସ୍‌ଇ) ୨୦୨୫ ପରୀକ୍ଷା ଫଳ ପ୍ରକାଶ ପାଇଛି। ମୋଟ୍ ୯୫୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ସର୍ବଭାରତୀୟସ୍ତରରେ ଅନୁଜ ଅଗ୍ନିହୋତ୍ରୀ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ରାଜେଶ୍ୱରୀ ସୁଭେ, ତୃତୀୟରେ ଅକାଂଶ ଧୂଲ୍, ଚତୁର୍ଥରେ ଇଶାନ ଭଟ୍ଟନାଗର, ପଞ୍ଚମରେ ଜିନିଆ ଅରୋରା ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିପରି ଓଡ଼ିଶାର ସାତ୍ୱିକ୍ ସତ୍ୟକାମ ଦେବତା ସର୍ବଭାରତୀୟ ସ୍ତରରେ ୧୦୦ତମ ସ୍ଥାନ ସହିତ ରାଜ୍ୟ ଟପ୍ପର ହୋଇଛନ୍ତି। ଏହା ସହ ରାଜ୍ୟରୁ ପ୍ରାୟ ୧୩ ଜଣ ପରୀକ୍ଷାର୍ଥୀ ମେଧା ତାଲିକାରେ ସ୍ଥାନ ପାଇଛନ୍ତି।

ଏମସ୍ ଯୋଧପୁରରୁ ଏମ୍‌ବିବିଏସ୍ କରିଥିବା ଅନୁଜ ତାଙ୍କର ତୃତୀୟ ପ୍ରୟାସରେ ଏହି ସଫଳତା ପାଇଛନ୍ତି। ସମ୍ପ୍ରତି ସେ ଦିଲ୍ଲୀ, ଆଣ୍ଡାମାନ ଓ ନିକୋବର ସିଭିଲ ସର୍ଭିସ୍ ପ୍ରୋବେସନର ଭାବେ କାର୍ଯ୍ୟରତ ଅଛନ୍ତି। ୨୦୨୩ ମସିହାରେ ଏମ୍‌ବିବିଏସ୍ ସାରିବା ପରେ ସେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେଠାରୁ ଏବେ ମଧ୍ୟରେ ତୃତୀୟ ପ୍ରୟାସରେ ଏହି ସଫଳତା ଅର୍ଜନ କରିଛନ୍ତି।

### ମେଧା ତାଲିକାରେ ଓଡ଼ିଶାରୁ ୧୩ ପରୀକ୍ଷାର୍ଥୀ

ଓଡ଼ିଶାରୁ ପ୍ରାୟ ୧୩ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ୧୦୦ ତମ ସ୍ଥାନରେ ଥିବା ସାତ୍ୱିକ୍ ସତ୍ୟକାମ ଦେବତା ଓଡ଼ିଶା ଗବେଷଣା ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ଛାତ୍ର ହୋଇଥିବାବେଳେ ଏହି ଶିକ୍ଷାନୁଷ୍ଠାନର ଅମ୍ରିତ ▸ପୃଷ୍ଠା-୭

# ବିକାଶ ପଥରେ ଆଗଉଛି ଓଡ଼ିଶା: ଶାହ

## ୩୨୭୫ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ



■ ଭୁବନେଶ୍ୱର, ୬।୩ (ସମିସ): ଦିନିକିଆ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି। ଏହାସହ ପାରାଦ୍ୱୀପରେ ଇଫ୍‌କୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଲୋକାର୍ପଣ ସହ ୩୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଶ୍ରୀ ଶାହା ବଡ଼ମ୍ବା ଓ ନୟାଗଡ଼ ଚିନିକଳର ପୁନରୁଦ୍ଧାର ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଥାନାର ଶୁଭ ଉଦ୍‌ଘାଟନ ସହ ଓଡ଼ିଶାରେ ଫରେନ୍ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ କରିଛନ୍ତି।

ଏହି ଅବସରରେ ଶ୍ରୀ ଶାହା କହିଛନ୍ତି ଯେ ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ ଲକ୍ଷ୍ୟରେ ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି। ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍‌ଏସପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଥିବା ସେ କହିଛନ୍ତି। ▸ପୃଷ୍ଠା-୭

### ପାରାଦ୍ୱୀପରେ ଇଫକୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଲୋକାର୍ପଣ
### ବଡ଼ମ୍ବା ଓ ନୟାଗଡ଼ ଚିନିକଳ ପୁନରୁଦ୍ଧାର ନିମନ୍ତେ ପ୍ରତିଶ୍ରୁତି
### ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଥାନାର ଉଦ୍‌ଘାଟନ

## ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବଡ଼ ପଦକ୍ଷେପ

# ନ୍ୟୁଜ୍ ଚ୍ୟାନେଲ ଟିଆର୍‌ପି ୪ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ

■ ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ- ଇରାନ ଯୁଦ୍ଧ ସମୟରେ ପ୍ରମୁଖ ନ୍ୟୁଜ ଚ୍ୟାନେଲଗୁଡ଼ିକର ଉତ୍ତେଜନାପୂର୍ଣ୍ଣ ପ୍ରସାରଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏହି କାରଣରୁ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଟିଆରପି (ଟେଲିଭିଜନ ରେଟିଂ ପଏଣ୍ଟ) ୪ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ମନ୍ତ୍ରଣାଳୟ ଲକ୍ଷ କରିଛି ଯେ ବର୍ତ୍ତମାନର ଯୁଦ୍ଧ ପରିସ୍ଥିତିକୁ ନେଇ କିଛି ନ୍ୟୁଜ ଚ୍ୟାନେଲ ଅତ୍ୟଧିକ ସମ୍ବେଦନଶୀଳ ଓ କଳ୍ପନାଜଳ୍ପନାମୂଳକ ଖବର ପ୍ରସାରଣ କରୁଛନ୍ତି। ଏହା ସାଧାରଣ ଜନତା ବିଶେଷ କରି ସେହି ଅଞ୍ଚଳରେ ରହୁଥିବା କିମ୍ବା ସେଠାରେ ରହୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିପାରେ। ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି, ମନ୍ତ୍ରଣାଳୟ ବିଏଆରସି (ବ୍ରଡକାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନସିଲ)କୁ ନିର୍ଦ୍ଦେଶ ଦେଇଛି ଯେ, ନ୍ୟୁଜ ଚ୍ୟାନେଲଗୁଡିକର ଟିଆରପି ପ୍ରକାଶ କରିବାକୁ ତୁରନ୍ତ ବନ୍ଦ କରାଯାଉ। ଏହି କଟକଣା ଆସନ୍ତା ୪ ସପ୍ତାହ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ (ଯାହା ପ୍ରଥମେ ହେବ) ବଳବତ୍ତର ରହିବ।

## ରାଜଧାନୀରେ ଚାଞ୍ଚଲ୍ୟ

# ୨୪ ଘଣ୍ଟାରେ ୨ ନାବାଳିକା ନିଖୋଜ

ଭୁବନେଶ୍ୱର, ୬।୩(ସମିସ): ରାଜଧାନୀରୁ ହଜି ଯାଉଛନ୍ତି ନାବାଳିକା। ପରିବାର ଲୋକେ ନାବାଳିକାଙ୍କୁ ଖୋଜି ଖୋଜି ନୟାନ୍ତ ହୋଇଯାଇଥିଲା ବେଳେ ପୁଲିସ ରେକର୍ଡରେ ଏଭଳି ମାମଲାକୁ ନିଖୋଜ ବୋଲି ଦର୍ଶାଯାଉଛି। ନାବାଳିକାଙ୍କୁ ପୁଲିସ ପରିବାର ଲୋକଙ୍କ କୋଳକୁ ଫେରାଇବାରେ ଅସମର୍ଥ ହୋଇଛି। ସେମାନଙ୍କୁ କେହି ଅପହରଣ କରିଥିବା ଅନୁମାନ କରାଯାଉଛି। କେବଳ ସୋସିଆଲ ମିଡ଼ିଆରେ ନାବାଳିକାଙ୍କ ଫଟୋ ଛାଡି ହାତ ବାନ୍ଧି ବସିଛି ପୁଲିସ। ଯାହା ଦର୍ଶାଉଛି ରାଜ୍ୟରେ ଶିଶୁ ନିଖୋଜ ଘଟଣା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଭୁବନେଶ୍ୱରରେ ବିଗତ ୨୪ ଘଣ୍ଟା ମଧ୍ୟରେ ୨ ଜଣ ନାବାଳିକା ନିଖୋଜ ହୋଇଯାଇଛନ୍ତି। ନିଖୋଜ ଦୁଇ ନାବାଳିକା ହେଲେ ସାଲିଆ ସାହି ତାରିଣୀ ନଗରର ଓ ହାତିଆଶୁଣି ନଗରର ବୋଲି ଜଣାପଡ଼ିଛି। ଏନେଇ ସମାଜିକ ଗଣମାଧ୍ୟମରେ ଭୁବନେଶ୍ୱର ଡିସିପିଙ୍କ ଅଫିସିଆଲ ହ୍ୟାଣ୍ଡଲରୁ ଶୁକ୍ରବାର ପୋଷ୍ଟର ଜାରି କରାଯାଇଛି।

ଭୁବନେଶ୍ୱରର ସାଲିଆସାହିର ଦୁଇ ନାବାଳିକା ଘରୁ ବାହାରି ଯାଇ ଏପର୍ଯ୍ୟନ୍ତ ଫେରି ନାହାନ୍ତି ବୋଲି ପୋଷ୍ଟରରେ କୁହାଯାଇଛି। ପୁଲିସ ଟିମ୍ ନାବାଳିକାଦ୍ୱୟଙ୍କୁ ଖୋଜାଖୋଜି ଜାରି ରଖିଛି; ହେଲେ ଏପର୍ଯ୍ୟନ୍ତ ପାଇପାରି ନାହିଁ ବୋଲି ପୁଲିସ କହିଛି। ▸ପୃଷ୍ଠା-୭

### ■ ପୋଷ୍ଟର ଜାରି କରି ପୁରସ୍କାର ରାଶି ଘୋଷଣା କଲା ପୁଲିସ
### ■ ଉଦ୍‌ବେଗ ପ୍ରକାଶ କଲେ ସାଂସଦ ମାନସ ମଙ୍ଗରାଜ


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ମଧ୍ୟପ୍ରାଚ୍ୟ ଅସ୍ଥିରତା: ଟଙ୍କା ଦୁର୍ବଳ, ତେଲ ସଙ୍କଟ


## ବଜାରକୁ ୧.୧୦ ଲକ୍ଷ କୋଟି ଛାଡ଼ିଲା ଆର୍‌ବିଆଇ

■ ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଟଙ୍କା ମୂଲ୍ୟରେ ଆହୁରି ଅଧିକ ହ୍ରାସକୁ ରୋକିବା ଲାଗି ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆର୍‌ବିଆଇ ଏହି ସପ୍ତାହରେ ବଜାରକୁ ପ୍ରାୟ ୧୨ ବିଲିୟନ (ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କା) ଛାଡିଛି। ସୂଚନାନୁଯାୟୀ , ରିଜର୍ଭ ବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଡଲାର ବିକ୍ରି କରି ଟଙ୍କାର ହ୍ରାସକୁ ରୋକିବାକୁ ଚେଷ୍ଟା କରିଛି। ଆଜିର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୬ ପଇସା ହ୍ରାସ ଘଟି ୯୧.୭୦ ଟଙ୍କାରେ ବନ୍ଦ ହୋଇଛି।

ଇରାନ ଉପରେ ଇସ୍ରାଏଲ ଏବଂ ଆମେରିକାର ଆକ୍ରମଣର ୭ମ ଦିନରେ ପହଞ୍ଚିଛି। ଏହି ଆକ୍ରମଣ ପରେ ଇରାନ ୟୁଏଇ ସମେତ ଅନେକ ଉପସାଗରୀୟ ଦେଶରେ ବଡ଼ ଧରଣର କ୍ଷୟକ୍ଷତି ହୋଇଛି। ଫଳସ୍ୱରୂପ, ମଧ୍ୟପ୍ରାଚ୍ୟରେ ଏହି ଉତ୍ତେଜନା ବିଶ୍ୱ ବଜାରରେ ପ୍ରତିଫଳିତ ହେଉଛି। ଯୁଦ୍ଧ ଯୋଗୁଁ ▸ପୃଷ୍ଠା-୭

## ଆମେରିକା ଦେଲା ଅନୁମତି: ରୁଷରୁ ତେଲ କିଣିବ ଭାରତ

■ ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧିର ସଙ୍କଟର ବର୍ତ୍ତମାନ ପାଇଁ ସମାଧାନ ହୋଇଛି। କାରଣ ଭାରତ ରୁଷରୁ ଅଶୋଧିତ ତୈଳ କ୍ରୟ ପାଇଁ ଆମେରିକାଠାରୁ ଏକ ସର୍ତ୍ତମୂଳକ ଛାଡ ପାଇଛି। ଆମେରିକାର ଟ୍ରେଜେରୀ ବିଭାଗ ଭାରତୀୟ ରିଫାଇନାରୀଗୁଡ଼ିକୁ ୩୦ ଦିନର ସ୍ୱତନ୍ତ୍ର ଲାଇସେନ୍ସ ପ୍ରଦାନ କରିଛି, ଯାହା ଏପ୍ରିଲ ୩ ପର୍ଯ୍ୟନ୍ତ ବୈଧ। ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ଆଜି କହିଛନ୍ତି ଯେ ଏହି ଅସ୍ଥାୟୀ ପଦକ୍ଷେପ ରାଷ୍ଟ୍ରପତି ଟ୍ରମ୍ପଙ୍କ ଶକ୍ତି ଏଜେଣ୍ଡାର ଏକ ଅଂଶ। ଯେହେତୁ ଭାରତ ଆମେରିକାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଏବଂ ବିଶ୍ୱ





ବଜାରରେ ସ୍ଥିର ତୈଳ ଯୋଗାଣ ବଜାୟ ରଖିବା ପାଇଁ ଏହି ଛାଡ ଦିଆଯାଇଛି। ଇରାନ୍ ଯୁଦ୍ଧ ପରିପ୍ରେକ୍ଷୀରେ ▸ପୃଷ୍ଠା-୭

## ପଦାରେ ପଡ଼ିଲା ଧାନଚାଷୀଙ୍କ ବେଦନା

# ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନୀ ଉତ୍ସବରେ ଗର୍ଜିଲେ ଚାଷୀ

ବାରିପଦା, ୬ ।୩(ସମିସ)



ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦାସ୍ଥ ଛଉ ପଡ଼ିଆରେ ଆଜିଠାରୁ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଛି। ପାଞ୍ଚଦିନ ଧରି ଆତ୍ୟାଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ ସହିତ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରିବାକୁ ସରକାରଙ୍କ ପ୍ରୋତ୍ସାହନ ପ୍ରତିଫଳିତ ଉଦ୍ଦେଶ୍ୟରେ ଆୟୋଜିତ ମେଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଧାନ ଚାଷୀଙ୍କ ପ୍ରତି ବିଜେପି ସରକାରଙ୍କ ବେଦନା ପଦାରେ ପଡ଼ିଛି।

ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକର ଜଣେ ଧାନଚାଷୀ ନିଜର ଧାନ ବିକ୍ରି କରି ନ ପାରି ସଭାସ୍ଥଳରେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପାଉଥିବା ଟୋକନର ଧାର୍ଯ୍ୟ ସମୟ ମଧ୍ୟରେ ସେ ଧାନ ବିକ୍ରି କରିପାରି ନ ଥିବାରୁ ସମାଧାନ ଚାହିଁଥିଲେ। ମୁଖ୍ୟଅତିଥି ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ ଭାଷଣ ଦେବା ସମୟରେ ସେ ଉପସ୍ଥିତ ଚାଷୀଙ୍କ ଗହଣରୁ ଛିଡା ହୋଇ ପ୍ରତିବାଦ କରିଥିଲେ। ସଭାରେ ଲମ୍ବାଲମ୍ବା ଭାଷଣ, ନିର୍ବାଚନ ସମୟର ପ୍ରତିଶ୍ରୁତିକୁ ସେ ବିଦ୍ରୁପ କରିଥିଲେ। କୃଷି ବିଭାଗର ଅଧିକାରୀ ତାଙ୍କୁ ଶାନ୍ତ ହେବାକୁ କହିଥିଲେ ହେଁ ବିଫଳ ହୋଇଥିଲେ। ତେବେ ସ୍ଥାନୀୟ ଗଣମାଧ୍ୟମରେ ନିଜର ଅସନ୍ତୋଷ ବ୍ୟକ୍ତ କରିବା ପରେ ସେ ଶାନ୍ତ ପଡ଼ିଥିଲେ। ଏହି ମେଳା ମୟୂରଭଞ୍ଜ ସମେତ ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ଚାଷୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟବକ୍ତା ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସମ୍ମାନିତ ଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଲି ବାଙ୍ଗିରିପୋଷି ବିଧାୟିକା ଶ୍ରୀମତୀ ସଞ୍ଜଲୀ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଲୋକନାଥ ମିଶ୍ର ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋ ପ୍ରମୁଖ ଯୋଗଦେଇ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ପାଇଁ ସରକାରଙ୍କ ସବସିଡ଼ି ବ୍ୟବସ୍ଥା ସମ୍ପର୍କରେ ଅବଗତ କରିବା ସହିତ ଉନ୍ନତ ଚାଷ ପାଇଁ ଚାଷୀଙ୍କୁ ସର୍ବଦା ସହାୟତା କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ମିଶ୍ରିତ ଫସଲ ଚାଷ, ଅର୍ଥକାରୀ ଫସଲ ପାଇଁ ଉନ୍ନତ ଯନ୍ତ୍ରପାତିର ସଠିକ ଉପଯୋଗ ଓ ପରିଚାଳନା, ଉନ୍ନତ ମାନର ଯାନ୍ତ୍ରିକ ସୁବିଧା ଓ ସୁଯୋଗ ନେବା ପାଇଁ ଚାଷୀଙ୍କୁ ମଧ୍ୟ ଅତିଥିମାନେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି କୃଷି ଯନ୍ତ୍ରପାତି ମେଳାରେ ୧୪୪ଟି ଷ୍ଟଲ ଖୋଲାଯାଇ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଛି। ସରକାରଙ୍କ ରିହାତି ଦରରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଯନ୍ତ୍ରପାତି ମଧ୍ୟ ପ୍ରଦାନ କରାଯିବ। ବର୍ତ୍ତମାନ ସମୟ ଓ ଶ୍ରମିକ ଅଭାବକୁ ଏଡାଇବାକୁ ଏବଂ କୃଷକଙ୍କୁ ଅଧିକ ସଫଳ କରାଇବା ସରକାରଙ୍କ ଏକ ବଡ ପ୍ରୟାସ କୁହାଯାଉଥିବା ବେଳେ ଧାନ ବିକ୍ରି କରି ନପାରି ଚାଷୀଙ୍କ ଅସନ୍ତୋଷ ସବୁ ବିଗାଡିଥିଲା।

## ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ



**ବେତନଟୀ, ୬।୩(ସମିସ):** ବେତନଟୀ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଡାକ ବଙ୍ଗଳାରେ ବ୍ଲକ ସଭାପତି ରାଜୀବ ସେନାପତିଙ୍କ ନେତୃତ୍ୱରେ ବିଜୁବାବୁଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା ସମ୍ପାଦକ ଜ୍ୟୋତିକାନ୍ତ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବିଜୁବାବୁଙ୍କ ଫଟୋଚିତ୍ରରେ ଧୂପ ପୁଷ୍ପ ପ୍ରଦାନ କରିଥିଲେ ବ୍ଲକର ୩ଟି ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ହେମ୍ବ୍ରମ, ସବିତା ଦାସ, ଧାନି କିସ୍କୁ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ ବଳ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଜୁପ୍ରେମୀ ସତୀଶ ପାତ୍ର, ଜିଲ୍ଲା ସମ୍ପାଦକ ଭବାନୀ ମିଶ୍ର, ଅନାମ ଦତ୍ତ, ବିନଦ ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ଲଲାଟେନ୍ଦୁ ବେହେରା, ଯାମିନୀ ନାଏକ ନିଜର ଭାଷଣ ପ୍ରଦାନ କରିଥିଲେ। ନୂତନ ଜିଲ୍ଲା କର୍ମକର୍ତ୍ତା ସମ୍ପାଦକ ଜ୍ୟୋତିକାନ୍ତ ସାମଲ, ଭବାନୀ ମିଶ୍ର, ଅନାମ ଦତ୍ତ, ସୁନ୍ଦର ମହାନ୍ତ, ବିନଦ ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ଲଲାଟେନ୍ଦୁ ବେହେରା, ରାଜୀବ ସେନାପତି, ବ୍ଲକ ସଭାପତି, ରାଜ୍ୟ ଛାତ୍ର ଜନତା ସାଧାରଣ ସମ୍ପାଦକ ଚିତ୍ତେଶ୍ୱର ବେହେରଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ବ୍ଲକ ସଭାପତି ସନ୍ତକ ଲେଙ୍କା ଓ ସଦସ୍ୟ ପରେଶ ବେହେରା, ପ୍ରମୋଦ ପାଢ଼ୀ, ଟୁନା ମହାପାତ୍ର, ଚିନ୍ମୟ ପଣ୍ଡା, ହରେକୃଷ୍ଣ ବେହେରା, ସୀତାନାଥ ବେହେରା, ଛାତ୍ର ନେତା ଦୀପକ ସାହୁ, ସୌରଭ ପରିଡ଼ା, ଜୀବନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ସୁନ୍ଦର ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।

**ଉଦଳା:** ଉଦଳା ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ସଭାପତିତ୍ୱରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳନ କରାଯାଇଛି। ଜିଲ୍ଲାର ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି, ବାରିପଦା ପୂର୍ବତନ ନଗରପାଳ ଜିତେନ୍ଦ୍ର ମହାନ୍ତି ଯୋଗଦେଇ ବିଜୁବାବୁ ଯେଉଁ କାର୍ଯ୍ୟକ୍ରମ କରିଛନ୍ତି ଆଜି ତାହା ଓଡ଼ିଶାବାସୀ ଉପଭୋଗ କରୁଥିବା କହିଛନ୍ତି। ଅତିଥି ଭାବେ ସାଧାରଣ ସମ୍ପାଦକ



ମନୋଜ ମହାନ୍ତି, ବରିଷ୍ଠ ନେତା ପ୍ରତାପ ସାହୁ, ନରେନ୍ଦ୍ର ମୋହନ ରାଉତ, ସମ୍ପାଦକ ଅଭିମନ୍ୟୁ ମଣ୍ଡଳ, ପୂର୍ବତନ ନଗରପାଳ ସୌଭାଗ୍ୟ ସାହୁ, ଜିଲ୍ଲା ସମ୍ପାଦକ ବନମାଳୀ ବେହେରା, ଉପସଭାପତି ଶଶଧର ସ୍ୱାଇଁ, ସମ୍ପାଦକ ଘନଶ୍ୟାମ ମହାନ୍ତ, ରାଜୀବଲୋଚନ ଦାସ, ଅରୁଣ ନାଏକ, ଉପାଧ୍ୟକ୍ଷ ଲିଲି ଭୋଳ, ଜିଲ୍ଲା ପରିଷଦ ସଭ୍ୟ ଲଳିତା ବିଶୋଇ, ସୁଶାନ୍ତି ସିଂ, ଉର୍ମିଳା ସେଠୀ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। କପ୍ତିପଦା ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ଉଦଳା ବ୍ଲକ ସଭାପତି ଗୋବିନ୍ଦ ନାୟକ, ଗୋପବନ୍ଧୁନଗର ବ୍ଲକ ସଭାପତି ସତ୍ୟବାନ ଉପାଧ୍ୟାୟ, ଯୁବ ନେତା ତପନ ମହାନ୍ତି, ନାରୀନେତ୍ରୀ ବିଜୟା ବାରିକ, ମମତା ଟୁଡୁ, ଯମୁନା ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସଂଗଠନର ସାଧାରଣ ସମ୍ପାଦକ ଅମୀୟ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

**କୁଳିଅଣା:** କୁଳିଅଣା ବ୍ଲକ ବିଜେଡି ପକ୍ଷରୁ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କୁଳିଅଣାସ୍ଥ ବିଜୁ ଭବନରେ ପାଳିତ ହୋଇଛି। ୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଜେଡି ବ୍ଲକ ସଭାପତି ସୁଧାଂଶୁ ପାଣିଗ୍ରାହୀ, ୯ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଟୁଡୁ, ଜିଲ୍ଲା କମିଟି ସମ୍ପାଦକ ରବୀନ୍ଦ୍ର କର, କରୁଣାକର କର, ତାରାପଦ ନାଥ, ଗେଣ୍ଡାପୋଖରୀ ସମିତି ସଭ୍ୟ ରାଇସେନ ହେମ୍ବ୍ରମ,



ପାତିହିଂଜା ସମିତି ସଭ୍ୟ ବାବଲୁ ହାଁସଦା, ଅଶୋକ ସାହୁ, ଅଜୟ ବାରିକ ପ୍ରମୁଖଙ୍କ ସହ ବହୁ ବିଜୁପ୍ରେମୀ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ।

## ମାର୍ଚ୍ଚ ପହିଲାରୁ ଗ୍ରୀଷ୍ମପ୍ରବାହ

**ରାଇରଙ୍ଗପୁର, ୬।୩(ସମିସ):** ମାର୍ଚ୍ଚ ମାସ ଆରମ୍ଭରୁ ଗ୍ରୀଷ୍ମ ପ୍ରକୋପ ଆରମ୍ଭ ହୋଇଯାଇଛି। ଗ୍ରୀଷ୍ମ ନ ଆସୁଣୁ ତାତି କିନ୍ତୁ ଆରମ୍ଭ ହୋଇଛି। ଦିନର ତାପମାତ୍ରା ବୃଦ୍ଧି ପାଇ ଲୋକଙ୍କୁ କଳବଳ କରିବା ଆରମ୍ଭ କରିଛି। ରାଇରଙ୍ଗପୁରରେ ଦିନରେ ତାତି ଅନୁଭୂତି ହେଉଥିବାବେଳେ ରାତିରେ ଥଣ୍ଡା ଅନୁଭୂତ ହେଉଛି। ଯାହାକି ସାଧାରଣ ଜନଜୀବନକୁ ବାଧାପ୍ରାପ୍ତ କରିଛି। ସକାଳ ୧୧ଟା ପରେ ପାରଦ ଉର୍ଦ୍ଧ୍ୱଗାମୀ ହେବାରେ ଲାଗିଛି। ରାଇରଙ୍ଗପୁରରେ ସର୍ବାଧିକ ତାପମାତ୍ରା ମାର୍ଚ୍ଚ ୫ ତାରିଖରେ ୩୬ ଡିଗ୍ରୀ ଥିବାବେଳେ ୬ ତାରିଖରେ ୩୫ ଡିଗ୍ରୀ ରହିଥିଲା। ଯାହାକି ରାଜ୍ୟ ଟପ ୧୦ଟି ଉତ୍ତପ୍ତ ସହର ମଧ୍ୟରେ ରାଇରଙ୍ଗପୁର ରହିଛି। ତେବେ ରାତିରେ ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ କିମ୍ବା କମ୍ ରହୁଛି। ଯାହାକି ଧୀରେ ଧୀରେ ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରଚଣ୍ଡ ରୌଦ୍ରତାପ ନେଇ ସତର୍କତା ରହିଛି। ଆସନ୍ତା ସପ୍ତାହକ ମଧ୍ୟରେ ତାପମାତ୍ରା ଆହୁରି ବୃଦ୍ଧି ପାଇବା ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୮ ତାରିଖ ବେଳକୁ ଉତ୍ତର ଓଡ଼ିଶାରେ ବର୍ଷା ସମ୍ଭାବନା ରହିଛି। ଏ ସମୟରେ ତାପମାତ୍ରାରେ ପରିବର୍ତ୍ତନର ସମ୍ଭାବନା ରହିଛି।

## ଶିକ୍ଷା ବିଭାଗର ଆମନ୍ତ୍ରିତ ବକ୍ତୃତା କାର୍ଯ୍ୟକ୍ରମ

**କପ୍ତିପଦା, ୬।୩(ସମିସ):** ନୂଆସାହି କଲେଜ ଶିକ୍ଷା ବିଭାଗ ପକ୍ଷରୁ ଆମନ୍ତ୍ରିତ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବର୍ତ୍ତମାନ ଦେଶରେ ଚାଲିଥିବା 'ଜାତୀୟ ଶିକ୍ଷା ନୀତିରେ ଶିକ୍ଷକ ଶିକ୍ଷାର ରୂପାନ୍ତରିକରଣ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଉକ୍ତ ଆଲୋଚନାରେ ନୂଆସାହି କଲେଜର ଅଧ୍ୟକ୍ଷା ଡ. ଲିପିକା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡ. ଚକ୍ରଧର ନାୟକ, ବାରିପଦା ମହିଳା ମହାବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡ. ଧନେଶ୍ୱର ବେହେରା ବିଷୟ ବିଶାରଦ ଭାବେ ଯୋଗ ଦେଇଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ଶାନ୍ତସୁନ୍ଦର ଆଚାର୍ଯ୍ୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେମିନାର ସମ୍ପାଦିକା ଇତିଶ୍ରୀ ବିଭାଗର ବିବରଣୀ ପାଠ କରିଥିବାବେଳେ ଅଧ୍ୟାପିକା ନମିତା ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଭାଗର ଡେମନଷ୍ଟ୍ରେଟର ଭାନୁମତୀ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

## ମୋରମ ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଅଟକ

**ଶୁଳିଆପଦା, ୬।୩(ସମିସ):** ଆଜି ସନ୍ଧ୍ୟାରେ ଶୁଳିଆପଦା ଥାନା ଅଧୀନ ଦଳଗାଁ ସରକାରୀ ଜମିରୁ ବେଆଇନ ମୋରମ ଚାଲାଣ ହେଉଥିବାବେଳେ ଶୁଳିଆପଦା ଓଆଇସି ସତ୍ୟନାରାୟଣ ବଳ ପହଞ୍ଚି ମୋରମ ବୋଝେଇ ଟ୍ରାକ୍ଟର ଜବତ କରିଥିବାବେଳେ ଚାଳକ କଣ୍ଡାଳିଆ ଗ୍ରାମର ଅବିନାଶ ଦେଓଙ୍କୁ ଥାନାରେ ଅଟକ ରଖାଯାଇଛି।

## ଭାତଛତ୍ରରେ ଷୋହଳ ପ୍ରହର ନାମଯଜ୍ଞ

**ବିଶୋଇ, ୬ ।୩ (ସମିସ):** ଭାତଛତ୍ର ଗ୍ରାମ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଅଧିବାସ ସହିତ ସୋମବାର ନାମାରମ୍ଭ ହୋଇ ବୁଧବାର ନାମ ସମାପନ ହୋଇ ଦଧି ଉତ୍ସବ ଓ ହୋଲି ଖେଳ ହୋଇଥିଲା। ଶିବ ଜାମବଣି, ଠାକୁରମୁଣ୍ଡା ବାଉଁଶଡିହା, କୁଳିଅଣା ଚହଲାପଦା, ଝିନେଇନୂଆଗାଁ, ମାଣିତ୍ରୀ ଗମ୍ଭାରିଆ ପ୍ରମୁଖ ପାଞ୍ଚଟି ସଂକୀର୍ତ୍ତନ ଦଳ ପକ୍ଷରୁ ତିନି ଦିନ ଧରି ନାମଯଜ୍ଞ କରାଯାଇଥିଲା। ମୟୂରଭଞ୍ଜ ପ୍ରାକ୍ତନ ଏସ୍‌ଡିସି ଅଧ୍ୟକ୍ଷ ଡାକ୍ତର ଦେବାଶିଷ ମାର୍ଣ୍ଡି, ବିଜେଡି ଜିଲ୍ଲା ସମ୍ପାଦକ ବିରଞ୍ଚି ନାରାୟଣ ନନ୍ଦ, ସମାଜସେବୀ ଖେଲାରାମ ଟୁଡୁ, ସମାଜସେବୀ ଗୋପବନ୍ଧୁ ଗିରି ଯୋଗ ଦେଇଥିଲେ।

## ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ




**ରାଇରଙ୍ଗପୁର, ୬।୩(ସମିସ):** ରାଇରଙ୍ଗପୁରସ୍ଥ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ରାଇରଙ୍ଗପୁର ଟାଉନ ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବବର୍ଷ ବୈଠକର ବିବରଣୀ ପାଠ କରି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓଡ଼ିଶା ଦିବସ ପାଳନ ପୂର୍ବରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉକ୍ତ ଦିବସ ପ୍ରାତଃରେ ରାଇରଙ୍ଗପୁର ସହରାଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧ ସଙ୍ଗୀତ ବାଦନ କରାଯିବ। ସକାଳ ୭ରୁ ୮ଟା ମଧ୍ୟରେ ମୁଖ୍ୟଅତିଥିଙ୍କ ସମେତ ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀଙ୍କ ଦ୍ୱାରା ରାଇରଙ୍ଗପୁର ପୌରାଞ୍ଚଳରେ ଅବସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବ। ସେହିପରି ସକାଳ ୯ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ସାଧାରଣ ସଭା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ତଥା ମାତୃଭୂମି ପ୍ରତି ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସଭା କାର୍ଯ୍ୟ ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯିବ। ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଆଲୋକମାଳାରେ ସଜ୍ଜିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଅନିତାରାଣୀ ମହାନ୍ତ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଚିନ୍ମୟୀ ମହାନ୍ତ, ଗୋଷ୍ଠୀ ଶିକ୍ଷାଧିକାରୀ ହେମ ମାଝୀ, ରାଇରଙ୍ଗପୁର ପୌରପାଳିକାର ପରିମଳ ବିଶେଷଜ୍ଞ ସ୍ୱାଧୀନ ତିୱାରୀ, ରାଇରଙ୍ଗପୁର ଡାକ ମଣ୍ଡଳ କାର୍ଯ୍ୟାଳୟର ଟିକନ ଦେବତାପ୍ରମୁଖ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟମ ସୁଗାଲ ସାଙ୍ଗମ୍ ଉତ୍ସବ




**ବାରିପଦା, ୬ ।୩(ସମିସ):** ବାଉଁଶବିଲ୍ଲା ଗାଁରେ ମୁଣ୍ଡା ଜାତିର ବିଶାଳ ସାଂସ୍କୃତିକ ଉତ୍ସବ 'ସୁଗାଲ ସାଙ୍ଗମ୍'ର ଅଷ୍ଟମ ସଂସ୍କରଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ପ୍ରଥମ ଦିବସରେ ମିନି ମାରାଥନ ଆୟୋଜନ କରାଯାଇଥିଲା। ପରେ ମୁଣ୍ଡା ସମ୍ପ୍ରଦାୟର ଧନାପକ ପାରମ୍ପରିକତା ଓ ସଂସ୍କୃତିକୁ ପ୍ରକାଶ କରୁଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ଦିନ ସକାଳେ ମୁଣ୍ଡାରୀ ଲିପିର ଆବିଷ୍କାରକ ଓ ମୁଣ୍ଡାରୀ ଭାଷା ଆନ୍ଦୋଳନର ପ୍ରବକ୍ତା ଓଲଗୁରୁ ରୋହିଦାସ ସିଂହ ନାଗଙ୍କ ସମ୍ମାନରେ ସାମୂହିକ ପୂଜା କରାଯାଇଥିଲା। ପରେ ମୁଣ୍ଡା ସମାଜର ବିଭିନ୍ନ ସଂଗଠନର ମୁଖ୍ୟ ଓ ବୁଦ୍ଧିଜୀବୀଙ୍କ ସହ ଏକ ପ୍ରତିନିଧି ସେମିନାର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସାଧାରଣ ସଭା ଓ ପୁସ୍ତକ ଉନ୍ମୋଚନ ହୋଇଥିଲା। ବୀରବଲ ସିଂଙ୍କ ଦ୍ୱାରା ଇଂରାଜୀରେ ଲିଖିତ ଜୀବନୀ ଅଲଗୁରୁ ରୋହିଦାସ ସିଂହ ନାଗ ମୁଣ୍ଡାରୀ ଭାଷା ଆନ୍ଦୋଳନ ଓ ତାହାର ଦୀପବାହକ ନାମକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଗାଲ ସଙ୍ଗୋମର ସଭାପତି ସୁନାରାମ ସିଂହ ସୋସୋ ସଭାପତିତ୍ୱ କରିଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ମୁଣ୍ଡା ସମାଜକୁ ଶିକ୍ଷାରେ ଅଗ୍ରଗତି କରିବା ସହିତ ନିଜ ସଂସ୍କୃତିକୁ ସୁରକ୍ଷିତ ରଖିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ଜାଗରଣ ମଞ୍ଚ ସଭାପତି ଶରତ ନାୟକ ଯୋଗ ଦେଇଥିଲେ। ଉନ୍ମୋଚିତ ଜୀବନୀ ପୁସ୍ତକଟି ବର୍ତ୍ତମାନ ଆମାଜନ, ଫ୍ଲିପ୍ କାର୍ଟ, ବୁକ୍ସ କାମେଲ ଓ ଗୁଗଲ ବୁକ୍ସ ପରି ସମସ୍ତ ପ୍ରମୁଖ ଆନ୍ତର୍ଜାତିକ ଅନଲାଇନ୍ ପ୍ଲାଟଫର୍ମରେ ଉପଲବ୍ଧ ଅଛି। ଅନ୍ୟ ଅତିଥିଙ୍କ ମଧ୍ୟରେ ମୁଣ୍ଡାରୀ ସମାଜ ସନୱାର ଜାମଦାର ସଭାପତି ନନ୍ଦଲାଲ ସିଂହ, ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ସାଧାରଣ ସଚିବ ସୁନାରାମ ସିଂହ, ଭାରତ ମୁଣ୍ଡା ସମାଜର ସଭାପତି ରବୀନ୍ଦ୍ର ସିଂହ, ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂହ, ରାଉରକେଲାର ମୁଣ୍ଡା ଭୂମିଜ ସମାଜ ସଂଘର ରଘୁନାଥ ସିଂହ, ସୁଗାଲ ସଙ୍ଗମର ସାଧାରଣ ସଚିବ ରାମେଶ୍ୱର ସିଂହ ଚାଲକି ଓ ମନୋଜ ମୁଣ୍ଡା ଉପସ୍ଥିତ ଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ଶଶୀଧର ବିଶ୍ୱାଳ, ସୁଗଳ ସଙ୍ଗମ ଉପସଭାପତି ଉମେଶ ସିଂହ ସଭା ପରିଚାଳନା କରିଥିଲେ। ଏ ଅବସରରେ ମୁଣ୍ଡାରୀ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

## ଆର୍‌ଡିଏସ୍ ଡିଗ୍ରୀ କଲେଜ ସମାଜ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**ଉଦଳା, ୬।୩(ସମିସ):** କୁଣ୍ଡାବାଇସ୍ଥ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଆଧୁନିକ ଯୁବପିଢ଼ିରେ ବେକାରୀ ସମସ୍ୟା ଓ ଏହାର ସମାଧାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଓ ଆଧୁନିକ ଯୁବପିଢ଼ିରେ ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ତଥା ବିଷୟ ବିଶାରଦ ଭାବେ ଉଦଳା ମହାବିଦ୍ୟାଳୟର ଅଧ୍ୟାପକ ସୌମେନ୍ଦ୍ର ଦାଶ ଯୋଗଦେଇ ବିସ୍ତୃତ ଭାବେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ରାଜନୀତି ବିଭାଗ ଅଧ୍ୟାପକ ଆଲୋଚନାଚକ୍ରକୁ ସ୍ୱାଗତ





କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଶ୍ରୀମତୀ ସୁସ୍ମିତା ମୁର୍ମୁ ଆଲୋଚ୍ୟ ବିଷୟବସ୍ତୁର ଉଦ୍ଦେଶ୍ୟ ବିଷୟରେ ଭାଷଣ ପ୍ରଦାନ କରିଥିବାବେଳେ ଶ୍ରୀମତୀ ଲୋପାମୁଦ୍ରା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସମାଜ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀ ମାର୍ଣ୍ଡି, ଦେବସ୍ମିତା ବେହରା, ସସ୍ମିତା ବେହେରା, ରବୀୟ ପାରବିନ, ଓମ କୁମାର ରାଉତ, କାଞ୍ଚନ ସିଂ, ପ୍ରମିଳା ଦନାୟିକ ପ୍ରମୁଖ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ।

## ବ୍ଲକ୍‌ସ୍ତରୀୟ ଦିଶମ ବାହା ପର୍ବ

**ବିଶୋଇ, ୬ ।୩(ସମିସ):** ବିଶୋଇ ବ୍ଲକସ୍ତରୀୟ ୨୯ତମ ଦିଶମ ବାହା ପର୍ବ ସ୍ଥାନୀୟ ବିଶୋଇ ଦିଶମ ଜାହେରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶୋଇ ମାଝୀ ସାହିସ୍ଥ ନାୟକେ ବାବାଙ୍କୁ ଘରକୁ ପହଞ୍ଚିବା ପରେ ଦିଶମ ଜାହେର ଦେବୀଙ୍କ ସ୍ନାନ କରାଯାଇ ଦେବଦେବୀଙ୍କ ସହିତ ବାର୍ତ୍ତାଳାପ କରାଯାଇଥିଲା। ଦିଶମ ଜାହେର ସ୍ଥଳୀରେ ଦିଶମ ବାହା ପୂଜାର୍ଚ୍ଚନା କରାଯାଇଥିଲା। ପରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଦିବାସୀ ଭାଇଭଉଣୀ ପ୍ରସାଦ ସେବନ କରିଥିଲେ। ପରେ ଅପରାହ୍ନରେ ମାଦଳ ବଜାର ତାଳେ ତାଳେ ସାନ୍ତାଳୀ ସମ୍ପ୍ରଦାୟର ମହିଳା ଓ ପୁରୁଷ ପାରମ୍ପରିକ ପୋଷାକ ପରିଧାନ କରି କାନରେ ଓ ମୁଣ୍ଡରେ ଶାଳ ଫୁଲ ଖସା ଲଗାଇ ଜାହେର ଶାଳ ପରିସରରେ ଦିଶମ ବାହା ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି ଭାବେ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ ପ୍ରମୁଖ ସାମିଲ ଥିଲେ। ଶେଷରେ ସନ୍ଧ୍ୟା ସମୟରେ ନାୟକେ ବାବାଙ୍କୁ ଦେବାଦେବୀଙ୍କ ସହିତ ନାୟକେ ବାବାଙ୍କ ଆଦିବାସୀ ନୃତ୍ୟ, ଗୀତରେ ଏକ ବିଶାଳ ପଟୁଆରରେ ନାୟକେ ବାବାଙ୍କ ବାସଗୃହକୁ ପାଛୋଟି ଅଣାଯାଇଥିଲା। ଖେରୱାଲ ଜୁମିଦ ଗାୱତା ସଭାପତି ଧନେଶ୍ୱର ମହାନ୍ତ, ସାଧାରଣ ସମ୍ପାଦକ ସୁରାଇ ହାଁସଦା, ଉପସଭାପତି ଶ୍ୟାମସୁନ୍ଦର ନାଏକ, ଖେଲାରାମ ଟୁଡୁ, ସମ୍ପାଦକ ରତନ ହାଁସଦା, ରାମଦାସ ସୋରେନ, ଫାଗୁରାମ ବାସ୍କେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦେଶର ଦ୍ୱିତୀୟ ସର୍ବବୃହତ ହାଟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାରେ ନିଲାମ

ରାଇରଙ୍ଗପୁର, ୬।୩ (ସମିସ)



ଓଡ଼ିଶାର ପ୍ରଥମ ଓ ଦେଶର ଦ୍ୱିତୀୟ ସର୍ବବୃହତ ହାଟ ମାନ୍ୟତା ପାଇଥିବା କୁସୁମ ବ୍ଲକ ଅନ୍ତର୍ଗତ ହାଟବାଦଡା ହାଟ ନିଲାମ ହୋଇଛି। ଶୁକ୍ରବାର ହାଟବାଦଡା ପଞ୍ଚାୟତ କାର୍ଯ୍ୟାଳୟରେ ହାଟ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ୧ କୋଟି ୩୦ ଲକ୍ଷ ୧ ଟଙ୍କାର ଡାକ ଦେଇ ଡା. ଶିବାଶିଷ ଗିରି ଉକ୍ତ ହାଟକୁ ନିଜ ହାତକୁ ନେଇଛନ୍ତି। ସରକାରଙ୍କ ପକ୍ଷରୁ ୧ କୋଟି ୫ ଲକ୍ଷ ୪୯ ହଜାର ୭୮୭ ଟଙ୍କାରେ ହାଟ ନିଲାମ ଡାକ ଆରମ୍ଭ ନେଇ ମୂଲ୍ୟ ଧାର୍ଯ୍ୟ ହୋଇଥିଲା। ଗତ ଫେବୃଆରୀ ୨୦ ତାରିଖରେ ହାଟବାଦଡ ହାଟ ନିଲାମ ପ୍ରକ୍ରିୟା ହୋଇଥିବାବେଳେ ସ୍ଥଗିତ ହୋଇଥିଲା। ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ହାଟ ନେବାକୁ ୩ ଜଣ ପ୍ରତିଦ୍ୱନ୍ଦ୍ୱୀ ଅମଙ୍ଗ ଥିଲେ। ହାଟର ପାରିପାର୍ଶ୍ୱିକ ସ୍ଥିତି ଠିକ ନ ଥିବାରୁ ପୂର୍ବ ଭଳି ବେପାରୀ ଆସୁନାହାନ୍ତି। ପୂର୍ବ ବର୍ଷ କେନ୍ଦ୍ର ସରକାରଙ୍କୁ ଅଧିକ ରାଜସ୍ୱ ଦେଇଥିବାବେଳେ ଗତ ୨୦୨୫-୨୬ରେ କେନ୍ଦ୍ର ସରକାରଙ୍କଠାରୁ ପୁରସ୍କୃତ ହୋଇ ୭୫ ଲକ୍ଷ ଟଙ୍କା ଅର୍ଥ ରାଶି ପାଇଥିଲା। କିନ୍ତୁ ହାଟର ପାରିପାର୍ଶ୍ୱିକ ସ୍ଥିତି ସୁଧୁରିଲା ନାହିଁ। ଯାହାକୁ ନେଇ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ନିଲାମ ନେବାକୁ ପ୍ରତିଦ୍ୱନ୍ଦ୍ୱୀ ରାଜି ହୋଇ ନ ଥିଲେ। ୩ ଜଣ ନିଲାମଧାରୀ ସରକାରଙ୍କ ଧାର୍ଯ୍ୟ ମୂଲ୍ୟକୁ ବିରୋଧ କରି କେବଳ ୩୦ ଲକ୍ଷ ଟଙ୍କା ରଖିବାକୁ କହିଥିବାବେଳେ ପ୍ରଶାସନ ପକ୍ଷରୁ ନିଲାମ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା।

ଆଜି ପୁନର୍ବାର ପଞ୍ଚାୟତ କାର୍ଯ୍ୟାଳୟରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏବିଡିଓ ମିନତୀ ମାର୍ଣ୍ଡି, ସରପଞ୍ଚ ସବିତା ସୋରେନ, ପିଇଓ ଜନ୍ମଜୟ ସେଠୀ ଓ କାର୍ଯ୍ୟାଳୟ ସହାୟକ ଭୋଳନାଥ ବେହେରାଙ୍କ ଉପସ୍ଥିତିରେ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନିଲାମରେ ଭାଗ ନେଇ ହାଟବାଦଡା ଗ୍ରାମ ନିବାସୀ ଜର୍ମାନରେ କାର୍ଯ୍ୟରତ ଡାକ୍ତର ଶିବାଶିଷ ଗିରି ସର୍ବାଧିକ ୧ କୋଟି ୩୦ ଲକ୍ଷ ୧ ଟଙ୍କାର ଡାକ ଦେଇ ହାଟ ଲିଜ୍ ନେଇଛନ୍ତି। ହାଟରେ କିଛି ମରାମତି କାର୍ଯ୍ୟ ହୋଇଥିବାବେଳେ ଅନ୍ୟ କିଛି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ତାହାର ସୁଧାର କରିବା ପାଇଁ ବେପାରୀ ଦାବି କରିଛନ୍ତି।

## ବେତନଟୀ ଓକିଲ ସଂଘ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

**ବେତନଟୀ, ୬।୩(ସମିସ):** ସମଗ୍ର ରାଜ୍ୟରେ ବାର୍ ଆସୋସିଏସନର ନିର୍ବାଚନ ଚଳିତ ମାସ ୨୮ ତାରିଖରେ ହେବାକୁ ଥିବାବେଳେ ବେତନଟୀ ଓକିଲ ସଂଘର ନିର୍ବାଚନ ଉକ୍ତ ଦିନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ରଣଜିତ ଗନ୍ତାୟତ ପ୍ରକାଶ କରିଛନ୍ତି। ଏଥିନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ୭ରୁ ୯ ତାରିଖ ପ୍ରାର୍ଥୀପତ୍ର ଦାଖଲ, ୧୦ରେ ପ୍ରାର୍ଥୀ ତାଲିକା ପ୍ରକାଶନ, ୧୧ରେ ଯାଞ୍ଚ, ୧୨ରେ ବୈଧ ପ୍ରାର୍ଥୀ ତାଲିକା ଘୋଷଣା, ୧୩ରେ ପ୍ରାର୍ଥିତ୍ୱ ପ୍ରତ୍ୟାହାର ପରେ ୧୪ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୨୮ ତାରିଖ ସକାଳ ୭ ଘ୩୦ମିନିଟରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ସେହିଦିନ ହିଁ ଭୋଟ ଗ୍ରହଣ ପରେ ୪ଟାରେ ଗଣତି ସହ ଫଳାଫଳ ପ୍ରକାଶନ କରାଯିବ ବୋଲି ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ଶ୍ରୀ ଗନ୍ତାୟତ ଜଣାଇଛନ୍ତି।

## ୧୨ତମ ଦୋଳ ମହୋତ୍ସବ
# କଣ୍ଠଶିଳ୍ପୀ ଦୀପ୍ତିମୟୀଙ୍କ ଗୀତରେ ଦର୍ଶକ ବିଭୋର





**ରାଉରକେଲା, ୬।୩(ସମିସ)**

କେନ୍ଦ୍ରୀୟ ଦୋଳ ମେଳଣ ସମିତି ପକ୍ଷରୁ ୧୨ତମ ଦୋଳ ମହୋତ୍ସବ ଧୁମଧାମରେ ପାଳନ ହୋଇଯାଇଛି। ସେକ୍ଟର-୭ ଦୁର୍ଗାପୂଜା ପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସକାଳ ସାଢେ ୯ଟା ବେଳେ ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିରର ଥାନପତିଙ୍କ ପୀଠରେ ଆଜ୍ଞାମାଳ, ବିଜୟ ପତାକା ଓ ଶୁଭଖୁମ୍ବ ସହ ଯାତ୍ରା ଆରମ୍ଭ ହୋଇଥିଲା। ସକାଳ ସାଢେ ୧୦ଟା ବେଳେ ବିଜୟ ପତାକା ଓ ଶୁଭ ଖୁମ୍ବ ସ୍ଥାପନ ହୋଇଥିଲା। ଅପରାହ୍ନ ୪ଟା ୪୫ରେ ଥାନପତିଙ୍କ ମେଳନ ସ୍ଥଳକୁ ବିଜେ ହୋଇଥିଲା। ଏକ ବିରାଟ ପଟୁଆରରେ ଭକ୍ତଙ୍କ ସମାଗମରେ ମେଳନ ସ୍ଥଳରେ ପହଞ୍ଚିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମେଳଣରେ ୩୪ଟି ବିମାନ ସାମିଲ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକପ୍ରିୟ କଳାକାରମାନେ ଗୋଟିଏ ପରେ ଗୋଟିଏ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଓଲିଉଡର ଲୋକପ୍ରିୟ କଣ୍ଠଶିଳ୍ପୀ ଦିପ୍ତିମୟୀ ଦାସ। ଦିପ୍ତିମୟୀ ଗୋଟିଏ ପରେ ଗୋଟିଏ ଭଜନ ପରିବେଷଣ କରି ଉତ୍ସବରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ବିଭୋର କରିଥିଲେ। ବିମାନ ଗୁଡ଼ିକୁ ଅତି ସମ୍ମାନର ସହ ପାଛୋଟି ଅଣାଯାଇଥିବା ବେଳେ ସେବାକାଙ୍କୁ ଅଭିର ଓ ଚୂନରୀ ଦେଇ ସ୍ୱାଗତ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ, ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବିଜେଡି ନେତା ପ୍ରଫୁଲ୍ଲ ସୁନ୍ୟାନି, ବିରେନ ସେନାପତି, ଖଦାଳ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସମାଜସେବୀ ସରୋଜ ସୁନା ଓ ସଙ୍ଗୀତ ନିର୍ଦ୍ଦେଶକ ତଥା ଗିତୀକାର ସୁନୀଲ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରୀୟ ଦୋଳ ମେଳଣ ସମିତିର ସଭାପତି ମୁକ୍ତିକାନ୍ତ ବେହେରା ଓ ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ଉପାଧ୍ୟକ୍ଷ ରଜତ ଜେନା, ପୂର୍ବତନ ସଭାପତି ବିରାଜ ମୋହନ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍?ାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା। ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ସୁଶାନ୍ତ କୁମାର ପ୍ରଧାନ, ଈଶ୍ୱର ଭଞ୍ଜ, ପର୍ଶୁରାମ ପୋଥାଳ, ରେସଲୀଳ କୁମାର ସାହୁ, କପିଳେଶ୍ୱର ମିଶ୍ର, ଯତିନ୍ଦ୍ର ନାଥ ପାଣି, ପ୍ରଦୀପ କୁମାର ସ୍ୱାଇଁ, ପ୍ରମୋଦ କୁମାର ବୋଇତି, ନିଲୁ ବାରିକ, ମୋତିଲାଲ ମହନ୍ତ, ସୌମ୍ୟକାନ୍ତ ଦଳ, ସୀମାଞ୍ଚଳ ଖଣ୍ଡୁଆଳ, ସନ୍ତୋଷ କୁମାର ବିଶ୍ୱାଳ, ସୁଶାନ୍ତ କୁମାର ନାୟକ, ରାମଚନ୍ଦ୍ର ଗୌଡ, କାର୍ତ୍ତିକ ଖଣ୍ଡୁଆଳ, ରବୀନ୍ଦ୍ର କୁମାର ବାରିକ, ସୁମିତ୍ରା ସ୍ୱାଇଁ, ଲୀନା ନାୟକ, ବିପିନ ମହାରଣା, ଜୟନ୍ତୀ ଦାସ, କଳ୍ପନା ଭଞ୍ଜ ଓ ସଞ୍ଜୀବ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ଦୋଳ ମେଳଣରେ ସାମିଲ ହେଲେ ୩୪ ବିମାନ**

## ଚିତ୍ତ ରଣାଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା, ୬।୩(ସମିସ):** ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ଦକ୍ଷ ସଂଗଠକ ତଥା ସାଂସ୍କୃତିକ କଳାପରିଷଦ ସଂକଳ୍ପର ପୂର୍ବତନ ଲୋକସମ୍ପର୍କ ସଚିବ ଚିତ୍ତ ରଣାଙ୍କୁ ତାଙ୍କର ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ହନୁମାନ ବାଟିକାରେ ଗୁରୁବାର ପୂର୍ବାହ୍ନରେ ସଂକଳ୍ପର ସଭାନେତ୍ରୀ ଡ. କିଶୋରୀ ଦାଶଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂକଳ୍ପ ପରିବାର ପକ୍ଷରୁ ଯୋଗ ଦେଇଥିବା କର୍ମକର୍ତ୍ତା, ପଦାଧିକାରୀ ଓ ସଦସ୍ୟ, ସଦସ୍ୟାଗଣ ସ୍ୱର୍ଗତ ରଣାଙ୍କ ସ୍ମୃତିଚାରଣ କରି ତାଙ୍କର ନିଷ୍ଠାପର ଉଦ୍ୟମ, ତ୍ୟାଗ ଓ ଦକ୍ଷ ପରିଚାଳନା ନିମନ୍ତେ ସଂକଳ୍ପ ବିଶେଷ ଅଗ୍ରଗତି ହୋଇଥିଲା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକତ୍ରର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସାଧାରଣ ସମ୍ପାଦକ ପ୍ରକାଶ ସାହାଣୀ, ସମ୍ପାଦକ ପ୍ରିୟଦର୍ଶନ ରାଉତ, କୋଷାଧ୍ୟକ୍ଷ କୁଞ୍ଜନଲାଲ ବୋଷ, ସଂଗଠନ ସମ୍ପାଦକ ବଟକୃଷ୍ଣ ଶତପଥୀ, ସାଂସ୍କୃତିକ ସମ୍ପାଦକ ଦୀପକ କୁମାର ପାଢ଼ୀ, ଲୋକ ସମ୍ପର୍କ ସଚିବ ଅକ୍ଷୟ ଧଳଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ କୀର୍ତନ ଚରଣ ସାମଲ, ସନ୍ତୋଷ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ମହାନ୍ତି, ପ୍ରବିର ଜେନା, ଅନିତା ଧଳ, ଜୟନ୍ତୀ ପାତ୍ର, ଅଞ୍ଜଳୀ ବିଶ୍ୱାଳ, ରଶ୍ମୀ ରେଖା ଦାସ, ରାନୁ ମହାପାତ୍ର, ଗାୟତ୍ରୀ ବିଶୋଇ, ଦିପ୍ତି ରଞ୍ଜନ ବାରିକ, ପ୍ରଜ୍ଞାନନ୍ଦ ମହାନ୍ତି, ପ୍ରବିର କୁମାର ମିଶ୍ର, ହେମନ୍ତ ବେହେରା, ଗଣପତି ରଣା, ଅମୂଲ୍ୟ ବିଶୋଇ, ରବୀନ୍ଦ୍ର କୁମାର ମହାନ୍ତି, ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ରଣାଙ୍କ ଧର୍ମପତ୍ନୀ ସସ୍ମିତା ରଣାଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରିୟଦର୍ଶନ ରାଉତ ଓ ଦିପ୍ତି ରଞ୍ଜନ ବାରିକ ଆୟୋଜନ କରିଥିଲେ। ବଟକୃଷ୍ଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଣାଇଁର ବିଭିନ୍ନ ସ୍ଥାନରେ ହୋଲିପର୍ବ

**ବଣାଇଁ, ୬ ।୩(ସମିସ):** ବଣାଇଁ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଦୋଳ ପୂର୍ଣ୍ଣିମା ସହିତ ହୋଲି ପର୍ବ ପାଳିତ ହୋଇଯାଇଛି। ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ର ଗ୍ରହଣ ପଡ଼ିଥିବାରୁ ହୋଲି ଦିନ ଦୋଳ ପୂର୍ଣ୍ଣିମାର ବିଭିନ୍ନ ପୂଜାପାଠ ଅନୁଷ୍ଠିତ ହୋଇଥିଲା। ବଣାଇଁ ଦେଓଗାଁଠାରେ ଥିବା ବାବା ବାଣେଶ୍ୱର ମନ୍ଦିରରେ ହରିହରଙ୍କ ଭେଟ ପରେ ସମସ୍ତେ ଫଗୁ ରଙ୍ଗରେ ରଙ୍ଗାୟିତ ହୋଇଥିଲେ। ସେହିପରି ନରେନ୍ଦ୍ର ପଞ୍ଚାୟତ ଟିକରାପୋଷ ଗ୍ରାମରେ ଗୋପାଳ ଚନ୍ଦ୍ରିକା ସମାଜ ପକ୍ଷରୁ ଗଡଡ଼ ବାଡି ଖେଳ ସହ ରାଧାକୃଷ୍ଣ ନାମ ସଂକୀର୍ତ୍ତନ ଓ କୁନି କୁନି ପିଲାଙ୍କ ଅବିର ଖେଳ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ନୀଳାଚଳ ସାରସ୍ୱତ ସଂଘ, ବଣାଇଁ ଶାଖାରେ ମଧ୍ୟ ଭକ୍ତମାନଙ୍କ ଦ୍ୱାରା ଦୋଳ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଥିଲା। ଏଥିସହ କେନ୍ଦ୍ରିକଳା, ଉପରପଡ଼ା, ବାବୁ ନୁଆ ଗାଁ, ଦରେଇକଳା, କେନାଭେଟା, ଗୋଗୁଆ, ଜକୈକଳା ଭଳି ବିଭିନ୍ନ ଗ୍ରାମରେ ଆନନ୍ଦ ଉଲ୍ଲାସର ସହ ହୋଲି ପର୍ବ ପାଳନ ହୋଇଥିଲା।



## ସେକ୍ଟର-୬ରେ ହୋଲିକା ଦହନ

**ରାଉରକେଲା, ୬।୩(ସମିସ):** ବୁଧବାର ରାଉରକେଲାର ସେକ୍ଟର-୬ ସି ବ୍ଲକ ସ୍ଥିତ ଶ୍ରୀରାଧାକୃଷ୍ଣଙ୍କ ଦୋଳ ଉତ୍ସବର ଶେଷଦିନ ହୋଲି ଉତ୍ସବ ପରିପ୍ରେକ୍ଷୀରେ 'ହୋଲିକା ଦହନ ବା ମେଣ୍ଢା ଘର ପୋଡ଼ା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେକ୍ଟର-୬ ସ୍ଥିତ ମନ୍ଦିରରୁ ରାଧାକୃଷ୍ଣ ସୁସଜ୍ଜିତ ବିମାନରେ ବସି ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସାତ ଦିନ ବ୍ୟାପି ରାଉରକେଲାର ବିଭିନ୍ନ ସେକ୍ଟର, କୋଇଲନଗର, ଶକ୍ତିନଗର, ବାସନ୍ତୀ କଲୋନୀ ଓ ଛେଣ୍ଡ କଲୋନୀର ବିଭିନ୍ନ ଘରକୁ ଯାଇଥିଲେ। ମନ୍ଦିର ପରିଚାଳନା କମିଟିର ଦିଲ୍ଲୀପ କୁମାର ଦାସ, ପ୍ରଶାନ୍ତ ବାରିକ, ଉତ୍ତମ ସାହୁ, ତ୍ରିନାଥ ପ୍ରଧାନ, ବଭୁତିଭୂଷଣ ଜେନା, ସରୋଜ ନାୟକ, ସୌମ୍ୟ ରାଉତ, ମନୋରଞ୍ଜନ ସାମଲ, ତାପସ ବାରିକ, ରମାକାନ୍ତ ବେହେରା, ପ୍ରେମାନନ୍ଦ ପାଣ୍ଡବ, ବସନ୍ତ ପଲେଇ, ପ୍ରତ୍ୟୁଷ ରଞ୍ଜନ ପଲେଇ, ଦିବ୍ୟରଞ୍ଜନ ଦାସ, ଅଶୋକ ସ୍ୱାଇଁ, ରାମ ମୋହନ ନାୟକ, ପ୍ରସନ୍ନ ରଥ, ସୁଧୀର ପାଣ୍ଡବ, ଦେବଦତ୍ତ ଜେନା, ଲୋକେଶ ରାଉତ, ସୁବାସ ପାତ୍ର, ସୁବାସ ବେହେରା, ମନୋଜ ମିରକାପ, ସଞ୍ଜୟ ପରିଡ଼ା ଓ ଅନାହାଳି ନାୟକ ପ୍ରମୁଖ ହୋଲି ଉତ୍ସବର ନେତୃତ୍ୱ ନେଇଥିଲାବେଳେ ଗୁରୁବାର ସନ୍ଧ୍ୟାରେ ସେକ୍ଟର-୭ ମେଳଣକୁ ବାଜା, ବାଣ, ପଟୁଆର ସହ ଶ୍ରୀ ରାଧାକୃଷ୍ଣ ବିମାନରେ ବିଜେ କରିଥିବା ଉପ-ସଭାପତି ଦିଲ୍ଲୀପ କୁମାର ଦାସ ଜଣାଇଛନ୍ତି।

## ୫ ବର୍ଷର ନାବାଳିକାକୁ ଦୁଷ୍କର୍ମ

**ରାଉରକେଲା, ୬।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ହେମଗିର ଥାନା ଅଞ୍ଚଳରେ ଜଣେ ଯୁବକ ତାର ସମ୍ପର୍କୀୟା ୫ ବର୍ଷର ନାବାଳିକା ଝିଆରୀକୁ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ କକାକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ଏନେଇ ପୁଲିସ ଏକ ପୋକ୍‌ସୋ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## କାର୍ ଧକ୍କାରେ ବୃଦ୍ଧ ଆହତ

**ରାଉରକେଲା, ୬।୩(ସମିସ):** ପ୍ଲାଣ୍ଟସାଇଟ୍ ଥାନା ଅଧୀନ କୋଣାର୍କ ଟକିଜ୍ ନିକଟରେ ଏକ କାର ଧକ୍କାରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ପ୍ଲାଣ୍ଟସାଇଟ୍ ଥାନା କୋଣାର୍କ ଟକିଜ୍ ନିକଟ ରାସ୍ତା ଦେଇ ସାଇକଲରେ ବୃଦ୍ଧ ଜଣକ ଯାଉଥିଲା ବେଳେ ହଠାତ୍ ଏକ କାର୍ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରାସ୍ତାରେ ଛିଟିକି ପଡ଼ି ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଆଗରେ ଲାଗିଲା ଫାଟକ




**ବଣାଇ, ୬ ।୩(ସମିସ):** ବଣାଇଁ ସହରରୁ ପ୍ରତ୍ୟେକ ଦିନ ସଂଗ୍ରହ କରାଯାଉଥିବା ଅଳିଆ ଆବର୍ଜନା ଶୁଣ୍ଠିକୋଣ ନିକଟରେ ଖୋଲାମେଲା ସ୍ଥାନରେ ପକାଇ ଦିଆଯାଉଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ ରହିଥିଲା। ଖୋଲା ସ୍ଥାନରେ ଅଳିଆ ପଡ଼ିବା ଯୋଗୁଁ ଖାଦ୍ୟ ଅନ୍ୱେଷଣରେ ଅନେକ ସମୟରେ ବସ୍ତିର ଗାଈଗୋରୁ ଖାଦ୍ୟ ସହ ପଲିଥିନ ଖାଇ ମୃତ୍ୟୁବରଣ କରିଥିବା ମଧ୍ୟ ଲୋକେ ଅଭିଯୋଗ କରିଥିଲେ। ଏନେଇ ଗତ ୩୧ ଦିନ ସକାଳ ଖବର କାଗଜରେ 'ବଣାଇଁ ରେ ବର୍ଜ୍ୟବସ୍ତୁ ପରିଚାଳନା ଦିଗହରା' ଶୀର୍ଷକ ଖବର ପ୍ରକାଶ କରା ଯାଇଥିଲା। ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ପ୍ରଶାସନ ଯତ୍ନବାନ ହୋଇ ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ପଞ୍ଚାୟତର ନିର୍ବାହୀ ଅଧିକାରୀ ରମ୍ୟ ରଞ୍ଜନ ପ୍ରଧାନ ନିଜେ ଉପସ୍ଥିତ ରହି ପ୍ରକଳ୍ପ ଚତୁଃପାର୍ଶ୍ୱରେ ନୂତନ ଭାବେ ତାର ବାଡ଼ ଦେବା ସହ ଏକ ନୂଆ ଫାଟକ ନିର୍ମାଣ କରିଛନ୍ତି। ଯାହାଫଳରେ ବର୍ଜ୍ୟବସ୍ତୁ ପଡୁଥିବା ସ୍ଥାନକୁ ଆଉ ଗାଈଗୋରୁ ଯାଇ ପାରୁନାହାନ୍ତି। ଫଳରେ ଅଳିଆ ଆବର୍ଜନା ଏଣେ ତେଣେ ଛିନଭିନ ନ ହୋଇ ଗଦା ହୋଇ ରହୁଛି। ଯାହାକୁ ନେଇ ଆଶ୍ୱସ୍ତ ହୋଇଛନ୍ତି ବସ୍ତିବାସିନ୍ଦା। ତୁରନ୍ତ ପଦକ୍ଷେପ ନେଇ ଥିବାରୁ ପ୍ରଶାସନ ଓ ପଞ୍ଚାୟତକୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

## ଆର୍‌ଏସ୍‌ପିରେ ଅଗ୍ନି ନିରାପତ୍ତା ତାଲିମ ମଡ୍ୟୁଲ ଉଦ୍‌ଘାଟିତ

**ରାଉରକେଲା, ୬।୩(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ର ଆହତ ଶୂନ୍ୟ ଇସ୍ପାତ ଉତ୍ପାଦନ ପ୍ରତି ପ୍ରତିବଦ୍ଧତାର ଏକ ଅଂଶ ସ୍ୱରୂପ ଅଗ୍ନିଶମ ସେବା ବିଭାଗ ଦ୍ୱାରା ଶୁକ୍ରବାର ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରଠାରେ ଅଗ୍ନି ନିରାପତ୍ତା ନିମିତ୍ତ ଦୁଇଟି ତାଲିମ ମଡ୍ୟୁଲର ଆରମ୍ଭ କରାଯାଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର ପଲାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମଡ୍ୟୁଲ୍‌ଗୁଡ଼ିକର ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧିକାରୀମାନଙ୍କ ପାଇଁ ପ୍ରଥମ ମଡ୍ୟୁଲ୍ 'ଅଗ୍ନି ରକ୍ଷକ' ଭାବେ ଏକ ଦିବସୀୟ କାର୍ଯ୍ୟକ୍ରମ ଥିବା ବେଳେ ଦ୍ୱିତୀୟଟି 'ଦକ୍ଷ ରକ୍ଷକ' ଠିକା ଶ୍ରମିକଙ୍କ ପାଇଁ ଏକ ଦ୍ୱିଦିବସୀୟ ତାଲିମ କାର୍ଯ୍ୟକ୍ରମ ରହିଛି। 'ଅଗ୍ନି ରକ୍ଷକ' କାର୍ଯ୍ୟକ୍ରମରେ ଅଗ୍ନି ନିୟନ୍ତ୍ରଣ ପରିଚାଳନା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଦ୍ୱିତୀୟ କାର୍ଯ୍ୟକ୍ରମରେ 'ଦକ୍ଷ ରକ୍ଷକ' ଭାବେ ଗ୍ୟାସ୍ ଲାଇନ କାର୍ଯ୍ୟ, ରୁଦ୍ଧ ସ୍ଥାନ ମଧ୍ୟରେ କାର୍ଯ୍ୟ ଏବଂ ଉଚ୍ଚତାରେ କାର୍ଯ୍ୟ ସମ୍ପାଦନ ସମୟରେ ଜରୁରୀକାଳୀନ ପ୍ରତିକ୍ରିୟା ସହିତ ଉଦ୍ଧାର କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା। ଉଭୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ପ୍ରତ୍ୟକ୍ଷ କାର୍ଯ୍ୟସ୍ଥଳୀର ବୃହତ୍ତ ଧାରଣା ସହିତ ସାମାନ୍ୟ ତାତ୍ତ୍ୱିକ ଧାରଣା ଦିଆଯାଇଥିଲା। ପ୍ରାରମ୍ଭରେ ଅଗ୍ନିଶମ ସେବା ବିଭାଗର ଜିଏମ ପିଏସ୍ ଠାକରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ସମାବେଶରେ ଅଗ୍ନିଶମ ସେବା ଏବଂ ସୁରକ୍ଷା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ସିଜିଏମ ପିକେ. ସାହୁ ମଞ୍ଚାସୀନ ଥିଲେ। ଏଥିସହ କାରଖାନାର ବହୁ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଶେଷରେ ଅଗ୍ନିଶମ ସେବା ବିଭାଗର ଡିଜିଏମ ଏମ୍. ସୋନକୁସାରେ ଧନ୍ୟବାଦ ଅର୍ପଣ କରିଥିଲେ।



## ଜନତା ଉଚ୍ଚ ବିଦ୍ୟାଳୟରେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ

**ବଣାଇଁ, ୬।୩(ସମିସ):** ବଣାଇଁ ବ୍ଲକ ରୁଗୁଡ଼ା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପରିଚାଳିତ ବିଜ୍ଞାନ ପ୍ରକଳ୍ପ ମୋବାଇଲ ଭ୍ୟାନ ଶୁକ୍ରବାର ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ଏହି ପ୍ରଦର୍ଶନୀରେ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ଯନ୍ତ୍ରପାତି, ମଡେଲ, ବିଦ୍ୟୁତ୍, ଚୁମ୍ବକତ୍ୱ, ଆଲୋକ ଓ ଶବ୍ଦ ସମ୍ବନ୍ଧୀୟ ବିଭିନ୍ନ ପରୀକ୍ଷଣ ମଡେଲ ଛାତ୍ରଛାତ୍ରୀଙ୍କୁ ଦେଖାଯାଇଥିଲା। ପ୍ରଦର୍ଶନୀ ମାଧ୍ୟମରେ ବିଦ୍ୟୁତ, ଚୁମ୍ବକତ୍ୱ, ଗତିଶକ୍ତି, ଆଲୋକ ଓ ଶବ୍ଦ ସମ୍ବନ୍ଧୀୟ ବିଭିନ୍ନ ମଡେଲ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନର ଆଧାରଭୂତ ଧାରଣା ବୁଝାଯାଇଥିଲା। ଏହା ବ୍ୟତୀତ ବିଜ୍ଞାନ ଆଧାରିତ ବିଭିନ୍ନ ତତ୍ତ୍ୱ ସ୍ମାର୍ଟ ବୋର୍ଡ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନୀକୁ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଜ୍ଞାନ ସଂଯୋଜକ ସୁକାନ୍ତ କୁମାର ବେହେରା, ଟେକ୍ନିସିଆନ ସଞ୍ଜୟ ସାହୁ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ତନୁଜ କୁମାର ପ୍ରଧାନ, ସୀମା ପ୍ରଧାନ, ରୁପକ୍ ରାଜହଂସ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ଓ ବିଜ୍ଞାନ ଭିତ୍ତିକ ଚିନ୍ତାଧାରାକୁ ଶକ୍ତିଶାଳୀ କରିବାରେ ଏହି ପ୍ରଦର୍ଶନୀ ସହାୟକ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ବାଙ୍କ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ କବିତା ଆସର



**ରାଉରକେଲା, ୬।୩(ସମିସ):** ରାଉରକେଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମଜୟନ୍ତୀ ସହ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରିଥିଲେ। ସଭାପତି ଶ୍ରୀ ସ୍ୱାଇଁଙ୍କ ସ୍ୱାଗତ ଭାଷଣ ପରେ ମୁଖ୍ୟବକ୍ତା ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ ନୂତନ ଓଡ଼ିଶା ଗଠନରେ ବିଜୁ ପଟନାୟକଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏକ କବିତା ପାଠ ଉତ୍ସବ କବି ବିଜୟଲକ୍ଷ୍ମୀ ପଟ୍ଟନାୟକ ଏବଂ ବିନତା ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନିଲ୍ କୁମାର ଦାସ, ତ୍ରିଲୋଚନ ସ୍ୱାଇଁ, ରଶ୍ମି ସାହୁ, ବିଜୟିନୀ ଜେନା, ଅଶୋକ କୁମାର ପଟ୍ଟନାୟକ, କିଶୋରୀ ମୋହନ କର, ପରେଶ ବିଶ୍ୱାଳ, ରଜନୀ ସାହୁ, ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ବ୍ରଜେନ୍ଦ୍ର ଦାଶ ଏବଂ ବିନତା ମହାନ୍ତ ପ୍ରମୁଖ ସ୍ୱରଚିତ କବିତାମାନ ପାଠ କରିଥିଲେ। ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ପାଠାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, ପରୀକ୍ଷିତ ଗୁରୁ, ଆଲୋକ ରଞ୍ଜନ ବୋଷ ଏବଂ ଧରଣୀଧର ସାମଲ ପ୍ରମୁଖ ସହାୟତା କରିଥିଲେ। ଶକ୍ତି ପ୍ରସାଦ ସାମନ୍ତରାୟ, ପ୍ରମୋଦ କୁମାର ପତି, ପ୍ରତାପ କୁମାର ପଟ୍ଟନାୟକ, କୈଳାସ ଚନ୍ଦ୍ର ମାହାଳି, ଦିଲ୍ଲିପ କୁମାର ମହାନ୍ତ, ଅଜୟ ମହାନ୍ତି, ଜଗନ୍ନାଥ ରାଉତ, କାଶୀନାଥ ପାତ୍ର, ହରେକୃଷ୍ଣ ପାଢ଼ୀ ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## 'ଜଲୱା ଦି ରାମ୍ପ ଶୋ' ଓ କୁଇଜ୍ ପ୍ରତିଯୋଗିତା

**ରାଉରକେଲା, ୬।୩(ସମିସ)**



ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବ୍ୟବହିତ ପୂର୍ବରୁ 'ଜଲୱା ଦି ରାମ୍ପ ଶୋ' ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଗତ ୨୫ ଫେବୃଆରିରେ ଆରଏସପିର ପୁରୁଷ ଏବଂ ମହିଳା କର୍ମଚାରୀଙ୍କ ପାଇଁ ଏଲଏଣ୍ଡଡି ବିଭାଗରେ ଆୟୋଜିତ ରାମ୍ପ ଶୋରେ କର୍ମଚାରୀମାନେ ବିବିଧ ସଂସ୍କୃତି, ପରମ୍ପରାକୁ ପ୍ରତିଫଳିତ କରୁଥିବା ପୋଷାକର ଏକ ସ୍ପନ୍ଦନଶୀଳ ମିଶ୍ରଣ ପ୍ରଦର୍ଶନ କରିଥିଲେ। ଆରଏସପିର ସିଜିଏମ୍ (ପିପିଆଣ୍ଡସି) ସୁନିତା ସିଂହ ଏବଂ ଜିଏମ୍ ଆଇ/ସି (ଡବ୍ଲୁଏମଡି) ଦେବଜିତ ରାଭା ଏହି ଇଭେଣ୍ଟର ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଫେବୃଆରି ୨୭ ତାରିଖରେ କାରଖାନାର ପୁରୁଷ ଏବଂ ମହିଳା କର୍ମଚାରୀଙ୍କ ପାଇଁ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୭୫ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଶୋ'ର କୁଇଜ୍ ମାଷ୍ଟର ଥିଲେ କୋକ ଅଭେନ ବିଭାଗର ଏଜିଏମ ସମ୍ପଦ ମିଶ୍ର ଏବଂ ସିଇଏସଆଇ ବିଭାଗର ଏଜିଏମ ଦିବ୍ୟା ଦାଶ। ଉକ୍ତ ପ୍ରତିଯୋଗିତାର ପ୍ରଥମେ ଏକ ଲିଖିତ ଏଲିମିନେସନ୍ ରାଉଣ୍ଡ ଏବଂ ପରେ ଏକ ଅଡିଓ ଭିଜୁଆଲ୍ ଫାଇନାଲ୍ କାର୍ଯ୍ୟକ୍ରମ ହୋଇଥିଲା। ଫାଇନାଲ ପାଇଁ ମୋଟ ୬ଟି ଦଳ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରତିଯୋଗିତାର ବିଜେତାଙ୍କୁ ମାର୍ଚ୍ଚ ୭ ତାରିଖରେ ସିଭିକ୍ ସେଣ୍ଟରରେ ଅନୁଷ୍ଠିତ ହେବାକୁ ଥିବା ପ୍ରସିଦ୍ଧ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ସମୟରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

# ଦୁଇ ଥାନାର ନୂତନ ଗୃହ ଉଦ୍‌ଘାଟିତ






**ନାଉଗାଁ/କୁଜଙ୍ଗ, ୬।୩(ସମିସ)**

ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଦୁଇ ଥାନାର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ଅଭାସୀ ମାଧ୍ୟରେ କେନ୍ଦ୍ରମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଆଜି ଅପରାହ୍ନରେ ଭୁବନେଶ୍ୱରରେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଲୋକାପ୍ରଣ ଓ ଶିଳାନ୍ୟାସ ଅବସରରେ ବିଭିନ୍ନ ୨୪ଟି ଥାନାର ନୂତନ ଗୃହ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ ହୋଇଥିଲା। ଏଥିରେ ନାଉଗାଁ ଥାନାର ନବୀକରଣ ଗୃହ ରହିଛି। ଏହି ଅବସରରେ ନାଉଗାଁ ଥାନା ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ନାଉଗାଁ ଥାନା ଅଧିକାରୀ ଦେବାଶିଷ ପଣ୍ଡା, ନାଉଗାଁ ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଁଣ, ବିଜେପି ର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ନାଥ ବିଶ୍ୱାଳ ଓ ନାଉଗାଁ ବ୍ଲକର ସମସ୍ତ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି କୁଜଙ୍ଗ ଥାନାର ନୂତନ ଗୃହକୁ ଆଜି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ସାହା ଅଭାସୀ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। କୁଜଙ୍ଗ ଥାନା ପରିସରରେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ, ଡ. ରଘୁନାଥ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକାରୀ ସତ୍ୟବ୍ରତ ଦାସ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ପ୍ରମୁଖ ଏହି ଅବସରରେ ଯୋଗଦେଇ ଲୋକାର୍ପଣ ଫଳକକୁ ଉଦ୍‌ଘାଟନ କରିଥିଲେ। କୁଜଙ୍ଗ ଥାନା ପୂର୍ବରୁ କୁଜଙ୍ଗ ବଜାରରେ ରହି କାର୍ଯ୍ୟ କରୁଥିଲା ପରେ କୁଜଙ୍ଗର ନୂତନ ଅଦାଲତ ପରିସର ନିକଟକୁ ସ୍ଥାନାନ୍ତର ହେବା ସହିତ ସେଠାରେ ନୂତନ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଗତ ତିନିମାସ ଧରି କୁଜଙ୍ଗ ବଜାରଠାରୁ ଦେଢ଼ କିମି ଦୂରରେ ଅବସ୍ଥିତ ହୋଇଥିବା ଏହି ନୂତନ ଥାନା କାର୍ଯ୍ୟ ଆରମ୍ଭ କରିଛି ।

# ଦୋଳ ଉତ୍ସବରେ ଭଜନସନ୍ଧ୍ୟା



**ଜଗତସିଂହପୁର, ୬।୩(ସମିସ):** ଜଗତସିଂହପୁର ପୌର ପରିଷଦର ୱାର୍ଡ ନମ୍ବର ୧୮ ଅନ୍ତର୍ଗତ ଖେରସ ପାଟଣା ଗ୍ରାମ ସ୍ଥିତ ଶ୍ରୀଶ୍ରୀ ଗୋପାଳଜୀଉ ମଠ ପ୍ରାଙ୍ଗଣରେ ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲି ଆସିଥିବା ପବିତ୍ର ଦୋଳ ଉତ୍ସବ ପାଳିତ ହୋଇଯାଇଛି । ମଠର ସଭାପତି ସୁଦର୍ଶନ ଦାସ, ସମ୍ପାଦକ କୈଳାଶ ଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ମଲ୍ଲିକ, ପ୍ରଶାନ୍ତ କୁମାର ସ୍ୱାଇଁ ଏବଂ ଅଭୟ ପାହିଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବର ଉଦ୍‌ଯାପନୀ ସଂଧ୍ୟାରେ କ୍ରୀଷ୍ଣା କଲଚରାଲ ଗ୍ରୁପ୍ ତରଫରୁ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ରୀଷ୍ଣା ଦତଙ୍କ ସମେତ ଓଡ଼ିଶାର ସୁନାମଧନ୍ୟ ଯୁବ ଓ କିଶୋର କଣ୍ଠଶିଳ୍ପୀ ମାନେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ସେହିପରି ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ନାୟକ, ଶଶାଙ୍କ ଶେଖର ପଣ୍ଡା ଏବଂ ଦୁର୍ଯ୍ୟୋଧନ ମହାରଣାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ ।

# ସଂତରାରେ ଶ୍ରୀଅରବିନ୍ଦ ପାଠଚକ୍ର

**କୁଜଙ୍ଗ, ୬।୩(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ସଂତରା ଗ୍ରାମରେ ସେବା ନିବୃତ୍ତ ପୁଲିସ କର୍ମଚାରୀ ସନାତନ ଖଟୁଆଙ୍କ ଏକାଦଶରେ ସ୍ମୃତି ସଭା, ଭଜନ ସନ୍ଧ୍ୟା ଓ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାଧକ ବାସୁଦେବ ନାୟକଙ୍କ ସଂଯୋଜନା ଓ ଅବନା ଘର ପ୍ରତିଷ୍ଠାତା ଗିରିଧାରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ, ଜନ ପ୍ରତିନିଧି, ସାମ୍ୟବାଦୀ ଓ ସାଧକ ଯୋଗ ଦେଇଥିଲେ । ଏହି ଅବସରରେ କ୍ରୀଡ଼ାବିଦ ରଞ୍ଜନ କୁମାର ସାହୁ, ଶିକ୍ଷକ ନେତା ଚରଣ ସାହୁ, ଆଇନଜୀବୀ ବିଚିତ୍ରା ନନ୍ଦ ସ୍ୱାଇଁ, କବି ନବୀନ ପ୍ରଧାନ, ଜୟକୃଷ୍ଣ ସ୍ୱାଇଁ, ମାନସୀ ସାମନ୍ତରାୟ, ପ୍ରତିମା ନାୟକ, ସୌମ୍ୟନ୍ଦ୍ର ନାୟକ, ରବୀନ୍ଦ୍ର ମହାପାତ୍ର, ରବୀନ୍ଦ୍ର ମାଝୀ, ଶ୍ରୀଧର ବିଶ୍ୱାଳ, ଶରତ ବଳିୟାର ସିଂହ, ଆଇନଜିବୀ ଅନୁପମା, ରଶ୍ମୀ ତରାଇ, ପଙ୍କଜ ତରାଇ, କାଦମ୍ବିନୀ ଖଟୁଆ, ତପି ଅପା, କୁଶା ସାମଲ, ଶୁକ ଦେବ ଦାସ, ଗଦାଧର ଦାସ ପ୍ରମୁଖ ଯୋଗଦେଇଥିଲେ । ପୁତ୍ର ଦିଲୀପ ଖଟୁଆ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଆଦିକବି ସାଧନା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ଆଲୋଚନାଚକ୍ର



**ତିର୍ତ୍ତୋଲ, ୬।୩(ସମିସ):** ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ତେନ୍ତୁଳିପଦା ଆନୁକୂଲ୍ୟରେ ସ୍ଥାନୀୟ ମାଣତିରିଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ତଥା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଶିକ୍ଷାବିତ ସୁଦର୍ଶନ ମହାପାତ୍ର ଯୋଗଦେଇ ସାରଳା ଦାସ ଏ ମାଟିରେ ଜନ୍ମ ହୋଇନଥିଲେ ଓଡ଼ିଆ ଭାଷା ସମସ୍ତଙ୍କ ପାଇଁ ଅପହଞ୍ଚ ହୋଇ ରହିଥାନ୍ତା ବୋଲି କହିଥିଲେ। ମୁଖ୍ୟବକ୍ତା ଦିଲ୍ଲୀର ପ୍ରବାସୀ ଓଡ଼ିଆ ତଥା ସମାଜସେବୀ ଅଶୋକ ଦାଶ ଯୋଗଦେଇ ସାରଳା ଦାସ ଜଣେ ବିସ୍ମୟ କର ପ୍ରତିଭା । ତାଙ୍କର କୃତି ଓ କୀର୍ତ୍ତିକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ ହେଉ ବୋଲି କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଇଂ. ସୁବାସ ଚନ୍ଦ୍ର ସାହୁ ତାଙ୍କ ବକ୍ତବ୍ୟରେ ସାରଳା ଦାସଙ୍କ ରଚନାବଳୀ ଲୋକ ଜୀବନ ସହିତ ଓତଃପ୍ରୋତଭାବେ ଜଡ଼ିତ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ଗୁରୁଦତ୍ତ ପରିଜା, ଅବସରପ୍ରାପ୍ତ କୃଷି ଅଧିକାରୀ ରବୀନ୍ଦ୍ରନାଥ ସିଂହ, ସୁରେନ୍ଦ୍ର ସାହୁ, ଆଶିଷ ପରିଜା ପ୍ରମୁଖ ଯୋଗଦେଇ ସାରଳା ଦାସଙ୍କ ରଚିତ ସାରଳା ମହାଭାରତ, ଚଣ୍ଡୀ ପୁରାଣ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ରାଧାମୋହନ ପରିଜା ଧନ୍ୟବାଦ ଦେଇଥିଲେ ।

# ଆଦର୍ଶ ଶିକ୍ଷକ ନବକିଶୋର ସ୍ୱାଇଁଙ୍କ ପରଲୋକ

**ବିରିଡ଼ି, ୬।୩(ସମିସ):** ବିରିଡି ବ୍ଲକ ଅଲାଣ୍ଡୋ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ, ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ, କଂଗ୍ରେସ ଦଳର ବରିଷ୍ଠ ନେତା ନବ କିଶୋର ସ୍ୱାଇଁଙ୍କ ପରଲୋକ ଘଟିଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସେଠାରୁ ତାଙ୍କୁ ନିଜଗାଁ ଅଲାଣ୍ଡୋ ଅଣାଯାଇଥିଲା। କଂଗ୍ରେସ ନେତା ହିମାଂଶୁଭୂଷଣ ମଲ୍ଲିକଙ୍କ ସମେତ ଭାଗ୍ୟଧର ଜେନା, ପ୍ରତାପଦାସ, ପ୍ରାଣକୃଷ୍ଣ ପଶାୟତ, ଅଭୟ ମଲ୍ଲ, ବଳରାମ ମଲ୍ଲିକ, ତାପସ ବୋଷ, ନବୀନ ସିହ୍ନା, କ୍ଷୀରୋଦ ଘଡ଼େଇ, ରବୀନ୍ଦ୍ର ବାରିକ, ଧର୍ମାନନ୍ଦ ସାହୁ ପ୍ରମୁଖ କଂଗ୍ରେସ ପତାକା ଘୋଡ଼ାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ସେହିପରି ତାଙ୍କୁ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯାଇଥିଲା ସେଠାରେ ସରପଞ୍ଚ ସନ୍ତୋଷ ସେଠୀ, ରଶ୍ମିରଞ୍ଜନ ଉତ୍ତରାୟ, ଦୀପ୍ତି ରଞ୍ଜନ ଜେନା, ସୌମ୍ୟ ମିଶ୍ର, ସନ୍ତୋଷ ଭୋଇ ପ୍ରମୁଖ ଶେଷଦର୍ଶନ କରିବାସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ନିଗମାନନ୍ଦ ସ୍ୱାଇଁ ମୁଖାଗ୍ନି ଦେଇଥିଲେ ।

# ଜିଲ୍ଲା ଅଦାଲତରେ ଆଇନ ସଚେତନତା କାର୍ଯ୍ୟକ୍ରମ



**ଜଗତସିଂହପୁର, ୬।୩(ସମିସ):** ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅଦାଲତର ସମ୍ମିଳନୀ ସଭାଗୃହରେ ସଡ଼କ ସୁରକ୍ଷା, ମୋଟର ଯାନ ଆଇନ, ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ, ବିକଳ୍ପ ବିବାଦ ସମାଧାନ ପ୍ରଣାଳି ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଡହକ୍ ଅତିରିକ୍ତ ଜିଲ୍ଲା ଜିଲ୍ଲା ଜଜ୍ (ପୋକ୍ସୋ) ଏସ୍‌କେଏଜେ ଜାହିରା ଅହମ୍ମଦ, ଅତିରିକ୍ତ ଜିଲ୍ଲା ଜଜ୍ ହର ପ୍ରସାଦ ପଟ୍ଟନାୟକ, ସିଜେଏମ୍ ନୀଳିମା ପଣ୍ଡା, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍. ଆର) ଶର୍ମିଷ୍ଠା, ଶୁଭଦର୍ଶିନୀ ମହାନ୍ତି, ଜିଲ୍ଲା ଅଦାଲତ ନିବନ୍ଧଙ୍କ ବିଶ୍ୱ କଳ୍ପିତା ମହାନ୍ତି, ଏସଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନସିଫ ଅନନ୍ୟା ଦାସ, ଜେଏମ୍‌ଏଫ୍‌ସି ଅଙ୍କିତ ଦେୱାଙ୍ଗନ, ମୋଟର ଯାନ ନିରୀକ୍ଷକ, ଆଇନଜୀବୀ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲା ଜଜ୍ ପଟ୍ଟନାୟକ ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ ଏବଂ ପରିବର୍ତ୍ତିତ ଦାବି ଟ୍ରିବ୍ୟୁନାଲ ସହମତି ପ୍ରକ୍ରିୟା ବିଷୟରେ ସଚେତନ କରାଇଥିଲେ । ସେହିପରି ବିକଳ୍ପ ବିବାଦ ସମାଧାନ ପ୍ରଣାଳିକୁ ସିଜେଏମ୍ ଶ୍ରୀମତୀ ପଣ୍ଡା ବୁଝାଇଥିଲେ । ଏସଡିଜେଏମ ଶ୍ରୀ ଚାନ୍ଦ ମୋଟର ଯାନ ଆଇନ ସମ୍ପର୍କରେ ସଚେତନ କରାଇଥିଲେ । ଅନ୍ୟତମ ବକ୍ତା ଭାବେ ଜେଏମ୍‌ଏଫ୍‌ସି ଶ୍ରୀ ଦେୱାଙ୍ଗନ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ସଚିବ ବିଡିଡି ଚନ୍ଦନା ପରିଚାଳନା କରିଥିଲେ ।

# ଜିଲ୍ଲା ମହୋତ୍ସବ ସ୍ମରଣିକା ସବ୍‌କମିଟିର ବୈଠକ



**ଜଗତସିଂହପୁର, ୬।୩(ସମିସ):** ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ପ୍ରକୋଷ୍ଠରେ ଜିଲ୍ଲା ମହୋତ୍ସବ କଲ୍ଲୋଳ-ପାଳନ ନିମନ୍ତେ ସ୍ମରଣିକା ସବ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଏହି ବୈଠକରେ ଅଧ୍ୟକ୍ଷତା କରି 'ଆଦିପତ୍ର' ସ୍ମରଣିକାର ସଫଳ ରୂପାୟନ କାମନା କରିବା ସହ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍ମରଣିକାର ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ସମ୍ପାଦକୀୟ ସୂଚନା ପ୍ରଦାନ କରିବା ପରେ ଆଦିପତ୍ର ନିମନ୍ତେ ଲେଖା ସଂଗ୍ରହର ଶେଷ ତାରିଖ ଧାର୍ଯ୍ୟ ନେଇ ଆଲୋଚନା ହୋଇଥିଲା ଏବଂ ସମ୍ପାଦନା ମଣ୍ଡଳୀର ସଭ୍ୟ ଚୟନ କରାଯାଇଥିଲା। ଜଗତସିଂହପୁରରେ ବିଭିନ୍ନ ଲେଖକ ଓ ଲେଖିକାଙ୍କ ଠାରୁ ଜଗତସିଂହପୁର ଜିଲ୍ଲାର ଭୂଗୋଳ, ଐତିହ୍ୟ, କଳା, ସଂସ୍କୃତି, ସାହିତ୍ୟ, ପରିବେଶ, ବ୍ୟକ୍ତିତ୍ୱ ଓ ଧର୍ମଧାରା ଉପରେ ଆଧାରିତ ଲେଖା ଗୁଡ଼ିକ ଆସନ୍ତା ୧୬ ତାରିଖ ସୁଦ୍ଧା ଡିଟିପି ଜରିଆରେ ସଂସ୍କୃତି ଅଧିକାରୀଙ୍କ ଠାରେ ଦାଖଲ କିମ୍ବା ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାପରେ ସ୍ମରଣିକା ନିମନ୍ତେ ବାର୍ତ୍ତା ଓ ବିଜ୍ଞାପନ ସଂଗ୍ରହ, ସ୍ଥାନିତ ହେବାକୁ ଥିବା ଚିତ୍ର, ମୁଦ୍ରଣ କାର୍ଯ୍ୟ ଆଦି ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କମିଟି ସଦସ୍ୟ ପରୀକ୍ଷିତ ପାଢ଼ୀ, ଅମରଜ୍ୟୋତି ସାହୁ, ପ୍ରଶାନ୍ତ କୁମାର ବେହେରା, ଆଶୁତୋଷ ପଶାୟତ, ଡ. ଜ୍ୟୋତିର୍ମୟୀ ମହାନ୍ତି, ସୌଭାଗିନୀ ରାୟ, ଉତ୍କଳ ରଞ୍ଜନ ମହାନ୍ତି ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗର କର୍ମକର୍ତ୍ତା ଯୋଗଦେଇଥିଲେ ।

# ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘର ପ୍ରତିଷ୍ଠା ଦିବସ



ଜଗତସିଂହପୁର, ୬।୩(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ସ୍ଥିତ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘର ସପ୍ତମ ବାର୍ଷିକ ଉତ୍ସବ ଏବଂ ଗୃହ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସିଦ୍ଧ ବାରଙ୍ଗ ପୀଠରେ ଥିବା ହନୁମାନଜୀଙ୍କୁ ପୂଜା ଅର୍ଚ୍ଚନା କରାଯାଇ ସଂଘର ମଙ୍ଗଳ କାମନା ନିମନ୍ତେ ସଂକଳ୍ପ କରାଯାଇଥିଲା । ପରେ ସଂଘ ଗୃହରେ ସୂର୍ଯ୍ୟ ପୂଜା, ଘଟ ସ୍ଥାପନା ସହିତ ହୋମଯଜ୍ଞ କରାଯାଇଥିଲା । ଏହି ଉତ୍ସବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ଦ୍ୱିତୀୟ ମହଲା ଗୃହର ଶିଳାନ୍ୟାସ କରିଥିଲେ । ସଦର ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ସଂଘର ସଭାପତି କୃଷ୍ଣଚନ୍ଦ୍ର ଦାସ ଏବଂ ସମ୍ପାଦକ ରଜନୀକାନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦସ୍ୟ ସାରଦା ରଣା, ତ୍ରିଲୋଚନ ବେହେରା, ଲକ୍ଷ୍ମୀ ନାରାୟଣ ମିଶ୍ର, ଅସୀମ ବାନାର୍ଜୀ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ବଖତ ଦାସ, ସାରଦା ସାହୁ, ଶରତ ସାହୁ, ପ୍ରତାପ ମହାନ୍ତି, ଭଗବାନ ପଣ୍ଡା, ରମାକାନ୍ତ ଚୌଧୁରୀ, ଅଶୋକ ସାହୁ, ଗିରିଜା ଦାଶ, ଅମିତ୍ ଅଧିକାରୀ, ସାଗର ଦାସ, ସୁମିତ ବେହେରା, ଦେବବ୍ରତ ମଲ୍ଲିକ, ଗୋବିନ୍ଦ ବେହେରା, ରାମକୃଷ୍ଣ ଦାସ, ଅରବିନ୍ଦ ଦାସ, ସତ୍ୟନାରାୟଣ ଚୌଧୁରୀ, ଶିବ ଶଙ୍କର ମହାନ୍ତି, ସୌମ୍ୟ ରଞ୍ଜନ ସାହୁ, ଅଶୋକ ଦାସ, ସଞ୍ଜୟ ବେହେରା, ସୁଦର୍ଶନ ବେହେରା, ରବୀନ୍ଦ୍ର ରଣା, ରଞ୍ଜିତ ରଣା ପ୍ରମୁଖ ଏହି ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜରାୟୁ କର୍କଟ ପ୍ରତିଷେଧକ ଟିକା ପ୍ରଦାନ

**ଏରସମା, ୬।୩ (ସମିସ):** ବାଳିକାମାନଙ୍କୁ ଜରାୟୁ କର୍କଟରୁ ସୁରକ୍ଷା ଦେବା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପ୍ରତିଷେଧକ ଟିକା ପ୍ରଦାନର ଶୁଭାରମ୍ଭ କରାଯାଇଛି । ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡା. ଅମୀୟ ସ୍ୱାଇଁଙ୍କ ଉପସ୍ଥିତିରେ ବିଜେଡି ବ୍ଲକ ସଭାପତି ପୀତବାସ ଗୋଛାୟତ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରାନୀ ଟୁଡୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଲିଆକତ ଅଲ୍ଲୀ ଖାଁ, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ବିପିଏମ ହରିହର ଚଇନି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ କବିତା ମହାନ୍ତି, ସ୍ୱାସ୍ଥ୍ୟ ସହଯୋଗୀ ସ୍ମୃତିରଞ୍ଜନ କାନୁନଗୋ, ମଣ୍ଡଳ ତଥ୍ୟ ପରିଚାଳିକା ବିଜୟଲକ୍ଷ୍ମୀ ରାଉତ, ମଣ୍ଡଳ ତଥ୍ୟ ରକ୍ଷକ ସବ୍ୟସାଚୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ହୋଇ ସଚେତନତା ସୃଷ୍ଟି କରିଥିଲେ ।

# ଟେଟ୍ରାପ୍ୟାକ୍ ମଦ ବନ୍ଦ ଦାବି




**ଜଗତସିଂହପୁର/ବିରିଡି, ୬।୩(ସମିସ):** ଟେଟ୍ରାପ୍ୟାକ୍ ମଦ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ସମସ୍ତ ପ୍ରକାର ନିଶା କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବିରେ ଆଜି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ରାଜ୍ୟ କମିଟି ଆହ୍ୱାନରେ ସାରା ଓଡ଼ିଶାରେ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ ସମ୍ମୁଖରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ବିରିଡି ଆଞ୍ଚଳିକ କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । 'ଟେଟ୍ରାପ୍ୟାକ୍' ମଦ ବନ୍ଦ କରିବା, ଡ୍ରଗ୍ସ ସମେତ ସମସ୍ତ ପ୍ରକାର ନିଶା କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ମହିଳା, ଛାତ୍ରୀ ଏବଂ ଶିଶୁକନ୍ୟାମାନଙ୍କୁ ଚାଲାଣ, ଦୁଷ୍କର୍ମ ଓ ହତ୍ୟା ବନ୍ଦ କରିବା, ଶିଶୁ, ଛାତ୍ରୀ ଏବଂ ନାରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ପ୍ରଭୃତି ୪ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା । ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଜିଲ୍ଲା ସମ୍ପାଦିକା ପ୍ରମୋଦିନୀ ମିଶ୍ର ବିଭିନ୍ନ ପ୍ରକାର ନିଶା କାରବାର ଯୋଗୁଁ ରାଜ୍ୟରେ ଅପରାଧ ବଢ଼ି ଚାଲିଥିବା ବେଳେ ରାଜ୍ୟ ସରକାରଙ୍କର ଟେଟ୍ରାପ୍ୟାକ ମଦ ବିକ୍ରି ନିଷ୍ପତ୍ତି ଅତ୍ୟନ୍ତ ଲଜ୍ଜାଜନକ ଓ ନିନ୍ଦନୀୟ ବୋଲି ବକ୍ତବ୍ୟ ରଖିଥିଲେ। ଆଞ୍ଚଳିକ

# ଅବସରପ୍ରାପ୍ତ ସୈନିକଙ୍କୁ ସମ୍ବର୍ଦ୍ଧନା



**ଜଗତସିଂହପୁର, ୬।୩(ସମିସ):** ଭାରତୀୟ ସେନାରେ ଦୀର୍ଘ ସମୟ ଦେଶ ସେବା କରି ୩୧ ଜାନୁଆରୀରେ ସମ୍ମାନ ସହ ଅବସର ଗ୍ରହଣ କରିଥିବା ପ୍ରକାଶ କୁମାର ରଥଙ୍କୁ ସଭାମୂଳ ପଞ୍ଚାୟତରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ଉତ୍କଳ ସେବା ନିବୃତ ସେନାନୀ ସଂଘ ପକ୍ଷରୁ ଶ୍ରୀ ରଥଙ୍କ ନିବାସ ସ୍ଥାନ ସଭାମୂଳରେ ପୁଷ୍ପମାଳା, ଉତ୍ତରୀୟ ଓ ସମ୍ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସଂଘର ସମସ୍ତ ସଦସ୍ୟ ମାନେ ତାଙ୍କର ଦେଶପ୍ରେମ ଓ କର୍ତ୍ତବ୍ୟନିଷ୍ଠାକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ଏପରି ସୈନିକମାନେ ସମାଜର ପ୍ରେରଣା ସ୍ରୋତ । ଗ୍ରାମବାସୀ ଓ ସଂଘର ସଦସ୍ୟମାନେ ଉପସ୍ଥିତ ରହି ଶ୍ରୀ ରଥଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଶେଷରେ ଅବସରପ୍ରାପ୍ତ ସୈନିକ ପ୍ରକାଶ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସେନା ଜୀବନର ଅନୁଭବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ବନ୍ଧମୁଣ୍ଡାରେ ଯମୁନାସ୍ନାନ ଦୋଳ ମେଳଣ



**ନାଉଗାଁ, ୬।୩(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡା ଗ୍ରାମରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି । ଦୋଳଗୋବିନ୍ଦଙ୍କ ଯମୁନାସ୍ନାନ ଉତ୍ସବ ନାଉଗାଁ ବ୍ଲକର ବନ୍ଧମୁଣ୍ଡାଠାରେ ବହୁ ପ୍ରସିଦ୍ଧ ଓ ପୁରାତନ ସମୟରୁ ହୋଇଆସୁଛି । ଏଥିରେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚଉଦ ବିମାନଙ୍କୁ ନେଇ ପବିତ୍ର ଦୋଳପୂର୍ଣ୍ଣିମାର ହୋଲି ରାତିରେ ପ୍ରଭୁଙ୍କ ପବିତ୍ର ଯମୁନାସ୍ନାନ ଅନୁଷ୍ଠିତ ହୋଇଥାଏ। ବନ୍ଧମୁଣ୍ଡାର ଏହି ଯମୁନାସ୍ନାନ ମେଳଣରେ ଅଞ୍ଚଳର ବିଭିନ୍ନ ଗ୍ରାମର ଦୋଳ ବିମାନେ ପାହାନ୍ତି ପ୍ରହରରୁ ଧାଡିରେ ପଟୁଆର ଓ ବାଣ ରୋଷଣୀ ଶୋଭାଯାତ୍ରାରେ ଆସି ଭକ୍ତ ମାନେ ଠାକୁରଙ୍କୁ ନଦୀରେ ଯମୁନା ସ୍ନାନ କରାଇ ମେଳଣ ମଣ୍ଡପରେ ବସାଇଥାନ୍ତି। ଅନ୍ୟପଟେ ଏହି ଯମୁନା ସ୍ନାନ ମେଳଣରେ ଜ୍ୟେଷ୍ଠ ବିମାନ ଭାବେ କୋରୁଅ ବିମାନ ବସିଥିବା ର ନିୟମ ଥିବା ବେଳେ ଅନ୍ୟ ତେର ବିମାନ ମାନେ ପରେ ବସିବାର ପ୍ରଥା ରାଜା ରାଜୁଡା ଅମଳରୁ ରହି ଆସିଅଛି । ବନ୍ଧମୁଣ୍ଡାର ଏହି ଯମୁନା ସ୍ନାନ ମେଳଣ ପ୍ରାଚୀନ କାଳରୁ ଅନୁଷ୍ଠିତ ହୋଇଆସୁଛି । ଏହି ଉତ୍ସବକୁ ବିଧାୟକ ଅମରେନ୍ଦ୍ର ଦାସ ଏବଂ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଆସି ଦର୍ଶନ କରିଥିଲେ ।

# ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ

**କୁଜଙ୍ଗ, ୬।୩(ସମିସ)**

କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ କୁଜଙ୍ଗ ଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ପୂର୍ବାହ୍ନ ସମୟରେ କୁଜଙ୍ଗ ବ୍ଲକ ବିଜୁ ଜନତା ଦଳର ସଭାପତି ମନିନ୍ଦ୍ର ଗୁରୁଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଓ ବିଜୁ ପଟ୍ଟନାୟକଙ୍କ ଅନୁଗାମୀମାନେ ପ୍ରଥମେ କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ କୁଜଙ୍ଗ ବ୍ଲକ ପରିସର ମଧ୍ୟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରିହା ସହିତ କୁଜଙ୍ଗ ମେଡିକାଲ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ରବି ନାରାୟଣ ସାହୁ, ସଞ୍ଜୟ କୁନାର ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ଡ. ରଘୁନାଥ ସାହୁ, ପୋତାନଈ ସରପଞ୍ଚ ବ୍ରଜ ମହାରାଜ, ପ୍ରଫୁଲ୍ଲ ପରିଡ଼ା, ପ୍ରବାସ ଗୋଛାୟତ, ନନ୍ଦିନୀ ପଣ୍ଡା, କବି ରଞ୍ଜନ ବେହେରା, ନୃସିଂହ ଚରଣ ଜେନା, ବିବେକାନନ୍ଦ ଦାସ, ବିଚିତ୍ରା ନନ୍ଦ ପ୍ରଧାନ, ବିଜୟ ଖଟେଇ, ବିଜେଡି ଜିଲ୍ଲା ସମ୍ପାଦକ ମାନସ ରଞ୍ଜନ ପରିଡ଼ା, କୈଳାସ ଷଡ଼ଙ୍ଗୀ, ସୌଭାଗ୍ୟ ବିଶ୍ୱାଳ, ଯୁବ ସଙ୍ଗଠକ ଅରୁ ପ୍ରସାଦ ମହାନ୍ତି, ରାମଦାସ ମହାନ୍ତି ପ୍ରମୁଖ ଶତାଧିକ ଦଳୀ କର୍ମୀ, ଶୁଭେଚ୍ଛୁ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଏରସମା: ଏରସମା ବ୍ଲକ ଅନ୍ତର୍ଗତ ବିଜେଡି କାର୍ଯ୍ୟାଳୟ ପରିସରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗୋଛାୟତଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରାନୀ ଟୁଡୁ, ମହେନ୍ଦ୍ର ସେନାପତି, ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥ ସାରଥୀ ରାଉତ, ନୂଆଡ଼ିହି ସରପଞ୍ଚ ବ୍ରଜ ସୁନ୍ଦର ପ୍ରଧାନ, ଏରସମା ପଞ୍ଚାୟତର ସରପଞ୍ଚ ସଚ୍ଚିଦାନନ୍ଦନନ୍ଦ ଦାସ, ଉମେଶ ସେଠୀ, ଚନ୍ଦନ ମଲ୍ଲିକ, ସମୀର ରଞ୍ଜନ ଦାସ, ସୋନକ ଶାସମଲ ପ୍ରମୁଖ ଯୋଗଦେଇଥିଲେ । କର୍ମୀମାନେ ପଦଯାତ୍ରା କରି ବସଷ୍ଟାଣ୍ଡକୁ ଯାଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜେଡି କାର୍ଯ୍ୟାଳୟରେ ହୋଇଥିବା ଆଲୋଚନା ଚକ୍ରରେ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଜୀବନ ଉପରେ ଆଲୋକପାତ କରିଥିଲେ ।

## ସାମ୍ବାଦିକଙ୍କ ମାନବିକତା

# ଦୁର୍ଘଟଣାଗ୍ରସ୍ତଙ୍କୁ ନେଲେ ଡାକ୍ତରଖାନା

ବରଗଡ଼,୬। ୩(ସମିସ): ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ ଘଣ୍ଟା ସମୟରେ ବରଗଡ଼ରୁ କାମ ସାରି ନିଜ ଘର ଭେଡେନ ଅଭିମୁଖେ ଫେରୁଥିଲେ ସାମ୍ବାଦିକ ମହେନ୍ଦ୍ର ସାହୁ।



ଏହି ସମୟରେ ରାସ୍ତାରେ ବରମକେଲା ନିକଟରେ ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ପଡ଼ିଥିବା ଦେଖିଥିଲେ। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରବଳ ରକ୍ତସ୍ରାବ ହେଉଥିଲା। ଆମ୍ବୁଲାନ୍ସ ଆସିବା ପାଇଁ ପ୍ରାୟ ଅଧଘଣ୍ଟା ଲାଗିବ ବୋଲି ଜଣାପଡ଼ିଥିଲା। ତେଣୁ ସାମ୍ବାଦିକ ମହେନ୍ଦ୍ର ସାହୁ ଗୁରୁତର ଆହତ ବ୍ୟକ୍ତିଙ୍କୁ ନିଜ ଗାଡ଼ିରେ ଭେଡେନରୁ ବରଗଡ଼ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପ୍ରାୟ ୩୦ କିଲୋମିଟର ଆଣି ତାଙ୍କର ଚିକିତ୍ସା କରାଇଥିଲେ। ତାସହିତ ଆହତ ବ୍ୟକ୍ତିଙ୍କ ମୋବାଇଲ ସାହାଯ୍ୟରେ ଯୋଗାଯୋଗ କରି ତାଙ୍କର ପରିବାର ଲୋକେ ଚିକିତ୍ସାଳୟ ପହଞ୍ଚିବା ପର୍ଯ୍ୟନ୍ତ ସେଠାରେ ଅପେକ୍ଷା କରିଥିଲେ, ପରେ ଘଟଣା ସ୍ଥଳରୁ ଉଦ୍ଧାର ହୋଇଥିବା ମୋବାଇଲ ଓ ଆହତ ବ୍ୟକ୍ତିଙ୍କୁ ତାଙ୍କର ପରିବାର ଲୋକଙ୍କ ଜିମାରେ ହସ୍ତାନ୍ତର କରି ପ୍ରାୟ ରାତ୍ରି ୧୦ ଘଣ୍ଟା ସମୟରେ ପୁନର୍ବାର ନିଜ ଘର ଅଭିମୁଖେ ଫେରିଥିଲେ ସାମ୍ବାଦିକ ମହେନ୍ଦ୍ର ସାହୁ। ମହେନ୍ଦ୍ରଙ୍କ ଏଭଳି ମାନବିକତା ପାଇଁ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ସଙ୍କଳ୍ପ ପରିବାର ମୁଖ୍ୟ ବିକାଶ ଅଗ୍ରୱାଲ , ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ୍ ସଭାପତି ସତ୍ୟଜିତ ଦାଶ, ହିମାଂଶୁ ନନ୍ଦ, ରାଜେଶ ସରାଫ, ସକାଳ ଖବରକାଗଜ ଜିଲ୍ଲା ପ୍ରତିନିଧି ସରୋଜ ଷଡ଼ଙ୍ଗୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଖୁବ୍ ପ୍ରଶଂସା କରିଛନ୍ତି।

# ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଲଢ଼େଇ ହେବ

ପଦ୍ମପୁର,୬।୩(ସମିସ)



ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦର ଉପଦେଷ୍ଟା ସଂଗ୍ରାମୀ ସଞ୍ଜୟ ବହିଦାର ଓ କେନ୍ଦ୍ରୀୟ ଆବାହକ ସଂଗ୍ରାମୀ ରାଜକୁମାର ସେଠ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଭୟଙ୍କର ଲଢେଇ ହେବ ବୋଲି ଚେତାବନୀ ଦେଇଛନ୍ତି। ଓଡ଼ିଶା ସରକାର ଏବଂ କେନ୍ଦ୍ର ସରକାର ଗନ୍ଧମାର୍ଦ୍ଦନରେ ଖଣି ଖନନ ପାଇଁ ପରୋକ୍ଷରେ ମସୁଧା ଚଳାଇଛନ୍ତି ବୋଲି ଆରୋପ ଲଗାଇଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି.କିଶନ ରେଡୀଙ୍କ ଏକପତ୍ର ଏଥିରେ ପ୍ରମାଣ ଭାବରେ ଉପସ୍ଥାପନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟଯେ, ବଲାଙ୍ଗିର ଲୋକସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂହଦେଓ ୧୮ତମ ଲୋକସଭାର ୭ମ ଅଧିବେଶନରେ ନିୟମ ୩୭୭ ଅନୁସାରେ ଗନ୍ଧମାର୍ଦ୍ଦନ ନିକଟସ୍ଥ ପାହାଡ ମାନଙ୍କ ରେ ଥିବା ଗ୍ରାଫାଇଡ୍, ମାଙ୍ଗାନିଜ୍ ଓ ଅନ୍ୟ ସମ୍ବନ୍ଧିତ ଖଣିଜ ଦ୍ରବ୍ୟର ଖନନ ପାଇଁ ପ୍ରସ୍ତାବ ଦେଇଥିଲେ। ଶ୍ରୀମତୀ ସିଂହଦେଓଙ୍କ ପ୍ରସ୍ତାବ କ୍ରମେ କେନ୍ଦ୍ର ସରକାର ଗନ୍ଧମାର୍ଦ୍ଦନ ପର୍ବତମାଳାର ନିକଟରେ ଥିବା ବୈରାପାଲି ଗ୍ରାଫାଇଡ୍ ବ୍ଲକ, ବାବଜ ଗ୍ରାଫାଇଡ୍ ଏବଂ ମାଙ୍ଗାନିଜ ତଥା ସହାୟକ ମିନିରାଲସ୍ ବ୍ଲକ, କନ୍ଦେଇଟାଲ ଗ୍ରାଫାଇଡ୍ ଏବଂ ମାଙ୍ଗାନିଜ୍ ତଥା ସହାୟକ ମିନିରିଲସ୍ ବ୍ଲକ ଭଳି ୬ ଟି ଗୁରୁତ୍ୱ ବ୍ଲକକୁ ଆର୍ଥିକ ବର୍ଷ ୨୦୨୩ ରୁ ୨୦୨୫-୨୬ ମଧ୍ୟରେ କମ୍ପାନୀ ମାନଙ୍କୁ ନିଲାମ କରିଛନ୍ତି।

ଏହା ବ୍ୟତୀତ ତେଲିପଦର- ଲୁକାପଡା- ପିପଲମୁଣ୍ଡା ଲାଇମଷ୍ଟୋନ୍, ଦଣ୍ଡପାଣି ବ୍ଲକ ସ୍ଥିତ ମାଙ୍ଗାନିଜ, ଗ୍ରାଫାଇଡ ଓ ରେଙ୍ଗାଲି, ତମିଆ, ହରଡାଟାଲ, ବେହେରାମୁଣ୍ଡା, ମାଗୁରଜଙ୍ଗଲ- ଡୁରେଇକେଲା, ଉଛବପାଲି- ଠେକୁରପାଲି, ଖଏରମାଲ, ଆମପାଲି ଭଳି ବଲାଙ୍ଗୀର ଜିଲ୍ଲାରେ ଥିବା ମାଙ୍ଗାନିଜ, ଗ୍ରାଫାଇଡ, ଚୂନପଥର, ତଥା ସହାୟକ ଖଣିଜଦ୍ରବ୍ୟର ଅନୁସନ୍ଧାନ ଓ ପ୍ରସ୍ତୁତିର ବିଭିନ୍ନ ପର୍ଯ୍ୟାୟରେ ଅଛି। ଅର୍ଥାତ୍ ଏହି ଦଶଟି ଖଣିଭିତ୍ତିକ ବ୍ଲକ ସବୁ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ନିଲାମ କରାହେବ। କେନ୍ଦ୍ର ସରକାର- ଓଡ଼ିଶା ସରକାର ନୃସିଂହନାଥ ଗନ୍ଧମାର୍ଦ୍ଦନର ସାମାନ୍ୟ ବିକାଶ ପାଇଁ ମଧ୍ୟ କୌଣସି ପଦକ୍ଷେପ ନେଇ ନଥିବା ବେଳେ ଓଲଟି ଗନ୍ଧମାର୍ଦ୍ଦନ ନିକଟବର୍ତ୍ତୀ ଅଞ୍ଚଳରେ ଖଣି ଖନନ ପ୍ରକ୍ରିୟା ଜାରି ରଖିଥିବା ସହ ପର୍ବତ ଅଞ୍ଚଳରେ ଥିବା ବିପୁଳ ପରିମାଣରେ ଉନ୍ନତ ମାନର ଗ୍ରାଫାଇଡ ଭଣ୍ଡାରପ୍ରତି ପରୋକ୍ଷରେ ଲୋଲୁପଦୃଷ୍ଟି ପକାଉଛନ୍ତି ବୋଲି ପରିଷଦ ତରଫରୁ ତୀବ୍ର ସମାଲୋଚନା କରାଯିବା ସହ ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଭୟଙ୍କର ଲଢେଇ ହେବ ବୋଲି ଚେତାବନୀ ଦିଆଯାଇଛି।

# ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହେଲେ ବରଗଡ଼ର ନାରୀ ପ୍ରତିଭା

ବରଗଡ଼,୬। ୩(ସମିସ): ନୂଆଦିଲ୍ଲୀର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବସନ୍ତ ଫାଉଣ୍ଡେସନ ପକ୍ଷରୁ ସମ୍ବଲପୁର ତପସ୍ୱିନୀ ହଲଠାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳ କାର୍ଯ୍ୟ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବରଗଡ଼ର ସ୍ମଶାନ ବନ୍ଧୁ ସଂଘମିତ୍ରା ପଟେଲ, ବିଶିଷ୍ଟ କବିୟତ୍ରୀ ଡ.ସଂଗୀତା ରଥ, ଏକାଧିକ ମାଷ୍ଟର ଗେମ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ଭଉଣୀ ଦ୍ୱୟ- ଅନୁପମା ଘିବିଲା ଓ ଅରୁଣା ଘିବିଲା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆଦିଲ୍ଲୀର ସଂଗଠନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବାରୁ ବରଗଡ଼ରେ ଖୁସିର ଲହରୀ ଖେଳିଯାଇଛି।




# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ୧୫ ବସ୍ତା ଧାନ ଗାଏବ

ବରଗଡ଼,୬। ୩(ସମିସ): ବରଗଡ଼ ଜିଲ୍ଲାପାଳ ଅଫିସରେ ଧାନ ପକାଇ ଧାରଣା ଦେଇଥିବା ଚାଷୀଙ୍କ ଧାନ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ନୀଳାଞ୍ଚଳ ଦେହେରୀ, ତିଳରାମ ଦେହେରୀ, ପ୍ରଭାତ ଦେହେରୀ, ଦେବେନ୍ଦ୍ର ଛୁରିଆ, କିଶୋର ଦେହେରୀ, ବୀରେନ୍ଦ୍ର ଦେହେରୀ, ଅଶ୍ୱିନୀ ଦେହେରୀ ପ୍ରମୁଖ ଟାଉନଥାନାରେ ଲିଖିତ ଏଫଆଇଆର୍ ଦେଇଛନ୍ତି। ପ୍ରକାଶ ଥାଉକି ଜିଲ୍ଲାରେ ପଞ୍ଜିକରଣରୁ ବାଦ ପଡ଼ିଥିବା ହଜାର ହଜାର ଚାଷୀମାନେ ଟୋକନ ଆସିବ, ଧାନ ବିକ୍ରି ହେବା ଆଶାନେଇ ଜିଲ୍ଲାର ବିଭିନ୍ନ ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ପକାଇଛନ୍ତି ଏବଂ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀ ମାନଙ୍କୁ ଭେଟି ଏହି ସମସ୍ୟାର ସମାଧାନ କରିବାକୁ ନିବେଦନ କରିଛନ୍ତି। ପ୍ରଶାସନିକସ୍ତରରେ ଅପେକ୍ଷକର ଟୋକନ ଆସିବ କହି ଆଶ୍ୱାସନା ଦେଉଛନ୍ତି ହେଲେ ଟୋକନ ନାହିଁ କି ଧାନ କିଣା ହେଉନାହିଁ। ସେଥିପାଇଁ ଚାଷୀମାନେ ବାଧହୋଇ ଗତ କାଲି ଜିଲ୍ଲାପାଳ ଅଫିସରେ ତାଙ୍କର କଷ୍ଟ ଉପାର୍ଜିତ ଧାନ ପକାଇ ଧାରଣାରେ ବସିଥିଲେ। ଦିନ ୨ ଟା ପର୍ଯ୍ୟନ୍ତ କୌଣସି ଅଧିକାରୀ ଆଲୋଚନା ପାଇଁ ନ ଆସିବାରୁ କାର୍ଯ୍ୟରତ ଥିବା ପୁଲିସ ମାନଙ୍କ ଉପସ୍ଥିତିରେ ଧାନ ଛାଡ଼ି ଘରକୁ ଯିବା ଘୋଷଣା କରିଥିଲେ। ଆଜି ସକାଳୁ ଆସି ଦେଖିଲା ବେଳେ ପକାଇଥିବା ଧାନ ନାହିଁ। ଟାଉନ ପୁଲିସକୁ ଫୋନ କରିବାରୁ ଡିଆରସିଏସ୍‌ଙ୍କୁ ପଚାରି ବୁଝିବା ପାଇଁ କହିଥିଲେ, ବିଭଗୀୟ ଅଧିକାରୀ ଏହି ପ୍ରସଙ୍ଗରେ କିଛି ଜାଣିନଥିବା କହିଛନ୍ତି।



# ଜଗଦଳପୁର ଥାନାରେ ନୂଆ ଥାନାଧିକାରୀ ନିଯୁକ୍ତ

ପଦ୍ମପୁର,୬।୩(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ଜଗଦଳପୁର ଥାନାରେ ନୂତନ ଥାନାଧିକାରୀ ଭାବେ ଦୀପ୍ତିରଞ୍ଜନ ଦିଗାଲଙ୍କୁ ନିଯୁକ୍ତ କରାଯାଇଛି। ଗତ ୧ତାରିଖରେ ଏହି ଥାନାର ଆଇନ ଶୃଙ୍ଖଳା ସମସ୍ୟା ସମ୍ପର୍କରେ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ସ୍ଥାନୀୟ ଅଞ୍ଚଳରେ ଆଇନ-ଶୃଙ୍ଖଳା ସୁଦୃଢ଼ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟା ର ଶୀଘ୍ର ସମାଧାନ କରିବାକୁ ନୂତନ ଥାନାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଥାନାରେ ମହିଳା କର୍ମଚାରୀ ନ ଥିବାରୁ ତୁରନ୍ତ ନିଯୁକ୍ତ କରିବାକୁ ଦାବି ହୋଇଛି।

# ବ୍ରାଉନସୁଗର ଜବତ, ଜଣେ କୋର୍ଟ ଚାଲାଣ

ଅତାବିରା,୬।୩(ସମିସ): ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଅତାବିରା ପୁଲିସ ଜାତୀୟ ରାଜପଥ(୫୩) ସରଣ୍ଡା ଛକରେ ସନ୍ଦେହରେ ଜଣେ ସ୍କୁଟି ଚାଳକଙ୍କୁ ଯାଞ୍ଚ କରି ୭ ଗ୍ରାମ ୯୩୦ ମିଲିଗ୍ରାମ ପରିମାଣର ବ୍ରାଉନ ସୁଗର ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଭୁଇଁପୁରା ଗ୍ରାମର ଶୁଭମ ତ୍ରିପାଠୀ(୨୯)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ସହିତ ବ୍ୟବହୃତ ସ୍କୁଟି, ମୋବାଇଲ ଫୋନ ଓ ୧୨୦୦ ଟଙ୍କା ଜବତ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ଭେଡେନ ବ୍ଲକରେ କଂଗ୍ରେସର ସାଂଗଠନିକ ବୈଠକ

ଭେଡେନ,୬।୩(ସମିସ): ଭେଡେନ ବ୍ଲକ୍ ଅଧୀନ ରେମଣ୍ଡା, ଅରେଇଗୁଡ଼ି, ଲୁପୁରସିଂହା, ରେଶମଠାରେ ଭେଡେନ ବ୍ଲକ କଂଗ୍ରେସର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଭବାନୀ ପାଢୀ, ବ୍ଲକ୍ କିଶାନ କଂଗ୍ରେସ ସଭାପତି ମାଧବ ସାହୁ, ଦୋଳଗୋବିନ୍ଦ ବେହେରା, ଗୋବିନ୍ଦ ସାହୁ, ସଞ୍ଜୟ ନନ୍ଦ, ଦିଲୀପ ଦାଶ, ପଞ୍ଚାନନ ଭଏନା, ମହିଳା ସମ୍ପାଦକ ମିନାକ୍ଷୀ ସାହୁ, ଆର୍ତ୍ତ ସାହୁ, ଅଲେଖ ବେହେରା, ଭାଗରଥୀ ସୁନା, ନିତେଶ ସାହୁ, ରାକେଶ ରୋଷଣ ଦାଶ, ନାରାୟଣ ବଗର୍ତ୍ତ, ଜୟକୁମାର ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ସର୍ବସମ୍ମତି କ୍ରମେ ରେମଣ୍ଡାର ଜାପାନୀ ସାହୁ, ଲୁପୁରସିଂହାର ପ୍ରବୀଣ ବାଗ, ଅରେଇଗୁଡ଼ିର ନିତ୍ୟାନନ୍ଦ ସୁନା, ରେଶମର ଗନ୍ନାଥ ସୁନା ଓ ଅନିରୁଦ୍ଧ କୁମ୍ଭାରଙ୍କୁ ପଞ୍ଚାୟତ ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ ରେଶମ ପଞ୍ଚାୟତର ଉପସଭାପତି ଓ ସମ୍ପାଦକ ଭାବରେ ଭୋଜରାଜ ମହାନନ୍ଦ ଓ ବଲବନ୍ତ ସିକାଙ୍କୁ ମନୋନୀତ କରାଯାଇଛି।

# ବରଗଡ଼ରେ ସାଇବର ଥାନା ଉଦ୍‌ଘାଟିତ




ବରଗଡ଼,୬। ୩(ସମିସ): ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡରେ ଆଭାସି ମାଧ୍ୟମରେ କେନ୍ଦ୍ରୀୟ ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା ନୂତନ ସାଇବର ଥାନା। ଶୁକ୍ରବାର ସନ୍ଧ୍ୟା ସମୟରେ ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଆଇଜି ହିମାଂଶୁ ଲାଲ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ଓ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ, ଏସଡିପିଓ ପଦାର ବିନ୍ଦ ତ୍ରିପାଠୀ, ଟାଉନ୍ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର, ଟ୍ରାଫିକ ଇନ୍ସପେକ୍ଟର ମଙ୍ଗଳ କିସ୍କୋ ଉପସ୍ଥିତ ରହିଥିଲେ।

ବରଗଡ଼ ଜିଲ୍ଲାରେ ସାଇବର ଠକେଇକୁ ନେଇ ଅଭିଯୋଗ ବଢୁଥିବାବେଳେ ଜନସାଧାରଣ ମାନେ ସାଇବର ଥାନା ପାଇଁ ଦାବି କରିଥିଲେ, ଯାହା ଆଜି ପୂରଣ ହୋଇଛି ବୋଲି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି।

● ଡ.ରେମଶ ଚନ୍ଦ୍ର ମାଝୀଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ

# ସମ୍ବଲପୁରୀ କାବ୍ୟ 'ପୁରାଣ କଥା' ଉନ୍ମୋଚିତ




ବରଗଡ଼,୬। ୩(ସମିସ): ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଡ.ରମେଶ ଚନ୍ଦ୍ର ମାଝୀଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ସମ୍ମିଳନୀ କକ୍ଷରେ ସଭାପତି ତରଣୀସେନ ବୁଦ୍ଧିଆଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ମାଝୀଙ୍କ ରଚିତ ସମ୍ବଲପୁରୀ କାବ୍ୟ ପୁରାଣ କଥା ପୁସ୍ତକ ଉନ୍ମୋଚିତ କରାଯାଇଥିଲା। ଏହି ସଭାରେ ବିଶିଷ୍ଟ ଅତିଥି ଭାବେ ଡାକ୍ତର ପ୍ରତାପ କିଶୋର ଖମାରୀ ତଥା ମୁଖ୍ୟବକ୍ତା ଭାବେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟାପିକା ସୁନନ୍ଦିନୀ ଦାଶ, ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ମାଝୀ, ସମୀକ୍ଷକ ଅଧ୍ୟାପକ ଡ. ଶେଷନ ବିଶି ଯୋଗଦେଇ ଥିଲେ। ଏହା ପୂର୍ବରୁ କୁମାରୀ ସୁପ୍ରୀତି ଭୋଇ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ସାହିତ୍ୟିକ ମନୋରଞ୍ଜନ ମେହେର ସଂଯୋଜନା କରିଥିବା ବେଳେ ସର୍ଦ୍ଦାର ପ୍ରିତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକଲବ୍ୟ ମଡେଲ ସ୍କୁଲ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ

ପାଇକମାଳ,୬।୩(ସମିସ): ପାଇକମାଳ ବ୍ଲକ୍ ଝାରବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର କୁନାଲ ପୁଝାରୀଙ୍କୁ ବିଦ୍ୟାଳ୍ୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାହୋଇଛି। ସେ ଚଳିତ ବର୍ଷ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଏକଲବ୍ୟ ମଡେଲ ସ୍କୁଲ ପ୍ରବେଶିକା ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ପ୍ରଧାନଶିକ୍ଷକ ସହଦେବ ଧରୁଆ, ମୁକୁନ୍ଦ ଝାଙ୍କର, ପଦ୍ମଲୋଚନ ଧରୁଆ, ଅଶୋକ ସାହୁ, ଭେରିନାଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# କବିରାଜ ମଙ୍ଗଳ ପତିଙ୍କ ଦେହାନ୍ତ



ବରଗଡ଼,୬। ୩(ସମିସ): ସୋହେଲା ବ୍ଲକ୍ ଅଧୀନ ଜାମଛାପର ଗ୍ରାମର ବରିଷ୍ଠ ଓ ପ୍ରସିଦ୍ଧ କବିରାଜ ମଙ୍ଗଳ ପତିଙ୍କ ୯୯ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ଦେହାବସାନ ଖବର ପ୍ରଚାର ପାଇବା ସହିତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମଙ୍ଗଳ ପତି ଦୀର୍ଘ ବର୍ଷ ଧରି କବିରାଜି ଚିକିତ୍ସା ସେବାରେ ନିୟୋଜିତ ଥିଲେ। ତାଙ୍କ ଔଷଧ ଓ ନିଷ୍ଠାପୂର୍ଣ୍ଣ ସେବା ଫଳରେ ସେ ସମସ୍ତଙ୍କ ଭରସା ଓ ସମ୍ମାନର ପାତ୍ର ହୋଇଥିଲେ। ବିଶେଷକରି ଗରିବ ଓ ଅସହାୟ ଲୋକଙ୍କ ପାଇଁ ସେ ଏକ ଆଶାର ପ୍ରତୀକ ଥିଲେ। ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ପ୍ରକାଶ ଚନ୍ଦ୍ର ଦେବତା, ଭଟଲି ବିଧାୟକ ଇରାଷିସ ଆଚାର୍ଯ୍ୟ, ଭଟଲି ବ୍ଲକ ଚେୟାରମ୍ୟାନ ନିତ୍ୟାନନ୍ଦ ପ୍ରଧାନ, ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ, ପ୍ରହଲ୍ଲାଦ ପତି ଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ ଓ ସ୍ଥାନୀୟ ବ୍ୟକ୍ତିବର୍ଗ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ପୂର୍ଣ୍ଣଚନ୍ଦ୍ର ପାଣ୍ଡେଙ୍କ ପରଲୋକ

ଝାରବନ୍ଧ,୬।୩(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକର ସରଗୁଲ ଗ୍ରାମର ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପାଣ୍ଡେଙ୍କ ପରଲୋକ ଘଟିଛି। ମୃତ୍ୟୁବେଳେ ତାଙ୍କ ବୟସ ୭୬ ବର୍ଷ ହୋଇଥିଲା। ସେ ପରୋପକାରୀ, ଧାର୍ମିକ ସ୍ୱଭାବର ଜଣେ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ସେ ନିଜ ଜୀବନକାଳରେ କେନ୍ଦୁପତ୍ର ବିଭାଗରେ ଚେକର ଭାବେ କାମ କରି ଚାକିରିରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ସମଗ୍ର ଝାରବନ୍ଧ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ନିଜ ପଛରେ ପୁତ୍ର, ପୁତ୍ରବଧୂ, ଭାଇ, ଭାଉଜ, ଭଉଣୀ, ଭଣଜା, ଭାଣିଜୀ ସହ ନାତି-ନାତୁଣୀମାନଙ୍କୁ ଛାଡ଼ି ଚାଲିଯାଇଛନ୍ତି। ସରଗୁଲ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ତ୍ରିଲୋଚନ ପାଣ୍ଡେ ମୁଖାଗ୍ନି ଦେଇଥିଲେ।



# ଷୋହଳପ୍ରହରୀ ନାମଯଜ୍ଞ ପାଇଁ ଭୂମି ପୂଜନ

ଦହିତା,୬।୩(ସମିସ): ପଦ୍ମପୁର ବ୍ଲକ୍ ଅଧୀନସ୍ଥ ବୁବୁଡ଼ା ଗ୍ରାମର ୧୬ ପ୍ରହରୀନାମଯଜ୍ଞ ନିମନ୍ତେ ଶୁକ୍ରବାର ନାମଯଜ୍ଞ ମଣ୍ଡପ ସମ୍ମୁଖରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଗୌନ୍ତିଆ ଡିଲେଶ୍ୱର ବରିହାଙ୍କ ନେତୃତ୍ୱରେ ସକାଳ ୬ରୁ ବ୍ରହ୍ମା ପଣ୍ଡିତ ପୂଜକ ପରମେଶ୍ୱର ଦାଶ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଗ୍ରାମର ସଦସ୍ୟ ରାଜିବ ବିଶି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ନାମଯଜ୍ଞ କମିଟିର ସଦସ୍ୟ - ଅର୍ଜୁନ ବଡ଼ଗୁଛିଆ, ବିରେନ କୁମାର ଦାଶ, ଧନଞ୍ଜୟ ବୁଡେକ, କ୍ଷୀରନ୍ଧର ବରିହା, ଟିକେଶ୍ୱର ବରିହା, ହେମନ୍ତ ବଡ଼ଗୁଛିଆ, ତରଣୀ ସାହୁ, ପଙ୍କଜ ସାହୁ, ଜଗବନ୍ଧୁ ସାହୁ, କୁଳମଣି ମେହେର, ଜୟଲାଲ ବିଶି, ଅମୃତ ବରିହା, କେତନ ବରିହା, କୁବେର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଚ୍ଚ ୨୦ ତାରିଖ ସକାଳ ୭ ଟା ସମୟରେ କଳସ ଯାତ୍ରା ଅନୁଷ୍ଠିତ ହେବାକୁ ରହିଥିବାବେଳେ ଅପରାହ୍ନ ୧୨ଟା ସୟମରେ ଅଖଣ୍ଡ ନାମ ଆରମ୍ଭ ହେବ ବୋଲି କମିଟି ସୂତ୍ରରୁ ସୂଚନା ମିଳିଛି।

# ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମ୍ମିଳନୀ ଓ ରାଷ୍ଟ୍ରରକ୍ଷା ଯଜ୍ଞ ସମ୍ପନ୍ନ

ପଦ୍ମପୁର,୬।୩(ସମିସ)




ପଶ୍ଚିମ ଓଡ଼ିଶା ଆର୍ଯ୍ୟସମାଜ ଓ ବରଗଡ଼ ଜିଲ୍ଲା ଆର୍ଯ୍ୟସମାଜର ମିଳିତ ଆନୁକୂଲ୍ୟରେ ପଦ୍ମପୁର ଶିଶୁ ବିଦ୍ୟା ମନ୍ଦିରେର ଜିଲ୍ଲସ୍ତରୀୟ ବାର୍ଷିକ ଉତ୍ସବ ଏବଂ ଆର୍ଯ୍ୟ ମହା ସମ୍ମେଳନ ଓ ୧୫୧ କୁଣ୍ଡୀୟ ରାଷ୍ଟ୍ରରକ୍ଷା ମହାଯଜ୍ଞ ହୋଇଯାଇଛି। କରମଚାନ୍ଦ ମେହେରଙ୍କ ତତ୍ତ୍ୱାବଧାନରେ ଦେବଯଜ୍ଞ ବିଦ୍ୱାନ୍ ମଣ୍ଡଳୀ, ମାତୃଶକ୍ତିଙ୍କ ସହଯୋଗରେ ବୈଦିକ ବିଦ୍ୱାନ୍ ଆଚାର୍ଯ୍ୟ ବିରୋଚନ ଶାସ୍ତ୍ରୀ, ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀଙ୍କ ବ୍ରହ୍ମତ୍ୱ ଓ ରାମଚନ୍ଦ୍ର ମେହେର ସପତ୍ନୀକ ଯଜମାନ ଭାବେ ଅଂଶଗ୍ରହଣ କରିଥିଲେ। ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ସମ୍ପାଦକ ରାଜ ବରାଡ, ପଶ୍ଚିମ ଓଡ଼ିଶା ଆର୍ଯ୍ୟସମାଜ ସଂଗଠନ ମହାମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର ଓ ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ କୃଷ୍ଣ ଦେବ ଶାସ୍ତ୍ରୀଙ୍କ ସମେତ ବହୁ ବିଦ୍ୱତ୍ ମଣ୍ଡଳୀ ଉପସ୍ଥିତ ଥିଲେ। ନବ ପ୍ରଭାତ ବୈଦିକ ଗୁରୁକୁଳ ଆଶ୍ରମର ବ୍ରହ୍ମଚାରୀ, ଆଚାର୍ଯ୍ୟ ପୁରନ୍ଦର, ଆଚାର୍ଯ୍ୟ ବେଦ ପ୍ରକାଶ, ବୈଦିକ ବିଦ୍ୱାନ୍ ବିରୋଚନ, ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ, ଶିବପ୍ରସାଦ ପାତ୍ର, ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ପରେ ବରିହାପାଲି ଗାଁର ମାତୃଭଜନ ମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ସ୍ୱାମୀ ସୋମବେଶ ସରସ୍ୱତୀ, ପଣ୍ଡିତ ଧନୁର୍ଧର ମହାପାତ୍ର, ପୂର୍ଣ୍ଣା ନନ୍ଦ ଶାସ୍ତ୍ରୀ, ଶିବ ପ୍ରସାଦ ପାତ୍ର, ଗୋପବନ୍ଧୁ ପୁରୋହିତ, ଆଚାର୍ଯ୍ୟ ପ୍ରେମପ୍ରକାଶ ଶାସ୍ତ୍ରୀ, ସୁରେଶ୍ୱର ମୁନି, ପୀତାମ୍ବର ସାହୁ ବୈଶାଖୁ ସେଟ୍ ତଥା ଅନ୍ୟାନ୍ୟ ବୈଦିକ ବିଦ୍ୱାନ୍ ମାନେ ବୈଦିକ ସିଦ୍ଧାନ୍ତ ଆଧାରିତ ପ୍ରବଚନ ଦେଇଥିଲେ। ମୁଖ୍ୟ ସଂଯୋଜକ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ନାରୀ ମାନଙ୍କ ଭୂମିକା ଓ ଦାୟିତ୍ୱ ଓ ସମାଜ ପ୍ରତି ଅବଦାନ ସମ୍ପର୍କରେ ଅଭିମତ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଆର୍ଯ୍ୟ ସମାଜର ୧୫୦ ତମ ପ୍ରତିଷ୍ଠା ଦିବସ ଅବସରରେ ୧୫୧କୁଣ୍ଡୀୟ ରାଷ୍ଟ୍ରରକ୍ଷା ଯଜ୍ଞ ଅନୁଷ୍ଠିତ ହୋଇ ପୂର୍ଣ୍ଣାହୂତି ହୋଇଥିଲା।

# ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

ଘେଁସ,୬।୩(ସମିସ): ଘେଁସ, ବଡଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦିରେ ଶ୍ରୀକୃଷ୍ଣ ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପେଟୁପାଲି ନିବାସୀ କମଳାକାନ୍ତ ଜାଲ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇ ଥିବା ବେଳେ ପଣ୍ଡିତ ବାଚସ୍ପତି ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

ଝାଲପାଲି ଗାଁର ରାଧାମାଧବ ସଙ୍କୀର୍ତ୍ତନ ମଣ୍ଡଳୀର ଗାୟିକା ଦୃପତି ଭୁଏ ଭାଗବତ ପାରାୟଣ ସହିତ ଗୌରାଙ୍ଗ ଜନ୍ମ ଚରିତ୍ର ନିଖୁଣ ଭାବେ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରର ଭଗିରଥ ମେହେର, ନୀଳମଣି ଭୁଏ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ରମେଶ ବାରିକ, ସମ୍ମାନିତ ଅତିଥି ଦିବ୍ୟ କିଶୋର ପଧାନ ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତା ମନରଞ୍ଜନ ବାଘ, କଟାପାଲି, (ବିନକା) ସମ୍ମାନିତ ବକ୍ତା ଭାଗିରଥି ସାହୁ, ବାଉସେନ ମୁଣ୍ଡା (ଧମା) ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ସଭାପତି କମଳାକାନ୍ତ ଜାଲ, ସମ୍ପାଦକ ରକ୍ଷାକାରି ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧିଆ, ସାଧୁରାମ ଗିଙ୍ଗିରା ସହିତ ଏ ଅଞ୍ଚଳ ଯୁବଗୋଷ୍ଠୀ ଭକ୍ତ ମାନେ ସହଯୋଗ କରିଥିଲେ।

# ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ







**ଝାରସୁଗୁଡ଼ା, ୬।୩(ସମିସ)**

ଝାରସୁଗୁଡ଼ା ଜିଲ୍ଲାର ପ୍ରଥମ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଶୁକ୍ରବାର ଅପରାହ୍ଣରେ ଏଚ୍ କଣ୍ଟାପାଲି ସ୍ଥିତ ସଦରଥାନା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଇଡ଼କୋ ଗ୍ରାଉଣ୍ଡରୁ ଭିଡିଓ କନ୍‌ଫେରେନ୍ସ ଦ୍ୱାରା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଥାନାର ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର, ଏସଡିପିଓ ଉମାଶଙ୍କର ସିଂ, ସଦରଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ, ବିଭିନ୍ନ ସଂଗଠନର ମୁଖ୍ୟ, ଜନ ପ୍ରତିନିଧି, ସମାଜସେବୀ, ବରିଷ୍ଠ ଓକିଲ, ବହୁ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

**ଦେବଗଡ଼:** ଦେବଗଡ଼ରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଆଜି ଉଦଘାଟିତ ହୋଇଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହା ମାଧ୍ୟମରେ ସାଇବର ଠକେଇ, ଅନଲାଇନ ଅର୍ଥ ଠକେଇ ସହିତ ବିଭିନ୍ନ ଡିଜିଟାଲ ଅପରାଧ ସମ୍ବନ୍ଧୀୟ ଅଭିଯୋଗ ଉପରେ ଦ୍ୱରିତ ତଦନ୍ତ କରାଯିବ। ଏହା ଦ୍ୱାରା ଜିଲ୍ଲାର ଲୋକମାନେ ସାଇବର ଅପରାଧ ସମ୍ପର୍କରେ ସହଜରେ ନ୍ୟାୟ ପାଇବେ ବୋଲି ଦେବଗଡ଼ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର ସାହୁ, ଦେବଗଡ଼ ବନଖଣ୍ଡ ଅଧିକାରୀଣୀ ରଶ୍ମୀ ଜୀ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର, ଉପଜିଲ୍ଲାପାଳ ପରକ୍ଷୀତ ସାହୁ, ଏସ୍‌ଡିପିଓ ରମେଶ ଚନ୍ଦ୍ର ମାହାନା, ଡିଏସ୍‌ପି ପବିତ୍ର କିସାନ ଓ ଅମୂଲ୍ୟ ପୁନମ ଲାକ୍ରା, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ଦେବଗଡ଼ ପୌର ପରିଷଦ ୧୦ ନମ୍ବର ୱାର୍ଡର କାଉନସିଲର ଈତିଶ୍ରୀ ମିଶ୍ରଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି, ଜିଲ୍ଲା ପୁଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ; ମହିଳା ଗିରଫ

**ଝାରସୁଗୁଡ଼ା, ୬।୩(ସମିସ):** ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବ୍ରଜରାଜନଗର ପୁଲିସ। ଅଭିଯୁକ୍ତ ନିକଟରୁ ପୁଲିସ ୨କେଜି ୯୯୦ ଗ୍ରାମ ଗଞ୍ଜେଇକୁ ଜବତ କରିଛି। ଝାରସୁଗୁଡା ଜିଲ୍ଲାରେ ବେଆଇନ କାର୍ଯ୍ୟକଳାପ ରୋକିବାକୁ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ଅପରେସନ ନେତ୍ର ଅଧୀନରେ ଶୁକ୍ରବାର ବ୍ରଜରାଜନଗର ଥାନା ପୁଲିସ ଚଢ଼ଉ କରି ୨ କେଜି ୯୯୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମହିଳା ଜଣକ ବ୍ରଜରାଜନଗର ଥାନା ଅଞ୍ଚଳର ରୁକ୍ମଣୀ ସା ବୋଲି ଜଣାପଡ଼ିଛି। ଅଭିଯୁକ୍ତଙ୍କ ନିକଟରୁ ଉପରୋକ୍ତ ପରିମାଣର ଗଞ୍ଜେଇ ସହିତ ଗୋଟିଏ ମୋବାଇଲ, ନଗଦ ୧ ଲକ୍ଷ ୧୪ ହଜାର ୬୦୦ ଟଙ୍କା ଜବତ କରାଯାଇଥିବା ନେଇ ପୁଲିସ ସୂଚାଇଛି।



# ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଯୋଗ ଶିବିର



**ଦେବଗଡ଼, ୬।୩(ସମିସ):** ଆନ୍ତର୍ଜାତିକ ମହିଳା ଦିବସ ପରିପ୍ରେକ୍ଷୀରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ମହିଳାଙ୍କ ପାଇଁ ଏକ ତିନିଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ଆଜି ପ୍ରଥମ ଦିବସରେ ଇଣ୍ଡୋର୍ ଷ୍ଟାଡିୟମ୍‌ଠାରେ 'ଶକ୍ତି ସ୍ୱରୁପିଣି' ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ବରୋଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଯୋଗଦେଇ ଯୋଗ ଶିବିରକୁ ଶୁଭାରମ୍ଭ କରିଥିଲେ। ଯୋଗଗୁରୁ ପରିବାର ବିଦ୍ୟାଳୟ ଟ୍ରଷ୍ଟ ଆଚାର୍ଯ୍ୟ ଲେଖରାଜ ମହିଳାଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଶନିବାର ଦ୍ୱିତୀୟ ଦିବସର ଶୀର୍ଷକ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ରଖାଯାଇଥିବା ବେଳେ ଏହି ଦିନ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଶିବିର ଏବଂ ଆତ୍ମରକ୍ଷା ପାଇଁ କରାଟେ ଟ୍ରେନିଂ ଆୟୋଜନ କରାଯିବ। ଅନ୍ତିମ ଦିବସରେ ଆନ୍ତର୍ଜାତିକ ମହିଳା ଦିବସର ବିଷୟ ବସ୍ତୁ 'ଶକ୍ତିର ଗତି ରାଷ୍ଟ୍ର ର ପ୍ରଗତି' ୱାକାଥନ୍ ଅନୁଷ୍ଠିତ ହେବ। ଏହାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିବା ବେଳେ ସହକାରୀ ଜିଲ୍ଲାପାଳ ତଥା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ 'ସୂଚନା ଅଧିକାର ଆଇନ' ପ୍ରଶିକ୍ଷଣ କର୍ମଶାଳା

**ଦେବଗଡ଼, ୬।୩(ସମିସ):** ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ 'ସୂଚନା ଅଧିକାର ଆଇନ ୨୦୦୫' ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଜିଲ୍ଲାପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। 'ସୂଚନା ଅଧିକାର ଆଇନ୍ -୨୦୦୫' ସମ୍ପର୍କିତ ପ୍ରତ୍ୟେକ କାର୍ଯ୍ୟାଳୟରେ ଜଣେ ସହକାରୀ ଲୋକ ସୂଚନା ଅଧିକାରୀ କିପରି ଭାବରେ ସୂଚନା ପ୍ରଦାନ କରିବେ ସେ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ସୂଚନା ଅଧିକାର ମାଷ୍ଟର ଟ୍ରେନର ରଞ୍ଜନ କୁମାର ବକ୍ସି ତାଲିମ ପ୍ରଦାନ କରିଥିଲେ। ସୂଚନା ଅଧିକାର ଆଇନ ୨୦୦୫ ଉପଲକ୍ଷେ ହୋଇଥିବା ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ଦେବଗଡ଼ ମହାବିଦ୍ୟାଳୟର ସୀତାରାମ ପ୍ରଧାନ, ଆଦର୍ଶ ମହାବିଦ୍ୟାଳୟର ଦିବ୍ୟଜ୍ୟୋତି ସୂତାର, ଜବାହର ନବୋଦୟ ବିଦ୍ୟାଳୟର ଆୟୁଷ କୁମାର ସାହୁ ଓ ଓଡ଼ିଆ ବକ୍ତୃତାରେ ଦେବଗଡ଼ ମହାବିଦ୍ୟାଳୟର ସରୋଜ ପାଣିଗ୍ରାହୀ, ଆଦର୍ଶ ମହାବିଦ୍ୟାଳୟର ଦୀପକ ଭେଲେଇ, ନୀତେଶ କୁମାର ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା।



ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ କାର୍ଯ୍ୟରତ ଜନ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ ପ୍ରାଧିକରଣ ସମେତ ଜିଲ୍ଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ନିୟୋଜନ ଅଧିକାରୀ କେ. ରୋଜା ଡୋରା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର୍, ସହକାରୀ ଜିଲ୍ଲାପାଳ ତାପସ କୁମାର ମହନ୍ତ, ହେମନ୍ତ ସିଂ, ଈଶ୍ୱର ଗୁରୁ, ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ରାମଚନ୍ଦ୍ର ମହାପାତ୍ର, ଭାଗିରଥି ଦ୍ୱିବେଦୀ, ଗୌରହରି ଷଡଙ୍ଗୀ, ଭୁବନେଶ୍ୱର ପ୍ରଧାନ, ଅଧ୍ୟାପକ ଡ. ଭାରତ ଭୁଷଣ ନନ୍ଦ ଓ ଅଧ୍ୟାପକ ଚିତ୍ତ ରଞ୍ଜନ ଦାସ, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

# 'ସୂଚନା ଅଧିକାର ଅଧିନିୟମ' ବକ୍ତୃତା ପ୍ରତିଯୋଗିତା



**ଝାରସୁଗୁଡ଼ା, ୬।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଏଲ୍‌ଏନ୍ କଲେଜ ପରିସରରେ 'ସୂଚନା ଅଧିକାର ଅଧିନିୟମ-୨୦୦୫' ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ 'ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୂଚନା ଅଧିକାର ନାଗରିକଙ୍କୁ ସଶକ୍ତ କରେ କି?' ବିଷୟବସ୍ତୁ ଉପରେ ପ୍ରତିଯୋଗୀମାନେ ନିଜର ବକ୍ତୃତା ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାର ଇଂରାଜୀ ବିଭାଗରେ ଏଲ୍.ଏନ୍. କଲେଜର ଆରତୀ ଚୌରାସିଆ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବ୍ରଜରାଜନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୋମଳ ଚୌଧୁରୀ ଦ୍ୱିତୀୟ ଏବଂ ବେଲପାହାଡ଼ ଡିଗ୍ରୀ କଲେଜର ସୁସ୍ମିତା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଓଡ଼ିଆ ବିଭାଗରେ ବ୍ରଜରାଜନଗର ଡିଗ୍ରୀ କଲେଜର ଭାରତୀ ହାତୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏଲ୍‌ଏନ୍ କଲେଜର ବର୍ଷାରାଣୀ ପ୍ରିୟଦର୍ଶିନୀ ନାୟକ ଦ୍ୱିତୀୟ ଏବଂ କୋଲାବିରା ପିଏସ୍ ଡିଗ୍ରୀ କଲେଜର ସୁହାନା ଭୋଇ ତୃତୀୟ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି। ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡିଏମଏଫ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହେବାକୁ ଥିବା 'ସୂଚନା ଅଧିକାର ଅଧିନିୟମ-୨୦୦୫' ସ୍ୱତନ୍ତ୍ର କର୍ମଶାଳାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏଲଏନ୍ କଲେଜର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଇଲେକ୍ଟୋରାଲ୍ ଲିଟେରାସି କ୍ଲବର ନୋଡାଲ ଅଫିସର ତଥା ଏଲ୍‌ଏନ୍ କଲେଜର ଜନ ସୂଚନା ଅଧିକାରୀ ଡ. ସୁଚରିତା ଦାଶ ସଂଯୋଜନା କରିଥିଲେ। ବିଚାରକ ଭାବେ ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ, ତପନ କୁମାର ବାରିକ, ଡ. ଗୀତାରାଣୀ ଦୀକ୍ଷିତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ।

# ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ଦକ୍ଷତା ବିକାଶ ତାଲିମ




**କୁତ୍ରା, ୬।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଆନୁକୂଲ୍ୟରେ ଶିକ୍ଷକମାନଙ୍କ ପାଇଁ ଏକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁତ୍ରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଛତୁ ଚାଷର କୌଶଳ ଉପରେ ଏଥିରେ ତାଲିମ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ ନାଏକ ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ, ପ୍ରଶିକ୍ଷକ ଭାବେ ସୋମନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇକୋ କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଓ ଏନର୍ଜି କ୍ଲବ୍ ଇନଚାର୍ଜ ଶିକ୍ଷକ ହରେକୃଷ୍ଣ ସାହୁ ପରିଚାଳନା କରିଥିଲେ।

# ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ପ୍ରଶିକ୍ଷଣ ଶିବିର



**ଦେବଗଡ଼, ୬।୩(ସମିସ):** ସମଗ୍ର ଶିକ୍ଷା ଦେବଗଡ଼ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତିଳେଇବଣି ଆନୁକୂଲ୍ୟରେ ପଞ୍ଚମ ପର୍ଯ୍ୟାୟ ବ୍ଲକସ୍ତରୀୟ ଓଡ଼ିଶା ପାଠ୍ୟକ୍ରମ ରୂପରେଖ -୨୦୨୫ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ଟାଇଁସର ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଭାଶୁଣିଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ପର୍ଯ୍ୟାୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେଦରା କୁଜୁର, ତିଳେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଯୋଜନା ତଥା ଶୈକ୍ଷିକ ସଂଯୋଜକ ତପନ କୁମାର ସାହୁ, ଟାଇଁସର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବ୍ରହ୍ମା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଭାଶୁଣି ପ୍ରଧାନ, ଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉଭୟ ସ୍ଥାନରେ ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପାଞ୍ଚ ଦିନ ଧରି ଉକ୍ତ ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷା ନୀତି ୨୦୨୦, ଶିଶୁର ସାମଗ୍ରିକ ବିକାଶ, ପଞ୍ଚପଦୀ ଶିକ୍ଷଣ ଆଧାରରେ ଶିକ୍ଷାଦାନ, ଓଡ଼ିଶା ନୂତନ ପାଠ୍ୟକ୍ରମ ରୂପରେଖ, ନୂତନ ପାଠ୍ୟ ପୁସ୍ତକ ଆଧାରରେ ବିଷୟ ଭିତ୍ତିକ ରୂପରେଖ, ଛାତ୍ରଛାତ୍ରୀମାନଙ୍କ ପଞ୍ଚକୋଷୀୟ ବିକାଶ ଇତ୍ୟାଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ସାଧନକର୍ମୀ ଭାବେ ସିଆରସିସି ପ୍ରାଣବନ୍ଧୁ ଘଡେଇ, ବରିଷ୍ଠ ଶିକ୍ଷକ ଝସକେତନ ନାହାକ, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ଶିକ୍ଷକ ଫକୀରମୋହନ ପ୍ରଧାନ, ଘନଶ୍ୟାମ ବେହେରା, ଗଗନ ବିହାରୀ ପ୍ରଧାନ, ଦେବାଶିଷ କର, ଜନକ ପ୍ରସାଦ ସାହୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସିଆରସିସି ଅଶୋକ କୁମାର ସାହୁ, ଭେନସ କୁମାର ପ୍ରଧାନ, କ୍ଷିତିଷ କୁମାର ପ୍ରଧାନ, ଅଶୋକ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ତିଳେଇବଣି ବ୍ଲକର ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

# ଡାଲମିଆ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁତ୍ରା, ୬।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ୫୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପିନାଥ ଖାଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ନୀଳଚକ୍ର ଫାଉଣ୍ଡେସନ ଚେୟାରମେନ ଡ. ସରୋଜିନୀ ସାହୁ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର ପଟେଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ତବସୁମ ବାନୋ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି କଳା, ବିଜ୍ଞାନ ଓ ବାଣିଜ୍ୟର ବିଗତ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଡ. ବାନୋ ଓ ଅଧ୍ୟାପିକା ପ୍ରତିମା ଖାଲଖୋ ଏହାକୁ ଆୟୋଜନ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା, ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




# ଡିଏଲ୍‌ଏସ୍‌ଏର ଆଇନ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୬।୩(ସମିସ):** ଶୁକ୍ରବାର ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ(ଡିଏଲ୍‌ଏସଏ) ଝାରସୁଗୁଡ଼ା ପକ୍ଷରୁ ନାଲସାର (ଆଶା- ସଚେତନତା, ସମର୍ଥନ, ସାହାଯ୍ୟ ଏବଂ କାର୍ଯ୍ୟ) ବାଲ୍ୟବିବାହ ଦୂରୀକରଣ ଯୋଜନା-୨୦୨୫ ଅନ୍ତର୍ଗତ ମାନକ କାର୍ଯ୍ୟ ପ୍ରଣାଳୀ ଏବଂ ପ୍ରଦୂଷଣ ନିୟନ୍ତ୍ରଣର ବିଭିନ୍ନ ପ୍ରଣାଳୀ ସମ୍ପର୍କିତ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ କିର୍ମୀରା ବ୍ଲକ ଅନ୍ତର୍ଗତ ବନ୍ଧପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଆଇନ୍‌ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ, କିର୍ମିରା ସିଡିପିଓ ସଙ୍ଗୀତା ଅଢ଼ା ଓ ବନ୍ଧପାଲି ସରପଞ୍ଚ ତପି ମରେଇ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ବାଲ୍ୟ ବିବାହ ଦୂରୀକରଣ, ପ୍ରଦୂଷଣ ନିୟନ୍ତ୍ରଣ ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା- ମାଗଣା ଆଇନ ସେବା, ପୀଡ଼ିତା କ୍ଷତି ପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟରେ ବିଚାରାଧୀନ ମାମଲା ଗୁଡ଼ିକର ସମାଧାନ ଇତ୍ୟାଦି ବିଷୟରେ ବୁଝାଯାଇଥିଲା। ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ। ଏହା ସଙ୍ଗେ ସଙ୍ଗେ ବର୍ତ୍ତମାନ ଚାଲୁଥିବା ମଧ୍ୟସ୍ଥତା ଅଭିଯାନ ଓ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ କେଉଁ ପ୍ରକାର ମାମଲା ଗୁଡିକର ସମାଧାନ ଅପୋଷ ବୁଝାମଣା ମାଧ୍ୟମରେ ହୋଇପାରିବ ସେ ବିଷୟରେ ପ୍ରାଧିକରଣ ସଚିବ ଅବଗତ କରିଥିଲେ।




# ଦିବାରାତ୍ର କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼, ୬।୩(ସମିସ)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଗଡ଼ ସେବା ସଙ୍ଘ ଓ ଜିଲ୍ଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ଦିବାରାତ୍ର କବାଡି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଆଜି ରାଜା ବାସୁଦେବ ହାଇସ୍କୁଲ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଦେବଗଡ଼ ସେବା ସଙ୍ଘ ସଭାପତି ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସମ୍ମାନିତ ଅତିଥିଭାବେ ବାରକୋଟ ବ୍ଲକ ସରପଞ୍ଚ ସଂଘ ସଭାପତି ପ୍ରକାଶ କୁମାର ପାଣି ଓ ଜିଲ୍ଲା ସରପଞ୍ଚ ସଂଘ ସମ୍ପାଦକ ପ୍ରକାଶ ଆଚାର୍ଯ୍ୟ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଜି ପ୍ରଥମ ଦିବସରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଉଦ୍‌ଘାଟନୀ ଲିଗ ମ୍ୟାଚ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଟିମ ଓ ତିମୁର ଶିବଶକ୍ତି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୬-୧୮ ପଏଣ୍ଟରେ ତିମୂର ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ପୁରୁଣାଗଡ଼ ଆପ୍ରାଇଜ କଲେଜ ସହ ମେଦିନୀପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୨୪-୧୬ ପଏଣ୍ଟ ବ୍ୟବଧାନରେ ମେଦିନୀପୁର ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚ ପୁରୁଣାଗଡ଼ ମହାଲକ୍ଷ୍ମୀ କ୍ଲବ ସହ ରିଆମାଳ ରେନବୋ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୩୧-୩୩ ପଏଣ୍ଟରେ ପୁରୁଣାଗଡ଼ ଦଳ ବିଜୟୀ ହୋଇଥିଲା। ସେହିପରି ଚତୁର୍ଥ ତଥା ଶେଷ ଲିଗ ମ୍ୟାଚରେ ଭିତିରିଆ ସାହି ଜିକେ କ୍ଲବ ସହ ବାବରାକୋଟ ରାଜପୁତ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୩୧-୧୪ ପଏଣ୍ଟ ବ୍ୟବଧାନରେ ଜିକେ କ୍ଲବ୍ ବିଜୟୀ ହୋଇଥିଲା। ସେହିପରି ପ୍ରଥମ ସେମି ଫାଇନାଲ ମ୍ୟାଚ ପୁରୁଣାଗଡ଼ ମହାଲକ୍ଷ୍ମୀ କ୍ଲବ ଓ ତିମୂର ଶିବଶକ୍ତି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୪୩-୩୭ ପଏଣ୍ଟ ବ୍ୟବଧାନରେ ପୁରୁଣାଗଡ଼ ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରଥମ ଦଳ ଭାବେ ପ୍ରବେଶ କରିଥିଲା। ଖବର ଲେଖା ହେବା ଯାଏଁ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଜିକେ କ୍ଲବ ସହ ମେଦିନୀପୁର ମଧ୍ୟରେ ଜାରି ରହିଥିଲା। ପ୍ରତିଯୋଗିତାର ମ୍ୟାଚ ଗୁଡ଼ିକୁ ମନୋଜ କୁମାର ଆଚାର୍ଯ୍ୟ, ରଞ୍ଜିତା ମିଶ୍ର, କୁନିତା ସାହୁ, କିରଣ ଟପ୍ପ, ଟିପ୍ପନ ସାହୁ, ସୀତାନାଥ ପ୍ରଧାନ, ସୂର୍ଯ୍ୟକାନ୍ତ ମହନ୍ତ, ଯୋଗେନ୍ଦ୍ର କିଷାନ, ସଙ୍ଗୀତ ରାଜ ପଟ୍ଟନାୟକ ଓ ସିପୁନ ନାୟକ ପରିଚାଳନା କରିଥିଲେ। ପ୍ରତିଯୋଗିତାର ଦ୍ୱିତୀୟାର୍ଦ୍ଧରେ ଅତିଥିଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଏସ୍‌ଡିପିଓ ରମେଶ ମାହାନା, ଆଇନଜୀବୀ ପ୍ରଭାସ କୁମାର ମିଶ୍ର, ଶିକ୍ଷାବିତ ରାମଚନ୍ଦ୍ର ମହାପାତ୍ର, ଡା. ସୁଶୀଲ କୁମାର ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥି ପ୍ରମୁଖ ମଞ୍ଚାସୀନ ରହି ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ଲବର ସମ୍ପାଦକ ଅବିନାଶ ପ୍ରଧାନ, କୋଷାଧ୍ୟକ୍ଷ ସୁରେନ କୁମାର ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ଯାଇନି ଶୀତ, ମାଡ଼ି ଆସିଲାଣି ଖରା

ସମ୍ବଲପୁର, ୬।୩ (ସମିସ)

ଶୀତ ନ ଯାଉଣୁ ମାର୍ଚ୍ଚ ପ୍ରଥମ ସପ୍ତାହରୁ ମାଡ଼ି ଆସିଲାଣି ଖରା। ବିଳମ୍ବିତ ରାତିରେ ତାପମାତ୍ରା କିଛିଟା ହ୍ରାସ ପାଉଥିବାବେଳେ ଦିନବେଳା ଖରା ଏବଂ ଗୁଳୁଗୁଳିରେ ଲୋକେ ଅତିଷ୍ଠ ହେଉଛନ୍ତି। ଚଳିତବର୍ଷ ଜାନୁଆରୀ ୯ ତାରିଖରେ ସମ୍ବଲପୁରର ତାପମାତ୍ରା ୯.୨ ଡିଗ୍ରୀକୁ ଖସିଥିଲା। ଶୀତ ଋତୁ ଶୀଘ୍ର ଆସିବାସହ ଅତ୍ୟଧିକ ଥଣ୍ଡା ଯୋଗୁଁ ଲୋକେ କଲବଲ ହୋଇଥିବାବେଳେ ସେହିଅନୁଯାୟୀ ଗ୍ରୀଷ୍ମ ଦାହ ହେବ ବୋଲି ପରିବେଶବିତ୍‌ମାନେ ଆକଳନ କରିଥିଲେ। ସମ୍ପ୍ରତି ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ପାଖାପାଖି ରହୁଛି। ମାର୍ଚ୍ଚ ଆରମ୍ଭରୁ ଏମିତି ହେଲେ ଆଗକୁ କେମିତି ହେବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି।

ଫେବୃଆରୀ ଶେଷ ପର୍ଯ୍ୟନ୍ତ ରାତିରେ ଶୀତ ଅନୁଭୂତ ହେଉଥିଲା। ଏପରିକି ଲୋକେ ରାତିରେ ଘୋଡ଼େଇ ହେବାକୁ ପଡୁଥିଲା। କିନ୍ତୁ ଶୀତବସ୍ତ୍ର ନଛାଡୁଣୁ ଖରା ଯୋଗୁଁ ଲୋକମାନେ ପଙ୍ଖା, କୁଲର୍, ଏୟାର କଣ୍ଡିସନର୍ (ଏସି) ଆଦି ବ୍ୟବହାର ଆରମ୍ଭ କରିବା ଦେଖାଯାଉଛି। ରାତି ସମୟରେ ଖୋଲା ଜାଗା ମାନଙ୍କରେ ଏବଂ ଘଞ୍ଚ ଜନବସତି ବାହାରେ ସାମାନ୍ୟ ଥଣ୍ଡା ଅନୁଭୂତ ହେଉଛି। ଅନ୍ୟପକ୍ଷରେ ଦିନବେଳା ତାପମାତ୍ରା ବଢ଼ିବାସହ ଦିନ ସମୟରେ ତାତିଲା



ପବନ ବହିବା ଆରମ୍ଭ ହେଲାଣି। ରାସ୍ତାଘାଟରେ ପଶ୍ଚିମବଙ୍ଗର ସୁରେଇ ଓ ମାଠିଆ ମିଳିବା ଆରମ୍ଭ କଲାଣି। ଲୋକେ ରାସ୍ତାରେ ଯିବାବେଳେ ଗାମୁଛା ବାନ୍ଧି ଯିବାଆସିବା କରିବାକୁ ବାଧ ହେଉଛନ୍ତି।

ଗତବର୍ଷ ମଧ୍ୟ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଟପିଥିଲା। ୨୦୨୫ ମାର୍ଚ୍ଚ ୧୩ ତାରିଖରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବାବେଳେ ମାର୍ଚ୍ଚ ୧୫ ତାରିଖରେ ୪୨.୨ ଡିଗ୍ରୀ ହୋଇଥିଲା। ସେହିପରି ୨୦୨୫ ଏପ୍ରିଲ ୨୨ ତାରିଖରେ ସର୍ବୋଚ୍ଚ ତାପମାତ୍ରା ୪୪.୬ ଡିଗ୍ରୀ ଏବଂ ମେ ୧୧ ତାରିଖ ୪୩.୨ ଡିଗ୍ରୀରେ ସମ୍ବଲପୁର ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଥିଲା। ଏହାର ପୂର୍ବବର୍ଷ ୨୦୨୪ ମସିହା ମେ ୩୦ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୬.୨ ଡିଗ୍ରୀ ହୋଇଥିଲା।

କେଇବର୍ଷ ପୂର୍ବରୁ ସମ୍ବଲପୁରର ତାପମାତ୍ରା ପ୍ରତିବର୍ଷ ମେ’ ମାସରେ ୪୦ ଡିଗ୍ରୀ ଡେଉଁଥିବାବେଳେ ସମ୍ପ୍ରତି ମାର୍ଚ୍ଚ ମାସରୁ ରୌଦ୍ରତାପ ଆରମ୍ଭ ହୋଇଯାଉଛି। ଜଳବାୟୁ ପରିବର୍ତ୍ତନ ସହ ପରିବେଶ ସନ୍ତୁଳନକୁ ନେଇ ସବୁ ମହଲରେ ଆଶଙ୍କା ପ୍ରକାଶ ପାଉଛି। ଆଗକୁ ସମ୍ପୂର୍ଣ୍ଣ ଗ୍ରୀଷ୍ମ ଋତୁ ରହିଥିବାରୁ ଲୋକେ ଆତଙ୍କିତ ହେଉଛନ୍ତି। ତାପମାତ୍ରା ଆହୁରି ଅଧିକ ବଢ଼ିବା ଆଶଙ୍କା ରହିଛି। ପାଣିପାଗ ବିଭାଗର ସୂଚନାନୁଯାୟୀ ଗତବର୍ଷ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୪.୬ ଡିଗ୍ରୀ ହୋଇଥିବାବେଳେ ତାହା କିନ୍ତୁ ୫୦ ଡିଗ୍ରୀ ପାଖାପାଖି ଅନୁଭୂତ ହେଉଥିଲା।

ପରିବେଶବିତ୍ ରଞ୍ଜନ ପଣ୍ଡା କହିଛନ୍ତି, ସହରାଞ୍ଚଳ ମାନଙ୍କରେ ପାଣିପାଗରେ ଏକ ନୂତନ ପରିବର୍ତ୍ତନ ଆସୁଛି। ଥଣ୍ଡା ଥାଇ ଗରମ ଆରମ୍ଭ ହୋଇଯାଉଛି। ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ଇଫେକ୍ଟ ପଡୁଛି। ବଡ଼ ବଡ଼ ଗଛ କଟିଯିବାସହ ଜଳସମ୍ପଦ (ୱେଟ୍ ଲ୍ୟାଣ୍ଡ) କମୁଛି ଏବଂ ସବୁଆଡ଼େ କଂକ୍ରିଟ୍ କରିଦିଆଯାଉଛି। ସବୁ ସ୍ଥାନରେ ଜନସଂଖ୍ୟା ଏବଂ ଯାନବାହାନ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏଥିପାଇଁ ସ୍ଥାନୀୟ ଭାବେ ହିଟ୍ ଆକ୍ସନ ପ୍ଲାନ କରାଯିବା କଥା। ସମ୍ବଲପୁରକୁ ବିଭିନ୍ନ ଗ୍ରୀଡ୍‌ରେ ବିଭକ୍ତ କରାଯାଇ ଜଳାଶୟ (ୱାଟର୍‌ବଡିଜ୍) ଗୁଡ଼ିକ ସଂରକ୍ଷଣ କରି ଚାରିପଟେ ସବୁଜିମା କରାଯିବା ଆବଶ୍ୟକତା ରହିଛି ବୋଲି ଶ୍ରୀ ପଣ୍ଡା ମତବ୍ୟକ୍ତ କରିଛନ୍ତି।

**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ମାର୍ଚ୍ଚ ୧ | ୩୫.୬ | ୨୦.୦ |
| ମାର୍ଚ୍ଚ ୨ | ୩୬.୮ | ୨୧.୦ |
| ମାର୍ଚ୍ଚ ୩ | ୩୬.୮ | ୧୮.୬ |
| ମାର୍ଚ୍ଚ ୪ | ୩୭.୦ | ୧୯.୦ |
| ମାର୍ଚ୍ଚ ୫ | ୩୬.୬ | ୧୭.୫ |
| ମାର୍ଚ୍ଚ ୬ | ୩୬.୪ | ୨୦.୪ |




# ଆଶା ଦିଦିଙ୍କ ସହାୟତା ପାଇଁ ପୁଲିସ ହେଲ୍ପଲାଇନ ଜାରି

ସମ୍ବଲପୁର, ୬।୩ (ସମିସ) : ସମ୍ବଲପୁର ପୁଲିସ ପକ୍ଷରୁ ଆଶା ଦିଦି ମାନଙ୍କ ସହାୟତା ପାଇଁ ଆଜି ଏକ ହେଲ୍ପଲାଇନ ନଂ. ୯୪୩୭୫୨୪୮୩୧ ଜାରି କରାଯାଇଛି। ଏଥିରେ କାର୍ଯ୍ୟକ୍ଷେତ୍ରରେ କୌଣସି ଅସୁବିଧା ହେଲେ ତୁରନ୍ତ ଏହି ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି। ଏଥିନୁଯାୟୀ, ଆଶା ଦିଦିମାନଙ୍କ ସୁରକ୍ଷା ପ୍ରତି ସମ୍ବଲପୁର ପୁଲିସ ସଦାସର୍ବଦା ପ୍ରତିବଦ୍ଧ। କ୍ଷେତ୍ରରେ କାର୍ଯ୍ୟ କାଳୀନ ସମୟରେ କୌଣସି ଅସୁରକ୍ଷା, ଉତ୍ପୀଡ଼ନ କିମ୍ବା ଆପାତକାଳୀନ ପରିସ୍ଥିତି ସମ୍ମୁଖୀନ ହେଲେ ତତ୍କାଳ ପୁଲିସ ହେଲ୍ପଲାଇନ୍ ନଂ. ୯୪୩୭୫୨୪୮୩୧କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଚନ୍ଦନିମାଲ ପଞ୍ଚାୟତରେ ବନାଗ୍ନି ସଚେତନତା

କୁଚିଣ୍ଡା, ୬।୩(ସମିସ): କୁଚିଣ୍ଡା ବ୍ଲକ ଚନ୍ଦନିମାଲ ପଞ୍ଚାୟତ କାର୍ଯ୍ୟାଳୟରେ କୁଚିଣ୍ଡା ବନ ବିଭାଗ ପକ୍ଷରୁ ବନାଗ୍ନି ସଚେତନତା ସଭା ଆୟୋଜିତ ହୋଇଥିଲା। ଫରେଷ୍ଟର ଅନୁରାଧା ଖର୍ସେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ



କୁଚିଣ୍ଡା ବନ ବିଭାଗ(ବନ୍ୟପ୍ରାଣୀ) ରେଞ୍ଜର ଲେଖାରାଣୀ ମହାନନ୍ଦ, ସରପଞ୍ଚ ରଞ୍ଜିତା ପ୍ରଧାନ, ସମିତି ସଭ୍ୟା ସଂଯୁକ୍ତା ପଟେଲ, ପିଇଓ ନିତ୍ୟାନନ୍ଦ ସାହୁ ଏବଂ ଏଡିଇଓ ସଚ୍ଚିକାନ୍ତ ପ୍ରଧାନ ମଞ୍ଚାସୀନ ରହି ଉପସ୍ଥିତ ଜଣ ସାଧାରଣଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅନୁରୋଧ କରିଥିଲେ। ରେଞ୍ଜର ଲେଖାରାଣୀ ମଣିଷ ସହିତ ସମଗ୍ର ପ୍ରାଣୀଜଗତ ବଞ୍ଚି ରହିବା ପାଇଁ ଅମ୍ଳଜାନ ନିହାତି ଆବଶ୍ୟକ ଏବଂ ଏହା ଆମକୁ ବୃକ୍ଷରୁ ହିଁ ମିଳିଥାଏ ମାତ୍ର ଅଜ୍ଞାନତା ବଶତଃ ହେଉ କିମ୍ବା ଜାଣି ଶୁଣି ହେଉ କିଛି ଲୋକ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି, ଫଳରେ ଜଙ୍ଗଲ ନଷ୍ଟ ହେବା ସହିତ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ନଷ୍ଟ ହେବା ସହିତ ବନ୍ୟପ୍ରାଣୀ ମଧ୍ୟ ମୃତ୍ୟୁ ମୁଖରେ ପଡୁଛନ୍ତି। ଆମେ ନିଆଁ ଲଗାଇବା ନାହିଁ ଓ ଏହା ସହିତ ଜଙ୍ଗଲରେ ନିଆଁ ଲାଗି ଥିଲେ ବନ ବିଭାଗକୁ ସୂଚନା ଦେଇ ତାଙ୍କର ସାହାର୍ଯ୍ୟ ନେଇ ନିଆଁ ଲିଭାଇବାକୁ ଉଦ୍ୟମ କରିବା ବୋଲି ଆହ୍ୱାନ ଦେଇଥିଲେ। ସଭାରେ ଉପସ୍ଥିତ ୱାର୍ଡମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା ଓ ପଞ୍ଚାୟତବାସୀ ଜଙ୍ଗଲର ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ସଭା ଶେଷରେ ବନରକ୍ଷୀ ଶାନ୍ତିପ୍ରିୟା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବନରକ୍ଷୀ ଝରଣା ପ୍ରଧାନ ଓ ବନ ବିଭାଗର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ପରିବେଶ ସଙ୍କଟ ସୃଷ୍ଟି କରୁଛି ବର୍ଜ୍ୟ ପାଉଁଶ :ରୋହିତ

ସମ୍ବଲପୁର, ୬।୩ (ସମିସ): ସରକାରଙ୍କ ନୂଆ ଏସ୍‌ଓପି ଆସିବା ପରେ ବର୍ଜ୍ୟ ପାଉଁଶ ପ୍ରଦୂଷଣ ପଶ୍ଚିମ ଓଡ଼ିଶାକୁ ପରିବେଶଗତ ସଙ୍କଟ ଅଞ୍ଚଳରେ ପରିଣତ କରୁଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ କହିଛନ୍ତି। ଜରୁରୀ ସଂଶୋଧନମୂଳକ ପଦକ୍ଷେପ ଦାବି କରି, ସେ କହିଛନ୍ତି ଯେ ବର୍ଜ୍ୟ ପାଉଁଶ ନିଷ୍କାସନ ପାଇଁ ବର୍ତ୍ତମାନର ଏସ୍‌ଓପିକୁ ତୁରନ୍ତ ବାତିଲ କରାଯିବା ଉଚିତ, ଏବଂ ସରକାର ବୈଜ୍ଞାନିକ ପାଉଁଶ ପରିଚାଳନା ପାଇଁ ଏକ ବ୍ୟାପକ ଏବଂ ସ୍ୱଚ୍ଛ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଉଚିତ। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ପାଉଁଶ ପରିଚାଳନାକୁ ନେଇ ସେ ସରକାରଙ୍କ ସମ୍ମୁଖରେ ୪ଟି ଦାବି ରଖିଛନ୍ତି। ସେଗୁଡ଼ିକ ହେଲା - ବର୍ଜ୍ୟ ପାଉଁଶ ନିଷ୍କାସନ ପାଇଁ ବର୍ତ୍ତମାନର ଏସ୍‌ଓପିକୁ ତୁରନ୍ତ ବାତିଲ କରାଯାଇ ଏକ ନୂତନ ବୈଜ୍ଞାନିକ ରୋଡ ମ୍ୟାପ୍ ପ୍ରସ୍ତୁତ କରାଯାଉ। ତାପଜ ବିଦ୍ୟୁତ କେନ୍ଦ୍ର ମାନଙ୍କ ଇଏସ୍‌ପି ଏବଂ ଅନ୍ୟାନ୍ୟ ଯେଉଁ ଯନ୍ତ୍ରପାତି ମାନ ରହିଛି ତାହା ଠିକ୍ ଭାବରେ ଚାଲୁଛି ନା ନାହିଁ ତାକୁ କଡ଼ା ନଜର ରଖାଯାଉ। କୌଣସି ବିଦ୍ୟମାନ ତାପଜ ବିଦ୍ୟୁତ୍ କେନ୍ଦ୍ରର ସମ୍ପ୍ରସାରଣ ପାଇଁ କୌଣସି ଅନୁମତି ଦିଆଯିବା ଉଚିତ୍ ନୁହେଁ। ଏହି ଅଞ୍ଚଳରେ କୌଣସି ନୂତନ ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ଅନୁମୋଦନ କରାଯିବା ଉଚିତ ନୁହେଁ। ନିର୍ମାଣଧୀନ ଏନ୍‌ଏଲ୍‌ସି ତାପଜ ବିଦ୍ୟୁତ୍ ପ୍ରକଳ୍ପକୁ ତୁରନ୍ତ ବନ୍ଦ କରାଯିବା ଉଚିତ। ବିଦ୍ୟମାନ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ଧୀରେ ଧୀରେ ବନ୍ଦ କରିବା ଏବଂ ନବୀକରଣୀୟ ଶକ୍ତି ଆଡକୁ ସ୍ଥାନାନ୍ତର କରିବା ପାଇଁ ଏକ ପର୍ଯ୍ୟାୟବଦ୍ଧ ଯୋଜନା ପ୍ରସ୍ତୁତ କରାଯିବା ଉଚିତ। ଇଂ ପୂଜାରୀ ଚେତାବନୀ ଦେଇ କହିଛନ୍ତି ଯେ ଯଦି ବର୍ତ୍ତମାନ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଭବିଷ୍ୟତରେ ପରିବେଶର ଅପୂରଣୀୟ କ୍ଷତି ଏବଂ ଭୟଙ୍କର ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେବ, ଯାହାର ମୂଲ୍ୟ ଜନସାଧାରଣଙ୍କୁ ଭୋଗିବାକୁ ପଡ଼ିବ।



ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଇଂ. ପୂଜାରୀ କହିଛନ୍ତି ଯେ, ଓଡ଼ିଶାରେ ରହିଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ମୋଟ ବିଜୁଳି ଉତ୍ପାଦନ କ୍ଷମତା ପ୍ରାୟ ୧୧, ୫୦୦ ରୁ ୧୨, ୦୦୦ ମେଗାୱାଟ୍, ଯାହା ମଧ୍ୟରୁ ପ୍ରାୟ ୭୦-୭୫% (ପ୍ରାୟ ୮, ୮୦୦ ରୁ ୯, ୦୦୦ ମେଗାୱାଟ୍) ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅବସ୍ଥିତ। ତଥାପି, ଓଡ଼ିଶାର ପ୍ରକୃତ ବିଦ୍ୟୁତ୍ ଆବଶ୍ୟକତା ହେଉଛି କେବଳ ୬, ୬୦୦ ରୁ ୭, ୦୦୦ ମେଗାୱାଟ୍, ଯାହା ଏତେ ପରିମାଣର ଅତିରିକ୍ତ ବିଦ୍ୟୁତ୍ ଉତ୍ପାଦନର ଆବଶ୍ୟକତା ଉପରେ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରୁଛି। ଏହି ତିନୋଟି ଜିଲ୍ଲାରେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ ପ୍ରତିବର୍ଷ ପ୍ରାୟ ୧୪ ରୁ ୧୬ ନିୟୁତ ଟନ୍ ବର୍ଜ୍ୟ ପାଉଁଶ ବାହାରୁଛି। ବର୍ତ୍ତମାନ ନିର୍ଦ୍ଧାରିତ ମାନକ କାର୍ଯ୍ୟ ପ୍ରଣାଳୀ (ଏସ୍‌ଓପି) ଅନୁଯାୟୀ ଏତେ ପରିମାଣର ପାଉଁଶ ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ଜମି କିମ୍ବା ଭିତ୍ତିଭୂମି ନାହିଁ।

ରାଜ୍ୟର ବିଜୁଳି ଆବଶ୍ୟକତା ଏହାର ଉତ୍ପାଦନ କ୍ଷମତାଠାରୁ ଯଥେଷ୍ଟ କମ୍ ଥିବାବେଳେ ତାପଜ ବିଦ୍ୟୁତ୍ ଉତ୍ପାଦନକୁ ବୃଦ୍ଧି କରିବା ଜାରି ରଖିବାର ଯୁକ୍ତି ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ଯେତେବେଳେ ଓଡ଼ିଶାର ଆବଶ୍ୟକତା କେବଳ ପ୍ରାୟ ୬, ୦୦୦-୭, ୦୦୦ ମେଗାୱାଟ, ଆମେ ଆମର ପରିବେଶ ଏବଂ ଜନସ୍ୱାସ୍ଥ୍ୟକୁ ବାଜି ଲଗାଇ କାହିଁକି ଅତିରିକ୍ତ ବିଦ୍ୟୁତ୍ ଉତ୍ପାଦନ ଜାରି ରଖିବା? ଏହାସହ ଓଡ଼ିଶାରୁ ବିଜୁଳି ନେଇ ତାମିଲନାଡୁ ୧୦୦ ୟୁନିଟ୍, ଦିଲ୍ଲୀ ୨୦୦ ୟୁନିଟ୍, ପଞ୍ଜାବ ୩୦୦ ୟୁନିଟ, ବର୍ତ୍ତମାନ ବିହାର ମଧ୍ୟ ୧୨୫ ୟୁନିଟ୍ ବିଜୁଳି, ମାଗଣା ଏବଂ ସବସିଡିରେ ନିଜ ରାଜ୍ୟର ଜନସାଧାରଣଙ୍କୁ ପ୍ରଦାନ କରିପାରୁଥିବାବେଳେ ଓଡ଼ିଶାର ଜନସାଧରଣ ଏହି ତାପଜ ବିଦ୍ୟୁତ ପ୍ରକଳ୍ପମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ସତ୍ତ୍ୱେ, ଓଡ଼ିଶାରେ ଆବଶ୍ୟକତା ଠାରୁ ଅଧିକ ଉତ୍ପାଦନ ହେଉଥିବା ବେଳେ କାହିଁକି ସବସଡି କିମ୍ବା ମାଗଣା ବିଜୁଳି ପାଇବାରୁ ଓଡ଼ିଶାର ଜନସାଧାରଣ ବଞ୍ଚିତ ହେଉଛନ୍ତି ବୋଲି ଇଂ. ପୂଜାରୀ କହିଛନ୍ତି।

# ହେମାମୁରାରେ ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞ

ରେଢ଼ାଖୋଲ, ୬।୩(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ହେମାମୁରା ଗ୍ରାମରେ ବିଶ୍ୱ ଶାନ୍ତି ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧୁବାର ଦିନ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶୁକ୍ରବାର ସକାଳୁ ଦଧି ହାଣ୍ଡି ଭଞ୍ଜନ, ପୂର୍ଣାହୁତି ଓ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞରେ ୧୯ ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଅତିଥି ଭାବରେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଲୁହାପଙ୍କ ପଞ୍ଚାୟତର ସରପଞ୍ଚ ଚିନ୍ମୟୀ ପ୍ରଧାନ, ୪ଜଣ ଶିକ୍ଷକ ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ପୂଜକ ଭାବରେ ଉମେଶ ଚନ୍ଦ୍ର ମିଶ୍ର କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବରେ ଦିଲ୍ଲୀପ ପ୍ରଧାନ ଓ ତାଙ୍କ ସପତ୍ନୀ କୁନୀ ପ୍ରଧାନ କାର୍ଯ୍ୟ ନିର୍ବାହ କରିଥିଲେ। ଯଜ୍ଞ କମିଟିର ସଭାପତି ହରିହର ବେହେରା, ସମ୍ପାଦକ ପ୍ରକାଶ ପ୍ରଧାନ, ରଞ୍ଜନ ପ୍ରଧାନ, ଭୁବନେଶ୍ୱର ପ୍ରଧାନ, ଜଗଦାନନ୍ଦ ପ୍ରଧାନ, ନିରାକାର ବେହେରା, ବାପୁନ୍ ଦେହୁରୀ, ହୃଦାନନ୍ଦ ବେହେରା, ଅର୍ଜୁନ ବେହେରା, ମହାଦେବ ପ୍ରଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ହୋଇଥିଲା।

# ସିଆର୍‌ପିଏଫ୍ ଦିବସ ଅବସରରେ ସମ୍ବଲପୁରର ଗ୍ରୁପ୍ ସେଣ୍ଟର୍‌ରେ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର, ୬।୩ (ସମିସ) : ଗୋଶାଳାସ୍ଥିତ ସମ୍ବଲପୁରର ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର୍‌ରେ ଏକ ଚାରିଦିନିଆ ସ୍ୱାସ୍ଥ୍ୟ ଅଭିଯାନ ଆରମ୍ଭ କରାଯାଇଥିଲା, ଯେଉଁଥିରେ ଗ୍ରୁପ୍ ସେଣ୍ଟର୍‌ର ହସ୍ପିଟାଲରେ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ବିଏମ୍‌ଆଇ ସ୍କ୍ରିନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସମ୍ବଲପୁରର ଡେପୁଟି ଇନ୍ସପେକ୍ଟର ଜେନେରାଲ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା, ଯେଉଁଥିରେ ଡେପୁଟି ଇନ୍ସପେକ୍ଟର ଜେନେରାଲ (ମେଡିକାଲ) ଡକ୍ଟର ବାଲୁ ସି. ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକ୍ରିୟାର ତଦାରଖ କରୁଥିଲେ।



ଏହି ସ୍ୱାସ୍ଥ୍ୟ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାହିନୀର ସୈନିକମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରିବା ଏବଂ ଏକ ସୁସ୍ଥ ଏବଂ ସନ୍ତୁଳିତ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେବା। ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହି ସମୟ ମଧ୍ୟରେ, ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକଳାପ ଆୟୋଜନ କରାଯିବ, ଯେଉଁଥିରେ ସ୍ୱାସ୍ଥ୍ୟ ପରୀକ୍ଷା, ମହିଳା ଏବଂ ଶିଶୁଙ୍କ ପାଇଁ ନିଶା ବିରୋଧୀ ସଚେତନତା ଅଧିବେଶନ, ପୁଷ୍ଟିସାର ପରାମର୍ଶ, ସୁସ୍ଥତା ଅଧିବେଶନ, ଏବଂ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ପରାମର୍ଶ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକଳାପ ମାଧ୍ୟମରେ, ସୈନିକ ଏବଂ ସେମାନଙ୍କ ପରିବାରକୁ ଉତ୍ତମ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରିବା ପାଇଁ ପ୍ରୟାସ କରାଯାଉଛି।

ଏହି ସମୟ ମଧ୍ୟରେ, ୯ ମାର୍ଚ୍ଚରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯିବ, ଯେଉଁଥିରେ ବାହିନୀ କର୍ମଚାରୀ ଏବଂ ସ୍ୱେଚ୍ଛାସେବକମାନଙ୍କୁ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବା ଏବଂ ରକ୍ତଦାନ କରିବାକୁ ଉତ୍ସାହିତ କରାଯିବ। ଏହା ଉଲ୍ଲେଖନୀୟ ଯେ ଗତ କିଛି ବର୍ଷ ଧରି, ସମ୍ବଲପୁରର ସିଆର୍‌ପିଏଫ୍‌ର ଗ୍ରୁପ୍ ସେଣ୍ଟର, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ସଚେତନତା ଏବଂ ଜନକଲ୍ୟାଣ ସହିତ ଜଡିତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିଆସୁଛି ଏବଂ ପ୍ରଶଂସନୀୟ କାର୍ଯ୍ୟ କରୁଛି। ଏହି ପଦକ୍ଷେପ ସୈନିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହିତ ସମାଜରେ ମାନବ ସେବା ଏବଂ ସ୍ୱାସ୍ଥ୍ୟ ସଚେତନତାର ଭାବନାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟିର ବାର୍ଷିକ ଉତ୍ସବ

କୁଚିଣ୍ଡା, ୬।୩ (ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା-ସମ୍ବଲପୁର ନୂଆଁ ବାଇପାସ୍ ରୋଡ ଘୋଷା ଛକ ନିକଟରେ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟି କୁଚିଣ୍ଡା ବ୍ଲକ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକ ସଭାପତି ସୋମବାରୁ ବୁଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁଶିଲ କର ଯୋଗଦେଇ ଲକ୍ଷେ ଘର ପାଣ ସମାଜର ଶିକ୍ଷା ଏବଂ ଆର୍ଥିକସ୍ଥିତି କେମିତି ସୁଦୃଢ ହୋଇ ଶୃଙ୍ଖଳିତ ସମାଜ ସୃଷ୍ଟି ହେବ ଏବଂ ଗୋଟିଏ ପରିବାରରେ ମାଆ ପ୍ରଥମେ ସଚେତନ ହୋଇ ନିଜର ପିଲାଙ୍କୁ ଉଚିତ୍ ଶିକ୍ଷା ଦେଇ ସୁନାଗରିକ ଭାବେ ଗଢ଼ିଲେ ଯାଇ ସମାଜର ଉନ୍ନତି ହେବ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରସାଶନିକ ଅଧିକାରୀ ଚନ୍ଦନ ନିଖଣ୍ଡିଆ, ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଅଗ୍ନିଶମ ସହ ଅଧିକାରୀ ବିପିନ କିଶୋର କୈଳାସ, ବାମରା ବ୍ଲକ ସଭାପତି ଭିକ ନିଖଣ୍ଡିଆ, ବିନୋଦ ବିହାରୀ ସିଂ, ସଞ୍ଜୟ ମହାନନ୍ଦ, ଗଣେଶ ରାମ କରାଲି, ଟଙ୍କଧର ପାତ୍ର, ନରେଶ ହଂସ, ନରେଶ ତଣ୍ଡିଆ, ଶରତ ପାଞ୍ଚାଳୀ, ମହିଳା ସଭାନେତ୍ରୀ ବିନୋଦିନୀ ଭଞ୍ଜ ପ୍ରମୁଖ ମଞ୍ଚରେ ମଞ୍ଚାସୀନ ରହି ଲକ୍ଷେ ଘର ସମାଜ କଲ୍ୟାଣ କମିଟୀର ଉନ୍ନତି କାମନା କରିବା ସହିତ ଆଗାମୀ ଦିନରେ ସମସ୍ତେ ଏକାଠି ହୋଇ ବିକଶିତ ଭାରତ ଗଠନ କରିବାରେ ଲକ୍ଷେ ଘର ପାଣ ସମାଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସହ ସମ୍ପାଦକ ତ୍ରିନାଥ ଲୁହା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ସମାଜର କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କୁଚିଣ୍ଡା ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ଗିରିଜା ଶଙ୍କର ପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ପାଇଁ ପ୍ରଶିକ୍ଷଣ

ରେଢ଼ାଖୋଲ, ୬।୩(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥାନୀୟ ରେଞ୍ଜ କାର୍ଯ୍ୟାଳୟ ପରିସରରେ ରାମପୁର ରେଞ୍ଜ ପକ୍ଷରୁ ଜଙ୍ଗଲକୁ ନିଆଁ କବଳରୁ ରକ୍ଷା କରିବା ପାଇଁ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାମପୁର ରେଞ୍ଜ ଏସିଏଫ୍ ମୈତ୍ରୀ ମଞ୍ଜିତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁପତ୍ର ଫରେଷ୍ଟର, ଗାର୍ଡ, କର୍ମଚାରୀ, ଭିଏସଏସ ମେମ୍ବର, ଏସଏଚ୍‌ଜି ମେମ୍ବର, ବନ ବିଭାଗ କର୍ମଚାରୀ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରେଢ଼ାଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ, କଦଳିଗଡ଼ କେନ୍ଦୁପତ୍ର ରେଞ୍ଜର ଇତିଶ୍ରୀ ପ୍ରଧାନ, ରାମପୁର ରେଞ୍ଜ ଫରେଷ୍ଟର ଧର୍ମ୍ମଧର ପ୍ରଧାନ, ପ୍ରଶାନ୍ତ ସାହୁ, ରେଢ଼ାଖୋଲ କେନ୍ଦୁପତ୍ର ଫରେଷ୍ଟର ହେମ ସାଗର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।ଜ୍ୟୋତ୍ସ୍ନା ସୁନାନି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଅଞ୍ଚଳର ଜନସାଧାରଣ




ସହଯୋଗ କରିଲେ ଜଙ୍ଗଲକୁ ନିଆଁ କବଳରୁ ରକ୍ଷା କରାଯାଇପାରିବ। ଜଙ୍ଗଲକୁ ସୁରକ୍ଷା ଦେବାରେ ଅଞ୍ଚଳବାସୀ ମୁଖ୍ୟ ଭୂମିକା ରହିଛି, ନିଆଁ ଲାଗିବା ସ୍ଥାନରେ କର୍ମଚାରୀ ମାନଙ୍କୁ ସହଯୋଗ କରିଲେ ନିଆଁକୁ ଯଥାଶୀଘ୍ର ଆୟତ କରାଯାଇପାରିବ ବୋଲି ଶ୍ରୀ ସେଠୀ କହିଥିଲେ।

## ଜମନକିରା ଡିଗ୍ରୀ ମହାବିଦ୍ୟାଳୟ

# ଆତ୍ମରକ୍ଷା ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଜମନକିରା, ୬।୩(ସମିସ): ଜମନକିରା ଡିଗ୍ରୀ ମହାବିଦ୍ୟାଳୟରେ ସାତ ଦିନ ଧରି ଚାଲିଥିବା ଆତ୍ମରକ୍ଷା ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷିକ ଦ୍ୱୟ ସୀମା ମଟାରି ଏବଂ ରୀତିକା ଲୁହା ଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ଆତ୍ମରକ୍ଷା ସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ଜମନକିରା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀମାନେ ସଠିକ ଭାବରେ ତାଲିମ ନେଇ ଥିଲେ। ମୁଖ୍ୟଅତିଥି ଭାବରେ ଇଂରାଜି ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ସଭା ପରିଚାଳନା କରିଥିଲେ ଓ ସଂଯୋଜକ ମୁସାରଦ ଅନସାରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ସୀମା ମଟାରି ଏବଂ ରୀତିକା ଲୁହା ଉପସ୍ଥିତ ଥିବା ବେଳେ ଅଧ୍ୟାପକ ମନମୋହନ ଜୟବିକାଶ ବାଘ, ସୁରଥ ସାହୁ, ସିଦ୍ଧାନ୍ତ ସାହୁ ଏବଂ ପ୍ରବୀର କୁମାର ନାୟକ, ସୀତାକାନ୍ତ କୁମୁରା ସହଯୋଗ କରିଥିଲେ।

# ଅଲଙ୍କିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମର ବାର୍ଷିକ ଉତ୍ସବ

ସମ୍ବଲପୁର, ୬।୩ (ସମିସ) : ସମ୍ବଲପୁର ଜିଲ୍ଲା, ଧନକଉଡ଼ା ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ, କିଲାସମା ଠାରେ ଅଲଙ୍କିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସିନ୍ଦୂରପଙ୍କ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସତ୍ୟରଞ୍ଜନ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବରେ କିଲାସମା କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ଶାନ୍ତନୁ ଭୋଇ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜିତେନ୍ଦ୍ର ସାହୁ, ପୂର୍ବତନ ଛାତ୍ର ସଂସଦର ସଭାପତି ରାଜକିଶୋର ପଶାୟତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କିଲାସମା କ୍ଲଷ୍ଟରର ପାଞ୍ଚଟି ପ୍ରଥମିକ ବିଦ୍ୟାଳୟ ଯଥା, ବଲବସପୁର, ଗୌଡ଼ପାଲି, ଗୁଞ୍ଜାମାଲ, ଝରଘାଟି ଏବଂ ସାଲେଟିକ୍ରା ପ୍ରାଥମିକ ବିଦ୍ୟାଳୟରୁ ୫୦ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର କଳା ଶିକ୍ଷୟିତ୍ରୀ ବିଦ୍ୟାବତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ଓଭେପ ସଂଯୋଜକ ଶିକ୍ଷକ ରଞ୍ଜନ କୁମାର ସାହୁ ଏବଂ ଡ ସୁଧାଂଶୁ ଭୂଷଣ ଷଣ୍ଢ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ମରଣକୁ ଡାକୁଛି ଅସୁରକ୍ଷିତ ହୋର୍ଡିଂ

ସମ୍ବଲପୁର, ୬।୩(ସମିସ)

ସମ୍ବଲପୁରରେ ମରଣ ଡାକୁଛି ହୋର୍ଡିଂ। ବୁଢାରଜା ଅଞ୍ଚଳରେ ଏକ ନୂତନ ହୋର୍ଡିଂ ନିର୍ମାଣ ଚାଲିଛି। ଯାହାକୁ ଯେ କେହି ଦେଖିଲେ ମରଣକୁ ଆମନ୍ତ୍ରଣ କରୁଥିବା ପରିଲିକ୍ଷିତ ହେଉଛି। କିଛି ଦିନ ପୂର୍ବରୁ ଭୁବନେଶ୍ୱରରେ ହୋର୍ଡିଂ ପଡ଼ି କିଛି ଜଣଙ୍କ ଜୀବନ ଯାଇଛି। ତା ପରେ ମଧ୍ୟ ସମ୍ବଲପୁର ମହାନଗର ନିଗମର ଏଥି ପ୍ରତି ଦାୟିତ୍ୱ ନାହି। ବୁଢାରଜା ଅଞ୍ଚଳରେ ୨୦ ଫୁଟ ଉଚ୍ଚତାର ଏକ ବିଲ୍ଡିଂ ଉପରେ ଏହି ହୋର୍ଡି ନିର୍ମାଣ ହୋଇଛି। ଯାହାର ଉଚ୍ଚତା ୨୫ ଫୁଟ ରହିଥିବା ହୋର୍ଡି ଷ୍ଟକଚର ଲଗାଇଥିବା କାରିଗର କହିଛନ୍ତି। ୨୦ ଫୁଟ ଉଚ୍ଚ ବିଲ୍ଡିଂରେ କିପରି ୨୫ ଉଚ୍ଚତାର ହୋର୍ଡି ଷ୍ଟ୍ରକଚର ଲଗାଇବାର ଅନୁମତି ମିଳିଲା ତାହା ଏବେ ପ୍ରଶ୍ନ ଘେରରେ ରହିଛି। ହୋର୍ଡିଂ କରୁଥିବା ବିଜ୍ଞାପନ ବିଭାଗର ମ୍ୟାନେଜର ଏହାକୁ ଅଣଦେଖା କରିଛନ୍ତି। ଲଗାଇଥିବା କାରିଗର ଏହି ବିପଦଜନକ ହୋଇଥିବା କହିଥିଲେ। କିନ୍ତୁ ମ୍ୟାନେଜର କିଛି ହେବନାହି ତେଣୁ ଲଗାଇବାକୁ କହିଥିଲେ। ବିଲ୍ଡିଂ ଉଚ୍ଚତାରୁ ଅଧିକ ଉଚ୍ଚର ହୋର୍ଡିଂ ଲଗାଇଲେ

**୨୦ ଫୁଟ ଉଚ୍ଚରେ ୨୫ଫୁଟର ଷ୍ଟ୍ରକଚର**

**ଭୁବନେଶ୍ୱର ଘଟଣାର ପୁନରାବୃତ୍ତି ହୋଇପାରେ**

କେବେ ଯଦି ଭାଙ୍ଗେ ସେଥି ପ୍ରତି କିଏ ଦାୟି ରହିବ। ଭୁବନେଶ୍ୱର ଘଟଣାର ପୁନରାବୃତ୍ତି ସମ୍ବଲପୁରରେ ହେଲେ କିଏ କ୍ଷତି ସହିବ ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ଏନେଇ ସମ୍ବଲପୁର ମହାନଗର ନିଗମ ସହ ଯୋଗଯୋଗ ହୋଇପାରିନାହି।



# ମାର୍ଚ୍ଚ ସୁଦ୍ଧା ସମସ୍ତ କାମ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ବୌଦ୍ଧ, ୬ ।୩(ସମିସ)




ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସମସ୍ତ ଅଧିକାରୀଙ୍କୁ ଦାୟିତ୍ୱର ସହ ଶତ ପ୍ରତିଶତ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ ପ୍ରକଳ୍ପ କାମ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୁରୁଣାକଟକରେ ଚୋରି, ଡକାୟତି, ରାହାଜାନୀ ଆଦି ଅପରାଧିକ ମାମଲା ଦିନକୁ ଦିନ ବଢୁଛି । ଜନସାଧାରଣ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ନିଜର ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ । ସେହି ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କଡାକଡି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୌଦ୍ଧ ଜିଲ୍ଲାରେ ସୁଭଦ୍ରା ଶକ୍ତିମେଳା ୧୨ ତାରିଖ ପର୍ଯ୍ୟନ୍ତ ହେବ । ଏଣୁ ଯାହାକୁ ଯାହା ଦାୟିତ୍ୱ ଦିଆଯାଇଛି ସେସବୁ ଦାୟିତ୍ୱର ସହ ସମ୍ପାଦନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଦିଶା ବୈଠକ ପାଇଁ ସମସ୍ତେ ନିଜ ନିଜ ବିଭାଗର ବିଗତ ବୈଠକର ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହରେ ଉତ୍ତରାଞ୍ଚଳ ନିର୍ଦ୍ଦେଶକଙ୍କ ବୌଦ୍ଧ ଗସ୍ତ ଅଛି । ଏଣୁ ସମସ୍ତ ବିଭାଗ ନିଜ ନିଜ ବିଭାଗର ଅଭିଯୋଗ ଶୁଣାଣି ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଗକୁ ନୋଡାଲ ଅଫିସରଙ୍କ ବୌଦ୍ଧ ଜିଲ୍ଲା ଗସ୍ତ ଅଛି । ଏଣୁ ସମସ୍ତେ ଠିକ୍ ଭାବେ କାମ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ବିଭାଗର ସଫଳତାର କାହାଣୀ ପ୍ରଗତି ପ୍ରବାହରେ ପ୍ରକାଶନ ହେବ । ଏଣୁ ସମସ୍ତ ବିଭାଗ ନିଜ ନିଜ ବିଭାଗର ସଫଳ କାହାଣୀ ପ୍ରତି ମାସ ଶେଷ ସୁଦ୍ଧା ଦେବା ପାଇଁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ନିର୍ଦ୍ଦେଶ ଦେଇଛନ୍ତି ।

# ଗଞ୍ଜେଇ ଚାଲାଣ ପାଇଁ ଛାତ୍ରଛାତ୍ରୀ, ମହିଳାଙ୍କୁ ମାଧ୍ୟମ

**କଣ୍ଟାମାଳ, ୬ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗଞ୍ଜେଇ ଚୋରା ଚାଲାଣର ପେଣ୍ଠସ୍ଥଳ ପାଲଟିଛି । ଏଠାରୁ ଦୈନିକ ରାଜ୍ୟର ବିଭିନ୍ନ ସ୍ଥାନ ସହ ବାହାରକୁ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଚୋରା ଚାଲାଣ ହେଉଛି । ଏବେ କଣ୍ଟାମାଳ ବ୍ଲକ ଗଞ୍ଜେଇ ମାଫିଆଙ୍କ ପାଇଁ ଭୂ-ସ୍ୱର୍ଗ ପାଲଟିଛି । ପୁଲିସ ଓ ଅବକାରୀ ବିଭାଗର ସନ୍ଦେହ ଦୂର କରିବା ପାଇଁ ଦିନକୁ ଦିନ ଗଞ୍ଜେଇ ମାଫିଆ ସେମାନଙ୍କ କୌଶଳ ପରିବର୍ତ୍ତନ କରୁଛନ୍ତି । କେତେବେଳେ ନାବାଳକ, କେତେବେଳେ ଛାତ୍ରଛାତ୍ରୀ ତ ପୁଣି କେତେବେଳେ ମହିଳା ଓ ଯୁବତୀ ଏସବୁ ଗଞ୍ଜେଇ ଚାଲାଣର ମାଧ୍ୟମ ସାଜୁଛନ୍ତି । ଖାଲି ସେତିକି ନୁହେଁ; ଚାଲାଣ ପୂର୍ବରୁ ମାଫିଆମାନେ ଆଗରେ ଏସ୍କର୍ଟ କରି ଏମାନଙ୍କ ପଥ ପରିଷ୍କାର କରୁଛନ୍ତି । ପ୍ରତ୍ୟେହ ମାଫିଆମାନେ ଏହିଭଳି ବେଶ୍ ଚତୁରତାର ସହ ଗଞ୍ଜେଇ ଚାଲାଣ କରୁଛନ୍ତି । ପୁଲିସ କିମ୍ବା ଅବକାରୀ ବିଭାଗକୁ ବଡ଼ ସଫଳତା ମିଳୁନି । କେତେବେଳେ କେମିତି ବାଇକ୍ କିମ୍ବା କାରରୁ ୧୦/୨୦ କେଜି ଗଞ୍ଜେଇ ଜବତ କରି ପୁଲିସ, ଅବକାରୀ ବିଭାଗ ବାହାବା ନେବାକୁ ଚେଷ୍ଟା କରୁଛି । ବଡ଼ ବଡ଼ ବ୍ୟବସାୟୀ କିନ୍ତୁ ଅତି ଚତୁରତାର ସହ ଖସିଯିବାରେ ସକ୍ଷମ ହେଉଛନ୍ତି । ଅନ୍ୟପକ୍ଷେ ଏଥିପାଇଁ ମୋଟା ଟଙ୍କା କାରବାର ମଧ୍ୟ ହେଉଛି । ଠିକଣା ଜାଗାରେ ଏହାକୁ ପହଞ୍ଚାଇ ଦେବାପରେ ବେଶ୍ ଦି ପଇସା ମିଳି ଯାଉଛି । ଏଣୁ ନାବାଳକ, ଛାତ୍ରଛାତ୍ରୀ, ମହିଳା, ଯୁବତୀ ଏହି ପନ୍ଥାକୁ ନିଜର ବ୍ୟବସାୟ ଭାବେ ବାଛି ନେଇଛନ୍ତି । ଅନ୍ୟପକ୍ଷେ କିଛି ଯୁବକ ଗଞ୍ଜେଇ ମାଫିଆଙ୍କ ପଛରେ ପଡ଼ିଯାଇଛନ୍ତି । ସେମାନଙ୍କୁ ପିଛାକରି ରାଜପଥରେ ଗଞ୍ଜେଇ ଛଡାଇ ନେଉଛନ୍ତି । ମାଫିଆମାନେ ବିଭିନ୍ନ ଉପାୟ କରି ଗଞ୍ଜେଇ ଚାଲାଣ କରୁଥିଲେ ମଧ୍ୟ ରୋକିବାରେ ପୁଲିସ ଏବଂ ଅବକାରୀ ବିଭାଗ ବିଫଳ ହେଉଛି ।

## ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିର୍ଦ୍ଦୋଷ ପ୍ରମାଣିତ

**ବୌଦ୍ଧ, ୬ ।୩(ସମିସ):** ବୌଦ୍ଧ ଜିଲ୍ଲାର ବହୁ ଚର୍ଚ୍ଚିତ ଖରଭୂଇଁ ପଥର ଖଣି ଲୁଟ୍ ବିରୋଧରେ ନେତୃତ୍ୱ ନେଇଥିବା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅବକାଶ ସାହୁ ନିର୍ଦ୍ଦୋଷ ପ୍ରମାଣିତ ହୋଇଛନ୍ତି । ୩ ବର୍ଷ ଧରି ଏହି ଜନ ଆନ୍ଦୋଳନ ଚାଲିଥିଲା । ଶ୍ରୀ ସାହୁ ଏହାର ନେତୃତ୍ୱ ନେଇଥିଲେ ।



ବେସରକାରୀ ଠିକା ସଂସ୍ଥା ଏଆରଏସଏସ କମ୍ପାନୀର କର୍ମଚାରୀ ଅଭିଷେକ ଅଗ୍ରୱାଲା ଶ୍ରୀ ସାହୁଙ୍କ ନାମରେ ଉଦ୍ଦେଶ୍ୟମୂଳକ ଭାବେ ଏକ ମାମଲା ରୁଜୁ କରିଥିଲେ । ପ୍ରଶାସନ ସହଯୋଗରେ ଶ୍ରୀ ସାହୁ ଜୋର ଜବରଦସ୍ତ ଟଙ୍କା ଆଦାୟ କରୁଥିବା ଅଭିଯୋଗ କରି କମ୍ପାନୀ ମାମଲା ରୁଜୁ କରିଥିଲା । ଏହି ମାମଲା ବଳରେ ପୁଲିସ ଶ୍ରୀ ସାହୁଙ୍କୁ ଗିରଫ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଶ୍ରୀ ସାହୁଙ୍କୁ ୧୨୩ ଦିନ ଜେଲ୍ ଯିବାକୁ ପଡ଼ିଥିଲା । ଶେଷରେ ସାକ୍ଷୀ, ପ୍ରମାଣ ଅଭାବରୁ ହରଭଙ୍ଗା (ଚାରିଛକ) ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଷ ପ୍ରୀତିଶ କୁମାର ସାମଲ ଶ୍ରୀ ସାହୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଶ୍ରୀ ସାହୁଙ୍କ ପକ୍ଷରୁ ଆଇନଜୀବୀ ଅଜିତ ବାରିକ ମାମଲା ପରିଚାଳନା କରୁଥିଲେ ।

## ବୀରମହାରାଜପୁରରେ ବେଆଇନ୍ ଗ୍ୟାସ୍ ବେପାର

### ନିରବଦ୍ରଷ୍ଟା ଯୋଗାଣ ବିଭାଗ

**ବୀରମହାରାଜପୁର, ୬ ।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅଞ୍ଚଳରେ ବେଆଇନ୍ ଗ୍ୟାସ୍ ବେପାର ଚାଲିଥିବା ଅଭିଯୋଗ ହେଉଛି । ବୀରମହାରାଜପୁରରେ ବିଭିନ୍ନ ଗ୍ୟାସ୍ ବିତରକ ସଂସ୍ଥା ଅଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ଗ୍ୟାସ୍ ବିତରକ ସଂସ୍ଥା ଗ୍ରାହକମାନଙ୍କୁ ସବୁ ସମୟରେ ଯୋଗାଇ ଦେବାର ନିୟମ ଥିଲେ ହେଁ ଏକ ଗ୍ୟାସ୍ ବିତରକ ସଂସ୍ଥା ବିଭିନ୍ନ ଗାଁରେ ଥିବା ଦୋକାନମାନଙ୍କୁ ବେଆଇନ୍ ଭାବେ ବିକ୍ରି କରୁଛି । ଫଳରେ ଖାଉଟିମାନେ ଅନେକ ସମୟରେ ଗ୍ୟାସ୍ ସିଲିଣ୍ଡର୍ ଆଣିବାକୁ ଯାଇ ଷ୍ଟକ୍ ନ ଥିବାରୁ ଫେରି ଆସିଥାନ୍ତି । ଗାଁରେ ବେଆଇନ୍ ଭାବେ ଚଢ଼ା ଦରେ ବିକ୍ରି କରୁଥିବା ଦୋକାନୀ ଠାରୁ କିଣିବାକୁ ବାଧ ହୋଇଥାଆନ୍ତି । ବୀରମହାରାଜପୁର ଉପଖଣ୍ଡର ଟାଙ୍ଗର ସାହି, ରଥ ପୁର, କମଲପୁର, ସୁବଳୟା, ଜଟେସିଂହା, ଡୁଙ୍ଗୁରୀ, ଖଣ୍ଡହତା, ମୃସୁନ୍ଧି, ଯାଲୋଏ, ଉଲୁଣ୍ଡା ପରି ବିଭିନ୍ନ ଗ୍ରାମରେ ବେଆଇନ୍ ଗ୍ୟାସ୍ ସିଲିଣ୍ଡର୍ ବିକ୍ରି କରୁଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି । ଏ ବିଷୟରେ ବୀରମହାରାଜପୁର ଯୋଗାଣ ଅଧିକାରୀଙ୍କୁ ଫୋନ୍ ଯୋଗେ ପଚାରିବାରୁ ବଜାରରେ ଦୋକାନୀ ମାନେ ଗ୍ୟାସ୍ ସିଲିଣ୍ଡର୍ ବିକିବାର ନିୟମ ନାହିଁ, ମୁଁ ଦେଖୁଛି ବୋଲି କହିଥିଲେ । ଏଣୁ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସପ୍ଲାଏ ଇନ୍ସପେକ୍ଟର, ଉପଜିଲ୍ଲାପାଳ, ଥାନା ଭାରପ୍ରାପ୍ତ ଅଧିକାରୀ ଲାଭଖୋର ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ଚାଉଳ ନ ନେଇ ଫେରିଗଲେ ହିତାଧିକାରୀ

**ବୌଦ୍ଧ, ୬ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅଫିସକୁ ଚାଉଳ ନେବାକୁ ଆସିଥିବା ହିତାଧିକାରୀ ନିରାଶ ହୋଇଛନ୍ତି । ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରି ନିରାଶ ହୋଇ ଘରକୁ ଫେରି ଯାଇଥିବା ଦେଖିବାକୁ ମିଳିଛି । ଆଖି ସ୍କାନ ନ ହେଲେ ଚାଉଳ ଦିଆଯାଉନି । ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ନେଟୱାର୍କ ସମସ୍ୟା ଥିବାରୁ ହିତାଧିକାରୀ ଭୋକ ଉପାସରେ ଦୀର୍ଘ ସମୟ ଅପେକ୍ଷା କରିଥିଲେ । ଶେଷରେ ଚାଉଳ ନ ପାଇ ଫେରି ଯାଇଥିଲେ ।

# ଫସଲ ଉଜାଡ଼ିଦେଲେ ହାତୀପଲ





**ଜହ୍ନାପଙ୍କ, ୬ ।୩(ସମିସ):** ବୌଦ୍ଧ ବନଖଣ୍ଡ ବଲାସିଙ୍ଗା ସହରୀ ବନୀକରଣ ଜଙ୍ଗଲରେ ୧୧ଟି ହାତୀ ରହିଛନ୍ତି । ଏହା ମଧ୍ୟରେ ଗୋଟିଏ ହାତୀ ଛୁଆ ଜନ୍ମ ଦେଇଛି । ଏହି ହାତୀପଲ ସାଲୁଙ୍କି ନଦୀ ପାର ହୋଇ ଖୁଣ୍ଟବନ୍ଧ ପଞ୍ଚାୟତ ଗୋବିନ୍ଦପୁର ଓ ମର୍ଜାତିପୁର ଅଞ୍ଚଳକୁ ପଳାଇ ଆସିଛନ୍ତି । ଚାଷୀଙ୍କ ପନିପରିବା ସହ ଧାନ ଚାଷ ନଷ୍ଟ କରିଛନ୍ତି । ସୁନୀଲ ପ୍ରଧାନ, ସୁରୁବାବୁ ଭୋଇ ଓ ଲଳିତ ନାଏକଙ୍କ କଦଳୀ ବଗିଚା ନଷ୍ଟ କରିଛନ୍ତି । ସେହିପରି ଘାସିରାମ ଝାଙ୍କର ଓ ବୃହସ୍ପତି ନାଏକଙ୍କ ମକା ବଗିଚା ନଷ୍ଟ କରିଛନ୍ତି । ବଜି ମହାକୁଡ଼ଙ୍କ ସାରୁ ବଗିଚା ଏବଂ ଅଭିମନ୍ୟୁ ପ୍ରଧାନ, ବାବାଜୀ ନାଏକ, କୈବଲ୍ୟ ପ୍ରଧାନ, ନୟନ ପ୍ରଧାନଙ୍କ ଧାନଚାଷ ଉଜାଡି ଦେଇଛନ୍ତି । ସୁରୁବାବୁ ଭୋଇ, ଚିନ୍ତାମଣି ଭୋଇ, କେଦାରନାଥ ପରିଡ଼ାଙ୍କ ତରଭୁଜ ଚାଷ ଉଜୁଡି ଯାଇଛି । ଏନେଇ ବନ ବିଭାଗକୁ ସୂଚନା ଦେଇଥିଲେ ମଧ୍ୟ କୌଣସି କର୍ମଚାରୀ ପରିଦର୍ଶନରେ ଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## 'ସକାଳ' ପ୍ରଭାବ: ଲାଗିଲା ଟ୍ରାନ୍ସଫର୍ମର




**ଶଗଡ଼ା, ୬ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସିମିଲିଯୋରାର ଗଭୀର ନଳକୂପରେ ଲାଗିଥିବା ୨୫କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ସମସ୍ୟା ସମାଧାନ ହୋଇଛି । ଦୀର୍ଘ ୧୦ ଦିନରୁ ଅଧିକ ହେଲା ଏହା ପୋଡ଼ି ଯାଇଥିଲା । ଏଣୁ ଧାନ ଚାଷ କରିଥିବା ଚାଷୀ ବିଲକୁ ମାଡି ମଡାଇବାକୁ ଚିନ୍ତାରେ ପଡ଼ିଥିଲେ । ଏ ନେଇ ଗୁରୁବାର 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ଏହାକୁ ନେଇ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝରେ ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟରେ ସରକାର, ପ୍ରଶାସନ ସହ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ତୁରନ୍ତ ସମସ୍ୟାର ସମାଧାନ ହୋଇଛି । ବିଭାଗ ପକ୍ଷରୁ ଏକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି । ଚାଷୀ ଲୋଚନ ରଣା, କୁଳମଣି ରଣା, ସୀମାଞ୍ଚଳ ରଣା, କୃଷ୍ଣ ରଣା, କନ୍ହେଇ ମୂର୍ଗୀ ଏବେ ଚିନ୍ତାମୁକ୍ତ ହୋଇଛନ୍ତି ।

# ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି

**ବଲାଙ୍ଗିର, ୬ ।୩(ସମିସ):** ବଲାଙ୍ଗିର ଜିଲ୍ଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ପାଇଁ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ ଏବଂ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ମଞ୍ଚାସୀନ ଥିଲେ । ଜିଲ୍ଲାପାଳ ସମସ୍ତ ବିଭାଗର ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ଅଂଶୁଘାତ ଉପଶମ ଗୃହର ସୂଚାରୁ ପରିଚାଳନା ଲାଗି ଆବଶ୍ୟକ ନିଷ୍ପତ୍ତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଅନ୍ୟ ଜରୁରୀ କାର୍ଯ୍ୟଗୁଡିକୁ ଗୁରୁତର ସହ ତୁଲାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଦେବାକୁ ନିଷ୍ପତ୍ତି ହୋଇଛି । ପାନୀୟ ଜଳ ସୁବିଧା ସୁନିଶ୍ଚିତ କରିବା, ଜଳ ଅଭାବ ଅଞ୍ଚଳ ଚିହ୍ନଟ, ନଳକୂପ ରକ୍ଷଣାବେକ୍ଷଣ ଓ ପାଇପ୍ ଜଳ ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବସ୍‌ରେ ପାଣି, ଓଆରଏସ ରଖିବାକୁ କୁହାଯାଇଛି । ବସ୍‌ଷ୍ଟାଣ୍ଡରେ ବିଶ୍ରାମସ୍ଥଳ ଓ ବିଭିନ୍ନ ଛକରେ ପାନୀୟ ଜଳ ସେବା କେନ୍ଦ୍ରର ବ୍ୟବସ୍ଥା ଏବଂ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପଶୁପାଳନ ପାଇଁ ଭାଟ, ତୁଆ, ଚହଲା କରିବାକୁ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଗରମ ପ୍ରଭାବକୁ ଦୃଷ୍ଟିରେ ରଖି କୃଷି ଉତ୍ପାଦନ କ୍ଷେତ୍ରରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା କୃଷି ଅଧିକାରୀଙ୍କୁ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ବନ୍ୟପ୍ରାଣୀ ଓ ପଶୁପକ୍ଷୀଙ୍କ ପାଇଁ ପାଣି ସୁବିଧା ସୁନିଶ୍ଚିତ କରିବା, ପୋଖରୀ ଓ ଜଳାଶୟ ନିର୍ମାଣ ସହ ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ବନ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାଠପଢ଼ା ଓ ପରୀକ୍ଷା ଆଦି ସକାଳେ ରଖିବାକୁ ନିଷ୍ପତ୍ତି ହୋଇଛି । ବିଦ୍ୟାଳୟରେ ନିରବଚ୍ଛିନ୍ନ ପାନୀୟ ଜଳ ସୁବିଧା ସୁନିଶ୍ଚିତ କରାଯିବ । ସ୍କୁଲ ଯିବା ସମୟରେ ପିଲାଙ୍କୁ ନିହାତି ଭାବେ ପାଣି ବୋତଲ ଦେବା ପାଇଁ ଅଭିଭାବକଙ୍କୁ ସଚେତନ କରାଯିବ । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟ ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ କରାଯିବ । ଶ୍ରମିକଙ୍କ ସୁରକ୍ଷା ପାଇଁ କାର୍ଯ୍ୟ ସମୟରେ ପରିବର୍ତ୍ତନ କରାଯାଇଛି । କାର୍ଯ୍ୟସ୍ଥଳରେ ପାଣି, ଓଆରଏସ ଓ ବିଶ୍ରାମ ସେଡ୍ ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ଟାଟା ପାୱାରକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ସତର୍କ ଆପ୍ ବ୍ୟବହାର ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ବଲାଙ୍ଗୀର ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟା କାର୍ଯ୍ୟକ୍ଷମ ନିୟନ୍ତ୍ରଣ କକ୍ଷ ମଧ୍ୟ ସ୍ଥାପନ କରାଯାଇଛି । ଜରୁରୀକାଳୀନ ସେବା ଯୋଗାଇବା ପାଇଁ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି । ଏଥିଲାଗି ୯୪୩୮୭୭୬୩୯୪/ ୦୬୬୫୨-୨୩୦୯୬୯ ନମ୍ବର ଜାରି କରାଯାଇଛି । ସେହିଭଳି ହସ୍ପିଟାଲ ସହାୟତା ପାଇଁ ମଧ୍ୟ ଫୋନ ନଂ-୭୮୭୩୦୩୯୨୯୧ ଜାରି କରାଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନ ଭୋଇ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ହିତାଧିକାରୀଙ୍କ ନୋମିନିଙ୍କୁ ବୀମା ରାଶି ପ୍ରଦାନ



**ଜହ୍ନାପଙ୍କ, ୬ ।୩ (ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ବେରେଡାବାରି ଗ୍ରାମର ଗୀତାଞ୍ଜଳି ଖେତିଙ୍କ ସ୍ୱାମୀଙ୍କୁ ବଘିଆପଡ଼ା ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ବାବଦକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହି ଯୋଜନା ଅଧୀନରେ ସେ ମାତ୍ର ୪୩୬ ଟଙ୍କା ବାନ୍ଧି ଜୀବନ ବୀମା କରିଥିଲେ । ତାଙ୍କ ଅକାଳ ବିୟୋଗ ପରେ ତାଙ୍କ ସ୍ୱାମୀଙ୍କୁ ଏହି ଯୋଜନାର ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ରାଶି ତାଙ୍କ ସ୍ୱାମୀ ଗୋପାଳ ଖେତିଙ୍କୁ ବଘିଆପଡ଼ା ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଛି । ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ପ୍ରଦୀପ ମେହେର ତାଙ୍କୁ ଚେକ୍ ପ୍ରଦାନ କରିଥିଲେ । ସେହିପରି ଅମଠାପଡ଼ା ଗ୍ରାମର ଭୂମିସୂତା ଷାଣ୍ଢଙ୍କୁ ମଧ୍ୟ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ବାବଦକୁ ୨ ଲକ୍ଷ ଟଙ୍କାର ଚେକ୍ ମିଳିଛି । ତାଙ୍କ ସ୍ୱାମୀ ମହାଦେବ ଷାଣ୍ଢଙ୍କ ନାମରେ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ରହିଥିଲା । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ୨ ଲକ୍ଷ ଟଙ୍କା ପାଇଛନ୍ତି । ବଘିଆପଡ଼ା ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଖାଁ, କ୍ୟାସ୍ ଅଫିସର ଅନିକେତ ମହାପାତ୍ର, ଆକାଉଣ୍ଟାଣ୍ଟ ପ୍ରଶାନ୍ତ ଦାସ, ବ୍ୟାଙ୍କ ମିତ୍ର ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଛ ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି




**ବୀରମହାରାଜପୁର, ୬ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାଗୃହରେ ରାଜ୍ୟ କଂଗ୍ରେସ ମିଡିଆ ସେଲ୍‌ର ମୁଖ୍ୟ ଅରବିନ୍ଦ ଦାସ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଶାସକ ବିଜେପି ଦଳକୁ କଡା ସମାଲୋଚନା କରିଛନ୍ତି । ମିଛ ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି । ବିଜେପି ରାଜ୍ୟରେ ଖଣି ଓ ବାଲି ଚୋରି କରି ଓଡ଼ିଶାକୁ କାଙ୍ଗାଳ କରିଦେବ । ଏହା ଫଳରେ ରାଜ୍ୟ ସରକାର ୨ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ପୁରୁଣା ପ୍ରକଳ୍ପରେ ରଙ୍ଗ ମାରିବା ଛଡ଼ା ଡବଲ ଇଞ୍ଜିନ ସରକାର ଆଉ କ'ଣ କରିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, ଜିଲ୍ଲାପରିଷଦ ସଭ୍ୟ ଲବ ସାହୁ, ପ୍ରିୟବ୍ରତ ସାହୁ, ସାମନ୍ତ ପାତ୍ର, ଏବଂ ସରପଞ୍ଚ ସୂର୍ଯ୍ୟ ନନ୍ଦ ଉପସ୍ଥିତ ଥିଲେ ।

## ଏମ୍‌ବିକେ ତାଲିମ ଶିବିର ଉଦ୍‌ଘାଟିତ

**ପଲଶାଗୋରା, ୬ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମା ସରସ୍ୱତୀ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନରେ ଶୁକ୍ରବାରଠାରୁ ବ୍ଲକର ୧୫ଜଣ ଏମ୍‌ବିକେଙ୍କୁ ନେଇ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି । କମ୍ପ୍ୟୁଟର ଶିକ୍ଷାରେ ଦକ୍ଷତା ହାସଲ ପାଇଁ ଏହି ୨୦ଦିନିଆ ଶିବିର ଉଦ୍‌ଘାଟିତ ହୋଇଛି । କେନ୍ଦ୍ର ନିର୍ଦ୍ଦେଶକ ଦେବାଶିଷ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଲଶାଗୋରା ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପୂର୍ଣ୍ଣ ଚରଣ ସାହୁ, ଜୟ ମହାରଣା, ରଞ୍ଜନ ପାତ୍ର, ସ୍ୱେଚ୍ଛାସେବୀ ରୁଷି ରଣା, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହା ପୂର୍ବରୁ ଏମ୍‌ବିକେ ମା'ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ତାଲିମଦାତା ମକୁନ୍ଦ କଅଁର, ପଦ୍ମାଳୟା ମଲିକ, ଶୁଭାଶିଷ ମଲିକ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କେନ୍ଦ୍ର ସଂଯୋଜକ ଶୁଭାଶିଷ ମଲିକ, ସହ ସଂଯୋଜକ ଚିନ୍ମୟ ପାଣ୍ଡେ, ଅଞ୍ଜୁରାଣି ମହାକୁଡ଼, ସୁସନ୍ଧ୍ୟା ପ୍ରଧାନ, ସସ୍ମିତା ସାହୁ ସହଯୋଗ କରିଥିଲେ ।

## ସୂଚନା ଅଧିକାର ଅଧିନିୟମ କର୍ମଶାଳା

**ବୌଦ୍ଧ, ୬ ।୩ (ସମିସ) :** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହଠାରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଅଧିକାର ଅଧିନିୟମ-୨୦୦୫ର ଜିଲ୍ଲାସ୍ତରୀୟ କର୍ମଶାଳା ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ସମସ୍ତ ଅଧିକାରୀଙ୍କୁ ସ୍ୱଚ୍ଛ, ଦୁର୍ନୀତି ମୁକ୍ତ ଓ ଲୋକାଭିମୁଖୀ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ରିତାକାନ୍ତି ବଳିୟାର ସିଂହଙ୍କ ଆବାହକତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ପ୍ରାଚୀ ସୁବର୍ଣ୍ଣା ପୁରୋହିତ, ସୋନାଲି ବାଘ, ଅନ୍ୱେଷା ମିଶ, ଅଂଶୁମାନ ରଥ, ପ୍ରିୟଙ୍କା ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ଡକ୍ଟର ପ୍ରବୀର ଦାସ, ଉତ୍ତମ ବେହେରା, କେଦାରନାଥ ସାହୁ ଓ ନବକିଶୋର ଦୀପ ବକ୍ତୃତା ପ୍ରତିଯୋଗିତାର ବିଚାରକ ଥିଲେ । ରଶ୍ମି ରଞ୍ଜନ ରାଉତ ସୂଚନା ଅଧିକାର ଉପରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କେଦାରନାଥ ସାହୁ ସୂଚନା ଅଧିକାର ଆଇନ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଡେପୁଟି କଲେକ୍ଟର ମନିଷା ମହାନନ୍ଦିଆ, ଡେପୁଟି କଲେକ୍ଟର ଏମ. ସ୍ୱରୂପ, ନିରୋଜ ଭଦ୍ରା, ପରିପୂର୍ଣ୍ଣା ଦେବୀ, ସ୍ୱସ୍ତି ମହାପାତ୍ର, ଜ୍ୟୋତି ରଞ୍ଜନ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ । ଆସମାନ ମହାକୁଡ଼, ଅକ୍ଷୟ ମହାକୁଡ଼, ଜିତେନ୍ଦ୍ର ମହାନ୍ତି, ବୀରକିଶୋର କର୍ମୀ, ସୋମନାଥ ବାରିକ, ପିଙ୍କି ବେହେରା ପ୍ରମୁଖ ସହଯୋଗ କରିଥିଲେ ।




## ସନମତ ସୁନାଙ୍କ ପରଲୋକେ

**ଡୁଙ୍ଗୁରିପାଲ, ୬ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ସୁନାଙ୍କ ପିତୃ ସନମତ ସୁନା (୮୯)ଙ୍କ ଗୁରୁବାର ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ



ମଝିଆ ପୁଅ କୁମର ସୁନା, ସାନପୁଅ ଦୀନବନ୍ଧୁ ସୁନା, ଝିଅ ଭାନୁମତି, ବୋହୂ କୌଶଲ୍ୟା, ନାତୁଣୀ ପ୍ରିୟଙ୍କା, ପୂଜା, ମହିମା, ସ୍ୱପ୍ନା, ମୁସ୍କାନ, ଆକାଶୀ, ବବ୍‌ଲି, ନାତି ଜିତୁ, ମିଟୁ, ଆକାଶ, ମନୋଜ, ସୁବଳ, ସୁରେଶ, ରାଜିନ, ପୁତୁରା ପୁଅ, ଗିରି, ବରୁଣ, ମହେଶ୍ୱର, କୁବେର, ବିଷ୍ଣୁ, ଭଗବାନ, ମହାକୁର, କ୍ଷେତ୍ରୀ ଝିଆରୀ ରତ୍ନା, ନାତି ସୁଶୀଲ, ଜଗା, ହିନା ପ୍ରମୁଖ ଉପସ୍ଥିତ ଥିଲେ । ଶୁକ୍ରବାର ଗାଁ ଅଙ୍ଗନଦୀ ତଟ ଶ୍ମଶାନଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

## ଶକ୍ତି ସ୍ୱରୂପିଣୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ବୌଦ୍ଧ, ୬ ।୩(ସମିସ):** ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନଦୀ ଆଳତୀ ଘାଟ ପରିସରରେ ତ୍ରି ଦିବସୀୟ ଶକ୍ତି ସ୍ୱରୂପିଣୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ଯୋଗ ଓ ଧ୍ୟାନ ଶିବିର ଉଦ୍‌ଘାଟିତ ହୋଇଥିଲା । ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତିରଞ୍ଜନ ଭୁଏ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ, ସହକାରୀ ଜିଲ୍ଲାପାଳ ସୁଧର୍ମା ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ । ଲଳିତା ଅଗ୍ରୱାଲା ଓ ପ୍ରଜ୍ଞା ଦାସ ବ୍ୟାୟାମ, ଆସନ, ପ୍ରାଣାୟାମ, ଧ୍ୟାନ, ଏରୋବିକ୍ ଓ ଜୁମ୍ବା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଭିନ୍ନ ଶିକ୍ଷାନୁଷ୍ଠାନ, ମହିଳା ସ୍ୱୟଂ ସହାୟକ ଦଳ, ସରକାରୀ ଓ ବେସରକାରୀ ଅନୁଷ୍ଠାନର ମହିଳାମାନେ ଯୋଗ ଦେଇଥିଲେ । ଅସମାନ ମହାକୁଡ, ଯୋଗ ଶିକ୍ଷକ ନଟବର ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ

ବୌଦ୍ଧ, ୬ ।୩(ସମିସ)



ବୌଦ୍ଧ କଚେରୀ ପଡ଼ିଆରେ ଜିଲ୍ଲାସ୍ତରୀୟ ୭ ଦିନିଆ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ମେଳାର ଉଦ୍‌ଘାଟନ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରକା ଦତ୍ତ, ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ସଂଘମିତ୍ରା ପରମାଣିକ ସଂଯୋଜନା କରିଥିଲେ । ବୀରନରସିଂହପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ନବକିଶୋର ଦୀପ ଏବଂ ଶୁଭଲକ୍ଷ୍ମୀ ମୁଦୁଲି ପରିଚାଳନା କରିଥିଲେ । ସଙ୍ଗୀତାୟନ ଅନୁଷ୍ଠାନର କଳାକାରମାନେ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ । ବଲାଙ୍ଗିର କୋଶଲ ଫୋକ୍ ଏକାଡେମୀ, ବରଗଡ଼ ପଦ୍ମିନୀ ଦୋରା ମେଲୋଡି ଟିମ୍‌ର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ତହସିଲଦାର ଅନିତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ପଦ୍ମିନୀ ମନୋନୀତ



ବାଲେଶ୍ୱର, ୬।୩(ସମିସ): ଅନ୍ତର୍ଜାତୀୟ ଦୃଷ୍ଟିବାଧିତ ମହିଳା ଫୁଟବଲ ଚାମ୍ପିୟନସିପ୍ ରେ ଭାଗ ନେବା ପାଇଁ ଜାତୀୟ ଦଳର ଖେଳାଳି ମନୋନୟନ ଶିବିର ଫେବୃଆରୀ ୧୧ ରୁ ୧୩ ପର୍ଯ୍ୟନ୍ତ ଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀ ପଦ୍ମିନୀ ଟୁଡୁ ଓ ସୁମିତ୍ରା ସିଂ ଅଂଶଗ୍ରହଣ କରିଥିଲେ। ଦୁଇ ଜଣଙ୍କ ମଧ୍ୟରୁ ମନୋନୟନ ବୋର୍ଡ, ଭାରତୀୟ ଦଳରେ ପଦ୍ମିନୀ ଟୁଡୁଙ୍କୁ ଓଡିଶାରୁ ଏକମାତ୍ର ପ୍ରାର୍ଥୀନୀ ଭାବରେ ଚୟନ କରିଥିବାରୁ ରାଜ୍ୟ କ୍ରୀଡା ଯୁବ ବ୍ୟାପାର ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବାସଭବନରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଦ୍ମିନୀ ଏକ ଧାରାରେ ଜଣେ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟର ସହିତ ଜାତୀୟ ମହିଳା ଦୃଷ୍ଟିବାଧିତ ଫୁଟବଲ ଖେଳାଳି ଭାବରେ ଭାରତୀୟ ଦଳରେ ଏକମାତ୍ର ଓଡିଶାର ଝିଅ ଭାବରେ ସ୍ଥାନ ପାଇଥିବାରୁ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ଆଗାମୀ ଏପ୍ରିଲ ମାସରେ ଜାପାନରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଫୁଟବଲ ଚାମ୍ପିୟାନସିପରେ ଭାରତର ବିଜୟ କାମନା କରିଛନ୍ତି।

# ସମସ୍ୟା ଘେରରେ ଆରଏମ୍ଏସ୍ କାର୍ଯ୍ୟାଳୟ

ବାଲେଶ୍ୱର,୬ ।୩(ସମିସ)




୧୭୧ବର୍ଷର ଗୌରବମୟ ଐତିହ୍ୟ ମଧ୍ୟରେ ସମଗ୍ର ଦେଶର ୧.୫ଲକ୍ଷରୁ ଅଧିକ ଡାକଘର ସହିତ ଭାରତୀୟ ଡାକ ବିଭାଗ ବିଶ୍ୱର ସର୍ବାଧିକ ବିସ୍ତୃତ ଡାକ ବ୍ୟବସ୍ଥା। ସରକାରଙ୍କ ପକ୍ଷରୁ ଡାକ ବିଭାଗକୁ ଅଧିକ କ୍ରିୟାଶୀଳ ପାଇଁ ଗୁରୁତ୍ୱ ଦିଆଯାଉଥିବା ବେଳେ ବାଲେଶ୍ୱରରେ ଆରଏମଏସ କାର୍ଯ୍ୟାଳୟ ସମସ୍ୟା ଘେରରେ ପଡିଥିବା ଜଣାପଡିଛି ।ବାଲେଶ୍ୱରରେଳଷ୍ଟେସନରେ ପରିଚାଳିତ ଆରଏମଏସ କାର୍ଯ୍ୟାଳୟ ପ୍ରାୟ ୧୨୮ବର୍ଷର ପୁରୁଣା। ଏଯାବତ ରେଳଷ୍ଟେସନର ଦୁଇନମ୍ବର ପ୍ଲାଟଫର୍ମସ୍ଥିତ ପୁରୁଣା ଭବନରେ ପ୍ରାୟ ୨୮୦ବର୍ଗ ମିଟର ଅର୍ଥାତ ପ୍ରାୟ ୩ହଜାର ବର୍ଗ ଫୁଟ ସ୍ଥାନରେ ଏହା କାର୍ଯ୍ୟ କରୁଥିଲା। ମାତ୍ର ଅମୃତ ଭାରତ ଷ୍ଟେସନ ଯୋଜନାରେ ପୁନଃ ବିକଶିତ ହେଉଥିବା ବାଲେଶ୍ୱର ରେଳ ଷ୍ଟେସନର ନବ ନିର୍ମିତ ଭବନରେ କେବଳ୧୮୫ ବର୍ଗ ମିଟର ଅର୍ଥାତ ପ୍ରାୟ ଦୁଇହଜାର ବର୍ଗ ଫୁଟ ସ୍ଥାନ ଆରଏମଏସ କାର୍ଯ୍ୟାଳୟ ପାଇଁ ବ୍ୟବସ୍ଥା କରାଯାଇଛି। ଦିନକୁ ଦିନ କାର୍ଯ୍ୟଭାରରେ ଚାପଗ୍ରସ୍ତ ଆରଏମଏସ ପାଇଁ ଅଧିକ ସ୍ଥାନର ଆବଶ୍ୟକତା ନେଇ ଦୀର୍ଘ ଦିନରୁ ରେଳ କର୍ତ୍ତୃପକ୍ଷଙ୍କୁ ଅଗବତ କରାଯାଇଥିବା ସତ୍ୱେ ୧୨୮ ବର୍ଷ ପୂର୍ବରୁ ଯେତିକି ସ୍ଥାନ ଦିଆଯାଇଥିଲା, ନୂତନ ଭବନରେ ତାହା ଠାରୁ କମ ସ୍ଥାନର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟର ଚାପ ଅନୁଯାୟୀ ଅଧିକ ସ୍ଥାନ ଦେବା ପାଇଁ ରେଳ କର୍ତ୍ତୃପକ୍ଷ କୁଣ୍ଠାବୋଧ ପ୍ରକାଶ କରୁଥିବା ଜଣାପଡିଛି । ଅତ୍ୟନ୍ତ ପକ୍ଷେ ପୂର୍ବରୁ ଦିଆଯାଇଥିବା ୩ହଜାର ବର୍ଗ ଫୁଟ ଅନୁସାରେ ନୂତନ ସ୍ଥାନ ଦେବା ନେଇ ବାରମ୍ବାର ଅନୁରୋଧକୁ ଅଗ୍ରାହ୍ୟ କରାଯାଉଛି। ବୃଦ୍ଧିଶୀଳ କାର୍ଯ୍ୟ ସମ୍ପାଦନ ପାଇଁ ଅତିରିକ୍ତ ହଜାରେ ବର୍ଗ ଫୁଟ ଆବଶ୍ୟକ ହେଉଥିବା ସତ୍ୱେ ରେଳ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଚାଲିଛନ୍ତି। ନୂତନ ଭବନରେ କାର୍ଯ୍ୟାଳୟ ପାଇଁ ଆବଂଟିତ ଦୁଇହଜାର ବର୍ଗ ଫୁଟ ସ୍ଥାନ ଆରଏସଏସର ଦୈନିନ୍ଦିନ କାର୍ଯ୍ୟଧାରାରେ ଘୋର ସମସ୍ୟା ସୃଷ୍ଟି କରିବ। ନୂତନ କାର୍ଯ୍ୟାଳୟରେ ଅବ୍ୟବସ୍ଥିତ ବିଶ୍ରାମ କକ୍ଷରେ ଦୁଇଟି ସିଙ୍ଗଲ ବେଡ ରଖିବା ପାଇଁ ସ୍ଥାନ ନଥିବା ବେଳେ ପ୍ରାକୃତିକ ବାୟୁ ଚଳାଚଳ ପାଇଁ ଝରକା ନଥିବାରୁ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେବେ। ଡାକ ସେବା ପାଇଁ ଉଦ୍ଦିଷ୍ଟ ଜରୁରୀ କାଉଣ୍ଟରକୁ ଅତ୍ୟନ୍ତ ସଂକୁଚିତ ଓ ଅସୁବିଧାଜନକ ସ୍ଥିତିରେ ନିର୍ମାଣ କରାଯାଇଛି ଯେଉଁଥିରେ କାର୍ଯ୍ୟ ସମ୍ପାଦନରେ ଜଣେମାତ୍ର କର୍ମଚାରୀଙ୍କ ପାଇଁ ବି ନାନାଦି ସମସ୍ୟା ସୃଷ୍ଟି ହେବ।

## ଆନ୍ଦୋଳନର ଚେତାବନୀ ଦେଲେ କର୍ମକର୍ତ୍ତା

ସେହିପରି ଆରଏମଏସ କାର୍ଯ୍ୟାଳୟରୁ ଡାକ ପରିବହନ ପାଇଁ ପ୍ଲାଟଫର୍ମ ସହିତ ସୁବିଧାଜନକ ରାସ୍ତା ନିର୍ମାଣ ହୋଇନଥିବାରୁ ସର୍ବଦା ଡାକ ଚଳାଚଳରେ ବିଳମ୍ବ ହେବା ସମ୍ଭାବନା ରହିଛି । ଡାକସେବା କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା କମ୍ପ୍ୟୁଟର ପାଇଁ ଆବଶ୍ୟକୀୟ ସ୍ୱିଚ ବୋର୍ଡ ଲଗାଯାଇନାହିଁ କି ୟୁପିଏସ ପାଇଁ ପୃଥକ ୱାୟାରିଂ ବ୍ୟବସ୍ଥା ନାହିଁ। କାର୍ଯ୍ୟାଳୟର ପୁରୁଷ ଓ ମହିଳା କର୍ମଚାରୀମାନଙ୍କ ପାଇଁ ପୃଥକ ଶୌଚାଳୟ ବ୍ୟବସ୍ଥା ନ ଥିବା ଆରଏମଏସ ପ୍ରତି ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ସ୍ପଷ୍ଟ ପ୍ରମାଣିତ କରିଛି । କେନ୍ଦ୍ର ସରକାର ଡାକ ବିଭାଗକୁ ଆଧୁନିକ ଓ ସୁଦୃଢ଼ କରିବା ଦିଗରେ ପତିବଦ୍ଧତା ପ୍ରଦର୍ଶନ କରୁଥିବା ବେଳେ ରେଳ କର୍ତ୍ତୃପକ୍ଷଙ୍କ ଏହିଭଳି ଅବହେଳା ଅତ୍ୟନ୍ତ ଦୁଃଖଦାୟକ। ବାଲେଶ୍ୱର ଆରଏମଏସ କାର୍ଯ୍ୟାଳୟ ପାଇଁ ଆବଶ୍ୟକୀୟ ସଂଶୋଧନ ସହିତ ନୂତନ ଭବନରେ ଅନୁନ୍ୟ ୪ହଜାର ବର୍ଗ ଫୁଟ ସ୍ଥାନ ସହିତ ଭବିଷ୍ୟତର ଆବଶ୍ୟକତା ପାଇଁ ଅତିରିକ୍ତ ହଜାରେ ବର୍ଗ ଫୁଟ ସ୍ଥାନର ବ୍ୟବସ୍ଥା ପାଇଁ ପଦକ୍ଷେପ ନେବା ଲାଗି ଆରଏମଏସର କର୍ମକର୍ତ୍ତା ଦାବି ଜଣାଇଛନ୍ତି। ସମ୍ପ୍ରତି ରେଳ ବିଭାଗର ଉଦାସୀନତା ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟାକୁ ଶୀଘ୍ର ସମାଧାନ କରାନଗଲେ ଆଗାମୀ ଦିନରେ ରେଳ ଡାକ ସେବାର ସୁପରିଚାଳନା ବ୍ୟାହତ ହେବା ସହିତ ସାଧାରଣ ଲୋକଙ୍କ ପାଇଁ ଡାକ ସେବା ପ୍ରଭାବିତ ହେବା ନିଶ୍ଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଯଦି ଏହି ସମସ୍ୟାର ସମାଧାନ ନହୁଏ ତେବେ ଆଗାମୀ ଦିନରେ ରେଳବାଇ କର୍ତ୍ତୃପକ୍ଷଙ୍କ ବିରୋଧରେ ଜନସାଧାରଣଙ୍କ ସହିତ ଏକତ୍ରିତ ହୋଇ ଏକ ବୃହତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମୁଖ୍ୟ ଅଭିଯୁକ୍ତ ସହ ଦୁଇ ଗିରଫ, ୫ ନାବାଳକ ଅଟକ




ବାଲେଶ୍ୱର,୬ ।୩(ସମିସ): ବାଲେଶ୍ୱରରେ ଗତ ୪ତାରିଖରେ ହୋଲି ଖେଳକୁ କେନ୍ଦ୍ରକରି ରକ୍ତପାତ ହୋଇଥିଲା। ଏପରିକି ଗାଡି ସ୍ପିଡରେ ଯିବାକୁ ନେଇ ବଚସା ହେବା ପରେ ଧାରୁଆ ଅସ୍ତ୍ରରେ ଯୁବକଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ହେଲେ ଚିକିତ୍ସାଧିନ ଅବସ୍ଥାରେ ଟାଉନଥାନା ଅର୍ନ୍ତଗତ ବାରବାଟି ଅଂଚଳର ସୁରଜ ସିଂଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ବାଲେଶ୍ୱର ଫେରିବା ପରେ ବଙ୍କାଖଜୁରୀ ଛକ ଠାରେ ମୃତ ଦେହ ରଖି ରାସ୍ତାରେ ଟାୟାର ଜାଳି ଶତାଧିକ ଲୋକେ ରାସ୍ତା ଅବରୋଧ କରିଥିଲେ। ଏହି ଘଟଣାକୁ ପୁଲିସ ୯୫/୨୬ନମ୍ବରରେ ଏକ ମାମଲା ରୁଜୁ କରିବା ସହ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସହ ଦୁଇ ଜଣକୁ ଗିରଫ କରିଥିବା ବେଳେ ୫ଜଣ ନାବାଳକକୁ ମଧ ଅଟକ ରଖିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଟାଉନଥାନା ଅର୍ନ୍ତଗତ ଆକତପୁର ଅଞ୍ଚଳର କ୍ଷୀତିଶ କୁମାର ଦାସ (୨୨) ଏବଂ ସଦର ଥାନା ଅର୍ନ୍ତଗତ ଜୟଦେବକସବା ଅଞ୍ଚଳର ସଚିନ ଗୋଛାୟତ ବୋଲି ଟାଉନଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସପି ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ,ବୁଧବାର ହୋଲି ଦିନ ବାରବାଟୀ ଅଂଚଳର ସୁରଜ ଆକତପୁର ସ୍ଥିତ ଦୁର୍ଗାମଣ୍ଡପ ଠାରେ ସାଙ୍ଗମାନଙ୍କ ସହ ହୋଲି ଖେଳିସାରି ଫେରୁଥିବା ବେଳେ ଦୁଇଜଣ ଯୁବକ ବାଇକରେ ଜୋରରେ ଯାଉଥିବା ନେଇ ବଚସା ହୋଇଥିଲା। ଏହି ବଚସା ସମୟରେ ଯୁବକମାନେ ସେମାନଙ୍କର ଅନ୍ୟ ସହଯୋଗୀମାନଙ୍କୁ ଫୋନ ଯୋଗେ ଘଟଣା ସ୍ଥଳକୁ ଡାକିଥିଲେ। ଏହି ସମୟରେ କ୍ଷୀତିଶ ଓ ସଚିନଙ୍କ ସହ ଅନ୍ୟ ୫ଜଣ ନାବାଳକଙ୍କୁ ମିଶାଇ ମୋଟ ୭ଜଣ ଘଟଣାସ୍ଥଳରେ ପହଁଚି ସୁରଜଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ କ୍ଷୀତିଶ ଉତକ୍ଷିପ୍ତ ହୋଇ ଭୁଜାଲିରେ ସୁରଜଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିବାରୁ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବା ତାଙ୍କ ସହାୟତାରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠା ଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣାରେ ମୃତ ସୁରଜଙ୍କ ପତ୍ନୀ ଟାଉନ ଥାନାରେ କ୍ଷୀତିଶ ଓ ଅନ୍ୟମାନଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଉଭୟଙ୍କୁ ଗିରଫ କରିବା ସହ ଘଟଣାରେ ଜଡିତ ଥିବା ୫ ଜଣ ନାବାଳକଙ୍କୁ ଅଟକ ରଖିଛି ବୋଲି ସୂଚନା ଦେଇଛି। ଏହାସହ ହତ୍ୟାରେ ବ୍ୟବହୃତ ହୋଇଥିବା ଧାରୁଆ ଅସ୍ତ୍ରକୁ ମଧ୍ୟ ଜବତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାଉନଥାନା ଅଧିକାରୀ ବିଜୟ ଦାସ ଉପସ୍ଥିତ ଥିଲେ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଘଟଣା

# ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବିପତ୍ର




ବାଲେଶ୍ୱର,୬ ।୩(ସମିସ): ଜାତି ଜନଗଣନା ଓ ସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ଏବଂ ଓବିସିମାନଙ୍କର ଜାତି ଆଧାରିତ ଜନଗଣନା ଉପରେ ବିଜେପି ସରକାର ଦ୍ୱାରା ଓବିସି ସହିତ କରାଯାଉଥିବା ଧୋକାବାଜୀ ବିରୋଧରେ ଏସସି, ଏସଟି, ଓବିସିମାନଙ୍କର ସମର୍ଥନରେ କଠୋର ୟୁଜିସି ବିଲ ଲାଗୁ କରାଯିବା ସମର୍ଥନ ଏବଂ ୨୦୧୧ପୂର୍ବରୁ ନିଯୁକ୍ତ ଶିକ୍ଷକମାନଙ୍କୁ ଶିକ୍ଷକ ଯୋଗ୍ୟତା ପରୀକ୍ଷାରୁ ମୁକ୍ତ କରିବାର ସମର୍ଥନରେ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରବ୍ୟାପି ଆନ୍ଦୋଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରର୍ଦାନ କରାଯିବା ସହ ଜିଲ୍ଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କରାଯାଇଥିବା ଦାବି ଅନୁସାରେ, ଓଡ଼ିଶାରେ ରିଜରଭେସନ ଆଇନକୁ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯାଉ ନଥିବାରୁ ହଜାର ହଜାର ଏସସି,ଏସଟି,ଓବିସି ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନେ ଚାକିରି ପାଇବାରୁ ବଂଚିତ ହେଉଛନ୍ତି, ଟେକନିକାଲ ଏଜୁକେସନରେ ଓବିସି ବର୍ଗଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା ଲାଗୁ ନ କରିବା, ଜାତିଭିତ୍ତିକ ଜନଗଣନା ଓ ସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ନ କରିବାରୁ ଓବିସି ବର୍ଗଙ୍କ ପ୍ରତି ରାଜନୈତିକ ଅନ୍ୟାୟ ହେଉଛି ଯାହାଫଳରେ ଗ୍ରାମପଂଚାୟତ ନିର୍ବାଚନ ଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ଓବିସିଙ୍କ ଭାଗ ରହୁନାହିଁ ଆଦି ଦାବି ସହ ଅନ୍ୟାନ୍ୟ ଦାବି କରାଯାଇଛି। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବିଦ୍ୟାର୍ଥି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷ ସୌମ୍ୟ ରଞ୍ଜନ ଆଢ଼୍ୟ, ଭାରତ ମୁକ୍ତି ମୋର୍ଚ୍ଚାର ବାଲେଶ୍ୱର ଜିଲ୍ଲା ପ୍ରଭାରୀ ସାଧୁଚରଣ ମଲ୍ଲିକ, ରାଷ୍ଟ୍ରୀୟ କ୍ରିଷ୍ଟିଆନ ମୋର୍ଚ୍ଚାର ରାଷ୍ଟ୍ରୀୟ ନେତୃତ୍ୱ ଡି ବି ହୃଦୟ, ବାଇଧର ସିଂ, ଗୌତମ ସିଂ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ମାନିତ ହେବେ ୪ ବିଶିଷ୍ଟ ମହିଳା

ବାଲେଶ୍ୱର, ୬।୩(ସମିସ): ନୃତ୍ୟ, କଳା ଓ ଐତିହ୍ୟର ଅଗ୍ରଣୀ ଅନୁଷ୍ଠାନ 'ନାଦ୍' ପକ୍ଷରୁ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୨୦୨୬ ମସିହା ପାଇଁ ସମ୍ମାନିତ ହେବାକୁଥିବା ମହିଳାମାନଙ୍କ



ନାମ ଘୋଷଣା କରାଯାଇଛି। ଗତ ପାଞ୍ଚ ବର୍ଷ ଧରି ଆୟୋଜିତ ହେଉଥିବା ଏହି ଉତ୍ସବରେ ସମାଜରେ ବିଭିନ୍ନ ବର୍ଗର କିଛି ପ୍ରତିଭା ସମ୍ପନ୍ନ ମହିଳାଙ୍କୁ ପୁରସ୍କୃତ କରାଯାଇଥାଏ। ଏହି କ୍ରମରେ ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ସଫଳତା ଓ ଅବଦାନ ପାଇଁ ଚାରି ଜଣ ପ୍ରତିଭାଶାଳୀ ମହିଳାଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି 'ନାଦ୍'ର ଅଧକ୍ଷା ରୋନାଲିସା ପଣ୍ଡା ଏବଂ କବି ଶ୍ରୀଦେବ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଚଳିତବର୍ଷ ବିଶିଷ୍ଟ ଲେଖିକା ଏବଂ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ରସମ୍ପାଦିକା ସୈରିନ୍ଧ୍ରୀ ସାହୁ (ବାଲେଶ୍ୱର), ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ପାରମିତା ସିରକାର (କୋଲକତା), ଶିକ୍ଷାବିତ ଓ ସୋରସ୍ଥିତ ପୁରୁବାଇ କନ୍ୟା ଆଶ୍ରମର ସମ୍ପାଦିକା ତଥା ସମାଜସେବୀ ସୁମତି ମହାନ୍ତି, ଏବଂ ଯୁବ ସାମ୍ବାଦିକା ଓ ଗାଳ୍ପିକା ସ୍ମୃତିଲଗ୍ନା ନନ୍ଦ 'ନାଦ୍ ମହିଳା ଉତ୍କର୍ଷ ସମ୍ମାନ' ଲାଭ କରିବା ପାଇଁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଆସନ୍ତା ମାର୍ଚ୍ଚ ୮ ତାରିଖ ଅପରାହ୍ନରେ 'ନାଦ୍' ପ୍ରେକ୍ଷାଳୟରେ ଆୟୋଜିତ ଅନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ତଥା 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ଯୋଗ ଦେଉଥିବା ବେଳେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ରହିବେ।

# ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ହୋଲି ଉତ୍ସବ



ବାଲେଶ୍ୱର, ୬।୩ (ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ ପରିସରରେ ଦୋଳ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ଡାଇରେକ୍ଟର-କମ୍-ପ୍ରିନ୍ସିପାଲ୍ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ହୋଲିକା ଦହନର ମାହାତ୍ମ୍ୟ ଓ ଦୋଳ ପୂର୍ଣ୍ଣିମାର ଆଧିକ ଗୁରୁତ୍ୱ ବିଷୟରେ ଉଦ୍ବୋଧନ ରଖିଥିଲେ। ସେ କହିଥିଲେ, ଦୋଳ ପୂର୍ଣ୍ଣିମା ଆମକୁ ଅହଂକାର ଉପରେ ଦିବ୍ୟ ପ୍ରେମର ବିଜୟ, ଗର୍ବ ଉପରେ ଭକ୍ତିର ବିଜୟ ଓ ଦୁଃଖ ଉପରେ ଆନନ୍ଦର ବିଜୟର ସନ୍ଦେଶ ଦେଇଥାଏ। ଶିକ୍ଷକ ଚନ୍ଦ୍ରକାନ୍ତ ରାଉତ, ରତନ କୁମାର ଘୋଷ, କରିଶ୍ମା ମୁର୍ମୁ, ସସ୍ମିତା ପାହାଡ଼ସିଂହ, ଦଳାଇ, ରିତିକା ସୋମ, ମନିଷା ସୋ, ଲଳିତା ପାଣ୍ଡେ ଓ ସହାୟକ କର୍ମଚାରୀ କଳ୍ପନା ବେହେରାଙ୍କ ସମନ୍ୱୟରେ କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜିତ ହୋଇଥିଲା। ପରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବିଭିନ୍ନ ରଙ୍ଗର ଅବିର ଲଗାଇ ହୋଲି ଖେଳିଥିଲେ।

# ଭାଷା ବିକାଶ ଭାଷାପକ୍ଷର ଦଶମ ଓ ଏକାଦଶ ଦିବସରେ ହୋଲି କବିତା ପାଠ

ବାଲେଶ୍ୱର, ୬।୩(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ଓ ପୁସ୍ତକମେଳାର ଦଶମ ଓ ଏକାଦଶ ଦିବସ ପାଳିତ ହୋଇଯାଇଛି। ଦଶମ ଦିବସରେ ପବିତ୍ର ହୋଲି ଉପଲକ୍ଷେ ସଂଗଠନ ସଂପାଦକ ତପନ ରାୟଙ୍କ



ପୌରୋହିତ୍ୟରେ ହୋଲି କବିତା ପାଠ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଓ ଅନ୍ୟତମ ଯୁଗ୍ମ ସଂପାଦିକା ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ କୋଡ଼ିଏରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ଏକାଦଶ ଦିବସରେ ବରିଷ୍ଠ ସାରସ୍ୱତ ସାଧକ ଡ. ହରିଶ୍ଚନ୍ଦ୍ର ବେହେରା ସାହିତ୍ୟ ସଂନ୍ଧ୍ୟା ଡ. ରମାକାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବ ଆଲୋଚକ ରାଜଗୁରୁ ସିଅ ଓ ଗୀତା ରାଉତ କବି ଡ. ବେହେରାଙ୍କ କବିତା ସଂପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଡ. ବେହେରାଙ୍କ ଉପରେ ସ୍ୱରଚିତ କବିତା ପାଠ କରିବା ସହିତ ଏହି ଭାଷାପକ୍ଷ ପାଳନର ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ତାଙ୍କ ରଚିତ ଏକ ସଙ୍ଗୀତକୁ କଲ୍ୟାଣୀ ନନ୍ଦ ଗାନ କରିଥିଲେ। କବି ଡ. ହରିଶ୍ଚନ୍ଦ୍ର ବେହେରା ତାଙ୍କର ଦୀର୍ଘ ସାରସ୍ୱତ ଯାତ୍ରାର ଅନୁଭୂତି ବଖାଣିଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ'

## ରାଜ୍ୟ ସ୍ତର ପାଇଁ ୫ ପ୍ରତିଯୋଗୀ ଚୟନ




ବାଲେଶ୍ୱର, ୬।୩(ସମିସ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ପ୍ରତ୍ୟକ୍ଷ କ୍ରିୟାନୁଷ୍ଠାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାଲେଶ୍ୱର ଜିଲ୍ଲାସ୍ତରୀୟ "ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ତଥା ବାଲେଶ୍ୱର ନେହେରୁ ଯୁବ କେନ୍ଦ୍ର ପରିଷଦର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ପ୍ରାୟ ୩୮ ଜଣ ପ୍ରତିଯୋଗୀ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜର ବକ୍ତୃତା ପ୍ରଦାନ କରିଥିଲେ ଓ ଆମନ୍ତ୍ରିତ ବିଚାରକମଣ୍ଡଳୀଙ୍କ ଦ୍ୱାରା ସେଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। ଜିଲ୍ଲାର ୧୮ ରୁ ୨୫ ବର୍ଷ ବୟସର ଛାତ୍ରଛାତ୍ରୀ ଓ ଯୁବବର୍ଗ "ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ନିବନ୍ଧନ କରି ଏହି ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ଏନଏସଏସ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡିପିଓ ଡ଼କ୍ଟର ପ୍ରତିମା ପ୍ରଧାନ ଓ ଡ଼କ୍ଟର ଗୌରାଙ୍ଗ ପଣ୍ଡା ପ୍ରମୁଖ ଅତିଥିମାନଙ୍କ ଗହଣରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନେ ହେଲେ କଶିଶ ଦାଶ, ବିଶ୍ୱରଞ୍ଜନ ନାୟକ, ମଧୁସ୍ମିତା ବଳ, ଉର୍ବଶ୍ରୀ ଜେନା, ସୁଷମା ଦାଶ। ଏହି ପ୍ରତିଯୋଗିତାରୁ ଚୟନିତ ୫ ଜଣ ପ୍ରତିଭାଶାଳୀ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପର୍ଯ୍ୟାୟକୁ ଅଂଶଗ୍ରହଣ କରିବେ ଏବଂ ସେଠାରୁ ୩ ଜଣ ପ୍ରତିଯୋଗୀ କେନ୍ଦ୍ର ସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମ ପାଇଁ ଗଠିତ ସମନ୍ୱୟ କମିଟିରେ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଶ୍ରୀ ଏମ. ବିଘ୍ନେଶ, ଡ଼କ୍ଟର ପ୍ରତିମା ପ୍ରଧାନ, ଗୌରାଙ୍ଗ ପଣ୍ଡା, ଅଭୟ ନାୟକ ସହିତ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।



## ଗଞ୍ଜାମ ଜିଲ୍ଲା ପରିଷଦ ବୈଠକ

# 'ହୁ ଆର୍ ୟୁ'ରୁ ପ୍ରବଳ ହଙ୍ଗାମା







ଛତ୍ରପୁର,୬ ।୩(ସମିସ): ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ୮ମ ଜିଲ୍ଲା ପରିଷଦ ବୈଠକରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ପ୍ରବଳ ହୋହାଲ୍ଲା ସହିତ ପୂର୍ବ ସରକାର ଏବଂ ବର୍ତ୍ତମାନର ସରକାରକୁ ନେଇ ଆରୋପ ଓ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। ଏଥିଲାଗି କିଛି ସମୟ ପର୍ଯ୍ୟନ୍ତ ବୈଠକ ବନ୍ଦ ରହିଥିଲା। ସୂଚନା ପ୍ରକାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ କନିଷି ତହସିଲ ନିକଟ ଏକ ଆର୍‌ଡି ରାସ୍ତା ସମ୍ପୂର୍ଣ୍ଣ ହୋଇପାରୁନି। ସାଂସଦ ଏବଂ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ବିବାଦ ଯୋଗୁଁ ସାଧାରଣ ଜନତା ବିଭିନ୍ନ ଅସୁବିଧା ଭୋଗୁଛନ୍ତି ବୋଲି ୫୪ନଂ ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ ଗୃହରେ ଆର୍‌ଡି ବିଭାଗ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ।

ଏହାକୁ ନେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ କହିଥିଲେ ଯେ, ସାଂସଦ ଓ ମନ୍ତ୍ରୀଙ୍କ ମଧ୍ୟରେ ବିବାଦ ନାହିଁ। ପୂର୍ବ ସରକାର କରିଥିବା କାର୍ଯ୍ୟ ଯୋଗୁଁ ଆଜି ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛୁ ବୋଲି ସମାଲୋଚନା କରିଥିଲେ। ବିଧାୟକଙ୍କ ଏଭଳି କଥାକୁ ନେଇ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ସଭ୍ୟମାନେ ପ୍ରତିବାଦ କରିଥିଲେ। ବର୍ତ୍ତମାନର ଭାଜପା ସରକାର 'କଲର ବୋଳା ସରକାର' ବୋଲି ଏମାନେ କହିଥିଲେ। ଏହାକୁ ନେଇ ପୁଣି ଗୃହରେ ହଙ୍ଗାମା ହୋଇଥିଲା।

- ପୂର୍ବ ସରକାରକୁ ସମାଲୋଚନା କଲେ ବିଧାୟକ
- ବିଧାୟକଙ୍କ କଥାକୁ ପ୍ରତିବାଦ କଲେ ସଦସ୍ୟ
- ଜଣେ ବିଧାୟକଙ୍କ ପ୍ରତିନିଧିଙ୍କ କଥା ନେଇ ବିରୋଧ
- ପ୍ରତିନିଧିଙ୍କୁ ବୈଠକରୁ ବାଦ୍ ଦେଲେ ଜିଲ୍ଲାପାଳ
- କ୍ଷମା ପ୍ରାର୍ଥନା ଦାବିରେ ସଦସ୍ୟଙ୍କ ଆନ୍ଦୋଳନ
- ସାଂସଦ ଓ ମନ୍ତ୍ରୀଙ୍କ ବିବାଦ; ସମସ୍ୟା ଭୋଗୁଛନ୍ତି ଲୋକେ

ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା ମଧ୍ୟ ଏହାକୁ ପ୍ରତିବାଦ କରିଥିଲେ। ଏହାରି ଭିତରେ ପୂର୍ବ ସରକାର ଏବଂ ବର୍ତ୍ତମାନର ସରକାରକୁ ନେଇ କଥା କଟାକଟି ସହିତ ବିଭିନ୍ନ ପ୍ରକାର ବାକ୍ୟୁଦ୍ଧ ହୋଇଥିଲା। ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଶିବ ଦାଶ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରାଙ୍କୁ "ହୁଆର ୟୁ' ବୋଲି କହିଥିଲେ। ଏହାକୁ ନେଇ ତୁ ତୁ ମେଁ ମେଁ ହେବା ସହିତ ବିଧାୟକଙ୍କ ପ୍ରତିନିଧି କଥାକୁ ବିଜେଡି ଜିଲ୍ଲା ପରିଷଦ ସଦସ୍ୟମାନେ ବିରୋଧ କରିବା ସହ ପ୍ରତିବାଦ କରିଥିଲେ। କ୍ଷମା ପ୍ରାର୍ଥନା ଦାବିରେ ସଦସ୍ୟମାନେ ମଧ୍ୟ ବୈଠକର ତଳେ ବସି ପ୍ରତିବାଦ କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧିଙ୍କୁ ଗୃହରୁ ବାହାରକୁ ଯିବାକୁ କହିଥିଲେ। ଏହାସହ ଜିଲ୍ଲାପାଳଙ୍କ ଆଦେଶକ୍ରମେ ତାଙ୍କ ପିଏସ୍‌ଓ ଆସି ମଧ୍ୟ ତାଙ୍କୁ ଚାଲିଯିବାକୁ କହିଥିଲେ। ପରେ ବିଧାୟକଙ୍କ ପ୍ରତିନିଧି ଗୃହ ବାହାରକୁ ଚାଲିଯାଇଥିଲେ।

ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଏବଂ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଏବଂ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୁଣି ବୈଠକ ଆରମ୍ଭ ହୋଇଥିଲା। ଏହାପରେ ଏଜେଣ୍ଡା ଅନୁସାରେ ବିଭିନ୍ନ ବିଭାଗର ଆଲୋଚନା ହୋଇଥିଲା। ଜିଲ୍ଲାପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ୮ମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନରେଗା, ଗ୍ରାମୀଣ ଗୃହ, ପାନୀୟ ଜଳ, ଜିଲ୍ଲା ଜଳ ଓ ପରିମଳ ମିଶନ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ସ୍ୱାସ୍ଥ୍ୟ, ଯୋଗାଣ, ଶିକ୍ଷା, କୃଷି ବିଭାଗ ସହିତ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଗଞ୍ଜାମ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଜିଲ୍ଲା ପରିଷଦର ଇନଚାର୍ଜ ସିଡିଓ ବିଜୟ କୁମାର ବେହେରା, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇନଚାର୍ଜ ସିଡିଓ ବିଜୟ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ● ନିୟମିତ ବୈଠକ ହେଉନି

୩ ମାସକୁ ଥରେ ଜିଲ୍ଲା ପରିଷଦ ବୈଠକ ହେବା କଥା କିନ୍ତୁ ୮ମାସ ପରେ ହେଉଛି। ଫଳରେ ଜିଲ୍ଲା ପରିଷଦ ସଭ୍ୟମାନେ ସେମାନଙ୍କ ଅଞ୍ଚଳର ସମସ୍ୟା ଉତ୍ଥାପନ କରିପାରୁନାହାନ୍ତି। ଏପରିକି କୌଣସି ସ୍ଥାନରେ ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ଗୁରୁତ୍ୱ ଦିଆଯାଉନି। ପଞ୍ଚାୟତ ଗୁଡିକରେ ବିଭିନ୍ନ କାର୍ଯ୍ୟ ହେଉଛି କିନ୍ତୁ ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ଅବଗତ କରାଯାଉନି। ଫଳରେ ନିଜ ଜୋନ୍ ଗୁଡିକର ସମସ୍ୟା କଥା କାହାକୁ କହିବୁ ବୋଲି ଜିଲ୍ଲା ପରିଷଦ ବୈଠକରେ ପ୍ରଶ୍ନ କରିଛନ୍ତି ସଭ୍ୟମାନେ।

### ● ପାଇପ୍ ବିଛାଯାଇଛି; ପାଣି ମିଳୁନି

ବୈଠକରେ ପାନୀୟ ଜଳ ସମସ୍ୟା ନେଇ ଅଧିକାଂଶ ସଦସ୍ୟମାନେ ନିଜ ନିଜ ମତପୋଷଣ କରିଥିଲେ। ମେଗା ପ୍ରକଳ୍ପର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ଷ ବର୍ଷ ଧରି ମେଗା ପ୍ରକଳ୍ପ ନା'ରେ ଗାଁକୁ ଗାଁ ପାଇପ୍ ବିଛାଯାଇଛି। କିନ୍ତୁ ଜଳଯୋଗାଣ ନାହିଁ। ଫଳରେ ଜନ ପ୍ରତିନିଧିମାନେ ଆକ୍ରୋଶର ଶିକାର ହେଉଥିବା ବୈଠକରେ କୁହାଯାଇଛି।

### ● ଯୋଜନାବଦ୍ଧ ଖସଡ଼ା ପ୍ରସ୍ତୁତ କରାଯାଉ

ବୈଠକରେ ସୋରଡା ବିଧାୟକ ନୀଳମଣି ବିଷୋୟୀ ବିକାଶକୁ ପ୍ରାଧାନ୍ୟ ଦିଆଯିବା ସହ ସରକାରଙ୍କ ସମସ୍ତ ଜନହିତକର ଯୋଜନା ଗୁଡିକ ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାର ବିଭିନ୍ନ ପଂଚାୟତ ଗାଁ ଗୁଡ଼ିକୁ ଆବଶ୍ୟକ ଜଳଯୋଗାଣ ନିମନ୍ତେ ଯେଉଁ ମେଗା ଜଳ ପ୍ରକଳ୍ପ କାମ ଚାଲିଛି ତାହା ଧିମେଇ ଯାଇଛି। ଏହାକୁ ନେଇ ସରକାର ବାରମ୍ବାର ଠିକାଦାରଙ୍କୁ ତାଗିଦ୍ କରୁଛନ୍ତି। ପ୍ରକଳ୍ପ କାମ ଶେଷ ହେବା ପୂର୍ବରୁ ଯେଉଁ ଗାଁ ଗୁଡିକୁ ପାନୀୟ ଜଳର ସମସ୍ୟା ରହିଛି ତାହାକୁ ବିଭାଗୀୟ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇ ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର କହିଛନ୍ତି ପାନୀୟ ଜଳ ସମସ୍ୟା ଗୁଡିକୁ ସମାଧାନ ଦିଗରେ ଏକ ଯୋଜନା ବଦ୍ଧ ଭାବେ ଖସଡା ପ୍ରସ୍ତୁତ କରାଯାଉ। ଏହାସହ ପଂଚାୟତ ଗୁଡିକର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ସମସ୍ତ ସମସ୍ୟା ଗୁଡିକୁ ସମାଧାନ ଦିଗରେ ପଦକ୍ଷେପ ନିଆଯାଉ। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଓ ଛତ୍ରପୁର ବିଧାୟ କୃଷ୍ଣଚନ୍ଦ୍ର ନାୟକ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ● ଜନତା ଭୋଟ ଦେଇଛନ୍ତି; ସେବା ଚାହୁଁଛନ୍ତି

ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟର ଗଞ୍ଜାମ ଜିଲ୍ଲା ହେଉଛି ଏକ ବୃହତ୍ ଜିଲ୍ଲା। ଜନତା ଭୋଟ୍ ଦେଇ ଆମକୁ ଜିତାଇଛନ୍ତି। ଏଣୁ ସେମାନଙ୍କୁ ଆବଶ୍ୟକ ସେବା ପ୍ରଦାନ ଆମର ପ୍ରଥମ କର୍ତ୍ତବ୍ୟ। ସେ ବିଧାୟକ ହୁଅନ୍ତୁ କିମ୍ବା ମନ୍ତ୍ରୀ ଅଥବା ସାଂସଦ ସେମାନଙ୍କ ନିଜସ୍ୱ କଳିରେ ଯେପରି ନିରୀହ ଜନସାଧାରଣ କୌଣସି ସମସ୍ୟା ନ ଭୋଗନ୍ତୁ। ଏଭଳି ବିଷୟକୁ ନେଇ ଗଞ୍ଜାମ ଜିଲ୍ଲା ପରିଷଦର ୮ମ ସାଧାରଣ ବୈଠକରେ ଏକ ଅଭିଯୋଗ ଉଠିଥିଲା।

### ● ଫଟୋ ଏକ୍; ବିଲ୍ ଅନେକ

ଛତ୍ରପୁର ବ୍ଲକର ସୁନ୍ଦରପୁର ପଞ୍ଚାୟତରେ ଗୋଟିଏ ଫଟୋକୁ ବ୍ୟବହାର କରି ମନରେଗା କାର୍ଯ୍ୟରେ ଦୁର୍ନିତି ହୋଇଛି। ବିଭିନ୍ନ କାର୍ଯ୍ୟରେ ମିଥ୍ୟା ବିଲ୍ କରାଯାଉଛି ବୋଲି ନୂତନ ଭାବେ ବିଜେପିରେ ମିଶିଥିବା ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହକ ଗୃହରେ ଅଭିଯୋଗ କରିଥିଲେ। ଏନେଇ ସେ ପୂର୍ବରୁ ବିଡ଼ିଓ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଏନେଇ ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ।

### ● ଆସିଲେନି ବହୁ ବିଧାୟକ ଓ ମନ୍ତ୍ରୀ

ଗଞ୍ଜାମ ଜିଲ୍ଲା ପରିଷଦ ବୈଠକରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଦିଗହପଣ୍ଡି ବିଧାୟକ ଡ଼ ସିଦ୍ଧାନ୍ତ ମହାପାତ୍ର, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିବା ବେଳେ ଅନ୍ୟ ବିଧାୟକଙ୍କ ମାନଙ୍କ ଦେଖା ମିଳିନଥିଲା। ସେହିଭଳି ଦୁଇଜଣ ମନ୍ତ୍ରୀ ଓ ସାଂସଦ ବୈଠକରେ ଅନୁପସ୍ଥିତ ଥିଲେ। ତେବେ ସେମାନଙ୍କ ପ୍ରତିନିଧିମାନେ ଆସିଥିଲେ।

### ● ବକେୟା ବିଲ୍ ମିଳୁନି, ନୂଆ କାମ ହେଉନି

ଗଞ୍ଜାମ ଜିଲ୍ଲାରେ ମନରେଗା କାମ ଧିମେଇ ଯାଇଛି। ଯାହାକୁ ନେଇ ଜନ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏମନରେଗାରେ ବକେୟ ବିଲ୍ ମିଳୁନଥିବା ବେଳେ ନୂଆ କାମ ଆରମ୍ଭ ହେଉନି ବୋଲି ଜନ ପ୍ରତିନିଧିମାନେ ଅଭିଯାଗ କରିଛନ୍ତି। ଯାହା ଚିନ୍ତାର ବିଷୟ ନିଶ୍ଚୟ।

### ● ହାତଗୁଞ୍ଜା ନ ଦେଲେ ଫାଇଲ୍ ଘୁଞ୍ଚୁନି

ଗଞ୍ଜାମ ଜିଲ୍ଲାର ସୋରଡ଼ା ତହଦିଲରେ ହାତଗୁଞ୍ଜା ନଦେଲେ କୌଣସି କାମ ହେଉନି କି ଫାଇଲ୍ ଘୁଞ୍ଚୁନି ବୋଲି ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଅଭିଯୋଗ କରିଥିଲେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ।

### ● ଆୱାର୍ଡ ମୋନି ଟଙ୍କା ଖର୍ଚ୍ଚ କରାଯାଉନି

ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରି ବିଜେତା ହୋଇଥିବା ପଞ୍ଚାୟତ, ବ୍ଲକ ଆଦିର ଆୱାଡର୍ ଟଙ୍କା କାମରେ ଲାଗୁନି। ଏ ଟଙ୍କା ଖର୍ଚ୍ଚ କରିବାରେ ବିଳମ୍ବ ହେଉଛି। ପ୍ରଶାସନ ପକ୍ଷରୁ ଏହା ହସ୍ତାନ୍ତର କରାଯାଉନଥିବା ବୈଠକରେ ଅଭିଯୋଗ ହୋଇଥିଲା।

### ● ପାତରଅନ୍ତର ଚାଲିଛି; ସମାନ ମର୍ଯ୍ୟାଦା ଦାବି

ଗଞ୍ଜାମ ଜିଲ୍ଲାରେ ଜନ ପ୍ରତିନିଧିମାନଙ୍କୁ ପାତର ଅନ୍ତର କରାଯାଉଛି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଅଣଦେଖା କରାଯାଉଛି। ବିଜେପି ଦଳର ସଦସ୍ୟମାନଙ୍କୁ ଯେଭଳି ସମ୍ମାନ ମିଳୁଛି, ସେହି ତୁଳନାରେ ବିଜେଡି ଦଳର ସଦସ୍ୟଙ୍କୁ ମିଳୁନି। ଫଳରେ ଏମାନଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କୁ ସମାନ ମର୍ଯ୍ୟଦା ମିଳିଲେ ଜନ ପ୍ରତିନିଧି ଓ ଗଣତନ୍ତ୍ରର ଗାରିମା ବଢ଼ିବ ବୋଲି ଜିଲ୍ଲା ପରିଷଦ ସଭ୍ୟମାନେ କହିଛନ୍ତି।

---

## ମହାନ ସଂଘର ସାମ୍ବାଦିକ ସମ୍ମିଳନୀ

# ୨୭ରୁ ୭ଦିନବ୍ୟାପୀ ବ୍ରହ୍ମପୁର ମହୋତ୍ସବ




ବ୍ରହ୍ମପୁର,୬ ।୩(ସମିସ): ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ମହାନ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଠାରେ ବ୍ରହ୍ମପୁର ମହୋତ୍ସବ ଆୟୋଜନ ସମ୍ପର୍କରେ କୁହାଯାଇଛି। ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ଶ୍ରୀରାମ ନବମୀ ତଥା ଚଳିତମାସ ୨୭ରୁ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପି ଉକ୍ତ ମହୋତ୍ସବ ଅନୁଷ୍ଠିତ ହେବ। ଏହାର ପରିଚାଳନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ରହିଛନ୍ତି। ମହୋତ୍ସବରେ ସ୍ଥାନୀୟ କଳାକାରଙ୍କୁ ଅଧିକ ସୁଯୋଗ ଦିଆଯିବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିଲା। ଏହାସହ ୧୦୦ରୁ ଅଧିକ ବିଭିନ୍ନ କିସମର ସରକାରୀ, ବେସରକାରୀ ଓ ସ୍ୱୟଂ ସହାୟକା ଗୋଷ୍ଠୀର ଷ୍ଟଲ ଖୋଲାଯିବ। ମହିଳା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି କୁହାଯାଇଥିଲା। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘ ସଭାପତି ସୁଶାନ୍ତ କୁମାର ସାବତ, ସାଧାରଣ ସମ୍ପାଦକ ପ୍ରସାନ୍ତ କୁମାର ପାତ୍ର, କାର୍ଯ୍ୟକାରୀ କମିଟି ସମ୍ପାଦକ ସୀମାଞ୍ଚଳ ପାଣିଗ୍ରାହି, ସାଂସ୍କୃତିକ କମିଟି ସମ୍ପାଦକ ଗୋପାଳ ପଟ୍ଟନାୟକ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପୀତବାସ ପଣ୍ଡା ହତ୍ୟା ମାମଲା

# ଗିରଫ ମଳୟଙ୍କ ଅନ୍ତରୀଣ ଜାମିନ୍ ଶୁଣାଣି ଆଜି

ବ୍ରହ୍ମପୁର,୬ ।୩(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ମଳୟ ବିଷୋୟୀ ଗୁରୁତର ଅସୁସ୍ଥ ହୋଇ ଏମ୍‌କେସିଜିରେ ଚିକିତ୍ସିତ ହେଉଛନ୍ତି। ମଳୟଙ୍କୁ ଆନ୍ତରୀଣ ଜାମିନ୍ ଆବେଦନ ପାଇଁ ତାଙ୍କ ଓକିଲ କୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି। ଯାହାର ଶୁଣାଣି ଶନିବାର ହେବ। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ତୃତୀୟ)ଙ୍କ କୋର୍ଟରେ ଏହା ହେବ। ସେହିଭଳି ଦୁଇ ଗିରଫ ଅଭିଯୁକ୍ତ ମଦନ ଦଳେଇ ଏବଂ ମଳୟ ବିଷୋୟୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ କୋର୍ଟ ଏମକେସିଜି ମେଡ଼ିକାଲ ଓ ଜେଲ କର୍ତ୍ତୃପକ୍ଷଙ୍କଠାରୁ ତଲବ କରିଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବକ୍ସିଂ ମହିଳା ଦଳର ଜଳନ୍ଧର ଗସ୍ତ

ବ୍ରହ୍ମପୁର,୬ ।୩(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ବକ୍ସିଂ ମହିଳା ଦଳ ଜଳନ୍ଧର ଗସ୍ତ କରିଛନ୍ତି। ଜଳନ୍ଧର ସ୍ଥିତ ଲଭଲି ପ୍ରଫେସନାଲ ୟୁନିଭରସିଟିରେ ଚଳିତମାସ ୯ଠାରୁ ୧୪ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସର୍ବ ଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଖେଳାଳୀଙ୍କ ସମେତ ମ୍ୟାନେଜର ଭାବେ ଖଲ୍ଲିକୋଟ ଆରସିଏମ ସାଇନ୍ସ କଲେଜ ପିଇଟି ଜଗଦୀଶ ପାଢ଼ୀ ଗସ୍ତ କରିଛନ୍ତି। କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା, ରାଜେଶ ମହାନ୍ତି, ଦୁଷ୍ମନ୍ତ କୁମାର ପାଢ଼ୀ, କବିରାଜ ଗୌଡ଼, ମନୋରମା ମହାରଣା, ପ୍ରଫୁଲ କୁମାର ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବାସ୍କେଟ୍‌ବଲ୍ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୬ ।୩(ସମିସ): ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ବାସ୍କେଟ୍ ବଲ୍ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି କୃତିତ୍ୱ ହାସଲ କରିଥିବା ଛାତ୍ରୀ ଦିବ୍ୟଜ୍ୟୋତି ନନ୍ଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଦିବ୍ୟଜ୍ୟୋତି ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ +୩ ତୃତୀୟ ବର୍ଷ ଇଂରାଜୀ ସମ୍ମାନର



ଛାତ୍ରୀ ହୋଇଥିବା ବେଳେ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ବାସ୍କେଟ୍ ବଲ୍ ଦଳ ଅଂଶଗ୍ରହଣ କରିଥିବାବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାସ୍କେଟ୍ ବଲ୍ ଦଳ ଚାମ୍ପିଅନ୍ ହୋଇଥିଲା। ଉକ୍ତ ଦଳରେ ମହାବିଦ୍ୟାଳୟ ଛାତ୍ରୀ ଦିବ୍ୟଜ୍ୟୋତିଙ୍କ ଉତ୍ତମ ଖେଳ ପ୍ରଦର୍ଶନ କରି ଚାମ୍ପିଅନ୍ ଟାଇଟଲ୍ ହାସଲ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁ, ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା, ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା ଓ କ୍ରୀଡ଼ା ଶିକ୍ଷକ ଗୌରୀଶଙ୍କର ପାତ୍ର ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

## ● ନାବାଳିକା ଦୁଷ୍କର୍ମ ମାମଲା

# ପ୍ରମାଣ ଅଭାବରୁ ମୋମୋ ବ୍ୟବସାୟୀ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର,୬ ।୩(ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ପ୍ରମାଣ ଅଭାବରୁ ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତକୁ ଦୋଷମୁକ୍ତ କରିଛନ୍ତି। ସେ ହେଲେ ବୈଦ୍ୟନାଥପୁର ଥାନା ଅଞ୍ଚଳର କେ. ବଦ୍ରୀ ନାରାୟଣ ପାତ୍ର(୩୬)। ଅଭିଯୁକ୍ତ ବଦ୍ରୀ ମୋମୋ ବ୍ୟବସାୟ କରନ୍ତି। ବଦ୍ରୀଙ୍କ ନିୟମିତ ଗ୍ରାହକଙ୍କ ମଧ୍ୟରେ ଟାଉନ ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟ ନାବାଳିକା ଥିଲେ। ୨୦୨୪ ନଭେମ୍ବର ୨୪ରେ ସମ୍ପୃକ୍ତ ନାବାଳିକାଙ୍କୁ ବଦ୍ରୀ ପାତ୍ର ଟାଉନ ଥାନା ଅଞ୍ଚଳରେ ଅସଦାଚରଣ କରିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଟାଉନ ଥାନାରେ ନାବାଳିକା ଜଣକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ବଦ୍ରୀ ନାରାୟଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବିଚାରଣା ଚାଲିଥିବା ବେଳେ ଏକାଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ବଦ୍ରୀ ନାରାୟଣଙ୍କୁ ଦୋଷୀ ସାବ୍ୟସ୍ତ କରିବାରୁ ଆବଶ୍ୟକ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଚକ୍ରପାଣି ନାହାକ ମାମଲା ପରିଚାଳନା କରୁଥିବା ବେଳେ ଦୁର୍ଗାପ୍ରସାଦ ପଟ୍ଟନାୟକ, ସ୍ୱାଗତିକା ପଣ୍ଡା ଓ ପଲଭି ଚୌଧୁରୀ ମୋକଦ୍ଦମା ପରିଚାଳନାରେ ସହଯୋଗ କରୁଥିଲେ।

---

## ସିପିଏମ୍ ପକ୍ଷରୁ ପ୍ରତିବାଦ ସଭା

# ଇରାନ ଉପରେ ଆକ୍ରମଣ ବନ୍ଦ କରିବାକୁ ଦାବି




ବ୍ରହ୍ମପୁର,୬ ।୩(ସମିସ): କମାପଲ୍ଲୀ ଛକରେ ସିପିଏମ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଆମେରିକା ରାଷ୍ଟ୍ରପ୍ରତି ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଆକ୍ରମଣ କରି ହତ୍ୟାର ରାଜନୀତି ଆରମ୍ଭ କରିଛନ୍ତି। ଇରାନ ଓ ଭେନେଜୁଏଲା ସମେତ ୭ଟି ଦେଶ ଉପରେ ବିଭିନ୍ନ ଆଳ ଦେଖାଇ ଆକ୍ରମଣ ସହ ଇରାନର ସର୍ବୋଚ୍ଚ ନେତା ଖେମିନିଙ୍କୁ ହତ୍ୟା କରିଛନ୍ତି। ସାରା ବିଶ୍ୱରେ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି। ଆମେରିକା ଓ ଇସ୍ରାଏଲ୍‌ର ଇରାନ ଉପରେ ଆକ୍ରମଣ ପରେ ସମଗ୍ର ମଧ୍ୟପ୍ରାଚ୍ୟରେ ଧନଜୀବନ ବିପନ୍ନ ହୋଇଥିବା ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି। ଉକ୍ତ ୯୫ଲକ୍ଷ କାର୍ଯ୍ୟରତ ଭାରତୀୟଙ୍କ ଜୀବନ ଓ ଜୀବିକା ବିପନ୍ନ ହେଇଥିବା ସହ ଦେଶରେ ତୈଳ ସଂକଟ ସୃଷ୍ଟି ହେବ ଓ ଦର ବୃଦ୍ଧି ହେବ। ଏହି ସଂକଟ ସମୟରେ ଭାରତ ସରକାରଙ୍କ ଭୂମିକା ଉଦବେଗ ଜନକ। ବନ୍ଧୁରାଷ୍ଟ୍ର ଇରାନ ସହିତ ଠିଆହେବା ପରିବର୍ତ୍ତେ ଆକ୍ରମଣକାରୀ ଟ୍ରମ୍ପ ଓ ନେତାନ୍ୟାହୁଙ୍କୁ ପରୋକ୍ଷରେ ସମର୍ଥନ କରୁଥିବା ସଂକେତ ମିଳୁଥିବା ପାର୍ଟି ଦାବି କରିଛି। ତେଣୁ ଦେଶର ସ୍ୱାଧୀନ ବୈଦେଶିକ ନୀତି, ଆମ ଦେଶର ସ୍ୱାର୍ଥ ଏବଂ ବିଶ୍ୱ ଶାନ୍ତିର ସୁରକ୍ଷା ପାଇଁ ଆକ୍ରମଣକାରୀ ଟ୍ରମ୍ପ ବିରୁଦ୍ଧରେ ଦୃଢ଼ ଅବସ୍ଥାନ ଗ୍ରହଣ କରିବାକୁ ଦାବି କରାଯାଇଛି। ପ୍ରତିବାଦ ସଭାରେ ପାର୍ଟିର ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ବାବୁଲା ନାୟକ, ଗୋପାଳ ପାଣିଗ୍ରାହୀ, ମୋହନ ରାଓ, ମଧୁ ବେହେରା, ନୀଳ ମାଧବ ରଥ, ରାଜା ରାଓ, ହରି ନାହାକ, ଚିଟି ବାବୁ ଓ କେଶବ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଲାଇନମ୍ୟାନ୍ ଦିବସ ପାଳିତ

# 'ଲାଇନ୍‌ମ୍ୟାନ୍ ଆମ ଅନୁଷ୍ଠାନର ମେରୁଦଣ୍ଡ'



ବ୍ରହ୍ମପୁର, ୬।୩ (ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ଲାଇନମ୍ୟାନ୍ ଦିବସ ପାଳିତ ହୋଇଯାଇଛି। ଲାଇନମ୍ୟାନମାନଙ୍କ ତ୍ୟାଗ, ସାହସ ଏବଂ ସେବାକୁ ସମ୍ମାନ ଜଣାଇ କାର୍ଯ୍ୟକ୍ଷେତ୍ରର ଅଗ୍ରଯୋଦ୍ଧାମାନଙ୍କ ପାଇଁ ଏହି ଦିବସ ପାଳନ କରାଯାଇଛି। ଏ ଅବସରରେ ୫୫ତମ ଜାତୀୟ ସୁରକ୍ଷା ଦିବସ ଏବଂ ଜାତୀୟ ସୁରକ୍ଷା ମାସ କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ଆରମ୍ଭ କରାଯାଇଛି। ବିଭିନ୍ନ ଡିଭିଜନର ଲାଇନମ୍ୟାନମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରାୟ ୭୫ରୁ ଅଧିକ ଲାଇନମ୍ୟାନମାନଙ୍କୁ ସମ୍ମାନିତ କରାଯାଇଛି।

ଲାଇନମ୍ୟାନମାନଙ୍କ ନିରବଚ୍ଛିନ୍ନ ପ୍ରୟାସକୁ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ପ୍ରଶଂସା କରିବା ସହିତ ସମ୍ମାନ ଜଣାଇଛନ୍ତି। ଏ ଅବସରରେ କହିଛନ୍ତି, 'ଆମ ଲାଇନମ୍ୟାନମାନେ ଆମ ଅନୁଷ୍ଠାନର ମେରୁଦଣ୍ଡ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେମାନେ କାର୍ଯ୍ୟ ସମ୍ପାଦିତ କରିଥାଆନ୍ତି। ଯାହା ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବାରେ ରୋକିଥାଏ। ସେମାନଙ୍କ ତ୍ୟାଗ ଏବଂ ଅନୁଶାସନ ଆମର ବିଦ୍ୟୁତ ନେଟୱାର୍କକୁ ମଜଭୁତ କରିବାରେ ସହାୟକ ହେଉଛି। ସୁରକ୍ଷା ହେଉଛି ଆମର ପ୍ରାଥମିକତା। ପ୍ରତ୍ୟେକ କର୍ମଚାରୀ ସୁରକ୍ଷିତ ଭାବେ ଘରକୁ ଫେରିବା ଉଚିତ। ଏଥିସହିତ ସେ ଟିପିଏସ୍‌ଓଡିଏଲର ମିଶନ ଜିରୋ ହାର୍ମ ଲକ୍ଷ୍ୟକୁ ଦୋହରାଇଛନ୍ତି। ଏହିଅବସରରେ ଏକ ସ୍ୱତନ୍ତ୍ର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଛି। ଯେଉଁଥିରେ ଲାଇନମ୍ୟାନଙ୍କ ଜୀବନର ଯାତ୍ରା, ସଂଘର୍ଷ ଏବଂ ସଫଳତା ପ୍ରଦର୍ଶିତ ହୋଇଥିଲା। ଏଥିରେ ସେମାନଙ୍କର ଅନୁଭୂତି ବାଣ୍ଟିଥିଲେ। ଚଳିତବର୍ଷର ପ୍ରସଙ୍ଗ "ନିରାପତ୍ତା ବୃଦ୍ଧି ପାଇଁ ଲୋକଙ୍କୁ ସୁରକ୍ଷା ଅଭିଯାନରେ ସାମିଲ କରାନ୍ତୁ, ଶିକ୍ଷା ପ୍ରଦାନ ସହ ସଶକ୍ତ କରାନ୍ତୁ" ସହିତ ଟିପିଏସ୍‌ଓଡିଏଲ୍ ମାସବ୍ୟାପୀ ସୁରକ୍ଷା ପ୍ରତିଯୋଗିତା ଏବଂ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଘୋଷଣା କରିଛି। କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଅଟକିଲା ନାବାଳିକାଙ୍କ ସହ ୪୦ ବର୍ଷୀୟ ବ୍ୟକ୍ତିଙ୍କ ବିବାହ

# ଶିଶୁ ସୁରକ୍ଷା ଟିମ୍‌କୁ ଆକ୍ରମଣ, ବର ଫେରାର

କେନ୍ଦ୍ରାପଡ଼ା,୬।୩(ସମିସ)

କେନ୍ଦ୍ରାପଡା ଜିଲ୍ଲାରେ ଗୁପ୍ତରେ ହେଉଥିବା ଏକ ବାଲ୍ୟବିବାହକୁ ପ୍ରଶାସନ ପଣ୍ଡ କରିଛି। ଏହି ସମୟରେ ଘଟଣାସ୍ଥଳରେ ପହଞ୍ଚିଥିବା ଶିଶୁ ସୁରକ୍ଷା ଟିମ ସଦସ୍ୟାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ମଧ ହୋଇଛି। ଘଟଣା ପରେ ବର ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଧୀନ ସଖିବଟ ପରିସରର ଏକ ମନ୍ଦିରରେ ଗୁପ୍ତରେ ବାଲ୍ୟବିବାହ ପାଇଁ ପ୍ରସ୍ତୁତି ଚାଲିଥିଲା। ମଧୁବନିଆ ଗାଁର ଜଟାଧାରୀ ଜେନା (୪୦) ନାମକ ବ୍ୟକ୍ତି ମାର୍ଶାଘାଇ ବ୍ଲକର ଜଣେ ଗରିବ ପରିବାରର ୧୬ ବର୍ଷୀୟା ନାବାଳିକାଙ୍କୁ ବିବାହ କରୁଥିବା ଖବର ପାଇ ଚାଇଲ୍ଡ ହେଲ୍ପଲାଇନ ଓ ୱାନଷ୍ଟପ ସେଣ୍ଟର ଟିମ ଘଟଣାସ୍ଥଳରେ ପହଞ୍ଚିଥିଲା। ବାଲ୍ୟବିବାହ ନିରୋଧ୍ ଅଧିକାରିଣୀ ନାବାଳିକାଙ୍କ ଆଧାର କାର୍ଡ ଯାଞ୍ଚ କରୁଥିବାବେଳେ ବର ଓ କନ୍ୟା ପକ୍ଷର କିଛି ଲୋକ ତାଙ୍କୁ ଆକ୍ରମଣ କରିଥିବା ସହ ତାଙ୍କ ମୋବାଇଲ ଫୋନ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ପରେ ମାର୍ଶାଘାଇ ସିଡିପିଓ ଶୈଳବାଳା ଦାସ ଓ କୁଦାନଗରୀ ପୁଲିସର ଏକ ଟିମ ଘଟଣାସ୍ଥଳକୁ ଯାଇ ବିବାହକୁ ବନ୍ଦ କରିଥିଲେ। ଏହି ସମୟରେ ବର ସେଠାରୁ ପଳାଇଯାଇଥିବା ଜଣାପଡିଛି। ଯାଞ୍ଚ କରାଯାଇଥିବା ଆଧାର କାର୍ଡରେ କନ୍ୟାଙ୍କ ବୟସରେ ଟ୍ୟାମ୍ପରିଂ ହୋଇଥିବା ନେଇ ଜିଲ୍ଲା ଶିଶୁ ସୁରକ୍ଷା ସନ୍ଦେହ କରିଛି। ଏ ନେଇ ୧୧୨ ହେଲ୍ପଲାଇନର ରୋଜାଲିନ ଦାଶ ଓ ବାଲ୍ୟବିବାହ ନିରୋଧ୍ ଅଧିକାରିଣୀ ସାଇନି ପରିଡାଙ୍କ ପକ୍ଷରୁ କୁଦାନଗରୀ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଉକ୍ତ ଘଟଣାରେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଆରମ୍ଭ



କେନ୍ଦ୍ରାପଡ଼ା, ୬।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମଥର ପାଇଁ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଆରମ୍ଭ ହୋଇଛି। ସ୍ଥାନୀୟ କେନ୍ଦ୍ରାପଡ଼ା ଉଚ୍ଚବିଦ୍ୟାଳୟ ପଡିଆରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ଉଦଘାଟନ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ପଞ୍ଚସଖା ସେତୁ ଭୁବନେଶ୍ୱରର ଅଶୋକ ସିଂହ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପ୍ତି ନାୟକ, ସ୍ୱାଗତିକା ସ୍ୱାଇଁ ଓ ଶୁଭସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ୨୨ଟି ବିଦ୍ୟାଳୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ଉତ୍ସବରେ ଅଂଶଗ୍ରହଣ କରିଛନ୍ତି। ଆକାଂକ୍ଷୀ ଛାତ୍ର ପରିଷଦ ଟ୍ୟାଲେଣ୍ଟ ଗ୍ୟାଲେରୀ ଅନ୍ତର୍ଗତ ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡାଙ୍ଗନ ଓ ଜିଜ୍ଞାସା ବିଭାଗରେ ଛାତ୍ରଛାତ୍ରୀ ବିଭିନ୍ନ ଷ୍ଟଲ ମାଧ୍ୟମରେ ସୃଜନଶୀଳତା ଓ ଦକ୍ଷତାର ପ୍ରଦର୍ଶନ କରିଥିଲେ। ବୈଜ୍ଞାନିକ ଚିନ୍ତାଧାରା, ଗବେଷଣାତ୍ମକ ମନୋଭାବ, ବିକଶିତ ଓଡ଼ିଶାର ପରିକଳ୍ପନା, ଆଦର୍ଶ ଗ୍ରାମ ଗଠନ ଓ ସୌର ଶକ୍ତିର ଉପଯୋଗ ଭଳି ପ୍ରକଳ୍ପ ଅତିଥିଙ୍କୁ ଆକର୍ଷିତ କରିଥିଲା। ସେହିପରି ଦୋକାନ ଯାତ୍ରା କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନେ ଅର୍ଥନୈତିକ ସ୍ୱାବଲମ୍ବନର କୌଶଳ ପ୍ରଦର୍ଶନ କରି ସମାଜକୁ ସକାରାତ୍ମକ ବାର୍ତ୍ତା ଦେଇଥିଲେ। ଉତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଦ୍ୟାଳୟ ରାଜ୍ୟସ୍ତରୀୟ ପିଏମଶ୍ରୀ ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ଶିକ୍ଷାଧିକାରୀ, ପିଏମ୍‌ଶ୍ରୀ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।

## ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା,୬।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ସାଇବର ଅପରାଧ ଓ ଅର୍ଥନୈତିକ ଠକେଇକୁ ରୋକିବା ପାଇଁ ନୂତନ ସାଇବର ଓ ଅର୍ଥନୈତିକ ଅପରାଧ ଥାନାର ଶୁଭାରମ୍ଭ ହୋଇଛି। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ଭୁବନେଶ୍ୱରର ଇଡକୋ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଏହି ଥାନାକୁ ଉଦଘାଟନ କରିଛନ୍ତି। କେନ୍ଦ୍ରାପଡ଼ା ଉପଖଣ୍ଡ ଆରକ୍ଷୀ କାର୍ଯ୍ୟାଳୟ ପରିସରରେ ଏହି ଥାନା କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି। କେନ୍ଦ୍ରାପଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂହ ଓ ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ସହ ପୁଲିସ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏ ଅବସରରେ ଶ୍ରୀ ଶାହା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଓ କୋରୁଆର କୁଦାନଗରୀ ଥାନାର ମଧ ଉଦଘାଟନ କରିଥିଲେ। ଏଥିସହିତ ଆଭାସୀ ମାଧ୍ୟମରେ ୩୨୭୫ କୋଟି ଟଙ୍କା ବ୍ୟୟରେ ୧୯ ୯ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ କରାଯାଇଥିଲା।

## ପ୍ରସିଦ୍ଧ ଗୁରୁ ମହାରାଜଙ୍କ ହରିହାଟ

**ଆଳି,୬।୩(ସମିସ):** ବ୍ରାହ୍ମଣୀ ନଦୀର ଅନତି ଦୂରରେ ଆମ୍ବ ବନ ପରିବେଷ୍ଟିତ କଳଦିଆ ଗ୍ରାମସ୍ଥ ଗୁରୁ ମହାରାଜଙ୍କ ହରିହାଟ ଅନୁଷ୍ଠିତ ହୋଇଯାଇଛି। ଆଳି ରାଜା ଯଦୁନାଥ ଦେବଙ୍କ ଶାସନ ସମୟରେ ରାଜା ଜଣେ ତ୍ରିକାଳଦର୍ଶୀ ସାଧୁଙ୍କୁ ଆଣି ରାଜବାଟୀରେ ରଖିଥିଲେ। ତତ୍କାଳୀନ ସମୟରେ କଳଦିଆରେ ଥିବା ଅମାର ଘରକୁ ରାଜାଙ୍କ ସହ ଉକ୍ତ ସାଧୁ ଉଗ୍ରେଶ୍ୱର ଦାସ ବୁଲିବାକୁ ଆସିଥିଲେ। ସେ ରାଜାଙ୍କୁ କହିଲେ ମୁଁ ଏହି ଗାଁରେ ରହିବି। ଏଠାରେ କୁଡିଆ ଘର କରି ତାଙ୍କ ପାଇଁ ମଠ ହେଲା। ଏଠାରେ ରହିବା ମଧ୍ୟରେ ତାଙ୍କ ମହିମା ପ୍ରକଟ ହେଲା। ସେ ଏଠାରେ ମହାମାରୀରେ ଶିକାର ହୋଇଥିବା ଲୋକଙ୍କୁ ନିଜ ମହିମା ବଳରେ ରକ୍ଷା କଲେ। ପରିଣତ ବୟସରେ ତାଙ୍କର ମହାପ୍ରୟାଣ ହେବାରୁ ତାଙ୍କ ସ୍ମୃତିରେ ରାଜସେବକ ନନ୍ଦ ଓଝା ଏଠାରେ ହରିହାଟ ଆରମ୍ଭ କଲେ। ନନ୍ଦ ବାବା ଦୋଳପୂର୍ଣ୍ଣିମାରେ ଦେହ ତ୍ୟାଗ କରିବାରୁ ସେହିଦିନରୁ ହରିହାଟ ଆୟୋଜନ ହୋଇ ଆସୁଛି। କଳଦିଆ ଗ୍ରାମବାସୀ ଓ ଯୁବକ ସଙ୍ଘ ଦ୍ୱାରା ପରିଚାଳିତ ହରିହାଟ ଆମ୍ବ ଗଛ ପରିବେଷ୍ଟିତ ପ୍ରାଙ୍ଗଣରେ ଏକଶତ ବ୍ରାହ୍ମଣ ବ୍ୟବଧାନ ରକ୍ଷା କରି ରୁଖା ଦୀପରେ ଅଗ୍ନି ସଂଯୋଗ କରି ଧାଡ଼ିରେ ବସି ଭାଗବତ ପାଠ କରୁଥିବାବେଳେ ଅନେକ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଗୁରୁ ମହାରାଜ କି ଜୟ ଧ୍ୱନିରେ ଶ୍ରଦ୍ଧାଳୁ ବୁଲି ବୁଲି ସେମାନଙ୍କ ଆର୍ଶୀବାଦ ଗ୍ରହଣ କରି ଦକ୍ଷିଣା ପ୍ରଦାନ କରିବା ଦୃଶ୍ୟ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ। ହରିହାଟରେ ରାଜନଗର, ଆଳି, ରାଜକନିକା ଓ ପଟ୍ଟାମୁଣ୍ଡାଇର କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥା'ନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭ୍ୟଙ୍କ ସହ ଗୁରୁ ମହାରାଜ ଯୁବକ ସଂଘ ସମସ୍ତ ସଦସ୍ୟ ଓ ଗ୍ରାମବାସ ସହଯୋଗ କରିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଆଳି,୬।୩(ସମିସ):** ହୋଲି ଖେଳି ସାରି ସାଙ୍ଗମାନଙ୍କ ସହ ଖରସ୍ରୋତା ନଦୀକୁ ଗାଧୋଉଥିବାବେଳେ ଆଳି ଥାନା ଅନ୍ତର୍ଗତ ଟୁଙ୍ଗା ପଞ୍ଚାୟତ ଟୁଙ୍ଗା ଗ୍ରାମର ପ୍ରକାଶ ବାରିକଙ୍କ ପୁଅ ଶୁଭ ସଂକଳ୍ପ ବାରିକ(୨୨) ଦୁଇଦିନ ତଳେ ଭାସିଯାଇ ନିଖୋଜ ଥିଲେ। ଆଜି ଖରସ୍ରୋତା ନଦୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ୪ ତାରିଖ ୪ଟା ସମୟରେ ଶୁଭସଂକଳ୍ପ ହୋଲି ଖେଳ ସାରି ସାଙ୍ଗମାନଙ୍କ ସହ ନିକଟସ୍ଥ ଖରସ୍ରୋତା ନଦୀକୁ ଗାଧେଇବାକୁ ଯାଇ ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଥିଲେ।

● ଓଲାଭର ବଜାର ଉଚ୍ଛେଦ ମାମଲା

## ତହସିଲ ପ୍ରଶାସନର ଟାଳଟୁଳ ନୀତି

**ରାଜକନିକା,୬।୩(ସମିସ):** କନିକା ତହସିଲ ଅନ୍ତର୍ଗତ ଓଲାଭର ବଜାର ଉଚ୍ଛେଦ ମାମଲାର ରହସ୍ୟକୁ ନେଇ ସାଧାରଣରେ ଉଦବେଗ ବଢ଼ିଛି। କୌଣସି ଅଗ୍ରଗତି ନ ହେବାରୁ ବଜାରର ସରକାରୀ ରାସ୍ତା ଅବରୋଧ ଦିନକୁ ଦିନ ସଙ୍ଗୀନ ହେବାରେ ଲାଗିଛି। ଦୀର୍ଘ ଦେଢ଼ ବର୍ଷର ସରକାରୀ କସରତ ପରେ ବଜାରରେ ନୋଟିସ ଜାରି ଓ ସରକାରୀ ମାପ ପରେ ଉଦ୍ଦେଶ୍ୟମୂଳକ ଭାବେ ଏହି ଉଚ୍ଛେଦ ପ୍ରକ୍ରିୟାକୁ ଏପଟ ସେପଟ କରିବାରେ କନିକା ତହସିଲ କାର୍ଯ୍ୟାଳୟ ବିବାଦକୁ ଆସି ସାରିଛି ବୋଲି ଆବେଦନକାରୀ ନଳିନୀ ପୃଷ୍ଟି ଅଭିଯୋଗ କରିଛନ୍ତି। ଗତ ୨୪ ତାରିଖ ଦିନ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରାଯାଇଥିଲା। ଏହି ରିପୋର୍ଟରେ କନିକା ତହସିଲଦାରଙ୍କୁ ପାଞ୍ଚଦିନ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଜଣାଇବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଆଜିକୁ ଆଠଦିନ ବିତିଯାଇଥିଲେ ହେଁ ରିପୋର୍ଟ ଉପଜିଲ୍ଲାପାଳଙ୍କ ନିକଟକୁ ଯାଇ ନ ଥିବାରୁ ଶ୍ରୀ ପୃଷ୍ଟି ଏହା ଖୋଲା ଖୋଲି ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଅବଜ୍ଞା ବୋଲି କହିବା ସହ ପ୍ରଶାସନର ଏତାଦୃଶ କାର୍ଯ୍ୟ ସାଧାରଣରେ ବିସ୍ମୟ ସୃଷ୍ଟି କରିଛି।

## ଜଳିଗଲା ଗୁହାଳ,୨ ଗାଈ ଅର୍ଦ୍ଧଦଗ୍ଧ

**ଡେରାବିଶ, ୬।୩(ସମିସ):** ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୁହାଳ ସମେତ ଦୁଇବଖରା ଭସ୍ମୀଭୂତ ହୋଇଥିବାବେଳେ ୨ ଗାଈ ଅର୍ଦ୍ଧଦଗ୍ଧ ହୋଇଛନ୍ତି। ରମେଶ ବଳଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ପୂରା ଘରକୁ ବ୍ୟାପୀ ଯାଇଥିଲା। ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ଗୁହାଳରୁ ଦୁଇଟି ଗାଈକୁ ଉଦ୍ଧାର କରିଥିଲେ ମଧ ଗାଈ ଦୁଇଟି ଅର୍ଦ୍ଧଦଗ୍ଧ ହୋଇଥିଲେ। ଖବର ପାଇ ଡେରାବିଶ ଓ ନିଶ୍ଚିନ୍ତକୋଇଲିରୁ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଥିଲେ।

## କୃଷକ ସେବା କେନ୍ଦ୍ର ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ,୬।୩(ସମିସ):** ବଳଭଦ୍ରପୁର ପଞ୍ଚାୟତରେ କଳିଙ୍ଗ କୃଷକ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାର ପ୍ରଥମ କୃଷକ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ପରିଷଦର ରାଜ୍ୟ ସଭାପତି ଅମର ସାହୁ ସେବା କେନ୍ଦ୍ର ଉଦ୍‌ଘାଟନ କରି ସେବାକେନ୍ଦ୍ର ଜରିଆରେ ବିଭିନ୍ନ ପ୍ରକାର ଅନଲାଇନ ସେବା ସହିତ ସାର, ବିହନ, କୀଟନାଶକ କୃଷକଙ୍କୁ ଯୋଗାଇ ଦେବା ପରିଷଦର ଲକ୍ଷ୍ୟ ବୋଲି କହିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଶୁଭକାନ୍ତ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଅକ୍ଷୟ ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦିକା ନିରୂପମା ମଲ୍ଲିକ, ବଡ଼ଚଣା ବ୍ଲକ ଉପସଭାପତି ସନ୍ତୋଷ ବଳସାମନ୍ତ, ରାଜନଗର ବ୍ଲକ ସଭାପତି କୈଳାସ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି କାମିନୀ ତରାଇ, ବ୍ଲକ ସମ୍ପାଦକ ଦିବାକର ବେହେରା, ଜିଲ୍ଲା ସଂଯୋଜିକା ତୃପ୍ତିମୟୀ ଶତପଥୀ, କୋଷାଧ୍ୟକ୍ଷ ଅଙ୍କିତା ବିହାରୀ, ଜିଲ୍ଲା କମିଟି ସଦସ୍ୟ ଦେବାରତୀ ରାଉତ ପ୍ରମୁଖ ଯୋଗଦେଇ ପଞ୍ଜିକୃତ କୃଷକଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ କରିବାକୁ ପରିଷଦ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଅଭୟ ଦାସ, ସୁକାନ୍ତ ପରିଡ଼ା, କାଙ୍ଗାଳି ମହାକୁଳ, ସମୀର ମହାକୁଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫିଟ୍ ଅଫ ଫାୟାର ଡ୍ୟାନ୍ସ ଏକାଡେମୀର ନୂତନ ନୃତ୍ୟ ଷ୍ଟୁଡିଓ ଉଦ୍‌ଘାଟିତ



**ପଟ୍ଟାମୁଣ୍ଡାଇ,୬।୩(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ନୃତ୍ୟାନୁଷ୍ଠାନ ଫିଟ୍ ଅଫ ଫାୟାର ଡ୍ୟାନ୍ସ ଏକାଡେମୀର ନୂତନ ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ନୃତ୍ୟ ଷ୍ଟୁଡିଓ ଉଦ୍‌ଘାଟିତ ହୋଇଛି। ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଷ୍ଟୁଡିଓର ଉଦଘାଟନ କରିଥିଲେ। ଏକାଡେମୀର ସମ୍ପାଦକ ପ୍ରଦ୍ୟୁମ୍ନ ଗିରି ଓ ସଭାପତି କୁଞ୍ଜବିହାରୀ ତ୍ରିପାଠୀ ଅତିଥିଙ୍କୁ ସମ୍ମାନିତ କରିଥିଲେ। ନୃତ୍ୟଗୁରୁ ପ୍ରଶାନ୍ତ ପାତ୍ରଙ୍କ ଅଧ୍ୟକ୍ଷତା ଓ ନିର୍ଦ୍ଦେଶନାରେ ପିଲାଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଅତିଥି ଓ ଅଭିଭାବକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମୁଖ୍ୟଅତିଥି ଆଇଆଇସି ଶ୍ରୀମତୀ ପାତ୍ର ଏକାଡେମୀର କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ମିଟୁ ମନୋଜ ନାୟକ, ଡା. ନବ ନିରୋଦକାନ୍ତ କର, ଚନ୍ଦନ ଦାସ, ସତ୍ୟଜିତ ସାହୁ, ପ୍ରଶାନ୍ତ ପାତ୍ର, ସୋମନାଥ ବେହେରା, ପ୍ରକାଶ ବେହେରା, ପ୍ରଫୁଲ୍ଲ ଜେନା, ମଧୁଛନ୍ଦା ପାତ୍ର, ଜ୍ୟୋତିଭୂଷଣ ଦାସ, ବ୍ୟୋମକେଶ ସାହୁ, ପ୍ରଶାନ୍ତ ପରିଡ଼ା, ଦିଲ୍ଲୀପ ବାରିକ ପ୍ରମୁଖ କର୍ମକର୍ତ୍ତା ଓ ଉପଦେଷ୍ଟାମଣ୍ଡଳୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଏଚ୍‌ପିଭି ଟିକାକରଣ ଆରମ୍ଭ



**ମାର୍ଶାଘାଇ, ୬।୩(ସମିସ):** ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ୍‌ସ୍ତରୀୟ ଏଚପିଭି ଟିକାକରଣର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଯୋଗଦେଇ ଶିବିରକୁ ଉଦଘାଟନ କରିଛନ୍ତି। ଜିଲା ପରିଷଦ ସଦସ୍ୟ ପ୍ରମୋଦ ରଥ, କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ରିତେଶ ସାହୁ, ସିଡିପିଓ ଶୈଳବାଳା ଚାଷୀ,ଏବିଡିଓ ଇତିଶ୍ରୀ ପଣ୍ଡା, ନାନକର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୌରଭ ମହାପାତ୍ର, ବିପିଏମ୍ ହିମାଦ୍ରୀ କେଶରୀ ମହାରଥୀ, ଅମରନାଥ ଦାସ, ବିଡିଏମ ନିରୁପମା ସ୍ୱାଇଁ ପ୍ରମୁଖ ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷିତ ରହିବାକୁ ୧୪ ବର୍ଷ ଝିଅଙ୍କ ପାଇଁ ସରକାରଙ୍କ ପକ୍ଷରୁ ଟୀକାକାରଣ କାର୍ଯ୍ୟକ୍ରମ କରାଯାଉଥିବା ମତବ୍ୟକ୍ତ କରିଥିଲେ। ମେଡିକାଲ ସୁପରଭାଇଜର ପ୍ରବୀଣ ସେନାପତି, ମେଲ ହେଲଥ ୱାର୍କର ରଶ୍ମିରଞ୍ଜନ ଲେଙ୍କା, ଫିମେଲ ହେଲଥ ୱାର୍କର କାଜମିନୀ ଦାସ, ଏଏନଏମ ସୁଜାତା ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ୨୦ ଜଣ କିଶୋରୀଙ୍କୁ ଟୀକାକରଣ କରାଯାଇଥିବା ଜଣାପଡ଼ିଛି।

## ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଯୋଗ ଶିବିର



**କେନ୍ଦ୍ରାପଡ଼ା,୬।୩(ସମିସ):** ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସ୍ଥାନୀୟ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଓ ଜିଲ୍ଲା ପ୍ରଶାସନ (କ୍ରୀଡା ବିଭାଗ) ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର୍. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ବର୍ଷ ମହିଳା ଦିବସର ଥିମ୍ 'ଶକ୍ତି ସ୍ୱରୂପିଣୀ' ଥିଲା। ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହ ସୁସ୍ଥ ଜୀବନ ଶୈଳୀ ଗଠନରେ ଯୋଗର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଯୋଗ ପ୍ରଶିକ୍ଷକ ସଞ୍ଜୟ ମଥାନ ଓ ଟୁଟୁ ମଲିକ ବିଭିନ୍ନ ଯୋଗାସନ ପ୍ରଦର୍ଶନ କରି ଅଂଶଗ୍ରହୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିରେର କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ମିଶନ ଶକ୍ତି ଗୋଷ୍ଠୀ ଓ ଅନ୍ୟାନ୍ୟ ଅନୁଷ୍ଠାନରୁ ପ୍ରାୟ ୩୦୦ରୁ ଅଧିକ ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ।

## ପଟ୍ଟାମୁଣ୍ଡାଇରେ ଏଚ୍‌ପିଭି ଟିକାକରଣ ଆରମ୍ଭ

**ପଟ୍ଟାମୁଣ୍ଡାଇ,୬।୩(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ୧୪ ବର୍ଷର ବାଳିକାଙ୍କୁ ଜରାୟୁ ଗ୍ରୀବା କର୍କଟ ରୋଗରୁ ମୁକ୍ତି ପାଇଁ ଏଚପିଭି ଟିକା ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମ



ଆରମ୍ଭ କରିଛନ୍ତି। ଏହି କ୍ରମରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଟିକାଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା ନିରାକାର ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, କାଉନସିଲର ପ୍ରଶାନ୍ତ ବାରିକ, ସୁବାସ ମଲିକ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପିଏଚଓ ସ୍ନେହଲତା ମହାନ୍ତି, ବିପିଏମ ପ୍ରଶାନ୍ତ ଜେନା, ନୃସିଂହ ଦାସ, ଚିତ୍ତରଞ୍ଜନ ଚାନ୍ଦ, ସଞ୍ଜୟ ଦାସ, ଦୀପ୍ତିମୟୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୪ ଜଣ ବାଳିକାଙ୍କୁ ଟିକା ନେଇଥିବା ଜଣାପଡ଼ିଛି।

## ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ରାଜନଗର, ୬।୩(ସମିସ):** ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରାଧ୍ୟାପକ ଅମୀୟ ଦାସ ଯୋଗ ଦେଇଛନ୍ତି। ଶ୍ରୀ ଦାସ ରେଭେନ୍ସା କଲେଜରୁ ସ୍ନାତକୋତର ଡିଗ୍ରୀ ହାସଲ ପରେ ୧୯୯୨ରୁ ୨୦୧୮ ଇଂରାଜୀ ଅଧ୍ୟାପକ ଭାବେ ମହାକାଳପଡ଼ା ବ୍ଲକର ବାୟାବାବା କଲେଜରେ କାର୍ଯ୍ୟ କରୁଥିଲେ। ପରେ ଇଂରାଜୀ ପ୍ରାଧ୍ୟାପକ ଭାବେ ପଟ୍ଟାମୁଣ୍ଡାଇ କଲେଜରେ ୨୦୧୮ରୁ କାର୍ଯ୍ୟ କରୁଥିଲେ। ଚଳିତ ମାସ ୨ ତାରିଖ ଦିନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ନିର୍ଦ୍ଦେଶନାମା ବାହାରିଥିଲା। ଆଜି ଶ୍ରୀ ଦାସ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ଡକ୍ଟର ମିତା ରାଉତଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ନୁରୁଗାଁରେ ଗୋମାତା ପୂଜା



**ରାଜନଗର,୬।୩(ସମିସ):** ରାଜନଗର ବ୍ଲକ୍ ନୁରୁଗାଁସ୍ଥ ରାଧାକୃଷ୍ଣ ମେଳଣ ପଡ଼ିଆରେ ଦୋଳପୂର୍ଣ୍ଣିମା ଅବସରରେ ଏକ ବର୍ଣ୍ଣ ୧୦୮ ଗୋମାତାଙ୍କୁ ସ୍ନାନ କରାଯାଇ ବେଦମନ୍ତ୍ର ଦ୍ୱାରା ପୂଜାର୍ଚ୍ଚନା କରାଯାଇଛି। ଗ୍ରାମର ମହିଳା ଧୂପଦୀପ ନୈବେଦ୍ୟର ଅର୍ଘ୍ୟ ଅର୍ପଣ କରି ଗୋମାତାଙ୍କୁ ପୂଜା କରିଥିଲେ। ଏହି ପରମ୍ପରା ଦୀର୍ଘ ଚାଳିଶି ବର୍ଷ ଧରି ଚାଲିଆସୁଛି। ଏହି ଉତ୍ସବରେ ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗାଁ ମୁରବୀ ଦାମୋଦର ସ୍ୱାଇଁ, ବୈକୁଣ୍ଠ ସ୍ୱାଇଁ, ଅଲେଖ ରାଉତ, ସରପଞ୍ଚ ଗାଲେଖ ସ୍ୱାଇଁ, ଦେବଦତ୍ତ ସାହୁ, ସୁଶାନ୍ତ ରାଉତ, ପ୍ରଫୁଲ୍ଲ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଅଧ୍ୟକ୍ଷ ଅତୁଲ ବଳଙ୍କ ଶୋକସଭା

**ରାଜନଗର,୬।୩(ସମିସ):** ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅତୁଲ କୁମାର ବଳଙ୍କ ବିୟୋଗ ସମଗ୍ର ରାଜନଗରରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଆଜି ମହାବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଡକ୍ଟର ମିତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସ୍ୱର୍ଗତ ଶ୍ରୀ ବଳ ସ୍ମୃତିଚାରଣ କରିଥିଲେ। ମହାବିଦ୍ୟାଳୟରେ ସେ ତାଙ୍କର ପ୍ରଥମ ଅଧ୍ୟାପକ ଜୀବନ ଆରମ୍ଭ କରିଥିଲେ। ସେ ଅର୍ଥନୀତି ବିଭାଗର ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରି ୨୦୨୪ ମଇ ୩୧ରେ ଅବସର ଗ୍ରହଣ କରିଥିଲେ। ୨୦୨୨ରେ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ଦିଆଯାଇଥିଲା। ଶୋକସଭାରେ ଅଧ୍ୟକ୍ଷଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ରାଜନଗର, ୬।୩(ସମିସ):** ଅଖିଳ ବିଶ୍ୱ ଗାୟତ୍ରୀ ପରିବାର କଣ୍ଡିରା ଶାଖା ପକ୍ଷରୁ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ କଣ୍ଡିରାସ୍ଥ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଧ୍ୱଜା ଉତ୍ତୋଳନ ପରେ ମାତୃଶକ୍ତିଙ୍କ ଦ୍ୱାରା ଶୁଭ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଯୁଗ ସଙ୍ଗୀତ ଓ ପ୍ରବଚନ ପ୍ରଜ୍ଞାପୁତ୍ର ପ୍ରମୋଦ ପୃଷ୍ଟିଙ୍କ ଦ୍ୱାରା କରାଯାଇଥିଲା। ସରପଞ୍ଚ ହେମଲତା ମାହୁନ୍ତ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଗ୍ରାମ ମୁରବୀ ବ୍ରହ୍ମାନନ୍ଦ ମହାନ୍ତି, ଅଭିରାମ ସଂଗଠନ ପ୍ରମୁଖ ଅରବିନ୍ଦ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଓ ତୃତୀୟ ଦିନ ଯଜ୍ଞ ଓ ବିଭିନ୍ନ ସଂସ୍କାର ସହିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ଶେଷ ଦିବସରେ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ୧୦୦୮ ଦୀପ ମହାଯଜ୍ଞ କରାଯାଇଥିଲା।

## ନନ୍ଦ ଆନନ୍ଦ ମେଳଣରେ ସମ୍ବର୍ଦ୍ଧନା ଉତ୍ସବ

**ଡେରାବିଶ, ୬।୩(ସମିସ):** ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଭାରିଗୋଳ ଗ୍ରାମରେ ଅନୁଷ୍ଠିତ ନନ୍ଦ ଆନନ୍ଦ ମେଳଣ ଅବସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ରମେଶ ଶତପଥୀଙ୍କ ପୌରୋହିତ୍ୟରେ



ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ମୁଖ୍ୟବକ୍ତା ଭାବେ ବଡ଼ବେତରା ସରପଞ୍ଚ ସଂଯୁକ୍ତା ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ସମାଜସେବୀ କିଶୋର ମହାପାତ୍ର, ଶିକ୍ଷାବିତ୍ ଦିଲ୍ଲୀପ ନାୟକ, ଅଧ୍ୟାପକ ପ୍ରଦୀପ ଜେନା ଯୋଗଦେଇ ସାମାଜିକ କାର୍ଯ୍ୟରେ ଲିପ୍ତ ଥିବା କମିଟି ସଭାପତି ରବିନ୍ଦ୍ର ମଲିକ, ସମ୍ପାଦକ ପୀତାମ୍ବର ମଲିକ, କୋଷାଧ୍ୟକ୍ଷ ପୁରୁଷୋତ୍ତମ ମଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅର୍ଜୁନୀ ମଲିକ ଅତିଥି ପରିଚୟ ଓ ସନ୍ତୋଷ ମଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନାରାୟଣ ମଲିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦଶାନନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ



**ପଟ୍ଟାମୁଣ୍ଡାଇ,୬।୩(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ନେତା ଓ କର୍ମୀ ପଟ୍ଟାମୁଣ୍ଡାଇ ବିଜୁ ପଟ୍ଟନାୟକ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସମ୍ବିଧାନ ପ୍ରଣେତା ଆମ୍ବେଦକର ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ବକ୍ତାରପୁର ବିଜେଡି କାର୍ଯ୍ୟାଳୟରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବହୁ ବିଜେଡି ନେତା ଓ କର୍ମୀ ଯୋଗଦେଇ ଜନନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପଞ୍ଚାୟତ ସୁବିଧା କେନ୍ଦ୍ର ଓ ମିଶନ ଶକ୍ତି ଗୃହ ନିର୍ମାଣ ଦାବି

ପଞ୍ଚୁପାଣ୍ଡବ,୬।୩(ସମିସ)






ରଘୁଦେଇପୁର ପଞ୍ଚାୟତରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି। ରଘୁଦେଇପୁରରେ ଥିବା ୯୦ ଡିସିମିଲ ସରକାରୀ ଜମିକୁ ସ୍ଥାନୀୟ ଗ୍ରାମର କିଛି ଲୋକ ଜବରଦଖଲ କରିଥିବା ଅଭିଯୋଗ କରିଥିବାବେଳେ ଏହାକୁ ଉଚ୍ଛେଦ କରି ପଞ୍ଚାୟତ ସୁବିଧା କେନ୍ଦ୍ର ଓ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବାକୁ ଦାବି କରିଛନ୍ତି। ରଘୁଦେଇପୁର ପଞ୍ଚାୟତରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଅନିଶ୍ଚିତତା ଜାରି ରହିଛି। ଏହି ପଞ୍ଚାୟତ ଗୃହ ୧୯୫୭ରେ ସ୍ଥାପିତ ହୋଇଥିଲେ ସୁଦ୍ଧା ଏକ ଭଙ୍ଗା ଆଜବେଷ୍ଟସ ଘରେ ପଞ୍ଚାୟତ ଚାଲୁଥିବାବେଳେ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଯୋଗୁଁ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁନାହିଁ। ଏପରିକି କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଅର୍ଥ ବରାଦ କରାଯାଇଥିଲେ ମଧ୍ୟ ସ୍ଥାନ ନିରୂପଣ ସମସ୍ୟା ଲାଗିରହିଛି। କିଛିଦିନ ତଳେ ଡେରାବିଶ ତହସିଲଦାର ସରୋଜ ନାୟକ ଓ ମଣ୍ଡଳ ଉନ୍ନୟନ ଅଧିକାରିଣୀ ନମିତା ବାରିକ, ଡେରାବିଶ ଥାନା ପୁଲିସ ପକ୍ଷରୁ ସ୍ଥାନ ନିରୂପଣ ପାଇଁ ରଘୁଦେଇପୁର ରାଜସ୍ୱ ଗ୍ରାମକୁ ଯାଇଥିବାବେଳେ ବିବାଦ ସୃଷ୍ଟି ହୋଇଥିଲା। ଉକ୍ତ ସ୍ଥାନଟି ସରକାରଙ୍କ ଅଧୀନରେ ଥିଲେ ହେଁ କେତେକ ବ୍ୟକ୍ତି କିଛି ଜମି ଲିଜ ଆକାରରେ ନେଇଥିବାବେଳେ ବହୁତ ସରକାରୀ ସମ୍ପତ୍ତିକୁ ଗ୍ରାମବାସୀ ଜବରଦଖଲ କରି ଚାଷ କରୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସେଥିରୁ କିଛି ଜାଗା ଚିହ୍ନଟ କରିବାକୁ ପ୍ରଶାସନ ଚାହିଁଥିଲେ ମଧ୍ୟ ଏହାକୁ କିଛି ଲୋକ ବିରୋଧ କରିଥିଲେ। ସେହିପରି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନ ଥିବାରୁ ଗଛତଳ ଓ ସ୍କୁଲ ବାରଣ୍ଡାରେ ମିଶନ ଶକ୍ତି କାମ କରୁଥିବା ଅଭିଯୋଗ ହେଉଛି। ସରକାରୀ ଜାଗାରୁ ଅବରୋଧ ହଟାଇବା ସହ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ମିଶନ ଶକ୍ତି ଗୃହ ନିର୍ମାଣ କରିବା ପାଇଁ ଗଙ୍ଗାଧର ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଭରତ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ନଳିନୀ ମଲ୍ଲିକ, ତପନ ମଲ୍ଲିକ, ପାର୍ବତୀ ମଲ୍ଲିକ, ସୁବ୍ରଜିତ ମଲ୍ଲିକ, ସ୍ୱର୍ଣ୍ଣଲତା ମଲ୍ଲିକ, ମନୋଜ ସାମନ୍ତରାୟ, ରଣେନ୍ଦ୍ର ମଲ୍ଲିକ, ଭାରତୀ ମଲ୍ଲିକ ଓ ମିଶନ ଶକ୍ତି ସଦସ୍ୟା ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କୁ ଦାବି ଜଣାଇଛନ୍ତି।

୬/୩/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୧୨,୨୬୬/- ସୁନା:୦୧.୦୦୦ ଗ୍ରାମ୍ ରୁପା: ୧୩୯.୫୦୦ ଗ୍ରାମ୍





### ରାଷ୍ଟ୍ରୀୟ ଯୁବ ନେତୃତ୍ୱ ସମ୍ମେଳନ ଉଦ୍‌ଘାଟିତ

# ‘ଗୁରୁଜନଙ୍କ ଆଶୀର୍ବାଦ, ପ୍ରତିବଦ୍ଧତା ସଫଳତାର ମୂଳମନ୍ତ୍ର’




**ପୁରୀ,୬।୩(ସମିସ):** ଭଗବାନ ପ୍ରକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନଲେଜ ଆଣ୍ଡ ଲିଡରସିପି ପ୍ରମୋସନ (ବିକଳ୍ପ) ସଙ୍ଗଠନ ପକ୍ଷରୁ ୟୁଥ୍ ହଷ୍ଟେଲରେ ଶୁକ୍ରବାର ତିନିଦିନିଆ ରାଷ୍ଟ୍ରୀୟ ଯୁବ ନେତୃତ୍ୱ ସମ୍ମେଳନ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୧୫୦ ଯୁବ ନେତୃତ୍ୱ ଯୋଗ ଦେଇଛନ୍ତି। ଜାତୀୟ ମାନବାଧିକାର କମିଶନ ନୂଆଦିଲ୍ଲୀର କୋର୍ କମିଟି ସଦସ୍ୟ ମନୋଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ଜାତୀୟ ମାନବାଧିକାର କମିଶନ ନୂଆଦିଲ୍ଲୀର ସଦସ୍ୟ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗଦେଇ ଉପସ୍ଥିତ ଯୁବ ନେତୃତ୍ୱଙ୍କୁ ରଚନାତ୍ମକ ଓ ରାଷ୍ଟ୍ରନିର୍ମାଣ କ୍ଷେତ୍ରରେ ସଦୟ ଯୋଗଦାନ ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଗୁରୁଜନଙ୍କ ଆଶୀର୍ବାଦ, କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଚେଷ୍ଟା ସହ ପ୍ରତିବଦ୍ଧତା ଓ ସକାରାତ୍ମକ ଚିନ୍ତନ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ପୂର୍ବତନ ପ୍ରଶାସକ ତଥା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଜୟନ୍ତ କୁମାର ଦାସ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଜଣାଶୁଣା ଅଭିନେତା ତଥା କଣ୍ଠଶିଳ୍ପୀ ସୋହମ ସିଂ, ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ପ୍ରସିଦ୍ଧ ନ୍ୟୁଜ ସଞ୍ଚାଳିକା ବର୍ଷା ବିସ୍ମିତା, ଏନଏସ୍‌ଏସର ପରାମର୍ଶଦାତା ପ୍ରଫେସର ଡ. ରଘୁନାଥ ମଣ୍ଡଳ, ଏଲ୍‌ଡବ୍ଲ୍ୟୁଏସ୍‌ର ସଂଯୋଜିକା ବେବି ନାୟକ ସମ୍ମାନିତ ଅତିଥି ଏବଂ ବିଷୟ ଭିତ୍ତିକ ବିଶେଷଜ୍ଞ ଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ଯୁବ ନେତୃତ୍ୱମାନଙ୍କ ଭବିଷ୍ୟତ କାର୍ଯ୍ୟଶୈଳୀ ଓ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କୃତି କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଆସାମର ପ୍ରିତୀସ ତିୱାରୀ, ବିହାରର ବବଲୁ କୁମାର, ଝାଡ଼ଖଣ୍ଡର ଅଜୟ କୁମାର, ବରଗଡ଼ ଓଡିଶାର ମଧୁସ୍ମିତା ବିଶି, ବର୍ଷା ପ୍ରିୟଦର୍ଶିନୀ, ଯୁବ ନେତୃତ୍ୱ ଉର୍ବଶୀ ବେହେରା, ସୁରେଶ ଚନ୍ଦ୍ର ସାହୁ, ନବଘନ ଦାସ, ଆହ୍ଲାଦ ଗଣେଶ ରାଓ, ପ୍ରାନ୍ତସିନୀ ଜେନା, ଭାସ୍କର ମହାରଣା ପ୍ରମୁଖଙ୍କୁ ଉତ୍ତରୀୟ ଓ ଫଳକ ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ଆୟୋଜନ କରାଯାଇ ଦକ୍ଷ ଯୁବ ନେତୃତ୍ୱ ସୃଷ୍ଟି କରି ବିକଶିତ ରାଷ୍ଟ୍ର ନିର୍ମାଣରେ ସହାୟକ ହେବା ପାଇଁ ପ୍ରୟାସ କରାଯିବ ବୋଲି ବିକଳ୍ପର ମ୍ୟାନେଜିଙ୍ଗ ଟ୍ରଷ୍ଟି ମନୋଜ ଜେନା ପ୍ରକାଶ କରିଛନ୍ତି। ପ୍ରତି ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ଲୋକ ନୃତ୍ୟ, ସଙ୍ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୮ ତାରିଖ ବିଶ୍ୱ ମହିଳା ଦିବସ ସନ୍ଧ୍ୟାରେ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

● ୟୁପିଏସ୍‌ସି ପରୀକ୍ଷା ଫଳ ପ୍ରକାଶ

## ଶ୍ରୀକ୍ଷେତ୍ର ମାଟିର ପୁଅ ଅମ୍ରିତଙ୍କୁ ୧୨୧ତମ ରାଙ୍କ



**ପୁରୀ,୬।୩(ସମିସ):** ଶ୍ରୀକ୍ଷେତ୍ର ମାଟିର ଆଇଏଏସ୍ ପୁଅ ‘ଅମ୍ରିତ ମହାପାତ୍ର’। ୟୁପିଏସ୍‌ସି ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷାରେ ୧୨୧ତମ ରାଙ୍କରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା ତଥା ପୁରୀ ପାଇଁ ଗର୍ବ ଆଣିଛନ୍ତି ମାଟିମଣ୍ଡପ ସାହିର ଅମ୍ରିତ। ଏହି ସଫଳତା ତାଙ୍କ ଆଇଏଏସ୍ ଅଫିସର ହେବାର ଦୀର୍ଘଦିନର ସ୍ୱପ୍ନକୁ ପୂରଣ କରିଛି। ଅମ୍ରିତ ପୂର୍ବରୁ ୪୬ତମ ରାଙ୍କ ସହିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। କିନ୍ତୁ ତାଙ୍କର ସ୍ୱପ୍ନ ଥିଲା ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା। କଠିନ ପରିଶ୍ରମ, ଏକାଗ୍ରତା ଓ ଲକ୍ଷ୍ୟ ସ୍ଥିର ଯୋଗୁ ଦ୍ୱିତୀୟ ପ୍ରୟାସରେ ଏହି ସଫଳତା ହାସଲ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗରୁ ଅବସର ନେଇଥିବା ଲଲାଟେନ୍ଦୁ ମହାପାତ୍ର ଓ ସବିତା ମିଶ୍ରଙ୍କ ବଡପୁଅ ହେଉଛନ୍ତି ଅମ୍ରିତ। ବର୍ତ୍ତମାନ ନୂଆଦିଲ୍ଲୀର କ୍ୱାଣ୍ଟମ୍ ହବ୍‌ରେ କାର୍ଯ୍ୟରତ ଏବଂ ପବ୍ଲିକ ପଲିସିରେ ଗବେଷଣା କରିଥିବା ଅମ୍ରିତ ପିଲାଦିନରୁ ଜଣେ ମେଧାବୀ ଛାତ୍ର ଥିଲେ। ଭୁବନେଶ୍ୱର ବିଜେବି କଲେଜର ଟପ୍ପର ଥିଲେ। ‘ଯଦି ଜୀବନରେ ନିଜର ବୋଲି କିଛି ନୁହେଁ, ତେବେ ହାରିବା ନେଇ ଏତେ ଭୟ କାହିଁକି?’ ରୋମାନ ଶାସକ ମାର୍କସ ଔରିଲିୟସଙ୍କ ଏହି ଉକ୍ତି ତାଙ୍କ ଜୀବନରେ ଶୀର୍ଷ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାର ସାହସ ଭରିଥିଲା। ତାଙ୍କ ମତରେ ସଫଳତା ପାଇଁ କଠିନ ଶ୍ରମ ୭୦ ପ୍ରତିଶତ ଏବଂ ଭାଗ୍ୟ ୩୦ ପ୍ରତିଶତ। କଠିନ ଶ୍ରମ ପଛରେ ବାପା ମା’, ଶିକ୍ଷକ, ସାଙ୍ଗସାଥୀଙ୍କ ଭୂମିକା ଓ ପ୍ରେରଣା ରହିଥିବା ବେଳେ ସର୍ବୋପରି ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁ ଏଭଳି ସଫଳତା ମିଳିଛି। ସେବାକୁ ପ୍ରାଥମିକତା ଦେଉଥିବା ଅମ୍ରିତଙ୍କ ମତରେ ୟୁପିଏସ୍‌ସିରେ ଉତ୍ତୀର୍ଣ୍ଣ ହେବାଠୁ ବଡ଼ ହେଉଛି ଏହି ଦାୟିତ୍ୱକୁ ଠିକ୍ ଭାବେ ନିଭାଇବା।

## ସବୁ ଧାନ କିଣିବାକୁ ସିପିଆଇର ଦାବି

**ପୁରୀ,୬।୩(ସମିସ):** ଧାନ ବିକ୍ରିରେ ପୁରୀ ଜିଲ୍ଲାର ଚାଷୀମାନଙ୍କୁ କରାଯାଉଥିବା ଶୋଷଣ ଓ ଅବ୍ୟବସ୍ଥା ବନ୍ଦ କରିବାକୁ ସିପିଆଇ ପୁରୀ ଜିଲ୍ଲା କମିଟି ପକ୍ଷରୁ ଶୁକ୍ରବାର ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଧାନ ବିକ୍ରି କରିବା ଲାଗି ପଞ୍ଜୀକୃତ ସମସ୍ତ ଚାଷୀଙ୍କ ସମସ୍ତ ଧାନ କିଣିବା, ନାମ ପଞ୍ଜୀକରଣ କରି ନ ଥିବା ଚାଷୀମାନଙ୍କ ଧାନ କିଣିବାକୁ ତୁରନ୍ତ ପଦକ୍ଷେପ ନେବା, ମଣ୍ଡିରେ କଟ୍‌ନୀ ଛଟନୀ ବନ୍ଦ କରିବା, ଧାନ ବିକ୍ରି ପାଇଁ ଅଖା ପ୍ରଦାନ ପ୍ରଭୃତି ଦାବି କରି ସିପିଆଇ ପକ୍ଷରୁ ଉପ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସିପିଆଇ ପୁରୀ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, କୃଷକ ନେତା ଆଶିଷ କାନୁନଗୋ, ପ୍ରଦୀପ୍ତ ମହାନ୍ତି, ବ୍ରଜବନ୍ଧୁ ପ୍ରଧାନ, ଦେବେନ୍ଦ୍ରନାଥ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, ବନମାଳୀ ସାହୁ, ସୁକାନ୍ତ ମହାନ୍ତି, ପ୍ରକାଶ ଚନ୍ଦ୍ର ବେହେରା, ତରୁଣ ନାୟକ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଉପ ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ପୁରୀ ଜିଲ୍ଲାରେ ଧାନ କିଣାରେ ସୁଧାର ନ ଆସିଲେ ଜିଲ୍ଲା ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସିପିଆଇ ଜିଲ୍ଲା ସମ୍ପାଦକ ଶ୍ରୀ ରାଉତ ଘୋଷଣା କରିଛନ୍ତି।

● ସମୁଦ୍ର ଭିତରେ ଦୁଃସାହସିକ ଜଳକ୍ରୀଡ଼ା

## ସମୁଦ୍ରକୂଳ ଥାନାଧିକାରୀଙ୍କୁ ତଦନ୍ତ ଦାୟିତ୍ୱ

**ପୁରୀ,୬।୩(ସମିସ):** ହୋଲିରେ ପୁରୀ ବେଳାଭୂମିରେ ଦୁଃସାହସିକ ଜଳକ୍ରୀଡାର ଦୃଶ୍ୟ ଭାଇରାଲ ହେବା ପରେ ଏହି ଘଟଣାକୁ ଗୁରୁତର ସହ ନେଇଛି ପୁରୀ ପୁଲିସ। ସମୁଦ୍ରକୂଳ ଥାନା ଅଧିକାରୀଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହୋଲି ଅପରାହ୍ନରେ ପୁରୀ ସମୁଦ୍ର ଭିତରେ ତିନୋଟି ମୋଟର ଚାଳିତ ଡଙ୍ଗାରେ କିଛି ଯୁବକ, ଛୋଟ ଛୋଟ ପିଲା ଓ କିଛି ମହିଳା ବିନା ସୁରକ୍ଷା ଉପକରଣରେ ବସିଥିବା ଦେଖିବାକୁ ମିଳିଥିଲା। ବିନା ଲାଇଫ୍ ଜ୍ୟାକେଟରେ ଗଭୀର ସମୁଦ୍ରରେ ଦୁଃସାହସିକ ଜଳକ୍ରୀଡାର ମଜା ନେଉଥିବା ପର୍ଯ୍ୟଟକମାନେ ବେଳାଭୂମିରୁ ଥାଇ ଦେଖୁଥିଲେ। ଏପରି କି ଏହାର ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଡଙ୍ଗାଗୁଡ଼ିକ ଗୋଟିଏ ଜାଗାରେ ଏଭଳି ବୃତ୍ତାକାର ଢଙ୍ଗରେ ଦ୍ରୁତଗତିରେ ବୁଲୁଥିଲା ଯେ, ସେଥିରେ ବସିଥିବା ଲୋକେ ଭାରସାମ୍ୟ ହରାଇ ସମୁଦ୍ରରେ ପଡିଯିବା ଭଳି ଲାଗୁଥିଲା। ଏହାକୁ ନେଇ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପର୍ଯ୍ୟଟକଙ୍କ ସୁରକ୍ଷା, ନିରାପତ୍ତାକୁ ପୁଲିସ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେଉଛି। ସମୁଦ୍ର ସ୍ନାନ ସମୟରେ ପର୍ଯ୍ୟଟକ ଲାଇଫ ଗାର୍ଡଙ୍କ ନିର୍ଦ୍ଦେଶ ମାନିବା ସହ ଅସୁରକ୍ଷିତ ଭାବେ ସ୍ନାନ ନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଡଙ୍ଗା ଉପରେ ଏଭଳି ଷ୍ଟଣ୍ଟ ନ କରିବାକୁ ଚେତାବନୀ ଦିଆଯାଇଛି ବୋଲି ଏସ୍‌ପି ପ୍ରତିକ୍ ସିଂ କହିଛନ୍ତି।

■ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ

## ଛାତ୍ରଛାତ୍ରୀଙ୍କ ପାଇଁ ନିବେଶକ ସଚେତନତା କାର୍ଯ୍ୟକ୍ରମ

**ପୁରୀ,୬।୩(ସମିସ):** ସାମନ୍ତଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଏବଂ ଏମ୍‌କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସହଯୋଗିତାରେ “ସ୍ୱତନ୍ତ୍ର: ଇଣ୍ଡିଆ ଇନ୍‌ଭେଷ୍ଟ କରୋ’ ଶୀର୍ଷକ ଦିନିକିଆ ନିବେଶକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହାକୁ ଉଦ୍‌ଘାଟନ କରିବା ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ସାମ୍ପ୍ରତିକ ଆର୍‌ଥିକ ଅନିଶ୍ଚିତତା ପରିସ୍ଥିତି ମଧ୍ୟରେ ଏଭଳି ଏକ ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାଙ୍କ ପାଇଁ କିଭଳି ଉପଯୋଗୀ ସାବ୍ୟସ୍ତ ହୋଇପାରିବ ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏମ୍‌ବିଏ ଓ ଏମ୍‌କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗର ସଂଯୋଜକ ଡ. ମହେନ୍ଦ୍ର କୁମାର ମିଶ୍ର ଉପସ୍ଥିତ ପ୍ରଶିକ୍ଷକଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କର୍ମଶାଳାର ମୁଖ୍ୟ ତଥା ସେବିର ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକ ଡ. ଶିବପ୍ରସନ୍ନ ପଟ୍ଟନାୟକ, ବିଭିନ୍ନ ପ୍ରକାର ଆର୍ଥିକ ନିବେଶ ଓ ତତ୍ ସଂଲଗ୍ନ ସତର୍କତା ସମ୍ବନ୍ଧରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ।

ଆର୍ଥିକ କ୍ଷେତ୍ରରେ ଜ୍ଞାନ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ସାମାଜିକ ଓ ବୃତ୍ତିଗତ ଜୀବନରେ କିପରି ସହାୟକ ହୋଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ବିଭାଗୀୟ ଅଧ୍ୟାପିକା ସୌମ୍ୟା ମହାନ୍ତି କର୍ମଶାଳାକୁ ପରିଚାଳନା କରିଥିଲେ। ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀମାନେ ଏପରି ଏକ ଉପଯୋଗୀ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଆନନ୍ଦ ଓ ଆତ୍ମସନ୍ତୋଷ ପ୍ରକାଶ କରିଥିଲେ।

### ଗୋଚର ଜମିର ସୁରକ୍ଷା ଦାବି କଲା ସେଭ୍ କୋଷ୍ଟାଲ ଲାଇଫ୍

## ପଶୁ ସମ୍ପଦଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ହେଉ

**ପୁରୀ,୬।୩(ସମିସ):** ଗୋଚର ଜମିର ସୁରକ୍ଷା ଏବଂ ପଶୁ ସମ୍ପଦଙ୍କ ଲାଗି ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାବି କରିଛି ସ୍ୱେଚ୍ଛାସେବୀ ସଙ୍ଗଠନ ସେଭ୍ କୋଷ୍ଟାଲ ଲାଇଫ୍। ଏହି ମର୍ମରେ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ମୁଖ୍ୟ ସରୋଜ କୁମାର ଜେନା ସିଡିଭିଓଙ୍କୁ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଗୋଚର ଜମି ଥିଲା। ଏହି ଜମିରେ ଗାଇଗୋରୁ ବିଶେଷକରି ପଶୁ ସମ୍ପଦ ଅବାଧ ବିଚରଣ କରି ଘାସ ଓ ପାଣି ପାଉଥିଲେ। ହେଲେ ଏବେ ସେଭଳି ସ୍ଥିତି ନାହିଁ। ଅଧିକାଂଶ ଗୋଚର ଜମି ଜବରଦଖଲ ହୋଇଥିବା ବେଳେ ଆଉ କେତେକ ଜମିରେ ଗଢିଉଠିଲାଣି ବଡ଼ ବଡ଼ ପ୍ରକଳ୍ପ। ଫଳରେ ଗୋଚର ଜମିର ପରିମାଣ ବହୁ ମାତ୍ରାରେ କମି ଗଲାଣି। ଏପରି କି ଯାହା ବି ଗୋଚର ଜମି ରହିଛି ତାକୁ ଜବର ଦଖଲ କରାଯାଉଛି। ଫଳରେ ଗାଈ ଓ ଅନ୍ୟାନ୍ୟ ପଶୁସମ୍ପଦଙ୍କ ପାଇଁ ଚାରଣ ଓ ପାନୀୟ ଜଳର ଅଭାବ ଦେଖିବାକୁ ମିଳୁଛି। ଆଗକୁ ଖରା ବଢିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ପଶୁସମ୍ପଦଙ୍କ ପାଇଁ ପର୍ଯ୍ୟାପ୍ତ ପିଇବା ପାଣି ଓ ଚାରଣ ଘାସ ବ୍ୟବସ୍ଥା କରାଯିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ଏହି ପରିସ୍ଥିତିରେ ପୁରୀ ଜିଲ୍ଲାରେ ପ୍ରାଥମିକତା ଭିତ୍ତିରେ ସମସ୍ତ ଗୋଚର ଜମିର ଆକଳନ କରାଯାଉ। ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ଗୋଚର ଜମିର ମାପଚୁପ କରି ସେଗୁଡ଼ିକୁ ସୁରକ୍ଷା କରିବା ଲାଗି ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ସଙ୍ଗଠନ ନିବେଦନ କରିଛି। ଏତଦ୍‌ବ୍ୟତୀତ ପୁରୀ ଜିଲ୍ଲାର କିଛି ମୁଖ୍ୟ ରାସ୍ତା ଯେପରି କି, ପୁରୀ-କୋଣାର୍କ, ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଓ ପୁରୀ-ସାତପଡା ରାସ୍ତାରେ ପ୍ରାୟତଃ ଦୁର୍ଘଟଣା ଘଟି ଗାଇଗୋରୁ ଆହତ ହେଉଥିବା ଦେଖାଯାଉଛି। ତେଣୁ ଏହିସବୁ ଅଞ୍ଚଳ ପାଇଁ ୨୪ ଘଣ୍ଟିଆ ପ୍ରାଣୀ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡିଛି। ଏହି ଆମ୍ବୁଲାନ୍ସଗୁଡ଼ିକ କେବଳ ପୁରୀ ଅଫିସରେ ନ ରଖି ମଧ୍ୟମ ସ୍ଥାନମାନଙ୍କରେ ରଖାଯାଇ ପାରିଲେ ଆହତ ପଶୁମାନଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ମିଳିପାରନ୍ତା। ଏଥିସହ ସମସ୍ତ ଗୋ ଅଧିକାରୀମାନଙ୍କର ଫୋନ ନମ୍ବର ଓ ଜିଲ୍ଲାର ସବୁ ଗୋଶାଳାର ଯୋଗାଯୋଗ ନମ୍ବର ସାର୍ବଜନୀନ ସ୍ଥାନରେ ଫଳକ ମାଧ୍ୟମରେ ପ୍ରଦର୍ଶନ କରାଗଲେ ଆହତ ପଶୁ ସମ୍ପଦକୁ ତୁରନ୍ତ ସେବା ଓ ସହାୟତା ଦେବା ସହଜ ହୁଅନ୍ତା। ଏହି ସମସ୍ତ ବିଷୟରେ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଲାଗି ସେଭ୍ କୋଷ୍ଟାଲ ଲାଇଫ୍‌ର ମୁଖ୍ୟ ଶ୍ରୀ ଜେନା ସିଡିଭିଓଙ୍କୁ ନିବେଦନ କରିଛନ୍ତି।

**୨୪ ଘଣ୍ଟିଆ ପ୍ରାଣୀ ଆମ୍ବୁଲାନ୍ସ ସେବାରେ ଲାଗୁ**

## ମହିଳା ଦିବସ ଉପଲକ୍ଷେ ଯୋଗ ଶିବିର

**ପୁରୀ,୬।୩(ସମିସ):** ମହିଳା ଦିବସ ଉପଲକ୍ଷେ ମହିଳାମାନଙ୍କୁ ସଶକ୍ତ ତଥା ସୁସ୍ଥ ରଖିବା ଲକ୍ଷ୍ୟରେ ଶୁକ୍ରବାର ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି ଯୋଗ ଶିବିର। କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ ସହଯୋଗରେ ଅନୁଷ୍ଠିତ ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିବା ସହ ଯୋଗ ଦ୍ୱାରା ଶାରିରୀକ ସୁସ୍ଥତା ଓ ମାନସିକ ସ୍ଥିରତା ଦୃଢ ହୋଇଥାଏ ବୋଲି କହିଥିଲେ। ନିୟମିତ ଯୋଗ, ଧ୍ୟାନ, ପ୍ରାଣାୟମ, ଚାଲିବା ଅଭ୍ୟାସ ସମସ୍ତଙ୍କୁ ସୁସ୍ଥ ରଖିବା ସହ ଅସୁସ୍ଥତା ବଶତଃ ଆର୍‌ଥିକ କ୍ଷତିରୁ ମଧ୍ୟ ସୁରକ୍ଷା ଦେଇଥାଏ ବୋଲି ସେ ମତ ଦେଇଥିଲେ। ପରେ ଜୁମ୍ବା, ଏରୋବେଟିକ୍ସ, ପାରମ୍ପରିକ ନୃତ୍ୟ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଯୋଗ ପ୍ରଶିକ୍ଷକ ଆଲୋକ କୁମାର ସ୍ୱାଇଁ, ଜୁମ୍ବା ନୃତ୍ୟ ଗୁରୁ ବିକ୍ରମ ଦେବନାଥ ଓ ସାଥୀ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶନିବାର ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଆତ୍ମସୁରକ୍ଷା, ନେତୃତ୍ୱ ନେବା ଶୈଳୀ ଓ କ୍ୟାରିୟର ଗଠନ ସଚେତନତା, ଜୁଡୋ, କରାଟେ, ବକ୍ସିଂ ଇତ୍ୟାଦିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସେହିପରି ୮ ତାରିଖ ଅର୍ଥାତ୍ ଶେଷ ଦିନ ମହିଳା ଦିବସରେ ଏକ ମାରାଥନ ଅନୁଷ୍ଠିତ ହେବ।



### ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ

## ମା’ ମଙ୍ଗଳା କମ୍ୟୁନିଟି ହଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ



**ପୁରୀ,୬।୩(ସମିସ):** ଶ୍ରୀମନ୍ଦିର ନିକଟ ବାରବାଟୀ ନୂଆସାହିର ଅଧିଷ୍ଠାତ୍ରୀ ଦେବୀ ମା’ମଙ୍ଗଳା ଓ ମା’ ହରଚଣ୍ଡୀ ମନ୍ଦିରର ନବମ ବାର୍ଷିକ ଉତ୍ସବ ଗୁରୁବାର ପରମ୍ପରା ମୁତାବକ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ମା’ଙ୍କ ପୂଜାର୍ଚ୍ଚନା, ହୋମ ଓ ନୈବେଦ୍ୟ ଅର୍ପଣ ପରେ ମୁଖ୍ୟ ପୂଜକ ପ୍ରଫୁଲ୍ଲ ରଥ ମା’ଙ୍କୁ ରାଜ ରାଜେଶ୍ୱରୀ ବେଶରେ ସଜ୍ଜିତ କରିଥିଲେ। ସନ୍ଧ୍ୟାରେ ମୁଖ୍ୟଅତିଥି ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ମା’ ମଙ୍ଗଳା କମ୍ୟୁନିଟି ହଲ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ କରି ସାଂସଦ ପାଣ୍ଠିରୁ ମଞ୍ଜୁର ଅର୍ଥରେ ଭବ୍ୟ କମ୍ୟୁନିଟି ହଲ୍ ନିର୍ମାଣ ହୋଇ ସାହି ବାସିନ୍ଦାଙ୍କ ବିଭିନ୍ନ କାର୍ଯ୍ୟରେ ଲାଗିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୂର୍ବତନ ପୌର ସଦସ୍ୟ କୃଷ୍ଣ ଚନ୍ଦ୍ର ପଣ୍ଡା, ରବି ଦାସ, ଆଠସାହି ଆଖଡ଼ାର ଚକ୍ରଧର ମହାପାତ୍ର, ବିଜୟକୃଷ୍ଣ ବ୍ରହ୍ମା ପ୍ରମୁଖ ଯୋଗଦେଇ ସାହି ତରଫରୁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସାହି ବାସିନ୍ଦାଙ୍କ ଏକତାକୁ ସୂଚାଇ ଦେଉଛି ବୋଲି କହିଥିଲେ। ସଭାପତି ସୂର୍ଯ୍ୟ କୁମାର ପାଢୀ ଓ ସମ୍ପାଦକ ମାଧବ ଚନ୍ଦ୍ର ସାହୁ ଅତିଥିମାନଙ୍କୁ ଉପଢୌକାନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମରକଳା ଗୁରୁ ବିଜୟ ପ୍ରଧାନଙ୍କ ଦ୍ୱାରା ପ୍ରଶିକ୍ଷିତ ସାହିର ବାଳକ ଓ ବାଳିକାମାନେ ମେଢ଼, ନାଗା ନୃତ୍ୟ ପରିବେଷଣ କରି ସାହି ପରିକ୍ରମା କରିଥିଲେ। ପର୍ଶୁରାମ ଓ ନାଗା ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସାହି ମୁରବି ଗୋପାଳ ମୁଦ୍ରା, ମନୋଜ ରଥ, ଈଶ୍ୱର ମହାନ୍ତି, ରାଧାନାଥ ତ୍ରିପାଠୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବିଭୂପ୍ରସାଦ ମୁଦ୍ରା, ରଞ୍ଜିତ ମହାନ୍ତି, ଶିବପ୍ରସାଦ ମୁଦ୍ରା, ଲକ୍ଷ୍ମୀଧର ଉପାଧ୍ୟାୟ ପ୍ରମୁଖ ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୁରୀ ଜିଲ୍ଲା ପରିଷଦ ବୈଠକ

# ବାଲି, ମାଟି ଓ ପଥର ଚୋରାଚାଲଣକୁ ନେଇ ଉଦ୍‌ବେଗ




**ପୁରୀ,୬।୩(ସମିସ):** ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ପୁରୀ ଜିଲ୍ଲା ପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବିଶେଷକରି ଚୋରା ବାଲିଘାଟ, ମାଟି, ବାଲି ଓ ପଥର ଚୋରାଚାଲାଣକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ପାନୀୟ ଜଳ, ରାଶନ କାର୍ଡ କାଟିବା, ମଣ୍ଡିରୁ ଠିକ୍ ଭାବେ ଧାନ ନ ଉଠିବା, ଜଳସେଚନ ବିଭାଗ କାମ ନିମ୍ନମାନର ଏମିତି ନାନା ପ୍ରସଙ୍ଗକୁ ନେଇ ଘେରିଥିଲେ ଜିଲ୍ଲା ପରିଷଦ ସଭ୍ୟ। ଫଳରେ କଥା କଟାକଟି ଏବଂ ହୋ ହଲ୍ଲା ମଧ୍ୟରେ ଜିଲ୍ଲା ପରିଷଦ ବୈଠକ ଶେଷ ହୋଇଥିଲା।

ବୈଠକ ଆରମ୍ଭ ପୂର୍ବରୁ ଏଜେଣ୍ଡାରେ ନ ଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ ୨୪ ନଂ. ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ। ସେ କହିଥିଲେ, ପିପିଲି ବ୍ଲକରେ ୧୭ଟି ଜାଗାରେ ଚୋରା ବାଲିଘାଟ ଚାଲୁଛି। ବାଲି ମାଫିଆମାନେ ଦିନରାତି ଏଠାରୁ ବାଲି ବୋହି ନେଉଛନ୍ତି। ସମାନ ଭାବେ ଡେଲାଙ୍ଗରେ ମାଟି, ମୋରମ୍ ଓ ପଥର ଚୋରାଚାଲାଣ ହେଉଛି। ପିପିଲିରେ ନଦୀପଠାରୁ ମାଟି ଚୋରା ଚାଲାଣ ହେଉଥିବାରୁ ବନ୍ଧ ପ୍ରତି ବିପଦ ଦେଖାଦେଇଛି। ଏ ନେଇ ଅଭିଯୋଗ ହେଲେ ମଧ୍ୟ ମାଫିଆମାନେ କିଛି ଶୁଣୁନାହାନ୍ତି। ଏଥିପାଇଁ ପିପିଲି ଏବଂ ଡେଲାଙ୍ଗ ଅଞ୍ଚଳରେ ରାଜସ୍ୱ ହାନୀ ଘଟୁଥିବାବେଳେ ଜନଜୀବନ ବିପଦରେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖଣି ଅଧିକାରୀ ଚଢାଉ କରିବା ପୂର୍ବରୁ ଏହି ଖବର ବାଲି ମାଫିଆ ଆଗୁଆ ଜାଣିପାରୁଛନ୍ତି। ଗୁରୁବାର ପୁରୀରୁ ଖଣି ଅଧିକାରୀ ଯାଇ ଏକ ଚୋରା ବାଲିଘାଟକୁ ସଂଯୋଗ କରୁଥିବା ରାସ୍ତାକୁ ଖୋଳିଥିଲେ। ବଳଙ୍ଗା ଥାନା ଭାର୍ଗବୀ ନଦୀର ଏହି ଚୋରା ବାଲିଘାଟରୁ ନୂଆଶାସନ ଦେଇ ବାଲି ବୁହାଯାଉଥିଲା। ଏହି ରାସ୍ତା ଖୋଳିବାକୁ ୪ ଘଣ୍ଟା ସମୟ ଲାଗିଥିଲା। ହେଲେ କେଉଁ ଅଦୃଶ୍ୟ ଶକ୍ତିର ସାହସ ପାଇ ମାଫିଆ ଅଧଘଣ୍ଟାଏ ମଧ୍ୟରେ ସେହି ରାସ୍ତାକୁ ମରାମତି କରି ପୁଣି ବାଲି ଚୋରାଚାଲାଣ କରିଥିଲେ। ଏହା ଶୁଣି ଜିଲ୍ଲାପାଳ ବ୍ୟସ୍ତ ବିବ୍ରତ ହୋଇଥିଲେ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହାକୁ ଆମେ ଗୁରୁତର ସହ ନେଇଛୁ। ଅତିରିକ୍ତ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ୍ ଗଠନ କରାଯାଇଛି। ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ସେହିପରି ଜଳସେଚନ ବିଭାଗର ପିପିଲି ବ୍ଲକ ମାଧିପୁର ମାଇନରରେ ୮ କୋଟି ଟଙ୍କା ବ୍ୟୟରେ କେନାଲ ଲାଇନିଂ କାମ ଚାଲୁଛି। ଏହା ଅତି ନିମ୍ନମାନର ବୋଲି ଜଳସେଚନ ବିଭାଗ କାମ ପାଇଥିବା ଓସିସିକୁ ଚିଠି କରିଛି। ଓସିସି କାମ ଦେଇଥିବା ସମ୍ପୃକ୍ତ ଠିକାଦାରକୁ କାମ ବନ୍ଦ କରିବା ପାଇଁ ଚିଠି କରିଛି। ହେଲେ ଏହି ଠିକାଦାର କାମ ବନ୍ଦ ନ କରି ନିମ୍ନମାନର କାମ ଜାରି ରଖିଛି ବୋଲି ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସାହୁ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପଳ ପୁରୀ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତୁରନ୍ତ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ପାନୀୟ ଜଳ ଯୋଗାଣକୁ ନେଇ ସମସ୍ତ ସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଖରା ଆରମ୍ଭ ହେଲାଣି। ହେଲେ ଅଧିକାଂଶ ଅଞ୍ଚଳରେ ପାନୀୟ ଜଳ ଠିକ୍ ଭାବେ ଯୋଗାଣ ହୋଇପାରୁ ନାହିଁ ବୋଲି ଘେରିଥିଲେ। ସମାନ ଭାବେ ରାଶନ କାର୍ଡ କାଟିବା, ଚାଷୀଙ୍କଠାରୁ ଠିକ୍ ଭାବେ ଧାନ କିଣା ନ ଯିବା, ଅଧିକାଂଶ ମିଲର ମଣ୍ଡିକୁ ଯାଉ ନ ଥିବା ଏମିତି ପ୍ରସଙ୍ଗକୁ ନେଇ ବୈଠକ ବେଶ୍ ସରଗରମ ହୋଇଥିଲା। ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସାତଶଙ୍ଖ ଡାକ୍ତରଖାନାର ନୂଆ କୋଠା ତିଆରି ହୋଇଛି। ହେଲେ ରୋଗୀ ଯିବା ପାଇଁ ରାସ୍ତା ନ ଥିବାରୁ ଏହା ସେବାରେ ଲାଗିପାରୁ ନାହିଁ। ତେଣୁ ଜିଲ୍ଲାପାଳ ସିଡିଏମ୍‌ଓଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ କହିଥିଲେ।

ବୈଠକରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଡିଏଫଓ ଧନଜ ମଗର ରାଓସୋ, ଚିଲିକା ଡିଏଫ୍‌ଓ ଅମ୍ଳାନ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଲୋକମାନଙ୍କ ଆବଶ୍ୟକତା ପୂରଣ ପାଇଁ ବିବିଧ ପରାମର୍ଶ, କାର୍ଯ୍ୟ ସମ୍ପାଦନ ସମୟର ସମସ୍ୟା ଓ ସମାଧାନ ପାଇଁ ପ୍ରସ୍ତାବ ମାନ ଦେଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ଶରତ ଚନ୍ଦ୍ର ମହାପାତ୍ର କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଓ ପୁରୀ ସାଂସଦଙ୍କ ପ୍ରତିନିଧି, ନିମାପଡା ଓ ବ୍ରହ୍ମଗିରି ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ଜିଲ୍ଲା ପରିଷଦର ସଦସ୍ୟ ବୃନ୍ଦ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଧାନ କିଣା, ପାନୀୟ ଜଳ ଓ ରାଶନ କାର୍ଡକୁ ନେଇ ବୈଠକ ସରଗରମ୍**

# ରାସ୍ତା ନବୀକରଣରେ ଦିନ ଗଡ଼ିଯାଉଛି

## ସମସ୍ୟା ଭୋଗୁଛନ୍ତି ରାଢୋ ଗ୍ରାମବାସୀ

ବାରିକପୁର, ୬ ।୩(ସମିସ)



ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ଲାଗି ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ପ୍ରଶାସନିକ ଅବହେଳା ହେଉ କିମ୍ବା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉ ଯେଉଁଥି ପାଇଁ ଆଜିବି ସୁଦ୍ଧା ଅନେକ ବୃହତ ଗ୍ରାମର ଜନସାଧାରଣ ଦୀର୍ଘ ବର୍ଷ ହେବ ଉତ୍କଟ ଯାତାୟାତ ସମସ୍ୟାରେ ଜର୍ଜରିତ ହେଉଛନ୍ତି। ଏମିତି ଏକ ଗାଁର ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋଠାରେ। ପଞ୍ଚାୟତର ଏହା ସର୍ବବୃହତ ରାଜସ୍ୱ ଗ୍ରାମ ହୋଇଥିଲେ ସୁଦ୍ଧା ୨୦ ବର୍ଷରୁ ଅଧିକ ହେବ ଏଠିକାର ବାସିନ୍ଦା ଗମନାଗମନ ସମସ୍ୟାରେ ପେଶି ହେଉଛନ୍ତି।

ସୂଚନା ମୁତାବକ ପୂର୍ତ୍ତ ବିଭାଗ ରାସ୍ତାର ରାଢୋ ଛକଠାରୁ ଗାଁର ରାଉତ ସାହିକୁ ପ୍ରମୁଖ ରାସ୍ତାଟି ରହିଥିବା ବେଳେ ଏହାର ନବୀକରଣ କାର୍ଯ୍ୟ ଏଯାଏଁ ସମ୍ଭବ ହୋଇନାହିଁ। କଂକ୍ରିଟ ଓ ପିଚ୍ ରାସ୍ତା ନିର୍ମାଣ ଯୁଗରେ ଆଜିବି ସୁଦ୍ଧା ଗ୍ରାମବାସୀ ଏହି ବାଲି ମାଟି ଗୋଡ଼ି ମିଶା ଗ୍ରାମ୍ୟ ରାସ୍ତାରେ ଯାତାୟାତ କରୁଛନ୍ତି। ଆଗରୁ କେତେବେଳେ କେମିତି ରାସ୍ତାରେ ମୋରମ ମୁଠିଏ ପଡୁଥିଲା। ସେତକବି କିଛି ବର୍ଷ ହେବ ବନ୍ଦ ହୋଇ ଯାଇଛି।ତେଣୁ ଗ୍ରାମବାସୀ ମାନେ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସ୍କୁଲ ଘର ଠାରୁ ରାଢୋ ଛକ ଯାଏଁ ରାସ୍ତା ଅବସ୍ଥା ନକହିଲେ ଭଲ। ରାସ୍ତା ତମାମ ଖଲଖମାରେ ଭର୍ତି ହୋଇଥିବା ବେଳେ ପଡ଼ିଥିବା ମୋରମ ମେଟାଲ କେବେଠାରୁ ମାଟିରେ ମିଶି ଗଲାଣି। ରାସ୍ତାର ସଂଖୁଆ ସାହି ନିକଟରେ ଥିବା ଜଳ ନିଷ୍କାସନ କଲଭର୍ଟ କେବେଠାରୁ ଭାଙ୍ଗି ମାଟିରେ ମିଶି ଗଲାଣି। ପାଗ ଶୁଖିଲା ଥିବା ବେଳେ ଲୋକେ ଯେନେତେନ ଉପାୟରେ ଗ୍ରାମ୍ୟ ରାସ୍ତା ଟିରେ ଯାତାୟାତ କରୁଥିବା ବେଳେ ବର୍ଷା ହେଲେ ଦୁର୍ଦ୍ଦଶା ବଢ଼ି ଯାଉଛି। ସାଇକେଲ ଓ ମୋଟରସାଇକେଲ ତ ଦୂରର କଥା ଚାଲିଚାଲି ଯିବା ମଧ୍ୟ କଷ୍ଟ କର ହେଉଛି। ଦୈନିକ ସ୍କୁଲ ଓ ଅଙ୍ଗନବାଡି ପିଲା ମାନେ ମଧ୍ୟ ଏହି କଣ୍ଟକିତ ପଥକୁ ଅତିକ୍ରମ କରୁଛନ୍ତି। ଉକ୍ତ ରାସ୍ତାଟି ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ହେବ ବୋଲି ଦୀର୍ଘ ବର୍ଷ ହେବ ଗ୍ରାମବାସୀ ମାନେ ଶୁଣି ଆସୁଛନ୍ତି। ରାସ୍ତା ନବୀକରଣ ଏଯାଏଁ ସମ୍ଭବ ହେଉନାହିଁ। ପ୍ରମୁଖ ରାସ୍ତାକୁ ଲାଗିଥିବା ଗାଁର ଅନ୍ୟାନ୍ୟ ସଂଯୋଗୀ ରାସ୍ତା ଅବସ୍ଥା ମଧ୍ୟ ତଦ୍ରୂପ ପାଲଟିଛି। ଆଜିକାଲି ରାଜନୈତିକ ନାଁ ନେବାକୁ ସାମାଜିକ ଗଣମାଧ୍ୟମରେ ସମସ୍ତେ ତତ୍ପର ହେଉଥିବା ବେଳେ ଗାଁ ଲୋକଙ୍କ ପ୍ରକୃତ ସମସ୍ୟା ପ୍ରତି କେହି ଦୃଷ୍ଟି ନଦେବା ପରିତାପର ବିଷୟ ପାଲଟିଛି। ଏ ବିଷୟରେ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ୨ ଅଧୀକ୍ଷଣ ଯନ୍ତ୍ରୀ ଲମ୍ବୋଦର ନାୟକଙ୍କ ମତାମତ ନେବାକୁ ଚେଷ୍ଟା କରା ଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଏପଟେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ ନାୟକ କହିଛନ୍ତି ରାସ୍ତା କାମ ପାଇଁ ଟେଣ୍ଡର ଡକାଯାଇଛି। ଟେଣ୍ଡର ଚୟନ ପ୍ରକ୍ରିୟା ପରେ କାମ ଆରମ୍ଭ ହେବ। ରାସ୍ତା ନବୀକରଣ କାର୍ଯ୍ୟ ପାଇଁ ଦିନ ଗଡୁଥିବା ବେଳେ ପ୍ରାୟ ୨ ହଜାର ଗ୍ରାମବାସୀଙ୍କ ଗମନାଗମନ ଦୁଃଖ ମଧ୍ୟ ବଢିବାରେ ଲାଗିଛି। ସେ ଯାହାବି ହେଉ ବର୍ଷା ଋତୁ ପୂର୍ବରୁ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି।

## ସମବାୟ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମ



ଭଦ୍ରକ, ୬ ।୩(ସମିସ): କେନ୍ଦ୍ର ସମବାୟ ମନ୍ତ୍ରୀ ତଥା ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ନୂତନ୍ ନ୍ୟାୟ ସଂହିତା ପ୍ରଦର୍ଶନୀ ଉଦଘାଟନ ତଥା ୩,୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସମୟରେ ଭଦ୍ରକ ଟାଉନ୍ ହଲ୍ଠାରେ ସମବାୟ ବିଭାଗ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଉପନିବନ୍ଧକ ଦୁଃଖିଆ ଟୁଡୁଙ୍କ ନେତୃତ୍ୱରେ ଭଦ୍ରକ ସହକାରୀନିବନ୍ଧକ ପ୍ରାଚିତା ଜେନା, ବିବିସିସି ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶଜ୍ୟୋତି ମହାକୁଡ଼, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ରୋଗ ନିୟନ୍ତ୍ରଣ ଡାକ୍ତର ବିଜୟ କେତନ ପଟ୍ଟନାୟକ, ଉପସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀ ପ୍ରଦୀପ ଉଜ୍ୱଳନ କରିଥିଲେ। ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ବରିଷ୍ଠ ସମାବାୟବିତ ବସନ୍ତ ରଣା, ତପନ ପଣ୍ଡା, ଅଟଳ ନାୟକ, ଆଦିକନ୍ଦ ନାୟକ, ରାଜେନ୍ଦ୍ର ଖନ୍ଦେଇ, ଅରୁଣ ଉଦୟ ପାତ୍ର, ଭରତ ପାତ୍ର, ଗୌରାଙ୍ଗ ନାୟକ, ବୃନ୍ଦାବନ ଭଳ, ନାରାୟଣ ଜେନା ଓ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୧୦୫ଟି ସମବାୟ ସମିତିର କର୍ମଚାରୀ ତଥା ଜିଲ୍ଲାରୁ ବିଭିନ୍ନ ସମିତି ର ସଭାପତି ଭିଡିଓ କନଫରେନ୍ସିଂରେରେ ଉପସ୍ଥିତ ଥିଲେ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ



ଧାମନଗର, ୬ ।୩(ସମିସ): ଧାମନଗର ବ୍ଲକ ଓ ଏନ୍ଏସି ଅଞ୍ଚଳରେ ମହାନ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ, ପ୍ରବାଦ ପୁରୁଷ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମଜୟନ୍ତୀ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ବିଜେଡି ତରଫରୁ ବ୍ଲକ ସଭାପତି ପ୍ରତାପ ସାମଲ ଏବଂ ନଗର ସଭାପତି ବିଜୟ କେତନ ସାହୁଙ୍କ ନେତୃତ୍ୱରେ ଏନଏସିରେ ସ୍ଥାପିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍ଏସି ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଓସିମ ଏଜଦାନି କାଦୀରି, ସମବାୟ ଡାରେକ୍ଟର ଦଶରଥ ଜେନା, ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ, ସୂର୍ଯ୍ୟକାନ୍ତ ନାୟକ, କାଉନସିଲର, ବିଜେଡିନେତା ସେକ ଜାଫର ଅଲ୍ଲୀ, ମୀର ମୁରତୁଜା, ବାବୁଲି ଦାସ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏବଂ ପଞ୍ଚାୟତ ସଭାପତିଙ୍କ ସମେତ ବହୁ ଦଳୀୟ ନେତା ଓ ଆଗ ଧାଡିର କର୍ମୀମାନ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ରୋଗୀଙ୍କୁ ଫଳ ବଣ୍ଟନ ସହିତ ବିଭିନ୍ନ ସ୍ଥାନରେ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। କାଉନସିଲର ଏମଡି ଜୟନୁଲ ହକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ଆରମ୍ଭହେଲା ସ୍କୁଲ ପରୀକ୍ଷା

## ସୁରକ୍ଷା ଦାବିରେ ବିଇଓ ଅଫିସ ଆଗରେ ଧାରଣା

ବାସୁଦେବପୁର, ୬ ।୩(ସମିସ): ସ୍କୁଲର କ୍ଲାସ ପରୀକ୍ଷା ଆରମ୍ଭ ହୋଇ ଯାଇଥିବା ବେଳେ ସ୍କୁଲକୁ ନଯାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ କୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଧାରଣା ଦେଇଛନ୍ତି। ବାସୁଦେବପୁର ବ୍ଲକର କିସ୍ମତ କୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଶିକ୍ଷକ ଗୌତମ ସାହୁ ଗିରଫ ହୋଇ କୋର୍ଟ ଚାଲାଣ ହେଲେ। ଘଟଣାକୁ ନେଇ ମାଡ ଖାଇ କିଛି ଶିକ୍ଷୟିତ୍ରୀ ସ୍କୁଲକୁ ଯାଇ ପାଠ ପଢାଇଲେ। ହେଲେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅବିନାଶ ପ୍ରଧାନ, ସହକାରୀ ଶିକ୍ଷକ ମନୋଜ ବେହେରା, ଶିକ୍ଷୟତ୍ରୀ ବାସନ୍ତୀଲତା ସାହୁ, ସଂଯୁକ୍ତା ଘଡାଇ, ଲୋପାମୁଦ୍ରା ମିଶ୍ର ଓ ମାନସୀ ଦାସ ଗୁରୁବାରଠାରୁ ବିଇଓଙ୍କ ଅଫିସ ଆଗରେ ଧାରଣା ଦେଇଛନ୍ତି। ଧାରଣାକାରୀଙ୍କ ଦାବି ଆକ୍ରମଣ କରିଥିବା ଗ୍ରାମବାସୀଙ୍କୁ ପୁଲିସ ଗିରଫ କରିବା ସହିତ ସୁରକ୍ଷା ଯୋଗାଇ ଦିଆଯାଉ। ଆଜି ଠାରୁ ଆରମ୍ଭ ହୋଇଛି ମୌଖିକ ପରୀକ୍ଷା। ମାଡ ଖାଇ ବି ସ୍କୁଲ ଯାଇ ପାଠ ପଢିବା ସହିତ ଆଜି ମୌଖିକ ପରୀକ୍ଷା କରିଛନ୍ତି। ଗତକାଲିଠାରୁ ଧାରଣାକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସରପଞ୍ଚଙ୍କ ପ୍ରତିନିଧି ଓ ସମିତି ସଭ୍ୟଙ୍କ ପ୍ରତିନିଧି ସ୍କୁଲ ଯିବାକୁ ଅନୁରୋଧ କରିବା ସହିତ ଭୁଲ୍ ମାଗିଛନ୍ତି। ତଥାପି ୬ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଦ୍ୟାଳୟ ଯିବେ ନାହିଁ କହି



ପରୀକ୍ଷାକୁ ଗଲେ ନାହିଁ। ଆଜି ମଧ୍ୟ ବେଆଇନ ଭାବେ ପରୀକ୍ଷାକୁ ବର୍ଜନ କରି ବିଇଓ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଧାରଣାକାରୀ ୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଛୁଟି ନେଇ ନଥିବା ବେଳେ ବେଆଇନ ଭାବେ ଧାରଣା ଦେଉଛନ୍ତି କିପରି ? ବହୁ ପ୍ରଶ୍ନ ଉଠିଛି।

## ବିପଜ୍ଜନକ ରାସ୍ତାରେ ଯାତାୟାତ କରୁଛନ୍ତି ଇଶାଣପୁର ଗ୍ରାମବାସୀ



ଦୋଳସାହି, ୬ ।୩(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମାଟି ରାସ୍ତା ପକ୍କା ହେଉ ନଥିବା ଦେଖିବାକୁ ମିଳୁଛି। ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ରାସ୍ତାରେ ଗ୍ରାମବାସୀ ଯାତାୟାତ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, ଏହି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡାଙ୍କ ଅମଳରେ ନିର୍ମାଣ ହୋଇଥିବା କଂକ୍ରିଟ୍ ରାସ୍ତା ଉପରେ ପୁନର୍ବାର ଏହି କଂକ୍ରିଟ୍ ରାସ୍ତା ଉପରେ କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏହି ଅନିୟମିତତା ନେଇ ଭିଜିଲାନ୍ସ ବିଭାଗରେ ମଧ୍ୟ ଅଭିଯୋଗ ହୋଇଛି। ସେହିପରି ଭିଜିଲାନ୍ସ ବିଭାଗରେ ୫ ମାସରୁ ଅଧିକ ସମୟ ଧରି ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଥିଲା ବେଳେ ଅଦ୍ୟାବଧି ତଦନ୍ତ ଆରମ୍ଭ କରି ନଥିବା ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପଞ୍ଚାୟତର ଇଶାଣପୁର ଗ୍ରାମର ଏହି ରାସ୍ତା ଦେଇ ୩୦ରୁ ଅଧିକ ପରିବାର ଏହି ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ବେଳେ ପ୍ରଶାସନ ତୁରନ୍ତ ଏହି ରାସ୍ତା ମରାମତି ପାଇଁ ଦାବି କରିଛନ୍ତି ଗ୍ରାମବାସୀ।

## କାର ଧକ୍କାରେ ସ୍କୁଟି ଚାଳକ ଗୁରୁତର

ବାରିକପୁର, ୬ ।୩(ସମିସ): ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ପାଳଦା ବାଙ୍କ ନିକଟସ୍ଥ ଚକବନ୍ଦୀ ଛକରେ ପୁଣି ଦୁର୍ଘଟଣା ଘଟିଛି। ଆଜି ସନ୍ଧ୍ୟା ପ୍ରାୟ ୬ଟା ବେଳେ ସ୍ଥାନୀୟ କୋଳିପଦୀ ଗ୍ରାମର ବିରଞ୍ଚି ବିଶ୍ୱାଳ ଏକ ସ୍କୁଟିରେ ଭଦ୍ରକ ପଟୁ ଘରକୁ ଫେରୁଥିଲେ। ଠିକ୍ ଏହି ସମୟରେ ଏକ ଦ୍ରୁତଗାମୀ କାର ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ଆହତ ହୋଇଥିବା ବେଳେ ତାଙ୍କୁ ତୁରନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଏଠାରେ ସୂଚିତ ଚକବନ୍ଦୀ ଛକ ବିପଦସଙ୍କୁଳ ସ୍ଥାନ ଭାବେ ପରିଗଣିତ ହୋଇଥିବା ବେଳେ ଅଧିକାଂଶ ସମୟରେ ଏଠାରେ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ସଂସ୍ଥାର ଦାୟିତ୍ୱବିହୀନ କାର୍ଯ୍ୟ ଯୋଗୁଁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

## ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି




ଭଦ୍ରକ, ୬ ।୩(ସମିସ): ଆସନ୍ତା ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅଂଶୁଘାତ ସମୟରେ ଲୋକମାନଙ୍କ ସୁରକ୍ଷା ଓ ସଚେତନତା ସମ୍ପର୍କରେ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା। ପାନୀୟଜଳ ସୁବିଧା ବୃଦ୍ଧି, ସହର ଓ ଗ୍ରାମାଞ୍ଚଳରେ ଶୀତଳ ପାଣି ଘର (ୱାଟର କିଓସ୍କ) ସ୍ଥାପନ, ଚିକିତ୍ସାଳୟଗୁଡିକରେ ଅଂଶୁଘାତ ଚିକିତ୍ସା ପାଇଁ ବିଶେଷ ୱାର୍ଡ ବ୍ୟବସ୍ଥା ଓ ଆବଶ୍ୟକ ଔଷଧ ମହଜୁଦ ରଖିବା ତଥା ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ମାଧ୍ୟମରେ ଗ୍ରାମସ୍ତରରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଜ୍ଞାନରଞ୍ଜନ ସାହୁ ଉପସ୍ଥିତ ଥିଲେ।

## ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଜବତ

ଧାମନଗର, ୬ ।୩(ସମିସ): ଧାମନଗର ଥାନା ଅଧିକାରୀ ସୁବ୍ରଜିତ ଦାଶଙ୍କ ପ୍ରଥମ ସଫଳତା। ଅବୈଧ ମଦ ଚୋରାଚାଲାଣ ଉପରେ ଧାମନଗର ପୁଲିସ କଡ଼ା ପଦକ୍ଷେପ ନେଇଛି। ଗତକାଲି ରାତିରେ ଏକ ମାକ୍ସ ୪-ଚକିଆ କାରରୁ ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ପୁଲିସ ସୂଚନା ଅନୁସାରେ, କେନ୍ଦୁଝର ପକ୍ଷରୁ ଭୟା ବନ୍ତ ହୋଇ ବାରିକପୁର ମାର୍ଗରେ ଧାମନଗରକୁ ମଦ ଆଣାଯାଉଥିବା ବିଷୟରେ ଥାନାଧିକାରୀ ଗୁପ୍ତ ସୂଚନା ପାଇଥିଲେ। ଏହାପରେ ଜାତୀୟ ରାଜପଥ ୧୬ ଉପରେ କଡ଼ା ଚେକିଂ ବ୍ୟବସ୍ଥା କରାଯାଇଥିଲା। ପୁଲିସ ଗାଡ଼ିକୁ ଦେଖି ମଦ ଗାଡ଼ି ଚାଳକ ହଠାତ୍ ଗାଡ଼ିକୁ ରାଜେନ୍ଦ୍ରପୁର ଗ୍ରାମ ରାସ୍ତାକୁ ଭର୍ତି କରି ପଳାଇବାକୁ ଚେଷ୍ଟା କରିଥିଲେ। ଥାନାଧିକାରୀଙ୍କ ନେତୃତ୍ୱରେ ପୁଲିସ ଦଳ ତୁରନ୍ତ ପିଛା କରି ଗାଡ଼ିକୁ ଅଟକାଇଥିଲା। ଚାଳକ ଅନ୍ଧାରର ସୁଯୋଗ ନେଇ ଗାଡ଼ି ଛାଡ଼ି ପଳାଇଯାଇଥିଲେ। ତଲାସୀରେ ବିଭିନ୍ନ ବ୍ରାଣ୍ଡର ମଦ ସମେତ ବିଅର ମିଳିଥିଲା। ଜବତ ମଦର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୁଲିସ ତରଫରୁ ସୂଚନା ଦିଆଯାଇଛି। ମଦ ବ୍ୟବସାୟୀ ଓ ଗାଡ଼ି ଚାଳକ ଚମ୍ପଟ ମାରିଥିବା ବେଳେ ଗାଡ଼ିକୁ ଥାନାରେ ଅଟକ ରଖିଥିବା ପୁଲିସ ପକ୍ଷରୁ ସୂଚନା ମିଳିଥିବା ବେଳେ ଏନେଇ ଧାମନଗର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଚାଳକଙ୍କୁ ଗିରଫ କରିବା ପାଇଁ ଚଢ଼ାଉ ଜାରି ରହିଛି ବୋଲି ଅଧିକାରୀ ଶ୍ରୀ ଦାଶ କହିଛନ୍ତି।

## ହୋଲି ମନେଇଲେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ



ଅସୁରାଳି, ୬ ।୩(ସମିସ): ଧୁଷୁରୀ ପଞ୍ଚାୟତ ଅଫିସ ପ୍ରାଙ୍ଗଣ ପବିତ୍ର ହୋଲି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାଧାରଣ ଲୋକଙ୍କ ସହିତ ହୋଲି ଖେଳି, ଆନନ୍ଦ ଓ ଭାଇଚାରାର ସନ୍ଦେଶ ପ୍ରସାର କରିଥିଲେ। ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ବରିଷ୍ଠ ବିଜେପି ନେତା ଚତୁର୍ଭୁଜ ନାୟକ, ସମାଜସେବୀ ନିଶିକାନ୍ତ ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଧୁଷୁରୀ ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁ, ବରିଷ୍ଠ ବିଜେପି ନେତା କାହ୍ନୁଚରଣ ପଣ୍ଡା, ସୁଜାତା ମହାନ୍ତି ତଥା ବହୁ ସମାଜସେବୀ ଓ ସାମ୍ବାଦିକ ସାମିଲ ହୋଇଥିଲେ। ହୋଲିର ରଙ୍ଗ, ହସି-ଖୁସି ଓ ସଙ୍ଗୀତରେ ପଞ୍ଚାୟତ ପ୍ରାଙ୍ଗଣ ମୁଖରିତ ହୋଇଥିଲା। ସୂର୍ଯ୍ୟବଂଶୀ ସୂରଜ ଲୋକଙ୍କ ସହିତ ହୋଲି ଖେଳିବା ସମୟରେ କହିଥିଲେ, ହୋଲି ହେଉଛି ଭାଇଚାରା, ସମ୍ମିଳନ ଓ ସମାନତାର ପର୍ବ। ଏହି ରଙ୍ଗରେ ଆମେ ସମସ୍ତେ ଏକାତ୍ମତାର ସନ୍ଦେଶକୁ ପ୍ରସାର କରିବା ଉଚିତ।

## ଶାନ୍ତିଶୃଙ୍ଖଳାରେ ସରିଲା ଝାଡ଼ପଟା ଦେଶ ଦୋଳ ମେଳଣ



ଦୋଳସାହି, ୬ ।୩(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତର ଐତିହାସିକ ଝାଡ଼ପଟା ଦେଶ ଦୋଳ ମେଳଣ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ଆମ୍ବ ବଗିଚା ତଳେ ହେଉଥିବା ବେଳେ ଭକ୍ତଙ୍କ ମଧ୍ୟରେ ଅବିର ବ୍ୟତୀତ ରଙ୍ଗ ଖେଳ ନିଷେଧ ହୋଇଥିବାରୁ ଭକ୍ତଙ୍କ ଭିଡ଼ ହୋଇଥାଏ। ଏହି ମେଳଣକୁ ଭଦ୍ରକ ବ୍ଲକ୍ କେଦାରପୁର ପଞ୍ଚାୟତ, ବେନ୍ତାଳ ପଞ୍ଚାୟତ ଓ ତିହିଡ଼ି ବ୍ଲକର ଦୋଳସାହି ପଂଚାୟତ, ନୟାନନ୍ଦ ପଞ୍ଚାୟତ, କୁବେରା ପଞ୍ଚାୟତ ଓ ଗୁଆମାଳ ପଞ୍ଚାୟତର ୫୮ ଜଣ ଠାକୁର ବାଡିଆ ଭାଗ ନେଇଥାନ୍ତି। ମଙ୍ଗଳବାର ପୂର୍ଣ୍ଣମୀ ରାତ୍ରିରେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ କ୍ରମିକ ନମ୍ବର ଅନୁସାରେ ମେଳଣ ପଡିଆକୁ ଅଣାଯାଇ ଯାତ୍ରା ଆରମ୍ଭ ହୋଇ ବୁଧବାର ଅପରାହ୍ନରେ ମେଳଣ ଶେଷ ହୋଇଥାଏ। ବୁଢା ମହାଦେବ ମେଳଣ ପଡିଆକୁ ପ୍ରବେଶ ମାତ୍ରେ ମେଳଣ ପରିସମାପ୍ତି ହୋଇଥିଲା। ସେହିପରି ବୁଢା ମହାଦେବ ବିମାନକୁ ମେଳଣ ପଡିଆ ପଡିଆକୁ ପ୍ରବେଶ ଦ୍ୱାରରୁ ପାଦେ ଆଗେଇବା ପାଇଁ ବିମାନ କାନ୍ଧେଇଥିବା ଭକ୍ତ ଅନେକ କଷ୍ଟ ପାଉଥିବା ଦେଖିବାକୁ ମିଳିଥିବାବେଳେ ବେଳେ ଭକ୍ତମାନେ ଗାଳି ଦେଇ ଦେଇ ଆସ୍ଥାନରେ ବସାଇବା ପରେ ମେଳଣ ପରିସମାପ୍ତି ହୋଇଥିଲା। ସେହିପରି ଏହି ଐତିହାସିକ ଝାଡପଟା ଦେଶ ଦୋଳ ମେଳଣ ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତହେବାକୁନେଇସାଧାରଣରେତିହିଡ଼ିଥାନାଧିକାରୀସତ୍ୟବ୍ରତଗ୍ରହାଚାର୍ଯ୍ୟଙ୍କପଦକ୍ଷେପକୁପ୍ରଶଂସାକରାଯାଉଛି।

### ବାର୍ଦ୍ଧକ୍ୟରେ ବିମଳା–ମହେଶ୍ୱରଙ୍କ ଦୁର୍ଦ୍ଦଶା

## ଆବାସ ଯୋଜନାରୁ ବାହାରେ

ଅସୁରାଳି, ୬ ।୩(ସମିସ)



ଧାମନଗର ବ୍ଲକର ରଇପୁର ପଞ୍ଚାୟତର ଦୁର୍ଗା ସାହିରେ ୪୦ରୁ ଅଧିକ ଯାଦବ ପରିବାର ବସବାସ କରୁଛନ୍ତି। ଏହି ପରିବାର ମଧ୍ୟରୁ ଅଧିକାଂଶ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ଅନେକ ପରିବାର ଆଜିବି ଖଣ୍ଡିଏ ଘରରେ ବସିବାକୁ ବାଧ୍ୟ। ବିଶେଷତଃ, ବିମଳା ବାରିକ (୬୨) ଓ ତାଙ୍କ ସ୍ୱାମୀ ମହେଶ୍ୱର ବାରିକ (୭୦)–ବାର୍ଦ୍ଧକ୍ୟରେ ପଦାର୍ପଣ କରିଥିବା ଏହି ଦମ୍ପତି, ଏପର୍ଯ୍ୟନ୍ତ ଆବାସ ଯୋଜନାରୁ ଲାଭ ପାଇନାହାନ୍ତି। ବର୍ଷକାଳ ଧରି ପ୍ରଶାସନିକ ଅଧିକାରୀଙ୍କ ଚକର କାଟି କାଟି, ଖଣ୍ଡିଏ ଘର ପାଇଁ ଅନେକଥର ଅନୁରୋଧ କରିଥିଲେଣି, କିନ୍ତୁ ଫଳ ମିଳିନାହିଁ। ଗ୍ରାମବାସୀଙ୍କ କହିବା, "ଆମେ ଦରିଦ୍ର, ଆମେ ପ୍ରକୃତରେ ଆବାସ ଯୋଜନାର ଲାଭାର୍ଥୀ। କିନ୍ତୁ ଯାହାକି ନାମ ତାଲିକାରେ ନାହିଁ, ସେଥିପାଇଁ ଆମେ ବଞ୍ଚିତ।" ଅନେକ ପରିବାର ବର୍ଷାରେ ଘର ଭାଙ୍ଗି ପଡ଼ିବାର ଭୟରେ ରାତି କାଟୁଛନ୍ତି। ଏହାକୁ ଭାଗ୍ୟର ଦୋଷ କହିବା ଉଚିତ୍ କି ନା ସରକାରୀ ବ୍ୟବସ୍ଥାର ଅପାରଗତା ଯେତେବେଳେ ବାର୍ଦ୍ଧକ୍ୟରେ ପଦାର୍ପଣ କରିଥିବା ଦମ୍ପତି ମଧ୍ୟ ଆବାସରୁ ବଂଚିତ, ସେଥିରେ ସମାଜିକ ନ୍ୟାୟ କେଉଁଠି? ଦୁର୍ଗା ସାହିର ଯାଦବ ପରିବାରମାନଙ୍କ ଦୁର୍ଦ୍ଦଶା, ବିଶେଷକରି ବିମଳା–ମହେଶ୍ୱରଙ୍କ ଅବସ୍ଥା, ଗ୍ରାମୀଣ ଆବାସ ଯୋଜନାର କାର୍ଯ୍ୟନିଷ୍ପାଦନରେ ଅସମତାକୁ ପ୍ରକାଶ କରୁଛି। ଏହା ସରକାରୀ ଯୋଜନାର ପ୍ରାୟୋଗିକ ଅସମର୍ଥତାକୁ ଉଜାଗର କରୁଛି। ଏହି ପରିପ୍ରେକ୍ଷୀରେ ପିଇଓ ଦେବାଶିଷ ସାମଲଙ୍କୁ ପଚାରିବାରୁ ସେ କହିଲେ ଅନଲାଇନ୍ ପଞ୍ଜିକୃତ ହୋଇଯାଇଛି ଖୁବ୍ ଶୀଘ୍ର ଆବାସ ମିଳିବ।

## ● ଅସ୍ମିତା ଖେଲୋ ଇଣ୍ଡିଆ ମହିଳା କିକ୍ ବକ୍ସିଂ ଲିଗ୍

# ଢେଙ୍କାନାଳରୁ ୮ ଖେଳାଳି ଭାଗନେବେ



ଢେଙ୍କାନାଳ,୬ ।୩(ସମିସ): କର୍ଣ୍ଣାଟକ ବେଙ୍ଗାଲୁରୁର କୋର୍ମଙ୍ଗଲା ଇନ୍‌ଡୋର ଷ୍ଟାଡିୟମରେ ମାର୍ଚ୍ଚ ମାସ ୫ରୁ ୮ ତାରିଖ ପର୍ଯ୍ୟନ୍ତ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା କିକ୍ ବକ୍ସିଂ ଲିଗ୍ ୨୦୨୫-୨୬ ସାଉଥ୍ ଜୋନ ଅନୁଷ୍ଠିତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବା ପାଇଁ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନର ୮ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ୟଙ୍ଗର କ୍ୟାଡେଟରେ ଆରାଧ୍ୟା ଚାନ୍ଦ, ଜୁନିୟର ବିଭାଗରେ ଶୁଭଶ୍ରୀ ବେହେରା, ମମତା ଭୋଇ, ରୋଜାଲିନ ସ୍ୱାଇଁ, ଉମା ମାହେଶ୍ୱରୀ ଦାସ, ସିନିଅର ବିଭାଗରେ ସ୍ମୃତି ଭୋଇ, ମାନସୀ ସାହୁ, କୀର୍ତ୍ତିରାଣୀ ସାହୁ। ଏହି ଖେଳାଳିମାନେ ଓଡ଼ିଶା ଟିମ୍ ସହ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି। ଏହି ଚାମ୍ପିଅନସିପ ଲିଗ ପାଇଁ ଦଳର ଖେଳାଳିମାନେ କଠିନ ଅଭ୍ୟାସ କରି ଜିଲ୍ଲା ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ଆଶାବ୍ୟକ୍ତ କରାଯାଉଛି। ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନର ସମସ୍ତ ସଦସ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଓ ଅର୍ମେଚର କିକ ବକ୍ସିଂ ଆସୋସିଏସନ ଅଫ ଓଡ଼ିଶାର ସମସ୍ତ ସଦସ୍ୟ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ




ଢେଙ୍କାନାଳ,୬ ।୩(ସମିସ): ଢେଙ୍କାନାଳରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଉତ୍ସବସ୍ଥଳରୁ ଆଭାସୀ ମାଧ୍ୟମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଏହି ଥାନା ଉଦ୍‌ଘାଟିତ ହୋଇଛି। ଏହା ସହ ଓଡ଼ିଶାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। କୁଞ୍ଜକାନ୍ତ ଆରଟିଓ ଅଫିସ ନିକଟରେ ଉଦଘାଟିତ ଏହି ଥାନା ସାଇବର ଓ ଅର୍ଥନୈତିକ ଅପରାଧ ନିୟନ୍ତ୍ରଣରେ ବିଶେଷ ସହାୟକ ହେବ ବୋଲି ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର ପ୍ରକାଶ କରିଛନ୍ତି। ଜିଲ୍ଲାବାସୀ କୌଣସି ପ୍ରକାରର ସାଇବର କିମ୍ବା ଅର୍ଥନୈତିକ ଠକେଇର ଶିକାର ହେଲେ ଏହି ଥାନାରେ ଅଭିଯୋଗ କରିପାରିବେ ବୋଲି ସେ କହିଛନ୍ତି। ଦୂରଦୂରାନ୍ତ ଅଞ୍ଚଳବାସୀ ଠକେଇର ଶିକାର ହେଲେ ନିକଟସ୍ଥ ଥାନାରେ ମଧ୍ୟ ଅଭିଯୋଗ କରିପାରିବେ ଓ ପ୍ରତିକାର ପାଇଁ ଏହି ଥାନା ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଲଳିତ ମୋହନ ବେହେରାଙ୍କ ସମେତ ପୁଲିସ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଘର ଉପରେ ଚଢ଼ିଗଲା ଟ୍ରେଲର; ଜଣେ ମୃତ



ଗଁଦିଆ,୬ ।୩(ସମିସ): ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଧୀନ ହାତିବାରୀ ଗ୍ରାମରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। ପରିବାର ଲୋକେ ଶୋଇଥିବା ଅବସ୍ଥାରେ ଘରେ ଟ୍ରେଲର ଚଢ଼ିଯିବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଅସ୍ଥିର ତରାଇ (୫୨)। ଗୁରୁବାର ରାତି ପ୍ରାୟ ସାଢ଼େ ୧୨ଟାରେ ହାତିବାରୀ ଗ୍ରାମ ରାସ୍ତା ଦେଇ ଏକ ଟ୍ରେଲର ଦ୍ରୁତ ଗତିରେ ଯାଉଥିବା ସମୟରେ ହଠାତ ରାସ୍ତା କଡ଼କୁ ମାଡ଼ିଯାଇଥିଲା। ଅସ୍ଥିରଙ୍କ ଘର ପାଖରେ ଥିବା ଏକ ଟ୍ରାକ୍ଟରକୁ ଖୁବ ଜୋରରେ ଧକ୍କା ଦେଇଥିଲା। ଫଳରେ ଟ୍ରାକ୍ଟର ଓ ଟ୍ରେଲର ୫୦ମିଟର ଦୂରରେ ଥିବା ଅସ୍ଥିରଙ୍କ ଛାତ ଘର କାନ୍ଥ ଭାଙ୍ଗି ସିଧା ଭିତରକୁ ପଶିଯାଇଥିଲା ଏହି ସମୟରେ ଘରେ ଶୋଇଥିବା ଅସ୍ଥିର କାନ୍ଥ ତଳେ ଚାପି ହୋଇଯାଇଥିଲେ। ଖବର ପାଇ ଗଁଦିଆ ଥାନା ଅଧିକାରୀ ପ୍ରତାପ ଦଳାଇ ଓ ଗଁଦିଆ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅସ୍ଥିରଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥିଲା। ପୁଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ହାଇୱା ଚାଳକ ଓ ହେଲପରଙ୍କୁ ଗିରଫ କୋର୍ଟ ଚାଲାଣ କରିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି।

# ବାଲ୍ୟ ବିବାହ ବନ୍ଦକଲା ବିଶ୍ୱ ଯୁବକେନ୍ଦ୍ର

ଢେଙ୍କାନାଳ,୬ ।୩(ସମିସ): ହିନ୍ଦୋଳ ବ୍ଲକ ଗଲାପଡ଼ା ପଞ୍ଚାୟତ ନିମବହାଲି ଗ୍ରାମରେ ଏକ ବାଲ୍ୟ ବିବାହ ଆୟୋଜନ ହେଉଥିବା ଖବର ପାଇ ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ ସୌଭାଗ୍ୟ ମହାଳିକ, ବିଶ୍ୱ ଯୁବକେନ୍ଦ୍ରର କାଉନସିଲ ମନସ୍ମିତା ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଝିଅର ମା'ଙ୍କୁ ବାଲ୍ୟ ବିବାହର କୁପରିଣାମ, ସ୍ୱାସ୍ଥ୍ୟଗତ ସମସ୍ୟା, ବାଲ୍ୟ ବିବାହ ନିଷେଧ ଆଇନ ବିଷୟରେ ଅବଗତ କରାଇବା ସହ ଦଣ୍ଡବିଧାନ ବିଷୟରେ ବୁଝାଇଥିଲେ।



ପରେ ଏକ ଚୁକ୍ତିନାମା ହୋଇଥିଲା। ଏଥିରେ ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ ମିନତୀ ପ୍ରଧାନ, ହିନ୍ଦୋଳ ସୁପରଭାଇଜ ମମତା ସିଂହ, ଆଶାକର୍ମୀ ସବିତା ଦାସ, ୱାର୍ଡ ମେମ୍ବର ପ୍ରତିମା ମହାଳିକ ଉପସ୍ଥିତ ଥିଲେ।

# ଦକ୍ଷିଣକାଳୀ ଅଞ୍ଚଳରେ ଚୌପ୍ରହର ନାମ ସଙ୍କୀର୍ତ୍ତନ



ଢେଙ୍କାନାଳ,୬ ।୩(ସମିସ): ସ୍ଥାନୀୟ ଦକ୍ଷିଣକାଳୀ ଅଞ୍ଚଳରେ ଡ. ଅନ୍ତର୍ଯ୍ୟାମୀ ସାମଲଙ୍କ ଆବାହକତ୍ୱରେ ଚୌପ୍ରହର ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଛି। ତାଙ୍କ ବାସଭବନ ସମ୍ମୁଖରେ ଆୟୋଜିତ ଏହି ସଙ୍କୀର୍ତ୍ତନରେ ଡେରାସିଂହ ଗ୍ରାମର ମହିଳା ସଙ୍କୀର୍ତ୍ତନ ଦଳ ସହ ଦୁଧୁକାଟେଣୀ ଗ୍ରାମର ପୁରୁଷ ସଙ୍କୀର୍ତ୍ତନ ଦଳ ଭାଗ ନେଇଥିଲେ। ପୂଜକ ଜଗନ୍ନାଥ ତ୍ରିପାଠୀଙ୍କ ସଞ୍ଜୋଜନାରେ ଏହି ଚୌପ୍ରହର ନାମ ସଙ୍କୀର୍ତ୍ତନ ବେଶ୍ ଶ୍ରୁତିମଧୁର ଓ ଚମତ୍କାର ହୋଇଥିଲା। ଏହି ଅବସରରେ ସଂସ୍କୃତ ଗ୍ରନ୍ଥ ଶ୍ରୀ ନାରାୟଣୀମର ଓଡ଼ିଆ ପଦ୍ୟାନୁବାଦ "ଭକ୍ତି ଭାଗବତ'ର ରଚୟିତା ରବିନାରାୟଣ ହୋତାଙ୍କୁ ଉତ୍ସବର ସମ୍ମାନିତ ଅତିଥି ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଧାର୍ମିକ ସମାରୋହରେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସନ ତପନ କୁମାର ଶତପଥୀ ମୁଖ୍ୟବକ୍ତା ଏବଂ ଡ. ଦୁର୍ଗାମାଧବ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ହୋଲି ଦିନ ସନ୍ଧ୍ୟାରୁ ପୁରୀ ରାଧାଗୋବିନ୍ଦ ମଠର ମହନ୍ତ ବଂଶୀବଦନ ମହାରାଜଙ୍କ ସଂଯୋଜନାରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଭାଗବତ ପାଠ ଓ ପ୍ରତି ସନ୍ଧ୍ୟାରେ ବସନ୍ତ ରାସ ପରିବେଷଣ କରାଯାଉଥିବା ଆବାହକ ଡ. ସାମଲ ସୂଚନା ଦେଇଛନ୍ତି।

# କପିଳାସ ବାଳିକା ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ

ଗଁଦିଆ,୬ ।୩(ସମିସ): ଗଁଦିଆ ବ୍ଲକ କପିଳାସ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ହରିହର ସାହୁ ଯୋଗଦେଇ ମାଧ୍ୟମିକ ଶିକ୍ଷା ମଣିଷ ତିଆରି ହେବାର ପ୍ରକୃଷ୍ଟ ସମୟ ହୋଇଥିବାରୁ ଛାତ୍ରଛାତ୍ରୀମାନେ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭିଜିତ ବେହେରା, ସହକାରୀ ଭାରପ୍ରାପ୍ତ ବିଇଓ ବିଦ୍ୟାଧର ପରିଡ଼ା, ବିଶ୍ୱନାଥପୁର ଓଏଭି ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଯୁଗଳ କିଶୋର ମିଶ୍ର, ପରିଚାଳନା ପରିଷଦ ସଭାପତି ବିପିନ ବିହାରୀ ବେହେରା, ଶିକ୍ଷକ ରମାକାନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ପଞ୍ଚସଖା ଶିକ୍ଷାସେତୁ ସଭାପତି ମିଶ୍ର ଓ ପରିଚାଳନା ପରିଷଦ ସଭାପତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କାର୍ଯ୍ୟାଳୟ ସହାୟିକା ପଦ୍ମିନୀ ଭୋଇଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସନ୍ତୋଷିନୀ ହୋତା ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଦୁର୍ଗେଶନନ୍ଦିନୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶିବାନୀ ମିଶ୍ର, ଦୀପ୍ତିମୟୀ ପ୍ରଧାନ, ନନ୍ଦିନୀ ରାଉଳ, ପୁଷ୍ପଲତା କଅଁର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରମେଶ ଚନ୍ଦ୍ର ମହାନ୍ତଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବିଜୁବାବୁଙ୍କ ଜୟନ୍ତୀ ପାଳିତ




ପରଜଙ୍ଗ,୬ ।୩(ସମିସ): ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ସ୍ଥାନୀୟ ସତ୍ୟ ପ୍ୟାଲେସ ପ୍ରାଙ୍ଗଣରେ ପାଳିତ ହୋଇଛି। ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ଡା. ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ପରଜଙ୍ଗ ବ୍ଲକ ବିଜେଡି ସଭାପତି କାରଣ ବେହେରା, କଙ୍କଡ଼ାହାଡ଼ ବ୍ଲକ ସଭାପତି ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅତିଥିମାନେ ଓଡ଼ିଶା ପ୍ରତି ବିଜୁବାବୁଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଯୁବନେତା ସୁବ୍ରତ କୁମାର ଦାସ, ପ୍ରିୟଜିତ ସାମଲ, ଜିଲ୍ଲା ସାଧାରଣ ସମ୍ପାଦକ ଉଦୟନାଥ ମହାଭୋଇ, ନିର୍ମଳ ବାରିକ, ତାପସ ପାଣି, ଟିକମ ହାତୀ, ଭ୍ରମରବର ସାସମଲ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା

କାମାକ୍ଷାନଗର,୫ ।୩(ସମିସ): କାମାକ୍ଷାନଗର ସହର ନିକଟ ବୈଭବନଗର ସାହିରେ ଅଗ୍ନିକାଣ୍ଡ ଘଟି ପ୍ରଫୁଲ୍ଲ ନାଏକଙ୍କ ତିନିବଖରା ଘର ସମେତ ସମସ୍ତ ଆସବାବପତ୍ର, ଧାନ, ଚାଉଳ ଓ ବସ୍ତ୍ର ପୋଡ଼ି ପାଉଁଶ ହୋଇଛି। ପ୍ରଫୁଲ୍ଲ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ପୂରା ପରିବାର ଏବେ ଶୋଚନୀୟ ପରିସ୍ଥିତି ଦେଇ ଗତି କରୁଛନ୍ତି। ଖବର ପାଇ ସାମାଜିକ ସଂଗଠନ ବିଦ୍ୟୁତପ୍ରଭା ଫାଉଣ୍ଡେସନ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଫାଉଣ୍ଡେସନ ଅଧ୍ୟକ୍ଷା ଅଧ୍ୟାପିକା ଲିପ୍ସା ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରଫୁଲ୍ଲଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେସନର କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ସଭ୍ୟ ହୃଦୟ ବଲ୍ଲଭ



ମିଶ୍ର ପ୍ରଫୁଲ୍ଲଙ୍କ ଘରେ ପହଞ୍ଚି ରାସନସାମଗ୍ରୀ, ଶୁଖିଲା ଖାଦ୍ୟ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରଫୁଲ୍ଲଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ବିଭିନ୍ନ ସ୍ଥାନରେ ଦୋଳ ଉତ୍ସବ ଓ ହୋଲି ପାଳିତ



ଢେଙ୍କାନାଳ,୬ ।୩(ସମିସ): ଗଁଦିଆ ବ୍ଲକ ବାଲିଯୋରନ୍ଦା ଗ୍ରାମରେ ଗୁରୁବାର ଦୋଳମେଳଣ ଅନୁଷ୍ଠିତ ହୋଇଛି। ବାଲିଯୋରନ୍ଦା, ଆମ୍ବପଡ଼ା, ମକୁନ୍ଦପୁର, ବଲ୍ଲଭ ଓ ଗୋପାଳପୁର ଗ୍ରାମର ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସନ୍ଧ୍ୟାରେ ବିମାନରେ ବସି ଲଉଡ଼ି ବାଡ଼ି, କୀର୍ତ୍ତନ ଓ ବାଦ୍ୟର ତାଳେ ତାଳେ ଗ୍ରାମ ପରିକ୍ରମା କରିଥିଲେ। ଶୁକ୍ରବାର ସକାଳେ ପାଞ୍ଚ ମଣ୍ଡଳୀର ଏକ କୀର୍ତ୍ତନ ବୈଠକରେ ଜ୍ୟୋତିଷ ଆସନ୍ତା ବର୍ଷର ପାଞ୍ଜିରୁ ପାଳକ ସମ୍ପର୍କରେ ପରିପ୍ରକାଶ କରିବା ପରେ ରାଧାକୃଷ୍ଣ ଗ୍ରାମ ପରିକ୍ରମା କରି ଘରେ ଘରେ କ୍ଷୀର ଲବଣି ସେବନ କରିବା ସହିତ ନିଜ ଗ୍ରାମକୁ ଫେରିଥିଲେ। ଗ୍ରାମ ସଭାପତି ଚୈତନ୍ୟ ମହାନ୍ତି, ଉପସଭାପତି ବନମାଳୀ ପାଣିଗ୍ରାହୀ, ଉପଦେଷ୍ଟା ରବିନାରାୟଣ ପରିଡ଼ା, ଅଚ୍ୟୁତାନନ୍ଦ ମହାନ୍ତି ଓ ପଙ୍କଜ ନାୟକ, ସମ୍ପାଦକ ଅଜିତ ସ୍ୱାଇଁ, ସଭ୍ୟ କୁନା ପରିଡ଼ା, ସୁଶାନ୍ତ ସାହୁ, ତୁଷାର ନାୟକ, ରଞ୍ଜନ ପଧାନ, ଗିରୀଶ ପଧାନ, ମହେନ୍ଦ୍ର ବରାଳ, ସିକୁନ ବାରିକ, ଯୋଗିନାଥ ମଲିକ, ପ୍ରଭାକର ଦେହୁରୀ, ସନାତନ ବେହେରା, ସମୀର ଦେହୁରୀ, ସୌମ୍ୟରଞ୍ଜନ ନାୟକ, ନନ୍ଦ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଭୁବନ:** ନୂଆ ଭୁବନ ଗୋପାଳ ସମାଜ ପକ୍ଷରୁ ଲଉଡ଼ି ଖେଳ ସାହିରୁ ବାହାରି ଗ୍ରାମ ପରିକ୍ରମା କରି ଶିବ ମନ୍ଦିର ପରିସରରେ ଓଗାଳ ଗାନ କରିଥିଲେ। ବିଧି ମୁତାବକ ପୂଜାର୍ଚ୍ଚନା ପରେ ବାଟଘୋଷ, ଭାରବୁଡ଼ା, ରାଧାକୃଷ୍ଣଙ୍କ ବିମାନ ବନ୍ଦାଣ ତଥା ଲଉଡ଼ି ଖେଳ ମାଧ୍ୟମରେ ଗାଁ ଭ୍ରମଣ କରି ଦୋଳ ଉତ୍ସବ ପାଳନ



କରିଥିଲେ। ଏଥିରେ ତରଭା, କନ୍ଦରସିଙ୍ଗା ଓ ନୂଆ ଭୁବନ ଦଳ ଭାଗ ନେଇଥିଲେ। ଗାଁ ମୁଖିଆ ପ୍ରଫୁଲ୍ଲ ବେହେରା, ପ୍ରମୋଦ ପୃଷ୍ଟି, ବଟ ପୃଷ୍ଟି, ବସନ୍ତ ବେହେରା, ଯୁଧିଷ୍ଠିର ପୃଷ୍ଟି, ମନ୍ଦାରଧର ପୃଷ୍ଟି, ମହେଶ୍ୱର ଖିଲାର ପ୍ରମୁଖ ସହଯୋଗ କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ନୂଆଶାସନ ପକ୍ଷରୁ ଫେବୃଆରୀ ୨୭ରୁ ଦୋଳ ଉତ୍ସବ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ଶେଷ ହୋଇଛି। ଶ୍ରୀ ରାଧାକୃଷ୍ଣଙ୍କ ବିଗ୍ରହଙ୍କୁ ଆକର୍ଷଣୀୟ ବିମାନରେ ବସାଇ ଆତସବାଜି, ରଙ୍ଗୀନ ଆଲୋକ, ବାଦ୍ୟ ଓ ଗୋପାଳ ଲଉଡ଼ିବାଡ଼ି କଳାକାରଙ୍କ ମେଳରେ ସାହି ପରିକ୍ରମା କରାଯିବା ସହ ମଦନମୋହନଜୀଉଙ୍କ ମେଳଣ ଯାତ୍ରାରେ ସୋମବାର ସାମିଲ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଗ୍ରହଣ ଉପାରନ୍ତ ଶ୍ରୀଜୀଉଙ୍କୁ ସାହି ଦୋଳ ମଣ୍ଡପରେ ଝୁଲାଯାଇ ସମସ୍ତ ନୀତିକାନ୍ତି ସମାପନ କରାଯାଇଥିଲା। ସହରର କଣ୍ଠଶିଳ୍ପୀମାନଙ୍କୁ ନେଇ ଭଜନ ସମାରୋହ ଆୟୋଜନ କରାଯାଇଥିବା ବରିଷ୍ଠ ନାଗରିକ ସୂର୍ଯ୍ୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି। ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ମେଳଣ ଅବସରରେ ଠାକୁରଙ୍କ ଦର୍ଶନ କରିଥିଲେ।

**ଢେଙ୍କାନାଳ:** ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଦ୍ୱାରା ଶ୍ରୀଶ୍ରୀ ଦୋଳଗୋବିନ୍ଦଜୀଉଙ୍କ ପୀଠରେ ଦୋଳପୂର୍ଣ୍ଣିମା ପାଳନ କରାଯାଇଛି। ଠାକୁର ବିମାନରେ ବିରାଜମାନ କଲା ପରେ ଦୀପ, ଧୂପ ଲାଗି କରାଯାଇ ପୂଜକ ରବିନାରାୟଣ ଦାସ ପୂଜା କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, ପୂଜା କମିଟି ସଭାପତି ରବିନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ସମ୍ପାଦକ ପୀତବାସ



ସାହୁଙ୍କ ସମେତ ଦିଲୀପ କୁମାର ସାହୁ, ହେମନ୍ତ କୁମାର ପଟ୍ଟନାୟକ, ଦୟାନିଧି ବେହେରା, ଯଶୋବନ୍ତ ପଟ୍ଟନାୟକ, ସୁବ୍ରତ କୁମାର ସାହୁ, ଦାମ ରଣା, ମନୋରଞ୍ଜନ ମହାରଣା, ବିରଞ୍ଚି ରଣା, ଚିଲା ସାହୁ ଓ ଇଗଲୁ ରଣା ପ୍ରମୁଖ ଉପସ୍ଥିତ ଥିଲେ। ପୂଜକ ରବିନାରାୟଣ ଦାସ ନୂତନ ପଞ୍ଜିକା ପାଠ କରିଥିଲେ।

**ଢେଙ୍କାନାଳ:** ଢେଙ୍କାନାଳ ୱାର୍ଡ ନଂ-୧ ପକ୍ଷରୁ କାଠଗଡ଼ା ନୂଆସାହି ଗ୍ରାମ ରାଧାକୃଷ୍ଣ ମନ୍ଦିରଠାରେ ଭାଇଚାରାର ପବିତ୍ର ପର୍ବ ହୋଲି ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଏସଡିଏ ସଭାପତି ବିଭୂତି ଭୂଷଣ ଷେଣ୍ଡ, ସାହି ସଭାପତି ଗୀତାରାଣୀ ପରିଡ଼ା, ରୀନାରାଣୀ ସିଂ, ପୁରୁଷୋତ୍ତମ ବେହେରା, ଗୀତା ପଲେଇ, ପଙ୍କଜ, ବାପୁନି, ସିଲୁ, ବିପିନି, ସିଲୁ, ମୁନ୍ନ, ଟୁନୁଙ୍କ ସମେତ ସାହି ବାସିନ୍ଦା



ସାମିଲ ହୋଇଥିଲେ।

**ଢେଙ୍କାନାଳ:** ସଦର ବ୍ଲକ ଗେଙ୍ଗୁଟିଆ ତଳସାହିରେ ଦୋଳପର୍ବ ପାଳିତ ହୋଇଛି। ସ୍ୱୟଂ ସେବକ ସଂଘର ଦାମ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ ଭାଇ, ସୁବ୍ରତ ଭାଇ, ପ୍ରଦୀପ ଭାଇ ପ୍ରମୁଖ ସହଯୋଗ କରିଥିଲେ।



**ଢେଙ୍କାନାଳ:** କାରିଗର ସାହିସ୍ଥିତ ଫ୍ରେଣ୍ଡମସ୍ତି ଗ୍ରୁପ୍ ତରଫରୁ ହୋଲି ଉତ୍ସବ ପାଳିତ ହୋଇଛି। ଏଥିରେ ସଞ୍ଜୟ ମହନ୍ତ, ରାଧାନାଥ ରାଉତ, ବିକାଶ ପ୍ରଧାନ, ସୁନୀଲ ସାହୁ, ରାହୁଲ ସାହୁ, ମୁକେଶ ବେହେରା, ସିପୁ ସାହୁ, ପ୍ରଦୀପ ନାୟକ, ରାକେଶ ସାହୁ, ବିଶ୍ୱଜିତ ସାହୁ, ଗଣେଶ୍ୱର ସାହୁ, ଶ୍ରୀତମ ପଣ୍ଡା, ପ୍ରବୋଧ ମହାନ୍ତିଙ୍କ ସମେତ ବହୁ ଯୁବକ ସାମିଲ ହୋଇଥିଲେ।

**ଢେଙ୍କାନାଳ:** ସହରରେ ପବିତ୍ର ଦୋଳ ମେଳଣ ଆଡ଼ମ୍ବରରେ ପାଳିତ ହୋଇଛି। ରାତିରେ ସୁସଜ୍ଜିତ ବିମାନରେ



ରାଧାକୃଷ୍ଣଙ୍କୁ ଗୋପାଳମାନେ କାନ୍ଧେଇ ଆଲୋକ, ମଶାଲ, କାହାଳୀ, ବାଜା ରୋଷଣୀରେ ହରିହର ଭେଟ ପରେ ରାଧାକୃଷ୍ଣ ବଜାର ଦୋଳ ମଣ୍ଡପଠାରେ ଦୋଳ ଭାଡ଼ିରେ ୭ଘେରା ପରିକ୍ରମା ପୂର୍ବକ ମେଣ୍ଢାଶାଳରେ ଅଗ୍ନି ସଂଯୋଗ କରି ୭ ଘେରା ପରିକ୍ରମା



କରି ବିମାନଗୁଡ଼ିକ ମନ୍ଦିରକୁ ଫେରିଥିଲେ।

**ଢେଙ୍କାନାଳ:** ସଦର ବ୍ଲକ କାଙ୍କଡ଼ପାଳ ଗ୍ରାମରେ ଗତ ୩ରୁ ୭ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଦୋଳମହୋତ୍ସବ ପାଳନ କରାଯାଇଛି। ୫ ତାରିଖ ବିମାନ ଶୋଭାଯାତ୍ରା ସହ ରାତିରେ ରୟାଲ୍ ଚ୍ୟାଲେଞ୍ଜ ଅପେରା ଦ୍ୱାରା ଯାତ୍ରା ପରିବେଷଣ କରାଯାଇଥିଲା। ଗ୍ରାମ କମିଟି ସଭାପତି ଚନ୍ଦନ ମହାନ୍ତି, ସମ୍ପାଦକ ପୁରୁଷୋତ୍ତମ ଦାସ, ସଭ୍ୟ ପ୍ରମୋଦ ପଣ୍ଡା, ଗିରୀଶ ଦାସ,



ବିଚିତ୍ରାନନ୍ଦ ଦାସ, ବିକାଶ ପରିଡ଼ା, ଭରତ ସାସମଲ, ବୁଦ୍ଧଦେବ ସାସମଲ, ଲମ୍ବୋଦର ପ୍ରଧାନ, ଗୁରୁବାରୀ ଷେଣ୍ଢଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ସହ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି।

**ପରଜଙ୍ଗ:** ପରଜଙ୍ଗ ବ୍ଲକ ସାଆନ୍ଦା ଗ୍ରାମରେ ଦୋଳ ପୂର୍ଣ୍ଣିମା ଅବସରରେ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସରବେରଣୀ ଗ୍ରାମ ସିଦ୍ଧି ବିନାୟକ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁ ଏବଂ ପଥଚାରୀଙ୍କୁ ଦହି ସରବତ ଏବଂ ଥଣ୍ଡା ପାଣି ବଣ୍ଟନ କରାଯାଇଥିଲା। କମିଟି ସଭାପତି ରାକେଶ ମହାପାତ୍ର ଓ ସମ୍ପାଦକ ସୁଶାନ୍ତ ମାଝିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।



**ଯୋରନ୍ଦା:** ଗଁଦିଆ ବ୍ଲକ ପ୍ରସିଦ୍ଧ ଦଶମଣ୍ଡଳୀ ଦୋଳକମିଟି ପକ୍ଷରୁ ଗୁରୁବାର ଦଧିସିଙ୍ଗା ଗ୍ରାମ ମେଳଣ ମହୋତ୍ସବ ଅନୁଷ୍ଠିତ ହୋଇଛି। ଦଶଦୋଳ କମିଟି ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ପରାମର୍ଶ କ୍ରମେ ସଂକୀର୍ତ୍ତନ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାରପୁର ସରପଞ୍ଚ ଅଜୟ ମହାନ୍ତି, ସମ୍ମାନିତ ଅତିଥି ଭାବେ ଗ୍ରାମ ସଭାପତି ଲକ୍ଷ୍ମୀଧର ମହାନ୍ତି, ଉପସଭାପତି ଶ୍ରୀବତ୍ସ ମହାନ୍ତି, ଦଶଦୋଳ କମିଟି ସମ୍ପାଦକ ଶ୍ରୀବତ୍ସ ମହାନ୍ତି, ଉପଦେଷ୍ଟା ସନାତନ ରାଉଳ, ଶିକ୍ଷାବିତ୍ ମଙ୍ଗୁଳି ଚରଣ ବିଶ୍ୱାଳ, ସମାଜସେବୀ ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ହଳଧର ମହାଳିକ, ରୋହିତ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ସଂକୀର୍ତ୍ତନ ପ୍ରତିଯୋଗିତାରେ ଦଧିସିଙ୍ଗା ଗ୍ରାମ



ପ୍ରଥମ, ସନ୍ଥସରା ଓ ଡା. ମାର୍ଥାପୁର ଯୁଗ୍ମ ଦ୍ୱିତୀୟ ଓ କାବରା ଗ୍ରାମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗ୍ରାମ ସମ୍ପାଦକ ରାକେଶ ମହାନ୍ତି, ସହସମ୍ପାଦକ ସୁଶୀଲ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦଶମଣ୍ଡଳୀ ସଭ୍ୟ ଗ୍ରାମ ହରଡ଼ବେରଣା, ବରସାହି, ବିଧାରପୁର, ଅନ୍ନପୁର, ଚିରୁଳେଇ, କାବରା, ଦଧିସିଙ୍ଗା, ସନ୍ଥସରା, ମାର୍ଥାପୁର ଓ ମାଧପୁରର ଦୋଳବିମାନ ମେଳଣରେ ସାମିଲ ହୋଇଥିଲେ। ଏକାଦଶୀଠାରୁ ରାଧାକୃଷ୍ଣଙ୍କୁ ଦଶଟି ବିମାନରେ ପର୍ଯ୍ୟାୟକ୍ରମେ ଦଶଦିନ ପ୍ରତ୍ୟେକ ଗ୍ରାମ ପରିକ୍ରମା କରାଯାଇଥିଲା।

## ମାଛ ଲିଜ୍‌କୁ ନେଇ ବିବାଦ

# ପ୍ରଶାସନ ଉଦ୍ୟମରେ ଗଠନ ହେଲା ଶାନ୍ତି କମିଟି

ପୁରୁଷୋତ୍ତମପୁର,୬ ।୩(ସମିସ)



ପୁରୁଷୋତ୍ତମପୁର ବ୍ଲକ ରାଣୀଗାଁ କାନକାଟି ପୋଖରୀରୁ ମାଛ ଲିଜ୍‌କୁ କେନ୍ଦ୍ରକରି ଗୁଣେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଶୁକ୍ରବାର ମାଛ ଧରାଯିବା ଖବରନେଇ ଉଭୟଙ୍କ ମଧ୍ୟରେ ଦୁଇଦିନ ହେଲା ମୁହାଁମୁହିଁ ପରିସ୍ଥିତି ଉପୁଜିଛିଥିଲା। ଲାଗି ରହିଥିବା ବିବାଦ ଶୁକ୍ରବାର ଦିନ ପୁଲିସ ଓ ପ୍ରଶାସନ ଉପସ୍ଥିତରେ ସମାଧାନ ହୋଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ବିନୋଦ କୁମାର ବେହେରା, ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି କୁଳମଣି ସେଠୀ, ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ର, ପୁଲିସ ଫୋର୍ସ ଗ୍ରାମରେ ପହଞ୍ଚି ସରପଞ୍ଚ ଏନ ଭାସ୍କରଦୋରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏଲ ବାଲ୍ୟାଙ୍କ ସମେତ ଉଭୟ ପକ୍ଷର ୩ଜଣ ଭଦ୍ରବ୍ୟକ୍ତିଙ୍କୁ ନେଇ ବୁଝାସୁଝା କରିଛନ୍ତି। ଫଳରେ ପରିସ୍ଥିତି ଏକ ପ୍ରକାର ନିୟନ୍ତ୍ରଣାଧିନ ରହିଛି। ଗ୍ରାମରେ ଶାନ୍ତି ପ୍ରତିଷ୍ଠା ଲାଗି ଉଭୟ ପକ୍ଷଙ୍କୁ ନେଇ ଶାନ୍ତିକମିଟି ଗଠନ କରି ବୁଧବାର ଦିନ ଗ୍ରାମର ଉଭୟ ଗୋଷ୍ଠୀ ଭଦ୍ର ବ୍ୟକ୍ତି, ପୋଲିସ ଓ ପ୍ରଶାସନ ଉପସ୍ଥିତିରେ ମାଛଧରିବା ଲାଗି ସ୍ଥିର କରାଯାଇଥିଲା। ଏଥିରୁ ଯାହା ଆଦାୟ ସେଥିରୁ ମହିଳା ଗୋଷ୍ଠୀର ସମସ୍ତ ଖର୍ଚ୍ଚକୁ ବାଦ ଦେଇ ଲାଭାଂଶର ୫୦ ପ୍ରତିଶତ ଗ୍ରାମରେ ଥିବା ମୁକ୍ତେଶ୍ୱର ମନ୍ଦିର ଉନ୍ନୟନ ଲାଗି ଦିଆଯିବା ନେଇ ସ୍ଥିର କରାଯାଇଛି। ସୂଚନାଯୋଗ୍ୟ, ଗ୍ରାମରେ ଥିବା ସମସ୍ତ ପୋଖରୀକୁ ଗ୍ରାମବାସୀ ନିଲାମ କରି ତାହାର ଲାଭାଂଶ ମନ୍ଦିର ଉନ୍ନୟନରେ ବିନିଯୋଗ କରିଆସୁଥିଲେ। ମାତ୍ର ସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି ବିଭିନ୍ନ ଯୋଜନା କରିଥିବା ପ୍ରକାରେ ଗତବର୍ଷ ମାଛ ଚାଷ ଲାଗି ପୋଖରୀକୁ ଅନୁସୂଚିତଜାତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନିୟମ ପ୍ରକାରେ ଲିଜ୍ ଦିଆଯାଇଥିଲା। ଜୁଲାଇ ମାସରେ ସେମାନେ ପୋଖରୀରେ ମାଛ ଯାଆଁଳ ଛାଡିଥିଲେ। ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିବା ସହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପଞ୍ଚାୟତ ମାନୁୟଲ ଅନୁସାରେ ସମସ୍ତ ଲିଜ ପ୍ରକ୍ରିୟା ସରିଥିବା ବିଡିଓ କହିଛନ୍ତି। ହେଲେ ଗାଁରେ ମାଛ ନିଲାମକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ପ୍ରଶାସନ ଓ ପୋଲିସ ପ୍ରଶାସନ ଉପସ୍ଥିତରେ ଗ୍ରାମରେ ଏକ ଶାନ୍ତି କମିଟି ଗଠନ କରିବା ସହ ସମସ୍ତେ ମିଳିମିଶି ଚଳିବା ପାଇଁ ନିଷ୍ପତି ନେଇଥିଲେ। ପ୍ରଶାସନର ଏଭଳି ତ୍ୱରିତ ପଦକ୍ଷେପକୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି।

## ଶ୍ରୀଜଗନ୍ନାଥ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ



ଦିଗପହଣ୍ଡି,୬ ।୩(ସମିସ): ଦିଗପହଣ୍ଡି-ଆସିକା ମୁଖ୍ୟରାସ୍ତାର ଚାଞ୍ଚଡାପଲ୍ଲୀ ଛକରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ସ୍ଥାନୀୟ ଗୁରୁକୃପା ସେବା ସମିତି ଆବାହକ ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମଗ୍ର ଅଞ୍ଚଳବାସୀଙ୍କ ସହଯୋଗ କ୍ରମେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥଙ୍କ ରାଷ୍ଟ୍ରୀୟ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ବାସ୍ତୁଶିଳା ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଦିଗପହଣ୍ଡି ଏନଏସିର ପୂର୍ବତନ ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଚାଞ୍ଚଡ଼ାପଲ୍ଲୀ ଗାଁ ମୁଖିଆ ରାମନାଥ ବିଷୋୟୀ, କରପଡ଼ା ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଆଙ୍କୋରଡ଼ା ସରପଞ୍ଚ ପ୍ରତିନିଧି ଶିଶିର କୁମାର ପ୍ରଧାନ, କେ.ତାରକେଶ୍ୱର ଦୋରା, ପୂର୍ବତନ ସରପଞ୍ଚ ଉଷନ୍ତ ସାହୁ, ନିରାକାର ପ୍ରଧାନ, ରବୀନ୍ଦ୍ର ନାଥ ଡାକୁଆ, ବିଚିତ୍ରାନନ୍ଦ ପଟ୍ଟନାୟକ, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ନୀଳକଣ୍ଠ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁସ୍ଥ ମନ୍ଦିର ପରିବେଶ ସଚେତନତା ଶିବିର




ବେଲଗୁଣ୍ଠା,୬ ।୩(ସମିସ): ଗାଙ୍ଗପୁର ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟର ଆୟୋଜନ କ୍ରମେ ବେଲଗୁଣ୍ଠା ବ୍ଲକ୍ ଖଇରପୁଟି ହନୁମାନ ମନ୍ଦିର ପ୍ରାଙ୍ଗଣରେ ସୁସ୍ଥ ମନ୍ଦିର ପରିବେଶ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଇକୋ କ୍ଲବ୍ ସଂଯୋଜକ ତଥା ଅବସରପ୍ରାପ୍ତ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡକ୍ଟର୍ ଶଙ୍କର ନାରାୟଣ ବେଜ, ଗାଙ୍ଗପୁର ବନପାଳ ଦିଲ୍ଲୀପ୍ କୁମାର ଦାସ, ଖଇରପୁଟି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମାଝୀ, ଗାଙ୍ଗପୁର ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ମନ୍ଦିର ଏବଂ ପୁଷ୍କରିଣୀକୁ ସ୍ୱଚ୍ଛ ରଖିବା ଦିଗରେ ସରକାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରାଳୟ ବିଭାଗର ଏହା ଏକ ଅଭିନବ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଡକ୍ଟର୍ ବେଜ୍ ପରିବେଶ ସୁରକ୍ଷା ସହିତ ବିଶ୍ୱ ତାପନ ନିୟନ୍ତ୍ରଣ ଉପରେ ନିଜର ବକ୍ତବ୍ୟ ରଖିଥିବା ବେଳେ ବନପାଳ ଶ୍ରୀ ଦାସ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ହନୁମାନ ମନ୍ଦିର ପରିସରରେ ସଫେଇ ସହିତ ଚାରାରୋପଣ କରାଯିବା ସହ ଡଷ୍ଟବିନ୍‌ର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଖଇରପୁଟି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରାୟଗଡ଼ ପଞ୍ଚାୟତ ସମିତି ବୈଠକ



ରାୟଗଡ଼, ୬।୩ (ସମିସ): ରାୟଗଡ଼ ବ୍ଲକର ସଦଭାବନା ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତିର ୧୬ ତମ ସାଧାରଣ ବୈଠକ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସନ୍ତୋଷ କୁମାର ବାରିକ ଓ ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନି ମଞ୍ଚାସୀନ ଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ, ପଶୁ ସମ୍ପଦ, କୃଷି, ଖାଦ୍ୟ ଯୋଗାଣ, ଉଦ୍ୟାନ, ସାମାଜିକ ଓ ସୁରକ୍ଷା, ଓଡ଼ିଶା ଜିବିକା ମିଶନ, ମିଶନ ଶକ୍ତି, ସମନ୍ୱିତ ଆଦିବାସୀ ଉନ୍ନୟନ ଓ କଲ୍ୟାଣ, ପାନୀୟଜଳ ଓ ପରିମଳ, ବନ ବିଭାଗ, ମହିଳା ଓ ଶିଶୁ ବିକାଶ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ ବିଭାଗ, ମତ୍ସ୍ୟ ବିଭାଗ, ଜଳଛାୟା ବିକାଶ ଓ ମୃତ୍ତିକା ସଂରକ୍ଷଣ, ଏମଜିଏନ୍‌ଆରଜିଏ ଏବଂ ଆର. ଏର୍‌ଙ୍କ ସମେତ ବିଭିନ୍ନ ବିଭାଗ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ପଞ୍ଚାୟତ ପ୍ରତିନିଧି ବିଭାଗୀୟ ସମ୍ପର୍କିତ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରି ବୈଠକକୁ ସରଗରମ କରିଥିଲେ। ଆଜିର ବୈଠକରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ପିଇଓ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିପିଡିଓ ଭଗବାନ ନାୟକ ପରିଚାଳନା କରିଥିବା ବେଳେ ପେଷା ସଂଯୋଜକ ଶ୍ରୀଧର ଦାସ ସହଯୋଗ କରିଥିଲେ।

● ମାଓନେତା ଆଜାଦ୍ ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଅଦାଲତରେ ହାଜର

# ୪ ମାମଲାରୁ ନିର୍ଦ୍ଦୋଷରେ ଖଲାସ



ପାରଳାଖେମୁଣ୍ଡି,୬ ।୩(ସମିସ): ମାଓନେତା ଡୋନା କେଶବ ରାଓ ଓରଫ ଆଜାଦଙ୍କୁ ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଅଦାଲତରେ ଦ୍ୱିତୀୟ ଥର ପାଇଁ ହାଜର କରାଯାଇଛି। ଆଜାଦଙ୍କ ବିରୋଧରେ ସମୁଦାୟ ୩୭ ମାମଲା ରହିଛି। ସେଥିମଧ୍ୟରୁ ଅଧିକାଂଶ ମାମଲା ଗଜପତିରେ ରହିଛି। ଗତ ୧୪ ବର୍ଷ ଧରି ଆଜାଦ ବିଭିନ୍ନ ମାମଲାରେ ଜଡ଼ିତ ଥାଇ କୌଣସି ମାମଲାର ବିଚାରଣ ହୋଇପାରୁନଥିଲା। ଯାହାକୁ ଭିତ୍ତି କରି ଆଜାଦଙ୍କ ଓକିଲ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଶୁଣାଣି କରି ସୁପ୍ରିମକୋର୍ଟ ଜଣେ ବିଚାରାଧୀନଙ୍କ କୌଣସି ବିଚାରଣ ନକରି ସମସ୍ତ ମାମଲା ପଡି ରହିଥିବାକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ଅଦାଲତ କରି ଏକ ବର୍ଷ ମଧ୍ୟରେ ସମସ୍ତ ମାମଲାର ଶୁଣାଣି କରି ରାୟ ପ୍ରକାଶ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓଡ଼ିଶାରେ ଥିବା ୩୭ ମାମଲା ମଧ୍ୟରୁ ପାଖାପାଖି ୨୫ କେସ କେବଳ ଗଜପତି ଜିଲ୍ଲାରେ ରହିଛି। ଅନ୍ୟସବୁ କେସ କନ୍ଧମାଳ ଓ ରାୟଗଡା ଜିଲ୍ଲାରେ ରହିଥିବା ଜଣାଯାଇଛି। ଗଜପତିର ମାମଲା ମଧ୍ୟରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଆଜି ଦୁଇ ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଥିବା ଜଣାପଡିଛି। ସମୁଦାୟ ୪ ମାମଲାରେ ଆଜାଦ୍‌ଙ୍କୁ ସ୍ୱତନ୍ତ୍ର କୋର୍ଟରେ ବିଚାରଣ ବେଳେ ପୂର୍ବରୁ ୨ ମାମଲାରେ ନିର୍ଦ୍ଦୋଷ ହୋଇଥିବା ବେଳେ ଆଜି ଦୁଇ ମାମଲାରେ ନିର୍ଦ୍ଦୋଷ ହୋଇଥିବା ଭାରପ୍ରାପ୍ତ ପିପି ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଦଣ୍ଡିସାହିରେ ଆଦିବାସୀଙ୍କ ପାରମ୍ପରିକ କେଡୁ ଯାତ୍ରା

ବାଲିଗୁଡ଼ା,୬।୩(ସମିସ): କନ୍ଧମାଳ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା। ଏହି ଜିଲ୍ଲାରେ ରହୁଥିବା ଆଦିବାସୀଙ୍କ ଫଗୁଣ



ଯାତ୍ରା ପାଳନ ହୁଏ ଯାହାକି କେଡୁ ବା ପୋଢ଼ ବଳି ଯାତ୍ରା ଭାବେ ପରିଚିତ। ସାଧାରଣତଃ ବାଲିଗୁଡା ଉପଖଣ୍ଡର ବିଭିନ୍ନ ଗାଁରେ ଏହି ପର୍ବ ପାଳନ କରିଥାନ୍ତି ଲୋକେ। ମାଘ ପୂର୍ଣ୍ଣିମାର ପୂର୍ବଦିନ ଠାରୁ ଆରମ୍ଭ ହୋଇ ଫଗୁଣ ପୂର୍ଣ୍ଣମୀ ଯାଏଁ ଏକମାସ ଧରି ପାଳନ କରନ୍ତି ଏହି ପର୍ବ। ପୂର୍ବ ପୁରୁଷରୁ ରହି ଆସିଥିବା ପରମ୍ପରାକୁ ଆଜିର ପିଢ଼ି ବି ପାଳନ କରୁଛନ୍ତି ଏହି ବଳି ଯାତ୍ରା। ବିଶ୍ୱାସ ରହିଛି ପୋଢ଼ ବଳିଦେଲେ ଗାଁରେ ଅକାଳ ମରଣ ନହେବା ସହ ଜମିରେ ଚାଷ ଭଲହେବ, ଗାଈଗୋରୁଙ୍କୁ ଫାଟୁଆ ରୋଗ ହେବନାହିଁ ଏବଂ ଦୁଃଖ ଆସିବନାହିଁ। ପୂର୍ବରୁ ଏହି ଯାତ୍ରା ୭ଦିନ ଧରି ପାଳନ କରାଯାଉଥିଲା। ବେଳେ ଆଜି ଦିନରେ ଏହା ତିନିଦିନ ଧରି ପାଳନ କରାଯାଉଛି। ବାଲିଗୁଡ଼ା ବ୍ଲକ ବାରଖମା ପଞ୍ଚାୟତ ଦଣ୍ଡିସାହିରେ ଏହି ଆଦିବାସୀ ପାରମ୍ପରିକ କେଡୁ ବା ପୋଢ଼ ଯାତ୍ରା ପର୍ବ ଧୁମଧାମରେ ପାଳନ କରାଯାଇଛି। ଏହି ଯାତ୍ରାରେ ଅଣ୍ଡା, କୁକୁଡ଼ା, ମହୁଲିମଦ, ଘୁଷୁରୀ, ଅରୁଆ ଚାଉଳ, ହଳଦୀ ଆଦି ପୂଜାରେ ଲାଗୁଥିବା ବେଳେ ଶେଷ ଦିନରେ ପାରମ୍ପରିକ ବାଜା ଟାଙ୍ଗୁ, ମହୁରୀରେ ଧାରୁଆ ଅସ୍ତ୍ର ଧରି ଛୋଟ ପିଲାରୁ ବୟସ୍କ ମହିଳା, ପୁରୁଷ ମିଶି ନାଚ କରି ମସଗୁଲ ହେବାସହ ପୋଢ଼କୁ ବଳି ଦେଉଥିବା ଦେଖିବାକୁ ମିଳିଛି।

## ମା’ ଖମ୍ବେଶ୍ୱରୀଙ୍କ ଚୈତ୍ରପର୍ବ ପ୍ରସ୍ତୁତି

ଆସିକା,୬ ।୩(ସମିସ): ଆସିକାର ଆରାଧ୍ୟ ଦେବୀ ମା’ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଚୈତ୍ରପର୍ବ ଓ ବୈଶାଖୀ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟ ସଭାପତି ମତ ରଖିଥିଲେ। ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ଆସନ୍ତା ୧୫ ତାରିଖ ଦିନ ଶୁଭ ବେଳାରେ ସ୍ଥାପନ କରାଯିବ। ଚୈତ୍ର ପୂର୍ଣ୍ଣିମା ଠାରୁ ମା’ଙ୍କ ନଗର ପରିକ୍ରମା ଆରମ୍ଭ ହୋଇ ବୈଶାଖୀ ଯାତ୍ରା ଏପ୍ରିଲ ୨୬ରେ ଶେଷ ହେବା ନେଇ ବୈଠକରେ ସ୍ଥିର ହୋଇଛି।



ସତ୍ୟନାରାୟଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରାମବାସୀ, ଯାତ୍ରା କମିଟି ସଦସ୍ୟ ମାନେ ଉପସ୍ଥିତ ରହି ଯାତ୍ରା ପରିଚାଳନା ନିମନ୍ତେ ସୁଚିନ୍ତିତ ବୈଠକରେ କମିଟି ସଭ୍ୟ ମନୋଜ ମୁନୀ, ସଚ୍ଚିଦାନନ୍ଦ ଖଟେଇ, ଯାତ୍ରାକମିଟି ସଭାପତି ନିମେଇ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ କୁସ୍ତି କସରତ ପ୍ରତିଯୋଗିତା




ରମ୍ଭା,୬ ।୩(ସମିସ): ଗଞ୍ଜାମ ଜିଲ୍ଲାସ୍ତରୀୟ ସୌଖୀନ ଶରୀର ଗଠନ ସଂଘ ପକ୍ଷରୁ ଫିଟନେସ ସ୍କୋୟାର ଜିମ୍ ରମ୍ଭା ଆନୁକୂଲ୍ୟରେ ୪୯ତମ ସିନିୟର ଗଞ୍ଜାମ ଜିଲ୍ଲାସ୍ତରୀୟ କୁସ୍ତି କସରତ ପ୍ରତିଯୋଗିତା ଜିମର ଅଧ୍ୟକ୍ଷ ପ୍ରତାପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା (ମୁଖ୍ୟ ଅତିଥି), ଗଞ୍ଜାମ ଜିଲ୍ଲା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ (ମୁଖ୍ୟବକ୍ତା), ରମ୍ଭା ଆଇଆଓି କୁମାର ମୁଦୁଲୀ (ସମ୍ମାନିତ ଅତିଥି), ଗଞ୍ଜାମ ଜିଲ୍ଲା ଆମେଚର ବଡି ବିଲଡିଂ ଆସୋସିଏସନର ସଭାନେତ୍ରୀ ଦିଦିଲତା ବିଶୋଇ ପ୍ରମୁଖ ମଞ୍ଚାସିନ ଥିଲେ। ଉପସ୍ଥାପକ ରୂପେ କାହ୍ନୁଚରଣ ରାଉତ ରହିଥିବା ବେଳେ ବିଚାରପତି ଭାବେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ (ଏସିଆନ ଜଜ୍), ଏସ ରାଜେଶ ବାବୁ ଆଚାରୀ, ଉମା ଚରଣ ଶତପଥୀ (ଆନ୍ତଃ ଜାତୀୟ ଜଜ୍), ଏସ୍ ସନ୍ତୋଷ କୁମାର ଆଚାରୀ, ଗୋକୁଳା ନନ୍ଦ ପାତ୍ର, ପ୍ରଦୀପ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟ ଜୀବନ ସଙ୍ଘର ସାଧନା ଶିବିର

ଧରାକୋଟ,୬ ।୩(ସମିସ): ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ସ୍ଥିତ ଦିବ୍ୟ ଜୀବନ ସଂଘ ଶାଖାର ବାର୍ଷିକ ଉତ୍ସବ ଉପଲକ୍ଷେ ଏକଦିବସୀୟ ଆଧ୍ୟାତ୍ମିକ ସାଧନା ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଦିବ୍ୟ ଜୀବନ ସଂଘ ବିଭିନ୍ନ ଶାଖାର ସଭାପତି, ସମ୍ପାଦକ , ସଂଗଠକ, କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଦକ୍ଷିଣ ଓଡ଼ିଶା ଦିବ୍ୟ ଜୀବନ ସଂଘର ସମନ୍ୱୟ ସମିତି ତଥା ଆସିକା ଦିବ୍ୟ ଜିଲ୍ଲାର ମୁଖ୍ୟ ସଂଗଠକ ଜୟଚନ୍ଦ୍ର ନାୟକ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଶାଖାର ବରିଷ୍ଠ ଗୁରୁଭାଇ କୁଞ୍ଜ ବିହାରୀ ପାଢ଼ିଙ୍କ ସମେତ ପି. ତ୍ରିନାଥ ପାତ୍ର, ଗଣେଶ ଚନ୍ଦ୍ର ପାତ୍ର, ଭିକାରୀ ଚରଣ ପାତ୍ର, ୟୁ. ନାଗେଶ୍ୱର ରାଓ ପାତ୍ର ପ୍ରମୁଖ ସ୍ଥାନୀୟ ଗୁରୁଭାଇମାନେ ସହଯୋଗ କରିଥିଲେ।

## ପି. କୃଷ୍ଣମୂର୍ତ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପୁରୁଷୋତ୍ତମପୁର,୬ ।୩(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ପାଣ୍ଡିଆ ଗାଁରେ ସ୍ୱାଧୀନତା ସଂଗ୍ରାମୀ ପି. କୃଷ୍ଣମୂର୍ତ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ମୁଖ୍ୟ



ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ପି.କୃଷ୍ଣମୂର୍ତ୍ତି ଜଣେ ଅଣବନ୍ଦୀ ସ୍ୱାଧିନତା ସଂଗ୍ରାମୀ ରହିଥିଲେ। ସେ ପୁରୁଷୋତ୍ତମପୁର ବ୍ଲକର ପ୍ରଥମ ଅଧ୍ୟକ୍ଷ ତଥା ଅପ୍ରତିଦ୍ୱନ୍ଦୀ ସରପଞ୍ଚ ଭାବେ ଜଣାଶୁଣା ଥିଲେ। ପାଣ୍ଡିଆ ଗାଁ ପାଇଁ ତାଙ୍କର ଅବଦାନ ଅତୁଳନୀୟ ଥିବା ଯୋଗୁଁ ତାଙ୍କର ଏକ ପ୍ରତିମୂର୍ତ୍ତି ଗାଁ ଉନ୍ମୋଚନ କରାଯାଇଛି। ତାଙ୍କ ଉଦ୍ୟମରେ ପାଣ୍ଡିଆ ପଞ୍ଚାୟତରେ ସମାଜ ମଙ୍ଗଳ କେନ୍ଦ୍ର, କୃଷି ସମବାୟ ସମିତି, ତନ୍ତ ସମବାୟ ସମିତି, ପଶୁ ଚିକିତ୍ସା ଉପକେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର ହୋଇପାରିଥିଲା। କୃଷ୍ଣମୂର୍ତ୍ତିଙ୍କ ଏହି ଅବଦାନକୁ ମନେ ପକାଇବା ପାଇଁ କୃଷ୍ଣମୂର୍ତ୍ତି ବୁଟିଆମ୍ମା ମେମୋରିଆଲ ଟ୍ରଷ୍ଟର ସଭାପତି ପି ନାରାୟଣ ରାଓ, ସମ୍ପାଦକ ପି. ଗୋପାଳଙ୍କ ତତ୍ତ୍ୱାବଧାନରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହି ଅବସରରେ ଆସିକା ସାଂସଦଙ୍କ ସମେତ ବହୁ ବିଜେପି ନେତା, କୃଷ୍ଣମୂର୍ତ୍ତିଙ୍କ ପରିବାର ସଦସ୍ୟଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମହେନ୍ଦ୍ରଗିରିରେ ଅଶାନ୍ତି ଘଟଣା

# ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମେଳି





ରାୟଗଡ଼, ୬।୩ (ସମିସ)

ରାୟଗଡ଼ ବ୍ଲକ ପୁରାଣପ୍ରସିଦ୍ଧ ମହେନ୍ଦ୍ରଗିରିରେ କିଛି ଦିନ ତଳେ ଦେଖାଦେଇଥିବା ବିବାଦର ସ୍ଥାୟୀ ସମାଧାନ ସହ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଭଙ୍ଗାରୁଜା ଓ ଆକ୍ରମଣ କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଅଞ୍ଚଳର ଶତାଧିକ ଲୋକେ ଶୁକ୍ରବାର ମହେନ୍ଦ୍ରଗିରିରେ ଏକତ୍ର ହୋଇଥିଲେ। ମହେନ୍ଦ୍ରଗିରି ଇକୋ ଡେଭଲପମେଣ୍ଟ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ଭାସ୍କର ତୀର୍ଥ (ଲକ୍ଷ୍ମୀ ବାବା), ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ରାଧାକୃଷ୍ଣ ଜାନି, ବିଶ୍ୱହିନ୍ଦୁ ପରିଷଦର ସଭାପତି ଗୌରାଙ୍ଗ ଗମାଙ୍ଗ, ଇକୋ ଡେଭେଲପମେଣ୍ଟ କମିଟିର ସଭାପତି ସନ୍ନ୍ୟାସୀ ଭୂୟାଁ, କମିଟିର କୋଷାଧକ୍ଷ ଭାସ୍କର ମଣ୍ଡଳ, ମହେନ୍ଦ୍ରଗିରି ଡେଭଲପମେଣ୍ଟ କମିଟି ଟ୍ରଷ୍ଟର ସମ୍ପାଦକ କାମଦେବ ବଡ଼ନାୟକ, ଡେଭଲପମେଣ୍ଟ କମିଟି ଟ୍ରଷ୍ଟର ସଦସ୍ୟ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଭଗବତ ପାଇକ, ସିଦ୍ଧେଶ୍ୱର ମିଶ୍ର ଓ ବିଜେପି ନେତା ଗଣେଶ ମଣ୍ଡଳ ଉପସ୍ଥିତ ଥିଲେ।

ମହେନ୍ଦ୍ରଗିର ଏକ ପବିତ୍ର ସ୍ଥାନ। ଏହାର ପବିତ୍ରତା ରକ୍ଷା କରିବା ଏବଂ ଏଠାକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଲୋକଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଉପସ୍ଥିତ ଥିବା ଅଞ୍ଚଳବାସୀ କହିଛନ୍ତି। ମହେନ୍ଦ୍ରଗିରିରେ ବୈଠକ ପରେ ଉନ୍ନୟନ୍ କମିଟି ସଦସ୍ୟ ଏବଂ ଅଞ୍ଚଳବାସୀ ଶତାଧିକ ସଂଖ୍ୟାରେ ଉପସ୍ଥିତ ରହି ଅପରାହ୍ନରେ ପାରଳାଖେମୁଣ୍ଡିକୁ ଯାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଜିଲ୍ଲାପାଳଙ୍କୁ ଭେଟି ମହେନ୍ଦ୍ରଗିରିରେ ବାରଘର ଗାଁ ଲୋକେ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ଏବଂ ତାହା ଯାହା ଅସହ୍ୟ ହେଲାଣି। ତେଣୁ ବିଶୃଙ୍ଖଳାକରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଶେଷ ଥର ପାଇଁ ସେମାନଙ୍କୁ ଡାକି ଆଲୋଚନା କରି ସମାଧାନ ପାଇଁ ପ୍ରୟାସ କରାଯାଉ ବୋଲି ଦାବି କରିଛନ୍ତି। ଏହାପରେ ବି ସ୍ଥିତିରେ ସୁଧାର ନଆସିଲେ ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ସରପଞ୍ଚ ଓ ସମିତି ସଭ୍ୟସଭ୍ୟାଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ନିଖୋଜ ବ୍ୟକ୍ତିଙ୍କ ଶବ କେନାଲରୁ ଉଦ୍ଧାର

ତାଳଚେର, ୬ ।୩(ସମିସ): ତାଳଚେର କଲେଜ ସମ୍ମୁଖ ଏକ ଥଣ୍ଡା ପାନୀୟ ଗୋଦାମରେ କାମ କରୁଥିବା କେନ୍ଦୁଝରର ତେଲକୋଇ ଅଞ୍ଚଳର ଜଗଦୀଶ ସାହୁଙ୍କ ମୃତଦେହ ଶୁକ୍ରବାର ବାଙ୍କଧରା ମୁଣ୍ଡାହଟିଂ ନିକଟ ରେଙ୍ଗାଳି ଦକ୍ଷିଣ କେନାଲରୁ ଉଦ୍ଧାର କରାଯାଇଛି । ତାଙ୍କୁ ହତ୍ୟା କରି କେନାଲରେ ଫିଙ୍ଗି ଦିଆଯାଇଥିବା ସ୍ତ୍ରୀ ସବିତା ସାହୁ ତାଳଚେର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଜଗଦୀଶ ଦୁଇମାସ ପୂର୍ବରୁ ତାଳଚେର ଆସି ଥଣ୍ଡା ପାନୀୟ ଗୋଦାମରେ ରହି କାର୍ଯ୍ୟ କରୁଥିଲେ । ଗତ ୪ ତାରିଖ ହୋଲି ଦିନ ୧୧ରୁ ୧୨ଟା ମଧ୍ୟରେ ରେମୁଁଆ ଗ୍ରାମକୁ ଭୋଜି କରିବାକୁ ଯାଇଥିଲେ । ହେଲେ ତାଙ୍କ ସହ ଥିବା ଅନ୍ୟ ବ୍ୟକ୍ତିମାନେ ଘରକୁ ଫେରିଥିବା ବେଳେ ଜଗଦୀଶ ନ ଫେରିବାରୁ ସବିତାଙ୍କର ସନ୍ଦେହ ହୋଇଥିଲା । ଏ ନେଇ ସବିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶୁକ୍ରବାର କେନାଲରେ ଶବ ଭାସୁଥିବା ଖବର ପାଇ ପୁଲିସ୍ ପହଞ୍ଚି ତାଳଚେର ଅଗ୍ନିଶମ ବିଭାଗ ସହାୟତାରେ ଉଦ୍ଧାର କରିଛି । ସବିତା ମୃତଦେହ ଚିହ୍ନଟ କରିଛନ୍ତି । ସାଙ୍ଗ ହୋଇ ଖିଆପିଆ କରିବା ପରେ ଜଗଦୀଶଙ୍କୁ କୌଣସି କାରଣରୁ ହତ୍ୟା କରି କେନାଲରେ ଫିଙ୍ଗି ଦେଇଥିବା ସବିତା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୁଲିସକୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇନାହିଁ ।

# କୋଶଳା ଗ୍ରାମ ଦେଇ କୋଇଲା ପରିବହନକୁ ତୀବ୍ର ବିରୋଧ

ଛେଣ୍ଡିପଦା, ୬ ।୩(ସମିସ)



ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥରେ କୋଶଳା ଗ୍ରାମ ମଧ୍ୟ ଦେଇ କୋଇଲା ପରିବହନକୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି । ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଥିବା ନୟନୀ କୋଇଲା ଖଣିରୁ ଗୁରୁବାର କୋଇଲା ପରିବହନ ପାଇଁ ମସୁଧା ଚଳାଇଥିବାବେଳେ କୋଶଳା ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ପାଳି କରି ଜୋଇଲା ପରିବହନକୁ ବିରୋଧ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

୬୩ନଂ ରାଜ୍ୟ ରାଜପଥରେ କୋଶଳା ଗ୍ରାମ ୪କିମି ବ୍ୟାପିଛି । ଏହି ରାସ୍ତା ଦେଇ ଖଣି ପକ୍ଷରୁ କୋଇଲା ପରିବହନ ପାଇଁ ମସୁଧା ଚଳାଇଥିବା ବେଳେ ଗ୍ରାମବାସୀ ଏହାକୁ ଦୀର୍ଘଦିନ ହେବ ବିରୋଧ କରିଆସୁଛନ୍ତି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ବାଇପାସ ରାସ୍ତା ନିର୍ମାଣ କରିବା ପାଇଁ ବିଭିନ୍ନ ସମୟରେ ଦାବି କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅପରପକ୍ଷେ ଗୁରୁବାର ନୟନୀ କୋଇଲା ଖଣିରୁ ଦୀର୍ଘଦିନ ପରେ ଟ୍ରକରେ କୋଇଲା ଲୋଡିଂ କରାଯାଉଥିବା ଦେଖି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏନେଇ କୋଶଳା ଗ୍ରାମବାସୀଙ୍କ ପକ୍ଷରୁ ରାମଚଣ୍ଡୀ ମନ୍ଦିର ପରିସରରେ ଗ୍ରାମ ସଭାପତି କୃତାର୍ଥ ଦେହୁରୀଙ୍କ ତତ୍ତ୍ୱାବଧାନରେ ଏକ ଜରୁରୀ ବୈଠକ ବସିଥିଲା । ବୈଠକରେ ଛେଣ୍ଡିପଦାରୁ କୋଶଳା ରାସ୍ତାରେ ବିଦ୍ୟାଳୟ ମହାବିଦ୍ୟାଳୟ ସହ ଦୈନିକ ହଜାର ହଜାର ଲୋକ ଯାତାୟାତ କରୁଥିବାରୁ କୋଇଲା ପରିବହନ ହେଲେ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବ, ତେଣୁ ଉକ୍ତ ରାସ୍ତାରେ ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ କୋଇଲା ପରିବହନ କରାଇ ନ ଦେବା ପାଇଁ ନିଷ୍ପତ୍ତି ହୋଇଛି । ଏନେଇ ଏକ ଗ୍ରାମ୍ୟ କମିଟି, ମହିଳା କମିଟି ଓ ଯୁବଗୋଷ୍ଠୀଙ୍କୁ ନେଇ ଏକ କମିଟି ଗଠନ କରିବା ସହ ରାସ୍ତାରେ ପାଳିକରି ଜଗିବା ପାଇଁ ନିଷ୍ପତ୍ତି ହୋଇଛି ।

## ଦୃଷ୍ଟିହୀନ ଧନ୍ଦାମୂଳକ ତାଲିମ କେନ୍ଦ୍ରରେ ହୋଲି ଉତ୍ସବ




ଅନୁଗୋଳ, ୬ ।୩(ସମିସ): ଏନଜିଓ ଚେତନା-ଏ-ମିଶନ ସୌଜନ୍ୟରେ କେଦାରଗୌରୀ ଦୃଷ୍ଟିହୀନ ଧନ୍ଦାମୂଳକ ତାଲିମ କେନ୍ଦ୍ରରେ ହୋଲି ଉତ୍ସବ ପାଳନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ଚେତନାର ପ୍ରତିଷ୍ଠାତ୍ରୀ ବାଣୀ ଦେବ ଅନ୍ତେବାସୀମାନଙ୍କୁ ହୋଲି ପର୍ବ ପାଳନର ତାତ୍ପର୍ଯ୍ୟ ବୁଝାଇଥିଲେ । ନାଲକୋର ଅବସରପ୍ରାପ୍ତ ଡାକ୍ତର ସୁଷମା ଚୌଧୁରୀ ଅନ୍ତେବାସୀ ଓ କର୍ମକର୍ତ୍ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ । ଅନ୍ତେବାସୀମାନେ ଭଜନ କୀର୍ତ୍ତନ ପରିବେଷଣ କରିବା ପରେ ପରସ୍ପରକୁ ଅବିର ଲଗାଇ ଶୁଭକାମନା ଜଣାଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ପ୍ରଶାନ୍ତ କୁମାର ବେହେରା ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ ।

● ପାରିବାରିକ କଳହର କରୁଣ ପରିଣତି

## ଘରୁ ରାଗି ପଳାଇଥିବା ମହିଳାଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର

ଅନୁଗୋଳ, ୬ ।୩(ସମିସ): ପାରିବାରିକ କଳହର କରୁଣ ପରିଣତି । ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ତଳଗଡ଼ ଗାଁରେ ଘଟିଛି ଅଭାବନୀୟ ଘଟଣା । ୪୦ ଦିନ ପୂର୍ବରୁ ଘରୁ ରାଗି ପଳାଇଥିବା ମହିଳାଙ୍କ ଗଳିତ ମୃତଦେହ ଶୁକ୍ରବାର ଜଙ୍ଗଲରୁ ଉଦ୍ଧାର କରାଯାଇଛି । ମୃତ ମହିଳା ହେଲେ ତଳଗଡ଼ ତାଳସାହିର ସୁରେନ ନାଏକଙ୍କ ସ୍ତ୍ରୀ ସୁପ୍ରିୟା ନାଏକ । ସୂଚନା ଅନୁଯାୟୀ, ପାରିବାରିକ କଳହ ଯୋଗୁଁ ସୁପ୍ରିୟା ଗତ ଜାନୁଆରୀ ୨୬ ତାରିଖ ଘରୁ କେଉଁଆଡ଼େ ଚାଲିଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ନ ପାଇବାରୁ ବନ୍ତଲା ଥାନାରେ ନିଖୋଜ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ଶୁକ୍ରବାର ସକାଳେ ଗାଁର କିଛି ଲୋକ ଗାଁଠାରୁ ପ୍ରାୟ ୫୦୦ ମିଟର ଦୂର ଜଙ୍ଗଲକୁ ଜାଳକାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ସେଠାରେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା । ଏକ ଗଛରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଦେଖି ଗାଁ ଲୋକେ ସୁପ୍ରିୟାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ସ୍ୱାମୀ ସୁରେନ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି । ସୁରେନଙ୍କ କହିବା ଅନୁଯାୟୀ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବା ପରେ ସୁପ୍ରିୟା ଜଙ୍ଗଲ ଆଡ଼କୁ ଚାଲିଯାଇଥିଲେ । ସେହିଦିନଠାରୁ ଫେରି ନ ଥିଲେ । ପୁଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

## ପଲାସା ରେଳ ଷ୍ଟେସନରେ ଓଡ଼ିଆ ଶ୍ରମିକ ନିଖୋଜ

● ପୁଅକୁ ଝୁରି ପରିବାରରେ ୧୩ ଦିନ ହେଲା ଜଳୁନି ଚୁଲି

● ଘଟଣାକୁ ପୁଲିସ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ





ଆଠମଲ୍ଲିକ, ୬ ।୩(ସମିସ): ଆଠମଲ୍ଲିକ ଏନ୍ଏସି ୩ ନମ୍ବର ୱାର୍ଡର ପ୍ରଦୀପ ପାତ୍ରଙ୍କ ପୁଅ ସତ୍ୟନାରାୟଣ ପାତ୍ର (୨୪) କାମ କରିବାକୁ ଫେବୃଆରୀ ୨୨ ତାରିଖ ହାଇଦରାବାଦ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶର ପଲାସା ରେଳ ଷ୍ଟେସନ ନିକଟରେ ନିଖୋଜ ହୋଇଯାଇଛନ୍ତି । ଏ ନେଇ ସତ୍ୟନାରାୟଣଙ୍କ ବାପା ପ୍ରଦୀପ ଗତ ୧ ତାରିଖ ଆଠମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି । ଘଟଣାକୁ ଇତିମଧ୍ୟରେ ୧୩ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଗୁରୁତ୍ୱ ଦେଉ ନ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଅନ୍ୟପଟେ ପୁଅ ଚିନ୍ତାରେ ପରିବାରରେ ୧୩ ଦିନ ହେଲା ଚୁଲି ଜଳୁନାହିଁ । ପୁଲିସ କେବଳ ଏକ ନିଖୋଜ ମାମଲା ରୁଜୁ କରି ହାତବାନ୍ଧି ବସିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଅପରପକ୍ଷରେ ଏହି ଘଟଣାକୁ ପୁଲିସ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରି ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଜାରି ରଖିଥିବା ଆଠମଲ୍ଲିକ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ସେଠୀ କହିଛନ୍ତି ।

# ନିଯୁକ୍ତି ଦାବିରେ ଖଣିବନ୍ଦ ଆନ୍ଦୋଳନ

କଣିହାଁ, ୬ ।୩(ସମିସ): କଣିହାଁ ଖୋଲା କୋଇଲାଖଣି ଅଞ୍ଚଳର ଗୋପାଳଜୀ କୋଇଲା ଖଣି ଜମିହରା ପ୍ରଜାଙ୍କୁ ନିଯୁକ୍ତି ଦାବିରେ କଂସମୁଣ୍ଡା ଗ୍ରାମର ଜମିହରା ଦଳିତ ସମାଜର କ୍ଷତିଗ୍ରସ୍ତ ପ୍ରଜା ହିରଣ୍ମୟ ନାଏକ, କ୍ଷେତ୍ରବାସୀ ନାଏକଙ୍କ ନେତୃତ୍ୱରେ ଖଣିବନ୍ଦ ଆନ୍ଦୋଳନ କରିଛନ୍ତି । ସୂଚନା ଅନୁଯାୟୀ, କଣିହାଁ କୋଇଲା ଖଣିରେ ଦୁଇ ପର୍ଯ୍ୟାୟରେ କଂସମୁଣ୍ଡା ଗ୍ରାମର ଜମି ଅଧିଗ୍ରହଣ ହୋଇ ଶତାଧିକ ଲୋକଙ୍କୁ ନିଯୁକ୍ତି ମିଳିଥିଲା ।



କିନ୍ତୁ ୨୦୧୪ରେ ଅଧିଗ୍ରହଣ ହୋଇଥିବା କ୍ଷତିଗ୍ରସ୍ତ ପ୍ରଜାମାନେ ଘର ଓ ଜମିର ପ୍ରାପ୍ୟ ପାଇଥିଲେ ମଧ୍ୟ ଗୋପାଳଜୀ ଖଣି ଅଧୀନରେ ଦଳିତ ସମାଜର ୭ ୯ ପରିବାର ଆଜିପର୍ଯ୍ୟନ୍ତ ନିଯୁକ୍ତି ପାଇ ନ ଥିବା ଅଭିଯୋଗ ହୋଇଛି । ଏନେଇ ଦୀର୍ଘଦିନ ଧରି ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବାଧହୋଇ ଗ୍ରାମବାସୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଖଣିବନ୍ଦ ଆନ୍ଦୋଳନ କରିଛନ୍ତି । ଫଳରେ କୋଇଲା ଉତ୍ତୋଳନ ଓ ପରିବହନ ସମ୍ପୂର୍ଣ୍ଣ ଠପ ହୋଇଛି । ଏହି ଆନ୍ଦୋଳନ ପାଇଁ ଏମ୍‌ସିଏଲ୍ କର୍ମଚାରୀଙ୍କ ଅବହେଳାକୁ ଗ୍ରାମବାସୀ ଦାୟୀ କରିଛନ୍ତି । ଆନ୍ଦୋଳନରେ ଗ୍ରାମର କରୁଣା ନାଏକ, ଗୋବର୍ଦ୍ଧନ ନାଏକ, ଗୌତମ ନାଏକ, ସୂରିଚି ନାଏକ, ଲକ୍ଷ୍ମୀ ନାଏକ, ମାନସ ନାଏକ ପ୍ରମୁଖ ବହୁ ଜମିହରା ସାମିଲ ହୋଇଛନ୍ତି ।

## ସୁପୋଷିତ ଲକ୍ଷ୍ୟ ନେଇ ଜିଲ୍ଲାସ୍ତରୀୟ କର୍ମଶାଳା

ଅନୁଗୋଳ, ୬ ।୩(ସମିସ): ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ସହଯୋଗରେ 'ସୁପୋଷିତ ଲକ୍ଷ୍ୟ' ଦିଗରେ ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ଜିଲ୍ଲାରେ ମାତୃ ଓ ଶିଶୁ ପୋଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୁପୋଷଣ ହ୍ରାସ ପାଇଁ ସମନ୍ୱିତ ପଦକ୍ଷେପ ନେବା ହେଉଛି ଏହି କର୍ମଶାଳାର ଲକ୍ଷ୍ୟ । ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣିଙ୍କ ସମେତ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ସୁପରଭାଇଜର, ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ରାଜ୍ୟ ସ୍ତରରୁ ଆସିଥିବା ପ୍ରଶିକ୍ଷକ ଇଶିକା ଦାଶ ଶିଶୁ ଓ ଗର୍ଭବତୀ ମହିଳାଙ୍କ ସୁସ୍ଥ ପୋଷଣ, ସ୍ୱାସ୍ଥ୍ୟ ସଚେତନତା ଏବଂ ସମୁଦାୟ ଭିତ୍ତିକ ପଦକ୍ଷେପ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ ।



କର୍ମଶାଳାରେ ବିଭିନ୍ନ ପୋଷଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ସମସ୍ୟା ଓ ସମାଧାନ ଉପରେ ଆଲୋଚନା ହୋଇଥିଲା । ଅନୁଗୋଳକୁ 'ସୁପୋଷିତ ଜିଲ୍ଲା' ଭାବେ ଗଢ଼ି ତୋଳିବାକୁ ଶପଥପାଠ କରାଯାଇଥିଲା ।

## ଏଚପିଭି ଟିକାକରଣ କାର୍ଯ୍ୟକ୍ରମ ଉଦଘାଟିତ





ବଅଁରପାଳ, ୬ ।୩(ସମିସ): ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚପିଭି ଟିକାକରଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ବଅଁରପାଳ ବିଡିଓ ଲୋଚନ ଦାସ ଏହାକୁ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଇଓଙ୍କ ପ୍ରତିନିଧି ଭାବେ ସଞ୍ଜୀବ କୁମାର ଦେହୁରୀ ଯୋଗଦେଇଥିଲେ । ଡା, ମିଶ୍ର ଟିକା ନେଇଥିବା କିଶୋରୀ ବାଳିକାମାନଙ୍କୁ ଉତ୍ସାହିତ କରିବା ସହ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ । ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଙ୍କର୍ଷଣ ଗାଆଣଙ୍କ ନେତୃତ୍ୱରେ ଟିକାଦାନ ଆରମ୍ଭ ହୋଇଥିଲା । ଟିକା ନେଇଥିବା ୧୪ ଜଣ କିଶୋରୀ ବାଳିକାଙ୍କୁ ଟିକା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ତାଳଚେର: ଦେଶରେ କର୍କଟ ରୋଗ ଉଗ୍ରରୂପ ନେଉଥିବା ବେଳେ ଏହାକୁ ଦୂରେଇ ରଖିବାକୁ ସରକାର ପଦକ୍ଷେପ ନେଇଛନ୍ତି । ଏହି କ୍ରମରେ ତାଳଚେର ମଣ୍ଡାପାଳସ୍ଥିତ ସରକାରୀ ଡାକ୍ତରଖାନାରେ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ପାଇଁ ୧୪-୧୫ ବର୍ଷର ଝିଅଙ୍କୁ ଟିକା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଡିଏମଓ ଡା. ମଦନମୋହନ ପ୍ରଧାନ, ଅନ୍ୟତମ ଅତିଥି ଭାବେ ଏଡିପିଏଚ ଡା. ପୂର୍ଣ୍ଣିମା ଉଦଗାତା, ଡା. ବିନୟ ପାଢ଼ୀ, ଡା. ବଳରାମ ପ୍ରଧାନ, ଏଚଏମ ଗୀତାଞ୍ଜଳି ସ୍ୱାଇଁ, କ୍ୱାଲିଟି ସୁପରଭାଇଜର୍ ସ୍ୱରୂପାସଙ୍ଗୀତା ସାମଲ, ଏଏନଏମ ଜ୍ୟୋତିର୍ମୟୀ ଦେହୁରୀ, ରଶ୍ମିତା ସାହୁ, ସ୍ନେହଲତା ସାହୁ, ଗୌରୀ ବେହେରା, ଐଶ୍ୱରୀୟ ଦେବତା ପ୍ରମୁଖ ଯୋଗଦେଇଥିଲେ । ଆଶାକର୍ମୀ ସତ୍ୟଭାମା ସେଠୀଙ୍କ ତତ୍ତ୍ୱାବଧାନରେ ୧୦ନଂ ୱାର୍ଡ କିଶୋରଗଞ୍ଜ ପାଟଣାର ନବମ ଶ୍ରେଣୀ ଛାତ୍ରୀ ସ୍ୱୟଂଶ୍ରୀ ସ୍ୱୟଂସ୍ମିତା ଟିକା ନେଇଥିଲେ ।

## ରସାୟନ ବିଜ୍ଞାନରେ ସ୍ୱପ୍ନିତାଙ୍କ ଡକ୍ଟରେଟ୍ ହାସଲ



ଅନୁଗୋଳ, ୬ ।୩(ସମିସ): ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଡକ୍ଟରେଟ୍ ହାସଲ କରିଛନ୍ତି ଗବେଷିକା ସ୍ୱପ୍ନିତା ପାତ୍ର । ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ବରିଷ୍ଠ ପ୍ରଫେସର ଡ. ଶରତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଗବେଷଣା କାର୍ଯ୍ୟ ସଫଳତାର ସହ ସମାପ୍ତ କରିଛନ୍ତି । ତାଙ୍କ ଗବେଷଣାତ୍ମକ ସନ୍ଦର୍ଭ ଭବିଷ୍ୟରେ ଚିକିତ୍ସା ବିଜ୍ଞାନରେ ଉପକାରୀ ହେବା ସମ୍ଭାବନା ରହିଛି । ସ୍ୱପ୍ନିତାଙ୍କ ଏହି ଗବେଷଣା ସନ୍ଦର୍ଭ ମରୋକ୍କୋର ମହମ୍ମଦ ଓଠ ପଲିଟେକ୍ନିକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରଚିଡ୍ ବୋଫିଡ୍ ଏବଂ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରତନ କୁମାର ଦେ'ଙ୍କ ଭଳି ପ୍ରତିଷ୍ଠିତ ଶିକ୍ଷାବିତଙ୍କ ଦ୍ୱାରା ଅନୁମୋଦିତ ଓ ଉଚ୍ଚ ପ୍ରଶଂସିତ । ଢେଙ୍କାନାଳ ଜିଲ୍ଲା ଜିନେଇଲୋ ଗ୍ରାମର ସନ୍ତୋଷ କୁମାର ପାତ୍ର ଓ ରୀନା ପାତ୍ରଙ୍କ ଝିଅ ସ୍ୱପ୍ନିତା ନିଜର ଏହି କୃତିତ୍ୱ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସହ ପିତାମାତା, ଗୁରୁଜନ ଏବଂ ପରିବାର ଲୋକଙ୍କୁ ଶ୍ରେୟ ଦେଇଛନ୍ତି । ଓଡ଼ିଶାର ଏହି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧିରେ ବିଭୂଷିତ ହୋଇଥିବାରୁ ଡ. ପାତ୍ରଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

ଅନୁଗୋଳ, ୬ ।୩(ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ତିନିଦିନିଆ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଉଦଘାଟିତ ହୋଇଛି । ପ୍ରଥମ ଦିନରେ ଯୋଗଗୁରୁ ଅଭୟ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଡ. ଗୌରୀଶଙ୍କର ଯୁଗପ୍ରକାଶ ଜେନା, ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ନାଥ, ଅନ୍ତର୍ଜାତୀୟ ପର୍ବତ ଆରୋହିଣୀ ବିଭାରାଣୀ ପାତ୍ର ଯୋଗଦେଇଥିଲେ । ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅନ୍ତର୍ଭୁକ୍ତ କ୍ୟାଡେଟ ସହ ଅନୁଗୋଳ ଲାଇଟ୍ ହାଉସ କମ୍ୟୁନିଟିଜ୍ ଏବଂ ଅନୁଗୋଳ ଲଜିଷ୍ଟିକ ସ୍କିଲ୍ ସେଣ୍ଟରର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।



## ବିଜେପିର ପ୍ରଶିକ୍ଷଣ ପାଇଁ ପ୍ରସ୍ତୁତି ବୈଠକ

ଅନୁଗୋଳ, ୬ ।୩(ସମିସ): ବିଜେପି ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ସମଗ୍ର ଦେଶରେ ଚାଲୁ ରହିଛି । ମାର୍ଚ୍ଚ ୮ ତାରିଖ ଅନୁଗୋଳଠାରେ ୬ ଜିଲ୍ଲା (ଅନୁଗୋଳ, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଢେଙ୍କାନାଳ ଓ ଦେବଗଡ଼)ର କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗୁରୁବାର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବକ୍ତାମାନେ ପ୍ରଶିକ୍ଷିତ ହେବା ପରେ ମଣ୍ଡଳ ସ୍ତରରେ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷିତ କରିବେ । ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ସଂଯୋଜକ ତଥା ପ୍ରାକ୍ତନ ଜିଲ୍ଲା ସଭାପତି ଦିଳେଶ୍ୱର ପ୍ରଧାନ, ସୁଦୀପ ଗଡ଼ନାୟକ, ବସନ୍ତ ମଞ୍ଜରୀ ପ୍ରଧାନ, ଚୌଧୁରୀ ପ୍ରଧାନ, ବିଜୟ ମାଝୀ, ସସ୍ମିତା କରୁଆ, ଯଶୋବନ୍ତ ପ୍ରସାଦ ବେହେରା, ସରୋଜ ସାହୁ, ମୀରା ଗଡ଼ନାୟକ, ଗୋପାଳ ନାଏକ, ରୋଜାଲିନ ଦାସ, ମିଳାପ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।



# ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ







କଣିହାଁ/ପବିତ୍ରନଗର, ୬ ।୩(ସମିସ)

ନୂଆ ଓଡ଼ିଶାର ନିର୍ମାତା, ଅଦମ୍ୟ ସାହସର ପ୍ରତୀକ, ନବଚେତନାର ବାହକ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଗୁରୁବାର କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି । କଣିହାଁ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଛି । ସେହିପରି କଣିହାଁ ବ୍ଲକ ରେଙ୍ଗାଲି କଲେଜ, ବଜ୍ରକୋଟ, କାକୁଡ଼ିଆ, ବଡ଼ତ୍ରିବିଡ଼ା, ଜରଡ଼ା ପଞ୍ଚାୟତ ଗୁଣ୍ଡୁରୀନାଳି ଗ୍ରାମରେ ବିଜୁପ୍ରେମୀମାନେ ଜନ୍ମଦିନ ପାଳନ କରିଥିଲେ । ୧୦ ନମ୍ବର ଜୋନ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନ କରାଯାଇଛି । ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶକ୍ରମେ ବୁରୁକୁନା ପଞ୍ଚାୟତ ବିଜେଡି ସଭାପତି ତପନ କୁମାର ବେହେରାଙ୍କ ନେତୃତ୍ୱରେ ମହିଧରପୁର ଗ୍ରାମସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ବିଶ୍ୱାଳ, କଣିହାଁ ବ୍ଲକ ସାଧାରଣ ସମ୍ପାଦକ ପ୍ରଭାକର ମହାନ୍ତି, ବିରୁ ପଞ୍ଚାୟତ ସଭାପତି ଅବନୀକାନ୍ତ ଦେହୁରୀ, ପରାବିଲ ପଞ୍ଚାୟତ ବିଜେଡି ସଭାପତି ବିରଞ୍ଚି ନାରାୟଣ ସାହୁଙ୍କ ସହ ଯୁବନେତା ସୁଭାଷ ମହାନ୍ତି, ସୁକାନ୍ତ ମହାନ୍ତି, ବିଶିକେଶନ ସାହୁ, ବୁଲୁ ବେହେରା,




ବିଚ୍ଛନ୍ଦ ବେହେରା ଓ ପାଣ୍ଡବ ସାହୁ ପ୍ରମୁଖ ବହୁ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ପାଲଲହଡ଼ା: ପାଲଲହଡ଼ାରେ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯାଇଛି । ବସଷ୍ଟାଣ୍ଡ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବ୍ଲକ ବିଜେଡି ସଭାପତି ରଞ୍ଜିତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ବିଜୁବାବୁଙ୍କ ଆଦର୍ଶ ଓ ସାହସିକତା ଉପରେ ବକ୍ତବ୍ୟ ରଖିଥିଲେ । ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ସାହୁ, ଜିଲ୍ଲା ଉପସଭାପତି ଇନ୍ଦ୍ରମଣି ଗଡ଼ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ସାଧାରଣ ସମ୍ପାଦକ ନରେନ୍ଦ୍ର ଭୁକ୍ତା, ଜିଲ୍ଲା ପରିଷଦ ସଭ୍ୟା ସାବିତ୍ରୀ ମାଝି, ଜିଲ୍ଲା ପରିଷଦ ସଭ୍ୟ ବୁଧୁରାମ୍ ବଇପାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ବିଜେଡି ନେତା ହେମନ୍ତ ଦାସ, ଦିଲୀପ କୁମାର ଉଦାବଳ, ଗିରିଧାରୀ ବେହେରାଙ୍କ ସମେତ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ତାଳଚେର: ତାଳଚେର ବିଜେଡି ତରଫରୁ ବିଜୁବାବୁଙ୍କ ଜୟନ୍ତୀ ଉତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଧାୟକ ବ୍ରଜକିଶୋର ପ୍ରଧାନ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ବସଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ନନ୍ଦିରା କାର୍ଯ୍ୟାଳୟଠାରେ ବିଜୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା । ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଦିଲୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ରୀତାରାଣୀ ଦାସ, ନଗର ସଭାପତି ବିରଜା ମିଶ୍ର, ବ୍ଲକ ଯୁବ ସଭାପତି ଆଶିଷ କୁମାର ପ୍ରଧାନ, ସଭାନେତ୍ରୀ ଖୁଲଣା ପରିଡ଼ା, ଲିପୁନା ଭୁକ୍ତା, ସାମ୍ବାଦିକା ଅନାମ ନାଜ, ସାମ୍ବାଦିକ ସହିଦ ଖାଁନ, ତ୍ରିଲୋଚନ ସ୍ୱାଇଁଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସାଗର ପରିଡା
ଏରବଙ୍ଗ, ଡିହସାହି
ତିରୋଧାନ - ୨୬.୦୨.୨୦୨୬
ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ ।
ଶୋକସନ୍ତପ୍ତ:
ରବିନ୍ଦ୍ର, ସୁରେନ୍ଦ୍ର, ନରେଶ, ସନ୍ତୋଷ, ଶଶିକାନ୍ତ ଓ ଶୋକାକୂଳ ପରିବାର ବର୍ଗ

## ପାଣିକୋଇଲିରେ ବସ୍ ରହଣି ବ୍ୟବସ୍ଥା

# ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ପାଣିକୋଇଲି, ୬।୩(ସମିସ)



ପାଣିକୋଇଲିର ଟ୍ରାଫିକ ସମସ୍ୟା ନେଇ ବିଧାୟକଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ବାରମ୍ବାର ପାଣିକୋଇଲି ବଜାରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏମିତିକି ବଜାରର ସମସ୍ତ ଜାଗା ମାପ କରାଯାଇ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍ ଜାରି କରାଯାଇଛି। ମାତ୍ର ଜାତୀୟ ରାଜପଥ ବିଭାଗ ଓ ରାଜସ୍ୱ ବିଭାଗ ଅଧୀନରେ କିଛି ଜମିକୁ ବ୍ୟବସାୟୀ ମାନେ ଦୀର୍ଘ ବର୍ଷ ହେବ ଜବରଦଖଲରେ ରଖିଛନ୍ତି। ରାଜସ୍ୱ ବିଭାଗ ଓ ଜାତୀୟ ରାଜପଥ ବିଭାଗ ପକ୍ଷରୁ ମାପ ସରି ନୋଟିସ ଜାରି କରିଥିଲେ ମଧ୍ୟ ଅଦ୍ୟାବଧି ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ। ରାଜପଥ ସଂଯୋଗୀକରଣ ରାସ୍ତା ପାଲଟିଛି ବସ୍ ରହଣୀ ସ୍ଥଳ। ଫଳରେ ବାରମ୍ବାର ରାସ୍ତା ଜାମ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବାଲେଶ୍ୱର, ଯାଜପୁରରୋଡ୍ ଓ ଯାଜପୁର ଟାଉନରୁ ଆସୁଥିବା ବସ୍ ଗୁଡିକ ଅଟକ ରହିବାରୁ ଗୋଲେଇରେ ଗାଡ଼ି ବୁଲିବା ସମସ୍ୟା ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷିତ ବସ୍ ରହଣୀ ପାଇଁ ବିଦ୍ୟୁତ କାର୍ଯ୍ୟାଳୟ ପଛରୁ ଥିବା ୧ ଏକରରୁ ଅଧିକ ସରକାରୀ ଜମିକୁ ରାଜସ୍ୱ ବିଭାଗ ପକ୍ଷରୁ ମୁକ୍ତ କରିବା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଜବରଦଖଲ ମୁକ୍ତ ପରେ ହାଇସ୍କୁଲ ସମ୍ମୁଖରେ ବସ ନରହି ସେଠାରେ ସୁରକ୍ଷିତ ଭାବେ ଯାତ୍ରୀଙ୍କୁ ଓହ୍ଲାଇବାର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଆଜି ଆରମ୍ଭ ହୋଇଥିବା ଉଚ୍ଛେଦ ପ୍ରକ୍ରିୟାରେ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଥାନାଧିକାରୀ ରଞ୍ଜିତ ମହାନ୍ତି ସମେତ ପାଣିକୋଇଲି ଓ ପଥରପଦା ରାଜସ୍ୱ ନିରୀକ୍ଷକ ସରୋଜ କୁମାର ମଲ୍ଲିକଙ୍କ ସମେତ ଉଭୟ ବିଭାର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଅପରପକ୍ଷେ ପଛରେ ଥିବା ସ୍ଥିତିବାନ ଘରବାଡ଼ି ଜମିକୁ କିପରି ଯାତାୟତ ହୋଇପାରିବ ତାହା ବଡ଼ ପ୍ରଶ୍ନ ହୋଇଛି। ସରକାରୀ ଜମିରେ ଥିବା ଘରବାଡ଼ି ଜମିକୁ ଏକ ରାସ୍ତା ନିର୍ମାଣ କରାଯାଇ ବସ ରହଣି ସ୍ଥାନ ନିରୂପଣ କରିବାକୁ ଦାବି ହୋଇଛି।

## ବାଲିଗାଡ଼ିକୁ ବିରୋଧ କରି ରାସ୍ତାରୋକ



**ପାଣିକୋଇଲି, ୬।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର ବୈତରଣୀ ରାସ୍ତାରେ ଗାଡ଼ି ଚଳାଚଳ ଉପରେ ଅଙ୍କୁଶ ଥିଲେ ବି ଏହାକୁ ବାଲିଗାଡ଼ି ମାନିବାକୁ ନାରାଜ। ବିଦ୍ୟାଳୟ ଛାତ୍ରଛାତ୍ରୀ ଯାତାୟତ ସମୟରେ ଏହାକୁ ବିରୋଧ କରାଯିବାରୁ ଏହି ରାସ୍ତାରେ ବାଲି ପାଇଁ ଯାଉଥିବା ଗାଡି ଗୁଡିକ ୨ଟାରୁ ୪ଟା ମଧ୍ୟରେ ଯାତାୟାତ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ମାତ୍ର ଗାଡ଼ି ଗୁଡିକ ଏହାକୁ ଅମାନ୍ୟ କରି ଯାତାୟତ କରିବାରୁ ସାଧାରଣ ଅସୁବିଧା ଦେଖାଦେଇଛି। ଗତ ଦୁଇଦିନ ତଳେ ଏକ ହାଇୱା ଘରେ ପଶିଯିବାରୁ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିଲା। ଆଜି ୪ଟା ପରେ ଦ୍ରୁତଗତିରେ ହାଇୱା ଯିବାରୁ ପଳସା ଗ୍ରାମବାସୀ ଓ ଆଦିବାସି ବସ୍ତିର ଲୋକମାନେ ଗାଡି ଅଟକାଇ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ସବଇନ୍ସପେକ୍ଟର ପ୍ରଶାନ୍ତ ଦାଶ ସଦଳବଳେ ପହଞ୍ଚି ଗାଡ଼ି ଚଳାଚଳ ନିୟମକୁ କଡ଼ାକଡ଼ି କରାଯିବାକୁ ପ୍ରତିଶ୍ରୁତି ଦେବାରୁ ଅବରୋଧ ହଟିଥିଲା।

● ହୋଟେଲ ବ୍ୟବସାୟକୁ ନେଇ ବିବାଦ

## ଭୁଜାଲି ମାଡ଼ରେ ଜଣେ ଗୁରୁତର

**ବିଞ୍ଝାରପୁର/ସିଂହପୁର, ୬।୩(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଲମୁକୁଳି ବଜାରରେ ଥିବା ଦୁଇ ହୋଟେଲ ବ୍ୟବସାୟୀଙ୍କ ବ୍ୟବସାୟକୁ ନେଇ ଶୁକ୍ରବାର ସନ୍ଧ୍ୟା ସମୟରେ ଉଭୟଙ୍କ ମଧ୍ୟରେ ବଚସା ଓ ପରେ ଭୁଜାଲି ମାଡ଼ ଘଟଣା ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଛି। ସୂଚନା ମୁତାବକ ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଲମୁକୁଳି ବଜାରରେ ମା' ଚଣ୍ଡି ହୋଟେଲର ମାଲିକ କୁନା ସାହୁ ହୋଇଥିଲା ବେଳେ ମା' ହୋଟେଲର ମାଲିକ ଅକ୍ଷୟ ଦାସ ଅଟନ୍ତି। ଏହି ଦୁଇ ହୋଟେଲ ବ୍ୟବସାୟୀଙ୍କ ମଧ୍ୟରେ ବ୍ୟବସାୟ ମୂଳକ ପ୍ରତିଦ୍ୱନ୍ଦିତା ରହିଥିଲା। ଏହି ବ୍ୟବସାୟକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। କିନ୍ତୁ ଶୁକ୍ରବାର ସନ୍ଧ୍ୟା ସମୟରେ ଉଭୟଙ୍କ ବଚସା ଉଗ୍ରରୂପ ଧାରଣ କରିବାରୁ ମା' ଚଣ୍ଡି ହୋଟେଲର ମାଲିକ କୁନା ସାହୁ ଉତ୍କ୍ଷିପ୍ତ ହୋଇ ମା' ହୋଟେଲର ମାଲିକ ଅକ୍ଷୟ ଦାସଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅକ୍ଷୟଙ୍କ ପେଟ ଓ ହାତରେ ଗଭୀର ଚୋଟ ଲାଗି ଥିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଏହି ଖବରପାଇ ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହାତ ଅକ୍ଷୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ମେଡିକାଲ ପଠାଇବା ସହିତ ଆକ୍ରମଣକାରୀ କୁନା ସାହୁକୁ କାବୁ କରି ଥାନାକୁ ନେଇଥିଲେ। ଏହି ଘଟଣାକୁ ନେଇ ଥାନାର କୌଣସି ଅଭିଯୋଗ ହୋଇ ନ ଥିଲା ବେଳେ ଗୁରୁତର ଅକ୍ଷୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାକୁ ଦେଇ ବାଲମୁକୁଳି ବଜାରରେ ଉତ୍ତେଜନା ଲାଗିରହିଥିଲା ବେଳେ ବିଞ୍ଝାରପୁର ପୁଲିସ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିବା ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।

## ଟ୍ରକ ଧକ୍କାରେ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ

**କୁଆଖିଆ, ୬।୩(ସମିସ):** ୧୬ ନଂ ଜାତୀୟ ରାଜପଥର କୁଆଖିଆ ନିକଟସ୍ଥ ସୂର୍ଯ୍ୟନାରାୟଣ ମଠ ନିକଟରେ ଟ୍ରକ ଧକ୍କାରେ ଜଣେ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଆଜି ଦିନ ୧୧ ଟା ସମୟରେ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଞ୍ଚଳର ଲକ୍ଷ୍ମୀଧର ବାରିକଙ୍କ ପୁଅ ସତ୍ୟଜିତ ବାରିକ କୌଣସି କାମରେ ନିଜ ବାଇକ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପଛପଟୁ ଏକ ୧୨ ଚକିଆ ଟ୍ରକ୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଯାହା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଟ୍ରକକୁ ଅଟକାଇ ପୁଲିସର ଜିମା ଦେଇଥିବା ବେଳେ କୁଆଖିଆ ପୁଲିସ ଟ୍ରକ୍‌କୁ ନିଜ ହେପାଜତକୁ ନେଇ ତଦନ୍ତ ଚଳାଇଛି। ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ମୃତକଙ୍କ ପରିବାରକୁ ଖବର ଦେଇଥିଲେ। ପୁଲିସ ଧର୍ମଶାଳା ମେଡିକାଲରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ଦୁବକଣ ସାନ୍ତରାସାହିରେ ନାମ ସଂକୀର୍ତ୍ତନ

**ମଙ୍ଗଳପୁର, ୬।୩(ସମିସ):** ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ଦୁବକଣ ଆମ୍ବଖିଆ ସାନ୍ତରାସାହିରେ ଦୋଳପୂର୍ଣ୍ଣମୀ ଅବସରରେ ଅଷ୍ଟପ୍ରହରୀ ତଥା ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ରାତିରୁ ଅଧିବାସ ଆରମ୍ଭ ହୋଇଥିବା ବେଳେ ବୁଧବାର ନାମସଂକୀର୍ତ୍ତନ ଓ ଗୁରୁବାର ନଗର ଭ୍ରମଣ ସହ ଦଧିଭାଣ୍ଡ ଭଙ୍ଗାଯିବା ପରେ ନାମ ସଂକୀର୍ତ୍ତନ ଶେଷ ହୋଇଥିଲା। ଅଧିବାସ କାର୍ଯ୍ୟ ଇଟାପଡ଼ା ଗ୍ରାମର ଗୋସେଇଁ ନନ୍ଦ କିଶୋର ଦାଶ ଓ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ବେଳେ ଡ. ବିଜୟୀ ପାର୍ଥ ରାୟ ଓ ପାର୍ଥ ସାରଥି ରାୟ ଦଧିଭାଣ୍ଡ ଭାଙ୍ଗିଥିଲେ। ମୀନାରାଣୀ ନାୟକ, ନିରୋଦ କୁମାର ରାୟଙ୍କ ସମେତ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ହୋଇଥିଲା।

# ସୂଚନା ଅଧିକାର ଆଇନ କର୍ମଶାଳା



**ଯାଜପୁର, ୬।୩(ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଫାଷ୍ଟ ଆପିଲେଟ ଅଧିକାରୀ ଓ ଜନ ସୂଚନା ଅଧିକାରୀମାନଙ୍କ ପାଇଁ ଏକ ଦିନିଆ ସୂଚନା ଅଧିକାର ଅଧିନିୟମ କର୍ମଶାଳା ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଲୋକଙ୍କ ସୂଚନା ଅଧିକାରକୁ ସମ୍ମାନ ଦେବା ସହ ପ୍ରଶାସନ ଉତ୍ତରଦାୟୀ ରହିବା ଉଚିତ ଏବଂ ସୂଚନା ଅଧିକାର ଆଇନ ନାଗରିକଙ୍କୁ ସଶକ୍ତ କରୁଛି ବୋଲି ଜିଲ୍ଲାପାଳ ଶ୍ରୀ କର କହିଥିଲେ। ସୂଚନା ଅଧିକାର ଗଣତନ୍ତ୍ରକୁ ସୁଦୃଢ଼ କରେ ଏବଂ ଶାସନରେ ସ୍ୱଚ୍ଛତା ଆଣେ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ, ତହସିଲ ଏବଂ ବିଭିନ୍ନ ବିଭାଗରୁ ଜନ ସୂଚନା ଅଧିକାରୀ (ପିଆଇଓ) ମାନେ ଯୋଗ ଦେଇଥିଲେ। ରିସୋର୍ସ ପର୍ସନ ସଂଗ୍ରାମ ପୃଷ୍ଟି ସୂଚନା ଅଧିକାର ଆଇନ ୨୦୦୫ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସେଣ୍ଟ୍ରାଲ ମନିଟରିଂ ମେକାନିଜିମ୍ ସମ୍ପର୍କରେ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ସୁଶ୍ରୀ ଅଲିଭା ଧଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। କର୍ମଶାଳା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୂଚନା ଅଧିକାର ଆଇନ ସଚେତନତା ଜାଗରଣ କରିବା ପାଇଁ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଫେସର ଦାମୋଦର ବେହେରା, ସହକାରୀ ଜିଲ୍ଲାପାଳ ସୁଶ୍ରୀ ଅଲିଭା ଧଳ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ବିଚାରକ ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ।

## ଯୋଗ ଓ ଶାରୀରିକ କ୍ରୀଡ଼ା

**ଯାଜପୁର, ୬।୩(ସମିସ):** ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ମାଇଁ ଭାରତ, ଯାଜପୁର ପକ୍ଷରୁ ସାମୂହିକ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାରେ ଶକ୍ତି ସ୍ୱରୂପିଣୀ, ୭ରେ ସଶକ୍ତ ନାରୀ ସଶକ୍ତ ରାଷ୍ଟ୍ର, ୮ରେ ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି ଥିମ୍‌କୁ ନେଇ ତିନିଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜି ଶକ୍ତି ସ୍ୱରୂପିଣୀ ବିଷୟକୁ ନେଇ କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନଙ୍କ ଟୁଡୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରୀମାନେ ଆସି ଯୋଗଦାନ ଦେଇଥିଲେ। ଏଥିରେ ଶାରୀରିକ ସୁସ୍ଥତା, ଯୋଗ ଶିବିର, ଏବଂ ଜୁମ୍ବା ଏରୋବିକ୍ସ, ପାରମ୍ପରିକ କ୍ରୀଡ଼ା ଓ ସଙ୍ଗୀତ ତାଳରେ ବ୍ୟାୟାମ ନୃତ୍ୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗ କରିବା ଦ୍ୱାରା ଆମର ଶରୀର, ମନ ସୁସ୍ଥ ରହିବ, ଏକାଗ୍ରତା ଜାଗ୍ରତ ହେବ ବୋଲି ଅତିଥିମାନେ ମତ ଦେଇଥିଲେ।

## ଧର୍ମଶାଳା ପଞ୍ଚାୟତ ସମିତି ଅଧିବେଶନ

**ଧର୍ମଶାଳା, ୬।୩(ସମିସ):** ଧର୍ମଶାଳା ପଞ୍ଚାୟତ ସମିତିର ଦ୍ୱାଦଶତମ ସାଧାରଣ ଅଧିବେଶନ ଜାରକାସ୍ଥିତ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଚିସ୍ମିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ବିଡିଓ ଜ୍ୟୋତିର୍ମୟ କର, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତିନିଧି ଅଭିଷେକ ରାଉତ, ଯାଜପୁର ସାଂସଦଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଅଧିବେସନରେ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ଓ ସାଧାରଣ ଲୋକମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଜି ଏହି ଅଧିବେଶନରେ ବିଶେଷ କରି ପାନୀୟ ଜଳ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ବିପିଡିପି ଓ ଜିପିଡିପି ଉପରେ ଆଲୋଚନା କରାଯାଇଥିଲା। ଦେଖାଦେଇଥିବା ସମସ୍ୟା ଗୁଡିକୁ କିଭଳି ଭାବେ ସମାଧାନ କରିହେବ ସେ ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦେଖି ପୁଲିସପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଶାନ୍ତିଶୃଙ୍ଖଳାରେ ଅଧିବେଶନ ଶେଷ ହୋଇଥିଲା।



## ହିଙ୍ଗୁଳା ଯାତ୍ରା ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**କବାଟବନ୍ଧ, ୬।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କମାଗଡ଼ ହିଙ୍ଗୁଳା ଦେବୀଙ୍କ ଯଜ୍ଞ ଚଳିତ ବର୍ଷ ୫୦ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ହିଙ୍ଗୁଳା କମିଟି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରାଯିବା ନେଇ ଅନୁଷ୍ଠାନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶେଷ ହୋଇଛି। ହିଙ୍ଗୁଳା କମିଟି ପ୍ରାଙ୍ଗଣରେ ହିଙ୍ଗୁଳା କମିଟି ସଭାପତି ଧ୍ରୁବ ଚରଣ କବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ବିଜୟକୁମାର ସାହୁ, ସହ ସମ୍ପାଦକ ଜଗନ୍ନାଥ ମହାରଣା, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ପ୍ରଧାନ ଏବଂ ପୂଜା କମିଟିର ସଭ୍ୟ ଏବଂ ଗ୍ରାମବାସୀ ମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ୭ ଦିନ ଧରି ଯାତ୍ରା ପରିବେଷଣ ହେବ ବୋଲି ସ୍ଥିର କରାଯାଇଛି। ମାର୍ଚ୍ଚ ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉପଲକ୍ଷେ ଚଳିତ ବର୍ଷ ପ୍ରବଳ ଜନ ସମାଗମ ହେବ ବୋଲି ଅନୁମାନ କରାଯାଇଛି। ବୈଠକ ଶେଷରେ ସମ୍ପାଦକ ବିଜୟକୁମାର ସାହୁ ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ। ଚଳିତ ବର୍ଷ ଯାତ୍ରା ଅଶୋକ ସମ୍ରାଟ ୩ ରାତ୍ରି ଏବଂ ଯାତ୍ରା ତୁଳସୀ ଗଣନାଟ୍ୟ ପକ୍ଷରୁ ୪ ରାତ୍ରି ଯାତ୍ରା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଷପିଇ ମହିଳାଙ୍କ ଆତ୍ମହତ୍ୟା

**ପାଣିକୋଇଲି, ୬।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ବହବିରୁହାଁ ପଞ୍ଚାୟତର ସୋଲପଟା ଗ୍ରାମରେ ଗୁରୁବାର ରାତ୍ରିରେ ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଛନ୍ତି। ପ୍ରକାଶଯେ ସୋଲପଟା ଗ୍ରାମର ନିରଞ୍ଜନ ବିଶ୍ୱାଳଙ୍କ ସ୍ତ୍ରୀ ସୁଜାତା ବିଶ୍ୱାଳ ବୁଧବାର ବିଷ ପିଇଦେଇଥିବାରୁ ପରିବାର ପକ୍ଷରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସିତ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ନିରଞ୍ଜନ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ଏକ ଅପମୃତ୍ୟୁ ମାମଲା ୪/୨୬ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ତାର ପରିବାରକୁ ହସ୍ତାନ୍ତର କରାଯାଇଛି।

## ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ପାଣିକୋଇଲି, ୬।୩(ସମିସ):** ପାଣିକୋଇଲିସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ଠାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁକ୍ତ ୨ ବିଦ୍ୟାଳୟର ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ। ବାଳିକା ମାନଙ୍କର ଆତ୍ମ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ସମରେନ୍ଦ୍ର ଦାଶ, ଅଧ୍ୟାପକ ମଦନମୋହନ ପାତ୍ର, ସଂଯୋଜିକା ସୁଶ୍ରୀ ସଙ୍ଗୀତା ନନ୍ଦ, ଅଧ୍ୟାପକ ରଶ୍ମୀରଞ୍ଜନ ମହାପାତ୍ର, ସନ୍ତୋଷ କୁମର ଦାସ, ସତ୍ୟବ୍ରତ ଦାସ, ଶୁଭକାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସଭାରେ ଶକ୍ତିମୟୀ ଜେନା, ରଶ୍ମୀତା ଧଳ, ସୁବାସିନୀ ପୃଷ୍ଟି, ସତ୍ୟ ମହାନ୍ତି, ସୀମା ତରେଇ, ଅଭିମନ୍ୟୁ ପଣ୍ଡା, କାଦମ୍ବିନୀ ରାଉଳ, ଅଲେଖ ପ୍ରସାଦ ସାହୁ, ରମେଶ ମହାକୁଡ, ପ୍ରମୋଦ ମିଶ୍ର, ବିପିନ ବିହାରୀ ଦାସ ସହଯୋଗ କରିଥିଲେ। ଶିବିରର ପ୍ରଶିକ୍ଷିକା ଭାବେ ସସ୍ମିତା ପଣ୍ଡା ବାଳିକା ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିର ୫ ତାରିଖରୁ ୧୩ ତାରଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ସାଗରିକା ରଥ ଧନ୍ୟବାଦ ଦେଇଥିଲେ।

## କାଏମା ମେଳଣ ଉଦ୍‌ଯାପିତ



**ଧର୍ମଶାଳା, ୬।୩(ସମିସ):** ଧର୍ମଶାଳା ବ୍ଲକ କାଏମା ଅଞ୍ଚଳର ପ୍ରସିଦ୍ଧ ୧୩୪ତମ ଗୋପିନାଥଜିଉଙ୍କ କାଏମା ମେଳଣ ଆଜି ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଏହି ମେଳଣରେ ଅତିଥି ଭାବେ ସମାଜସେବୀ ମିନତୀ ସାହୁ ଓ ସାଂସଦଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ଯୋଗଦେଇଥିଲେ। ପରେ କଟକରୁ ଆସିଥିବା ଗାୟକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାତ୍ର ପ୍ରାୟ ୨ଟାରେ ପ୍ରଥମେ ଥାନପତି ଗୋପିନାଥଜିଉ ବିମାନ ରୋଷଣୀରେ ଆସି ମେଳଣ ପଡ଼ିଆ ଚାରାରେ ବିରାଜମାନ କରିଥିଲେ। ପରେ ଚୋରମୁହାଁ, ଚହଟା, ବାଜବାଟି, ପ୍ରଥମାଖଣ୍ଡି, ଚକଗୋପାଳପୁର, ଉତର ଶାସନ, ଦକ୍ଷିଣ ଶାସନ, ନିଳାଦେଇପୁର, ନରସିଂହପୁର, ବାଲିଗରୀ, ସ୍ୱାଇଁସାହି, ଉତ୍ତରପ୍ରତାପ ଓ କୋହ୍ଲା ଆଦି ସ୍ଥାନର ଛୋଟ ବଡ଼ ୩୦ରୁ ଉର୍ଦ୍ଧ୍ୱ ବିମାନ ବାଜା, ବାଣ ରୋଷଣୀ ସହ ମେଳଣ ପଡ଼ିଆସ୍ଥିତ ଚାରାରେ ବିଜେ କରିଥିଲେ। ମେଳଣ କମିଟି ସଭାପତି ମଧୁସୂଦନ ସାହୁ, ଉପସଭାପତି ମାୟାଧର ସେନାପତି ଓ ତପନ କିଶୋର ଷଡ଼ଙ୍ଗୀ, ଉପଦେଷ୍ଟା ପଦ୍ମନାଭ ସାହୁ, ସମ୍ପାଦକ କୁଳମଣି ସ୍ୱାଇଁ, ସହସମ୍ପାଦକ ଧ୍ରୁବଚରଣ ପୃଷ୍ଟି, କୋଷାଧ୍ୟକ୍ଷ ପ୍ରଦୀପ୍ତ କିଶୋର ମହଲା, ସଭ୍ୟ ମନୋଜ ମହାରଣା, ସନ୍ତୋଷ ସେଠୀ, ନରେନ୍ଦ୍ର ସାହୁ, ରବୀନ୍ଦ୍ର ଦାସ, ପ୍ରଦୀପ ବେହେରା ଓ ବିଭିନ୍ନ ସାହିର ସଦସ୍ୟମାନେ ଉପସ୍ଥିତ ରହି ମେଳଣ ପରିଚାଳନାରେ ସହଯୋଗ କରିଥିଲେ।

## ମଧୁବନ ମେଳଣ ଉଦ୍‌ଯାପିତ

**କୁଆଖିଆ, ୬।୩(ସମିସ):** ରସୁଲପୁର ବ୍ଲକର ପ୍ରସିଦ୍ଧ ମଧୁବନ ମେଳଣ ପାଳିତ ହୋଇଛି। ଗୁରୁବାର ରାତିରେ ଆରମ୍ଭ ହୋଇ ଶୁକ୍ରବାର ଅପରାହ୍ନରେ ଏହା ଉଦ୍‌ଯାପିତ ହୋଇଛି। ମେଳଣ ପଡ଼ିଆର ପାଞ୍ଚଗୋଛିଆ, ବିଲିଶାସନ, ଦକ୍ଷିଣ ଏକତଲା, ଇଚ୍ଛାପୁର, ପାଳସାହି, ଗୋରର୍ଦ୍ଧା, ଗୋପୀନାଥପୁର, ଏକତଲା ଗ୍ରାମର ବିମାନ ଯୋଗଦେଇ ଫଗୁ ଖେଳିଥିଲେ। ଠାକୁର ବାଡ଼ିଆଙ୍କ ପକ୍ଷରୁ ବିମାନ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମେ ସ୍ଥାନୀୟ ଗାରୁଆଳ ଗ୍ରାମର ଶ୍ରୀଶ୍ରୀରାଧାକୃଷ୍ଣଜିଉ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ। କମିଟି ପକ୍ଷରୁ ବିମାନ ନିକଟରେ ଭୋଗ ଲାଗି କରିବା ପରେ ବିଦାୟ ଦିଆଯାଇଥିଲା।

## ମାଳହାଟ ମେଳଣ ଉଦ୍‌ଯାପିତ



**କବାଟବନ୍ଧ, ୬।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ମାଳହାଟ ଠାରେ ପ୍ରସିଦ୍ଧ ମାଳହାଟ ମେଳଣ ମହୋତ୍ସବ ଶେଷ ହୋଇଛି। ମାଳହାଟ ମେଳଣ କମିଟି ସଭାପତି କାଳନ୍ଦୀ ଚରଣ ପାଣି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ଏହି ମେଳଣରେ ୭ ଗୋଟି ବିମାନ ଯୋଗ ଦେଇଥିଲେ। ବିଛାଖଣ୍ଡି ଗ୍ରାମର ଥାନପତି ଶ୍ରୀମଦନମୋହନଜିଉ, ଶ୍ରୀବୃନ୍ଦାବନଜିଉ କଲାଣ୍ଡ, ରାଧାକୃଷ୍ଣଜିୟୁ ସମ୍ପାରୁ, ଶ୍ରୀଶ୍ରୀ ରାଧାକୃଷ୍ଣଜିଉ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ ନୂଆହାଟ, ଶ୍ରୀ ରାଧାକୃଷ୍ଣଜିଉ ପାଟପୁର, ଶ୍ରୀରାଧାକୃଷ୍ଣଜିଉ ନିତ୍ୟାନନ୍ଦପୁର, ଶ୍ରୀରାଧାକୃଷ୍ଣଜିଉ ଗୋପାଳପୁର ପ୍ରମୁଖ ବିମାନ ଯୋଗ ଦେଇଥିଲେ। ବ୍ରାହ୍ମଣୀ ନଦୀର ମାଳହାଟ ନଦୀବନ୍ଧ ଉପରୁ ବିରାଟ ଶୋଭାଯାତ୍ରାରେ ବିମାନ ଗୁଡ଼ିକ ମେଳଣ ପଡ଼ିଆକୁ ଯାଇଥିଲା। କମିଟି ପକ୍ଷରୁ ଠାକୁର ବାଡିର ମୁଖିଆମାନଙ୍କୁ ସ୍ୱାଗତ କରାଯାଇଥିଲା।

# ଶଙ୍ଖଚିଲାର 'ଗାଁ ହାଟ ମେଳଣ'



**ଶଙ୍ଖଚିଲା, ୬।୩(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ଠାରେ ଗୋଡିପାଟଣା ଗ୍ରାମର ମଦନମୋହନଜିଉ ଓ ରାଧାନଗର ପାଟଣା ଗ୍ରାମର ବୃନ୍ଦାବନଚନ୍ଦ୍ରଜିଉଙ୍କ ଥାନପତି ଭାବେ ମିଳିତ ଆୟୋଜନରେ ଆୟୋଜିତ ଶଙ୍ଖଚିଲା ଗାଁ ହାଟ ମେଳଣ ଉତ୍ସବ ଶଙ୍ଖଚିଲା ହାଟ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ଉତ୍ସବରେ ଅଞ୍ଚଳ ତରଫରୁ ଗୋଡ଼ିପାଟଣା ଗ୍ରାମରୁ ବଡ଼ ଭାଇ ମଦନମୋହନ ଜିଉ, ସାନ ଭାଇ ରାଧାନଗର ପାଟଣା ଗ୍ରାମର ବୃନ୍ଦାବନଚନ୍ଦ୍ର ଜିଉ, ମଠ ପାଟଣାର ରଘୁନାଥ ଜିଉ, ବଡେଇ ଟିକରର ଗୋପିନାଥ ଜିଉ ଓ ଠାକୁର ପାଟଣା ଗ୍ରାମର ରାଧାକୃଷ୍ଣ ଜିଉଙ୍କ ସମେତ ଶତାଧିକ ରାଧାକୃଷ୍ଣ ଯୁବ ଭକ୍ତଗଣ ବିମାନ ଆଣି ହାଟ ମଣ୍ଡପରେ ଗାଁ ହାଟ ମେଳଣ ଉତ୍ସବର ଶୋଭା ବର୍ଦ୍ଧନ କରିଥିଲେ। ଏହି ମେଳଣ ଯାତ୍ରା ରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ବିଭିନ୍ନ ପ୍ରକାରର ସାଂସ୍କୃତିକ ଦଳ ଭାଗ ନେଇଥିଲେ। ଏହି ପୁରାତନ ମେଳଣ ଉତ୍ସବ ସରସ ସୁନ୍ଦର ଓ ଶାନ୍ତିପୂର୍ଣ୍ଣ କରିବାକୁ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ, ସମୂହ ଅନୁଷ୍ଠାନ ମୁରବୀ ଗଣ, ଓ ସ୍ଥାନୀୟ ପୋଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଗ୍ରାମ ମୁଖ୍ୟ ପ୍ରଭାତ କୁମାର ପଥାଳ ଓ କୈଳାସ ଚନ୍ଦ୍ର ସାହୁ ସମସ୍ତ ତତ୍ତ୍ୱାବଧାନରେ ମେଳଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର କୁମାର ସାହୁ, ଖଗେଶ୍ୱର ପୃଷ୍ଟି, କୃଷ୍ଣ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ଜେନା, ପରିକ୍ଷିତ ରାଉତ, ପରମେଶ୍ୱର ମଲିକ, ମାଧବ ଚନ୍ଦ୍ର ସାହୁ, ଦେବେଶ ପଥାଳ, ନିରଞ୍ଜନ ମହଲା, ଶିଶିର ସାହୁ, ଦେବବ୍ରତ ସାହୁ, ପ୍ରକାଶ କୁମାର ପୃଷ୍ଟି, ଗୋପିନାଥ ନାୟକ, ମଦନମୋହନ ସାହୁ, ଅକ୍ଷୟ କୁମାର ନାୟକ, ଗଜେନ୍ଦ୍ର ମହାକୁଡ଼, ସନ୍ତୋଷ ମହାକୁଡ଼, ପଦ୍ମନାଭ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଦଶରଥ ସାହୁ, ଶଙ୍କର୍ଷଣ ସାହୁ, ରବୀନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ବିଶେଷ ସହଯୋଗ କରିଥିଲେ।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସାଗର ପରିଡା
ଏରବଙ୍ଗ, ଡିହସାହି
ତିରୋଧାନ - ୨୬.୦୨.୨୦୨୬
ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
ଶୋକସନ୍ତପ୍ତ :
ରବିନ୍ଦ୍ର, ସୁରେନ୍ଦ୍ର, ନରେଶ, ସନ୍ତୋଷ, ଶଶିକାନ୍ତ ଓ ଶୋକାକୂଳ ପରିବାର ବର୍ଗ

# ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ



କେନ୍ଦୁଝର,୬।୩(ସମିସ): ପିଏମ୍‌ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଯୋଡ଼ା ବ୍ଲକ୍ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା, ପାଟଣା ବ୍ଲକ୍ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ହରିଚନ୍ଦନପୁର ବ୍ଲକ୍ ଶିକ୍ଷାଧିକାରୀ ଚିନ୍ମୟ ରାଉତ, ଝୁମ୍ପୁରା ବ୍ଲକ୍ ଶିକ୍ଷାଧିକାରୀ ଭଗବାନ ମିଶ୍ର, ଘଟିପୁରା ବ୍ଲକ୍ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା, ବାଂଶପାଳ ବ୍ଲକ୍ ଶିକ୍ଷାଧିକାରୀ ଦାଶରଥୀ ଶୁଣ୍ଡି, ଘଟଗାଁ ବ୍ଲକ୍ ଶିକ୍ଷାଧିକାରୀ ହରେକୃଷ୍ଣ ନାୟକ, ପିଏମ୍‌ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି, ପଞ୍ଚସଖା ଶିକ୍ଷାସେତୁର ଜିଲ୍ଲା ସହାୟକ ଅଧିକାରୀ ପରମେଶ୍ୱର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୯ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆକାଂକ୍ଷୀ ମେଳା, ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା, କ୍ୟାରିଅର ମେଳାରେ ୧୯ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ପ୍ରାୟ ୮୩୫ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିଚାରକ ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅର୍ଥନୀତିର ଆସିଷ୍ଟାଣ୍ଟ ପ୍ରଫେସର ଡ଼ ଦାମୋଦର ସାହୁ, ପଦାର୍ଥ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନ, ରସାୟନ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ଼ ପ୍ରକାଶଚନ୍ଦ୍ର ପାଲ, ଉଦ୍ଭିଦ ବିଜ୍ଞାନର କନିଷ୍ଠ ଅଧ୍ୟାପକ ରାଜେନ୍ଦ୍ର କର ବିଭିନ୍ନ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଶିକ୍ଷୟିତ୍ରୀ ସୋମ୍ୟାଶ୍ରୀ ଚାଟାର୍ଜୀ ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚସଖା ଶିକ୍ଷାସେତୁ ଜିଲ୍ଲା ନୋଡାଲ ଅଫିସର ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ଶିକ୍ଷା କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ତଥା ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବର ବିଭିନ୍ନ କମିଟିରେ ଥିବା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଆର୍‌ଟିଓ ଚଢ଼ଉ

# ୨୦ ଗାଡ଼ିରୁ କଟିଲା ଇ-ଚାଲାଣ; ୩୧ ପର୍ଯ୍ୟନ୍ତ ଯାଞ୍ଚ କଡ଼ାକଡ଼ି

କେନ୍ଦୁଝର,୬।୩ (ସମିସ): କେନ୍ଦୁଝର ଜିଲ୍ଲାରେ ଫିଟନେସ, ବୀମା ନଥାଇ ଚାଲିଛି ବହୁ ସଂଖ୍ୟାରେ ଅଟୋ ଓ ଟ୍ରାକ୍ଟର। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କେନ୍ଦୁଝର ଏବଂ ଆଖପାଖ ଅଞ୍ଚଳରେ ଯାଞ୍ଚ ବେଳେ ୨୦ଟି ଗାଡିର ଇ-ଚାଲାଣ କଟାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି କୌଣସି ଅବହେଳାକୁ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆରଟିଓ କହିଛନ୍ତି। ଆଗକୁ ସଡକ ଦୁର୍ଘଟଣା ହ୍ରାସ କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସହ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଯାଞ୍ଚ ଜାରି ରହିବ ବୋଲି ଆର୍‌ଟିଓ ଇଂ ମାନସ ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ବେପରୁଆ ଏବଂ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ। କେନ୍ଦୁଝର ସହର ଏବଂ ଆଖପାଖ ଅଞ୍ଚଳରେ ଥିବା ସରକାରୀ ଏବଂ ବେସରକାରୀ ବିଦ୍ୟାଳୟକୁ ଅନେକ ଛାତ୍ରଛାତ୍ରୀ ଅଟୋରେ ସ୍କୁଲ ଯିବାଆସିବା କରୁଛନ୍ତି। ଅଧିକାଂଶ ଡ୍ରାଇଭରଙ୍କ ଲାଇସେନ୍ସ ନାହିଁ। ଅଟୋରେ ମାତ୍ରାଧିକ ସ୍କୁଲ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। ଗୋଟିଏ ଗୋଟିଏ ଅଟୋରେ ୧୨ରୁ ୧୫ଜଣ ସ୍କୁଲ ଛାତ୍ରଛାତ୍ରୀ ଅସୁରକ୍ଷିତ ଭାବେ ଯାଉଛନ୍ତି। ସେହିପରି କେନ୍ଦୁଝର ସହରରୁ ବାଂଶପାଳ ବ୍ଲକ ଏବଂ ହରିଚନ୍ଦନପୁର ବ୍ଲକର ବିଭିନ୍ନ ହାଟକୁ ବ୍ୟବସାୟୀ ଏବଂ ଚାଷୀ ଅଟୋରେ ଯିବା ଆସିବା କରୁଛନ୍ତି। ଗୋଟିଏ ଅଟୋରେ ୧୦ରୁ ଊର୍ଦ୍ଧ୍ୱ ଲୋକ ନିଜ ଜିନିଷପତ୍ର ସହ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି। ଟ୍ରାକ୍ଟର ଗୁଡିକର ଫିଟନେସ, ଇନ୍ସୁରାନ୍ସ, ପଲ୍ୟୁସନ ସାର୍ଟିଫିକେଟ ନ ଥାଇ ବର୍ଷ ବର୍ଷ ଧରି ରାସ୍ତାରେ ଗଡୁଛି। ମାଲ ପରିବହନ କରୁଥିବା ଅଧିକାଂଶ ଟ୍ରାକ୍ଟରରେ ନମ୍ବର ପ୍ଲେଟ ନାହିଁ। ଟ୍ରାକ୍ଟର ଡ୍ରାଇଭରମାନଙ୍କର ଲାଇସେନ୍ସ ନଥିବାବେଳେ ମଦ ପିଇ ଗାଡି ଚାଳନା କରୁଛନ୍ତି। ଟ୍ରାକ୍ଟରେ ବାଲି, ମୋରମ, ପଥର, ଧାନ ପରିବହନ ହେଉଛି।



ବେପରୁଆ ଗାଡି ଚାଳନା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ମୃତାହତଙ୍କୁ ଇନ୍ସୁରାନ୍ସ ବାବଦ ଅର୍ଥ ମିଳୁନାହିଁ। ପରିବହନ ଗାଡି ବା ଟାକ୍ସିରେ ବ୍ୟବହୃତ ବ୍ୟବସାୟିକ ଗାଡିରେ ଏଣିକି କଡାକଡି ଯାଞ୍ଚ କରାଯିବ ବୋଲି ଆରଟିଓ ପ୍ରକାଶ କରିଛନ୍ତି। ଅଧିକାଂଶ ଟ୍ରାକ୍ଟର ଗାଡିରେ ନମ୍ବର ପ୍ଲେଟ ନାହିଁ। ବାଲି,ମାଟି ଓ ମୋରମ ଚୋରା କାର୍ଯ୍ୟରେ ଏହି ଗାଡିଗୁଡିକୁ ନିୟୋଜିତ କରାଯାଉଛି। ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ। ସଡକରେ ଅନ୍ୟ ବ୍ୟବହାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ଗାଡିଗୁଡିକର ପଞ୍ଜୀକରଣ ସାର୍ଟିଫିକେଟ(ଆରସି) ରଦ୍ଦ ପାଇଁ ପଦକ୍ଷେପ ନିଆଯିବ। ଫିଟ୍‌ନେସ ନଥିଲେ ଗାଡି ସିଜ୍ ହେବ। କେବଳ ଜରିମାନା ନୁହେଁ ଆଇନ ଅନୁଯାୟୀ ଏଣିକି ଗାଡି ଜବତ୍ କରିବା ଓ ମାମଲା ରୁଜୁ କରିବା ଭଳି କଠୋର ପଦକ୍ଷେପ ନିଆଯିବ। ବୈଧ ଫିଟନେସ ଓ ପଞ୍ଜୀକରଣ ସାର୍ଟିଫିକେଟ ବିନା ଚାଲୁଥିବା ଗାଡି ଦୁର୍ଘଟଣାଗ୍ରସ୍ତ ହେଲେ ବୀମା କମ୍ପାନୀ ପକ୍ଷରୁ ବୀମାରାଶି ମଧ୍ୟ ପ୍ରଦାନ କରିବାର ନିୟମ ନାହିଁ। ତେଣୁ ସଡକ ସୁରକ୍ଷା ଦୃଷ୍ଟିକୋଣରୁ ଆଇନ ଉଲ୍ଲଙ୍ଘନକାରୀଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ପରିବହନ କରୁଥିବା ଅଟୋ, ବସ ଓ ଅନ୍ୟାନ୍ୟ ଗାଡି କ୍ଷେତ୍ରରେ ଆହୁରି ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ



ଆନନ୍ଦପୁର, ୬।୩ (ସମିସ):

ଆନନ୍ଦପୁର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଆଇଏମଏମଟି, ଭୁବନେଶ୍ୱର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡକ୍ଟର ବିକାଶ ଜେନା, ସମ୍ମାନିତ ଅତିଥି ଭାବେ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ ପଣ୍ଡା, ଆଦ୍ୟଦେବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀପ୍ରିୟା ନାୟକ ଓ ସଞ୍ଜୟ ସାହୁଙ୍କ ସଂଯୋଜନାରେ ବିଭାଗର ମୁଖ୍ୟ ଡକ୍ଟର ନିମାଇଁ ଚରଣ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସେମିନାର ଉପଦେଷ୍ଟା ଅଧ୍ୟାପକ ବିଶ୍ୱରଂଜନ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ ଓ ସେମିନାର ସମ୍ପାଦକ ସନ୍ଦୀପ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବେଷ୍ଟ ସେମିନାର ଟକ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସମ୍ପାଦିକା ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୌରାଞ୍ଚଳରେ ରହିବ ୱାଟର କିଓସ୍କ

ଆନନ୍ଦପୁର, ୬।୩ (ସମିସ): ୱାଟକୋ ପକ୍ଷରୁ ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ୧୦ଟି ୱାଟର କିଓସ୍କ ପ୍ରତିଷ୍ଠା ହେବ ବୋଲି ୱାଟକୋ କନିଷ୍ଠ ଯନ୍ତ୍ରୀ ଉଦଯାପନା ଦାଶଙ୍କଠାରୁ ସୂଚନା ମିଳିଛି। ଏନେଇ



ଆନନ୍ଦପୁର ପୌର ନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ସହିତ ଆଲୋଚନା କରିବା ପରେ ଆନନ୍ଦପୁର କଚେରି ଛକ, ପୋଷ୍ଟାଲ ଛକ, ବଡଦାଣ୍ଡ ବ୍ରିଜ ଛକ, ସିନେମାହଲ ଛକ, ଫକୀରପୁର ସପ୍ତାବଜାର କାଳିବଜାର ହାଟଛକ, ସୁଦୁସୁଡ଼ିଆ ବାଇପାସ, ଘସିପୁରା ବସଷ୍ଟାଣ୍ଡ ଶାଳପଡା ଛକ, ଶୈଲଙ୍ଗ ଛକଠାରେ ଏହି ଅତ୍ୟାଧୁନିକ ପାନୀୟ ଜଳସେବା ଖୁବଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଆଗାମୀ ଗ୍ରୀଷ୍ମ ଋତୁରେ ରାସ୍ତାରେ ଯାତାୟାତ ବେଳେ ବାଟୋଇଙ୍କ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଆଯାଇଥିବା ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଅସହାୟ ମୋହନଙ୍କ ଦୁଃଖ ବୁଝୁନି ପ୍ରଶାସନ

ତେଲକୋଇ, ୬।୩(ସମିସ): ବର୍ତ୍ତମାନ ଦୁନିଆରେ ଯେଉଁଠି ଦେଖିବେ ଏକାଧିକ ମାନସିକ ଭାରସାମ୍ୟ ହରାଇଥିବା ଭିନ୍ନକ୍ଷମ ଅସହାୟ ବୃଦ୍ଧବୃଦ୍ଧା ଭିକ୍ଷାବୃତ୍ତି କରି ଚଳୁଥିବା ବେଳେ ଏଥିପ୍ରତି ସରକାରୀ ଯୋଜନା ରହିଥିବା ସତ୍ତ୍ୱେ ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ଏପରି ଏକ ଦୃଷ୍ଟାନ୍ତ ତେଲକୋଇ ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳୁଛି। ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ଯୋଜନାର ସଫଳ ରୂପାୟନ ହୋଇ ପାରିନାହିଁ। କିଏ ପେଟ ଚାଖଣ୍ଡେ ପାଇଁ ଭିକ୍ଷା ବୃତ୍ତିକୁ ଆପଣେଇଛି ତ ଆଉ କିଏ ଅସହାୟ ଅବସ୍ଥାରେ ଘର ଅଗଣାରେ ସାହିପଡ଼ିଶାଙ୍କ ହାତକୁ ଅପେକ୍ଷା କରି ପଡ଼ି ରହିଛି। ଏପରିକି ଅନେକ ବୟସର



ଅପରାହ୍ନରେ ପହଞ୍ଚିଥିଲେ ସୁଦ୍ଧା ଆଜିବି ସାମାଜିକ ସୁରକ୍ଷାରେ ସାମିଲ ହୋଇପାରି ନାହାଁନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଗରିବ ଅସହାୟଙ୍କ ଏହି ବିକଳ ଚିତ୍ର ପ୍ରଶାସନର କର୍ତ୍ତବ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଲକୋଇ ବ୍ଲକ ଓରିଆ ପଞ୍ଚାୟତ ଓରିଆ ଗ୍ରାମ ମୁଣ୍ଡା ସାହିର ମୋହନ ମୁଣ୍ଡା (୭୦) ସରକାରଙ୍କ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ପରିବାର କହିଲେ ନିଜର ବୋଲି କେହି ନାହିଁ। କୌଣସି କାରଣବଶତଃ ଗୋଟିଏ ଗୋଡ ଚାଲିବାକୁ ଅକ୍ଷମ ହୋଇ ପଡ଼ିଛି। ନିଜେ ବାଉଁଶରେ ଦୁଇଟି ଆଶା ବାଡ଼ି ତିଆରି କରି ତାହାରି ଭରସାରେ ଜୀବନ ଜିଉଁଛନ୍ତି। କେବଳ ଖାଦ୍ୟ ସୁରକ୍ଷା ଯୋଜନାରେ ୫ କେଜି ଚାଉଳ ପାଉଛନ୍ତି। ସେଥିରେ ମାସ ଯାକ ଚଳିବା କଷ୍ଟକର ହୋଇ ପଡୁଛି। କେତେଦିନ ଭୋକ ଉପାସରେ ଦିନ କଟିବ। ହାତ ତିଆରି ଦୁଇ ଆଶା ବାଡ଼ିକୁ ସାହାରା କରି ପେଟ ପାଇଁ ଆହାର ଯୋଗାଡ଼ କରିବାକୁ ଭିକ୍ଷା ବୃତ୍ତିକୁ ଆଦରି ନେଇଛନ୍ତି। ରାତି କାଟିବା ପାଇଁ କାନ୍ଧରେ ଏକ ପୁଟୁଳି ଧରିଥିବା ବେଳେ ଗୋଟିଏ ହାତରେ ଷ୍ଟିଲ କେନ୍‌ଟିଏ ଧରି ଜୀବନ ଯୁଦ୍ଧରେ ଆଗକୁ ଆଗକୁ ମାଡି ଚାଲିଛନ୍ତି। ଯେଉଁଠି ସନ୍ଧ୍ୟା ହୋଇଯାଏ ସେଇଠି ପୁଟୁଳି ଖୋଲି ଆଶ୍ରୟ ନେଉଛନ୍ତି। ଭିନ୍ନକ୍ଷମ ହୋଇଥିଲେ ସୁଦ୍ଧା ଅକ୍ଷମତା ତାଙ୍କୁ କେବେ ଦୁର୍ବଳ କରି ପାରିନାହିଁ। ନିଜ ପେଟ ପାଇଁ ନିଜେ ଆହାର ଯୋଗାଡ କରିବାରେ କେବେ ହାରମାନି ନାହାନ୍ତି। ଘର ଖଣ୍ଡିଏ ନଥିବାରୁ ଯାଯାବର ଜୀବନ ବିତାଉଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ମୋହନଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ସହିତ ଘର ଖଣ୍ଡିଏ ଏବଂ ସାମାଜିକ ସୁରକ୍ଷାରେ ସାମିଲ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ବନ୍ଧରେ ତେଲକୋଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି, ତର୍ଜମା କରାଯାଇ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ।

# ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

ତୁରୁମୁଙ୍ଗା, ୬।୩(ସମିସ): ତୁରୁମୁଙ୍ଗା ଥାନା ହୀରାପଶି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବୃଦ୍ଧଙ୍କୁ ଗାଁ ସଭାକୁ ଡ଼କାଇବା ପରେ ସେଠାରେ ଏକ ଠେଙ୍ଗା ସହାୟତାରେ ସଙ୍ଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି।



ଗୁରୁତର ବୃଦ୍ଧ ହେଲେ ହୀରାପଶି ଗ୍ରାମର ଲାଲମୋହନ ମାଝୀ (୬୨)। ଗୁରୁବାର ଅପରାହ୍ନରେ ଗାଁରେ ଏକ ବିବାହ ଘଟଣାକୁ ନେଇ ସଭା ହୋଇଥିଲା। ସେଠାକୁ ଲାଲମୋହନ ଯାଇଥିବା ସମୟରେ ତାଙ୍କୁ ୫ ଜଣ ମିଶି ଏକ ବାଉଁଶ ଠେଙ୍ଗା ସାହାଯ୍ୟରେ ତାଙ୍କ ମୁଣ୍ଡକୁ ମାଡ଼ ମାରିଥିଲେ। ଫଳରେ ଲାଲମୋହନଙ୍କ ମୁଣ୍ଡ ଫାଟିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖିରେଇଟାଙ୍ଗିରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସ ୫୧/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଛିଡ଼ା ହୋଇଥିବା ଟ୍ରକ୍‌କୁ ଧକ୍କାଦେଲା ଟ୍ରକ୍



ତୁରୁମୁଙ୍ଗା, ୬।୩(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ନିକଟରେ ଶୁକ୍ରବାର ଭୋରରୁ ଦୁର୍ଘଟଣା ଘଟିଛି। ରାଜପଥ ଉପରେ ଛିଡ଼ା ହୋଇଥିବା ଟ୍ରକ ପଛରେ ଆଉ ଏକ ତରଭୁଜ ବୋଝେଇ ଟ୍ରକ ଧକ୍କା ଦେବା ଫଳରେ ପଛ ଗାଡ଼ିର ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ଗୁରୁତର ହୋଇଥିଲେ।

**ଡ୍ରାଇଭର ଗୁରୁତର**

ଗୁରୁତର ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏନ୍‌ଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଛନ୍ତି। ଗୁରୁତର ଡ୍ରାଇଭର ହେଲେ ବିହାର ଅଞ୍ଚଳର ମହମଦ ଆକବର (୩୧)। ଗତକାଲିଠାରୁ ଏକ ବ୍ରେକଡାଉନ ଟ୍ରକ ରାଜପଥ ଉପରେ ଛିଡା ହୋଇ ରହିଥିଲେ ମଧ୍ୟ ଏନଏଚଆଇ କିମ୍ବା ସ୍ଥାନୀୟ ପୁଲିସ ପକ୍ଷରୁ ଗାଡିକୁ ରାସ୍ତା ଉପରୁ ହଟାଇବାକୁ କୌଣସି ପଦକ୍ଷେପ ନିଆ ଯାଇ ନଥିବାରୁ ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ରାଜପଥ ଉପରେ ବେଆଇନ ପାର୍କିଂ ଯୋଗୁଁ ଦୈନିକ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

# ମଲଦା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର, ୬।୩(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା ସରକାରୀ ଉଚ୍ଚବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟ ପାଳିତ ହୋଇଯାଇଛି। ସରକାରୀ ମହାବିଦ୍ୟାଳୟ, କେନ୍ଦୁଝରର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ଡକ୍ଟର ପ୍ରୀତିମଞ୍ଜରୀ ମିଶ୍ର ମୁଖ୍ୟଅତିଥି, କରିଥିଲେ। ବିଜ୍ଞାନ ଶିକ୍ଷକ ଦୀପକ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କୁ କଳାଶିକ୍ଷକ ପ୍ରଫୁଲ୍ଲଚନ୍ଦ୍ର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ




ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମିତ୍ରଭାନୁ ବାରିକ ମୁଖ୍ୟବକ୍ତା ଏବଂ ମଲଦା ସରପଞ୍ଚ ଦିବାକର ନାଏକ, ସମିତିସଭ୍ୟା ଗୀତା ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତ ସଭାପତିତ୍ୱ କରିଥିବାବେଳେ ସଂସ୍କୃତ ଶିକ୍ଷକ ସୁରେଶଚନ୍ଦ୍ର ନାୟକ ମଞ୍ଚ ପରିଚାଳନା ପ୍ରକାର ଆଞ୍ଚଳିକ ନୃତ୍ୟକୁ ବିଦ୍ୟାଳୟର କଳା ଶିକ୍ଷକ ବାବୁଲା ଜେନା, ବିଜ୍ଞାନ ଶିକ୍ଷୟିତ୍ରୀ ସେବତୀ ମୁର୍ମୁ ଓ ଖେଳ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାଝୀ ନିର୍ଦ୍ଦେଶନା ଦେଇଥିଲେ। ପଞ୍ଚଶଖା ଶିକ୍ଷା ସେତୁର କର୍ମକର୍ତ୍ତା ଓ ବିଦ୍ୟାଳୟର ଉନ୍ନୟନ ଓ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ସହଯୋଗ କରିଥିଲେ।

# ହନୁମାନଙ୍କ ବାର୍ଷିକ ମହାଯଜ୍ଞ



ଆନନ୍ଦପୁର, ୬।୩ (ସମିସ): ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅନ୍ତର୍ଗତ ରୁଦ୍ରନାରାୟଣପୁର ଗ୍ରାମରେ ଶ୍ରୀ ଶ୍ରୀ ହନୁମାନଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଳିତ ହୋଇଯାଇଛି। ପଣ୍ଡିତ ସୁମନ୍ତ ତ୍ରିପାଠୀ, ପଣ୍ଡିତ ତ୍ରିଲୋଚନ ପଣ୍ଡା ଓ ପଣ୍ଡିତ ଅଭିନାଶ ପଣ୍ଡାଙ୍କ ନେତୃତ୍ୱରେ ଏବଂ ନୀତି ପୂଜକ ଲକ୍ଷ୍ମୀଧର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ୧୦୮ ଜଣ ବ୍ରତଧାରୀ ଗ୍ରାମସ୍ଥିତ ଦୁର୍ଗା ପୁଷ୍କରିଣୀରୁ କଳସ ବୁଡାଇ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ପରେ ପୂଜା ଓ ମହାଯଜ୍ଞ ଆରମ୍ଭ ହୋଇଥିଲା। ଏହି ଯଜ୍ଞରେ କର୍ତ୍ତା ଭାବେ ତପନ ତ୍ରିପାଠୀ ଓ ପତ୍ନୀ ପିନୁ ତ୍ରିପାଠୀ, ବାସୁଦେବ ନନ୍ଦ ଓ ପତ୍ନୀ ସୋନିତା ନନ୍ଦ, ମନୋରଞ୍ଜନ ବେହେରା ଓ ପତ୍ନୀ ସସ୍ମିତା ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିବା ବେଳେ ମନ୍ଦିର ସମ୍ମୁଖରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ସମସ୍ତ ଗ୍ରାମବାସୀ ଓ ଭକ୍ତମାନଙ୍କ ସହଯୋଗରେ ଉତ୍ସବ ସଫଳ ହୋଇଥିଲା। ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ମେଗା ପାନୀୟଜଳ ଯୋଗାଣରେ ଚଞ୍ଚକତା

# ମାଠିଆନେଣ୍ଡି ନାଁରେ ଅନ୍ୟତ୍ର ଗ୍ରାମସଭାରୁ ଉତ୍ତେଜନା

ଆନନ୍ଦପୁର, ୬।୩ (ସମିସ): ମେଗା ପାନୀୟଜଳ ଯୋଗାଣରେ ଚଞ୍ଚକତା ଯୋଗୁଁ ଉତ୍ତେଜନା ପ୍ରକାଶ ପାଇଛି। ମାଠିଆନେଣ୍ଡି ଗାଁ ନାଁରେ ଅନ୍ୟତ୍ର ଗ୍ରାମସଭା କରିବା ନେଇ ମହିଳାମାନେ ଏହାର ପ୍ରତିବାଦ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତିନି ମାସ ହେବ ଟ୍ୟାପରେ ଆସୁନି ପାଣି। ପ୍ରହସନ ପାଲଟିଛି ପାନୀୟ ଜଳ ସେବା। ଗୋଟିଏ ପଟେ ସରପଞ୍ଚଙ୍କ ସ୍ୱାମୀ କହିଛନ୍ତି ଯେ ଆଠ-ଦଶ ଦିନ ହେବ ମିଟିଙ୍ଗ ହୋଇ ସାରିଛି ଓ ଆମେ ଦସ୍ତଖତ କରିସାରିଛୁ। ଅନ୍ୟପଟେ ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ପରିଡା କହିଛନ୍ତି ଯେ ମାଠିଆନେଣ୍ଡିରେ କୌଣସି ମିଟିଙ୍ଗ ହୋଇନାହିଁ। ଫଳରେ ସରପଞ୍ଚ ଓ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟାରେ କୌଣସି ତାଳମେଳ ରହୁନାହିଁ। ଏହାକୁ ନେଇ ପ୍ରକଳ୍ପରେ ଦୁର୍ନୀତି ହେଉଥବା



ଗ୍ରାମବାସୀ ସନ୍ଦେହ କରୁଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ତରତରା ପଞ୍ଚାୟତର ମାଠିଆନେଣ୍ଡି ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ 'ହର ଘର ଜଳ' ଯୋଜନା ଅଧୀନରେ ମେଗା ପ୍ରକଳ୍ପ ମାଧ୍ୟମରେ ପାଇପ ସଂଯୋଗୀକରଣ କରାଯାଇଥିଲେ ମଧ୍ୟ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ମାଠିଆନେଣ୍ଡି ଗ୍ରାମରେ ସମସ୍ତ ପ୍ରସ୍ତୁତି ସରିଥିବା ସତ୍ତ୍ୱେ ମଧ୍ୟ କୌଣସି ଟ୍ୟାପରୁ ପାଣି ଆସୁ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିୟମ ଅନୁଯାୟୀ, ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ପୂର୍ବରୁ ଗ୍ରାମସଭା ଡାକି ସରପଞ୍ଚ ଓ ୱାର୍ଡ ସଦସ୍ୟଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ବୈଠକ କରି ଅନୁମୋଦନ ନେବା ଦରକାର ଥିଲେ ମଧ୍ୟ ମାଠିଆନେଣ୍ଡି ଗାଁରେ ଏଭଳି କୌଣସି ବୈଠକ ହୋଇ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ଅଧିକାରୀମାନେ ମାଠିଆନେଣ୍ଡି ଗାଁ ନାମରେ ଏକ ବ୍ୟାନର ପ୍ରସ୍ତୁତ କରି ମେଗା କାର୍ଯ୍ୟାଳୟ ନିକଟରେ 'ମକ ଡ୍ରିଲ' ହୋଇଥିବା ଦାବି କରୁଥିବା କଥା ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମକ ଡ୍ରିଲର ଆବଶ୍ୟକତା ନଥିବା ସତ୍ତ୍ୱେ ଏନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଘଟଣାର ସଠିକ୍ ତଦନ୍ତ କରି ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ରାଜପଥରୁ ହଟିଲା ପରିବା ହାଟ

ଯୋଡ଼ା, ୬।୩(ସମିସ): ଯୋଡ଼ା ପୌରପାଳିକା ଦେଇ ଲମ୍ବିଥିବା ବିଜୁ ପଟ୍ଟନାୟକ ରାଜ୍ୟ ରାଜପଥ ୨ ଉପରେ ପରିବା ହାଟକୁ ନେଇ କିଛି ଦିନ ପୂର୍ବରୁ ପ୍ରତିଷ୍ଠିତ ଖବରକାଗଜ 'ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ସ୍ଥାନୀୟ ପ୍ରଶାସନ ଜନସାଧାରଣଙ୍କ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାର ସୁଧାର ନିମନ୍ତେ ପରିବା ହାଟ ସ୍ଥାନାନ୍ତରକୁ ନେଇ ତତ୍ପରତା ଦେଖାଇ ଶୁକ୍ରବାର ଏହାକୁ ସ୍ଥାନାନ୍ତର କରିଛି। ସକାଳୁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିଜେ ପରିବା ହାଟ ବୁଲି ଦେଖିବା ସହ ଆଗକୁ ଖରା ପାଇଁ ଚାଷୀଙ୍କ ସୁରକ୍ଷା ନିମନ୍ତେ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏହାକୁ ନେଇ ଯୋଡ଼ା ବୁଦ୍ଧିଜୀବୀ ଓ ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ସମ୍ପାଦକ ସୁଶାନ୍ତ ବାରିକ, ସାଂସଦ ପ୍ରତିନିଧି ବିଚିତ୍ରାନନ୍ଦ ଦାଶ, ସଞ୍ଜୟ ପାତ୍ର, ସରକାରୀ ଓକିଲ



ନରେଶ ପାତ୍ର କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କୁ ସାଧୁବାଦ ଜଣାଇଛନ୍ତି। ଆଗକୁ ରାସ୍ତା ଉପରେ ପରିବା ହାଟ ନ ହେବାପାଇଁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତାପଦ୍ମା ଧଳ ନିଷ୍ପତ୍ତି ନେଇ ଜନସାଧାରଣ ଓ ପରିବା ବିକ୍ରେତାଙ୍କ ଉଦ୍ଦିଷ୍ଟରେ ଏକ ଆଦେଶନାମା ଜାରି କରିଥିବା ଜଣାପଡିଛି। ଦୁଇ ନମ୍ବର ୱାର୍ଡ ମୂର୍ତ୍ତି ବିସର୍ଜନ ପୋଖରୀ ନିକଟରେ ଥିବା ବୁଦ୍ଧ ପାର୍କଠାରେ ପରିବା ବଜାର ବସିବା ନିମନ୍ତେ ସ୍ଥିର ହୋଇଛି। ଏହି ସ୍ଥାନାନ୍ତର ବ୍ୟବସ୍ଥା ଦ୍ୱାରା ଚାଷୀ, ବେପାରୀ ଓ ଗ୍ରାହକ ସୁରକ୍ଷିତ ରହିବେ ବୋଲି ଏପରି ନିଷ୍ପତ୍ତି ନିଆଯାଇଛି। ବୁଦ୍ଧ ପାର୍କ ନିକଟରେ ସୁନା ନଦୀ ବୋହିଯାଉଥିବା ବେଳେ ଏକ ଗୋଷ୍ଠୀ ଶୌଚାଳୟ ମଧ୍ୟ ରହିଛି। ମଟରସାଇକଲ ପାର୍କିଙ୍ଗ ପାଇଁ ଯଥେଷ୍ଟ ସ୍ଥାନ ମଧ୍ୟ ରହିଛି। ଯାହା ଜନସାଧାରଣ, ଚାଷୀ ଓ ବେପାରୀଙ୍କ ବ୍ୟବହାରରେ ଆସିପାରିବ। ଆଗକୁ ଖରା ଟାଣ ହେବାକୁ ଥିବା ବେଳେ ଚାଷୀଙ୍କ ପାଇଁ ସେଡ ପ୍ରଭୃତି ତିଆରି କରିବାର ପ୍ରକ୍ରିୟା ରହିଛି ବୋଲି ପୌରପାଳିକା ପକ୍ଷରୁ ଜଣାପଡିଛି।



## ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ପରୀକ୍ଷା ଦିନ ବିଦ୍ୟାଳୟରେ ପହଞ୍ଚିଲାନି ପ୍ରଶ୍ନପତ୍ର

ବିଷମ କଟକ, ୬।୩(ସମିସ): ଆଜି ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ଶିକ୍ଷା ବିଭାଗ ଅନ୍ତର୍ଗତ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ସ୍କୁଲରେ ପ୍ରଶ୍ନପତ୍ର ନ ପହଞ୍ଚିବାରୁ ଏଭଳି ପରିସ୍ଥିତି ଉପୁଜିଛି। ରାଜ୍ୟ ସରକାର ୬ ମାର୍ଚ୍ଚରୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ଦେବା ନିମନ୍ତେ ସୂଚୀ ପ୍ରସ୍ତୁତ କରିଛନ୍ତି। ପରୀକ୍ଷା ଦିବସର ପୂର୍ବରୁ ସମସ୍ତ ବିଦ୍ୟାଳୟରେ ପ୍ରଶ୍ନପ୍ରତ ପହଞ୍ଚାଇବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ହେଲେ ଆଜି ପରୀକ୍ଷାର ପ୍ରଥମ ଦିନ ବିଷମ କଟକ ବ୍ଲକର ୧୮୬ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ନିମନ୍ତେ ଶିକ୍ଷକମାନେ ସମସ୍ତ ପ୍ରସ୍ତୁତି ସାରିଦେଇଥିଲେ। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୭୦୨୪ ଜଣ ଛାତ୍ରଛାତ୍ରୀ ମୌଖିକ ପରୀକ୍ଷା ଦେବା ନିମନ୍ତେ ବିଦ୍ୟାଳୟକୁ ପହଞ୍ଚି ଥିଲେ। କିନ୍ତୁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ମୌଖିକ ପ୍ରଶ୍ନପତ୍ର କୌଣସି ବିଦ୍ୟାଳୟକୁ ପ୍ରଦାନ କରାଯାଇନାହିଁ। ପ୍ରଶ୍ନପତ୍ର ନ ପହଞ୍ଚିବାରୁ କୌଣସି ବିଦ୍ୟାଳୟରେ ଆଜି ମୌଖିକ ପରୀକ୍ଷା ହୋଇପାରିନାହିଁ। ଫଳରେ ଛାତ୍ରଛାତ୍ରୀ ପରୀକ୍ଷା ନ ଦେଇ ନିରାଶ ହୋଇ ଘରକୁ




ଫେରିଛନ୍ତି। ପ୍ରଶ୍ନପତ୍ର ଅଭାବରୁ ପରୀକ୍ଷା ବନ୍ଦ ହେବା ଚଳିତ ବର୍ଷ ଏହା ବିରଳ ଘଟଣା। ଏଥି ପୂର୍ବରୁ କୌଣସି ବର୍ଷ ଏପରି ଅବ୍ୟବସ୍ଥା ବ୍ଲକ୍‌ରେ ଦେଖିବାକୁ ମିଳିନଥିଲା ବୋଲି ଶିକ୍ଷକ ମହଲରେ ଚର୍ଚ୍ଚା ଜୋର ଧରିଛି। ବର୍ତମାନ ବିଷମ କଟକ

### ନିରାଶ ହୋଇ ଘରକୁ ଫେରିଲେ ଛାତ୍ରଛାତ୍ରୀ

ବ୍ଲକ୍‌ରେ ମୁରବୀ ବିହିନ ଶିକ୍ଷା ବ୍ୟବସ୍ଥାର ଏ ହେଉଛି ନିଛକ ଉଦାହରଣ ବୋଲି ଶିକ୍ଷକ ମାନେ କହୁଛନ୍ତି। ବ୍ଲକରେ ଦୀର୍ଘ ଏକ ବର୍ଷ ହେବ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଛି। ରାୟଗଡ଼ା ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ବିଷମ କଟକ ବ୍ଲକ ଶିକ୍ଷା ଅଧିକାରୀ ଅତିରିକ୍ତ ଦାୟୀତ୍ୱ ତୁଲାଉଛନ୍ତି। ଜିଲ୍ଲାର କାର୍ଯ୍ୟଭାର ତୁଲାଉଥିବା ବେଳେ ବ୍ଲକ୍ ଶିକ୍ଷା ଅଧିକାରୀ ଅତିରିକ୍ତ ଦାୟୀତ୍ୱ ତୁଲାଇବା କଷ୍ଟକର ବ୍ୟାପାର । ତେଣୁ ବିଷମ କଟକ ବ୍ଲକ୍‌ରେ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ନିଯୁକ୍ତି ହେଲେ ଏପରି ଅବ୍ୟବସ୍ଥା ହେବନାହିଁ ବୋଲି ଶିକ୍ଷକ ମାନେ ମତ ରଖିଛନ୍ତି। ପ୍ରଶ୍ନପତ୍ର ନ ପହଞ୍ଚିବା ସମ୍ବନ୍ଧରେ ଆମ୍ଭେ ଅତିରିକ୍ତ ଜିଲ୍ଲା ଶାକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନିଙ୍କ ସହ ଯୋଗାଯୋଗ କରିଥିବା ବେଳେ ପ୍ରଶ୍ନପତ୍ର ବିତରଣ ଦାୟୀତ୍ୱରେ ରହିଥିବା ଏଜେନ୍‌ସି ସମସ୍ତ ପ୍ରଶ୍ନପତ୍ର ବିଦ୍ୟାଳୟରେ ଯୋଗାଇ ଦେଇଥିବା ବେଳେ ମୌଖିକ ପ୍ରଶ୍ନପତ୍ର ପହଞ୍ଚାଇବା ଭୁଲି ଯାଇଥିଲେ। ସୂଚନା ପାଇବା ପରେ ଏଜେନ୍ସି ପ୍ରଶ୍ନପତ୍ର ବିତରଣ କରୁଛନ୍ତି। ଆସନ୍ତାକାଲି ଠାରୁ ସମସ୍ତ ବିଦ୍ୟାଳୟରେ ପରୀକ୍ଷା ସ୍ୱାଭାବିକ ହେବ ବୋଲି ଶ୍ରୀ ମୁନି ପ୍ରକାଶ କରିଛନ୍ତି।

## ● ମନରେଗା କାର୍ଯ୍ୟରେ ଏନଏମଏମଏସ ପାଲଟିଛି ପ୍ରହସନ

# ସନ୍ଦେହରେ କର୍ମଚାରୀଙ୍କ ଭୂମିକା, ବାଟବଣା ହେଉଛି ଯୋଜନା

ମାଲକାନଗିରି,୬।୩(ସମିସ): ମାଲକାନଗିରି ଜିଲ୍ଲାରେ ରୋଜଗାର ସମସ୍ୟା ପାଇଁ ଲୋକେ ଦାଦନ ଭାବେ ବାହାର ରାଜ୍ୟକୁ ଯାଇ କାର୍ଯ୍ୟ କରି ଅନେକ ସମସ୍ୟାର ସାମ୍ନା କରୁଥିବାର ଅନେକ ନଜିର ରହିଛି। ଏପରି ସ୍ଥିତିରେ ମନରେଗା ଯୋଜନା ଲୋକଙ୍କୁ ରୋଜଗାର ଯୋଗାଇବାର ଏକ ମୁଖ୍ୟ ମାଧ୍ୟମ ପାଲଟିବା କଥା। କିନ୍ତୁ ଜିଲ୍ଲାରେ ଏହି ଯୋଜନା ବାଟ ବଣା ହେଉଥିବା ଅନେକ ସମୟରେ ଦେଖିବାକୁ ମିଳିଛି। ବର୍ତ୍ତମାନ ପୁଣି ଏପରି କିଛି ଚିତ୍ର ସାମ୍ନାକୁ ଆସିଥିବା ବେଳେ ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗରୁକୋଣ୍ଡା ପଞ୍ଚାୟତର ସାଲିମାରିକୋଣ୍ଡା ଗ୍ରାମରେ ହୋଇଥିବା ରାସ୍ତା କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ସାଲିମାରିକୋଣ୍ଡା ଗ୍ରାମଠାରୁ ଗୁମୁକାଗୁଡା ଗ୍ରାମକୁ ମନରେଗା ଯୋଜନାରେ ରାସ୍ତା ନିର୍ମାଣ ପାଇଁ ବ୍ୟୟବରାଦ ହୋଇଥିଲା। ଯୋଜନାର କୋଡ଼ ନମ୍ବର ୨୪୩୧୦୧୦୦୧୦/୧୦୫୭୫୫୦୭ ଅନୁଯାୟୀ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ରାସ୍ତା କାମ ହୋଇଛି। ତେବେ ଏହି ରାସ୍ତା କାମରେ ଶ୍ରମିକଙ୍କ ବଦଳରେ କିଛି ଠିକାଦାରଙ୍କ ସହଯୋଗରେ ମେସିନ ଦ୍?ାରା କାମ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହା ସହ ଏହି ରାସ୍ତା କାମଟି ଗତ କିଛି ମାସ ପୂର୍ବେ ହୋଇଥିବା ମଧ୍ୟ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେବେ କୌଣସି ଶ୍ରମିକ କାର୍ଯ୍ୟ ନକରି ପୁରୁଣା କାମକୁ ଏବେ ହୋଇଥିବା ଦର୍ଶାଇ କିଛି ସ୍ଥାନୀୟ ଜବକାର୍ଡ ଧାରୀଙ୍କ ଆକାଉଣ୍ଟକୁ ଅସାଧୁ ଉପାୟରେ ଟଙ୍କା



ପଇଠ ହେଉଥିବା ଦେଖିବାକୁ ମିଳିଛି। ଏହି ଅସାଧୁ ଉପାୟରେ ଅର୍ଥ ହେରଫେର କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଉଥିବା ଜଣାପଡ଼ିଛି। ଜିଲ୍ଲାରେ ଏଭଳି ମନରେଗା ଯୋଜନା କାଯ୍ୟରେ କେବେ ମେସିନ ବ୍ୟବାହାର ହେଉଛି ତ କେବେ କାମ ନ ହେଇ ବିଲ୍ ଉଠାଯାଉଛି। ପୁଣି କେବେ ମୃତ ଶ୍ରମିକଙ୍କ ନାମରେ ଅର୍ଥ ପୈଠ ହେଉଛି। ଏ ସବୁ ବାଦେ ବର୍ତ୍ତମାନ ମନରେଗା ଯୋଜନାର ଅର୍ଥ ଲୁଟ ପାଇଁ ଶ୍ରମିକଙ୍କ ବଦଳରେ ମେସିନ ବ୍ୟବହାର କରି କାର୍ଯ୍ୟ ସାରି ମନରେଗା ପୋର୍ଟାଲ୍‌ରେ କାର୍ଯ୍ୟ ଚାଲିଥିବା ଦର୍ଶାଇବା ଘଟଣା ଯୋଜନାର ସୁଫଳ ରୂପାୟନ ଉପରେ ବଡ ପ୍ରଶ୍ନ ସୃଷ୍ଟି କରିଛି। ବାସ୍ତବିକ କ୍ଷେତ୍ରରେ ଯୋଜନା କେତେଦୂର ସଫଳ ହେଇଛି ତାହା ତଦନ୍ତ ସାପେକ୍ଷ। ଏନେଇ ସମ୍ପୃକ୍ତ ପଞ୍ଚାୟତର ଯନ୍ତ୍ରୀ ସନ୍ତୋଷ କିର୍ଷାନୀଙ୍କ ସହ ଯୋଗା ଯୋଗ କରିବାରୁ ସେ ଏନେଇ ଜାଣି ନଥିବା ବେଳେ ତୁରନ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରି ଏହାର ତଦନ୍ତ କରାଇବେ ବୋଲି କହିଛନ୍ତି।

## ବାଲ୍ୟ ବିବାହ ରୋକିଲା ପ୍ରଶାସନ

ପାପଡାହାଣ୍ଡି,୬।୩ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ପଞ୍ଚାୟତ ଅଧିନସ୍ଥ ବାରିଗୁଡା ଗ୍ରାମର କନ୍ଧଗୁଡାରେ ଚାଲିଥିବା ଏକ ବାଲ୍ୟ ବିବାହକୁ ରୋକିଛି ପ୍ରଶାସନ। ଉଭୟ ପୁଅ ଏବଂ ଝିଅର ଅଭିଭାବକଙ୍କୁ ଡକାଇ ସଚେତନ କରାଇଥିଲେ। ଝିଅକୁ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ ନ କରିବା ଲାଗି ତାଗିଦ କରିବା ସହ ଏକ ପତ୍ରରେ ସ୍ୱାକ୍ଷର କରାଇଥିଲେ । ସୂଚନା ପ୍ରକାରେ ବାରିଗୁଡା କନ୍ଧଗୁଡାର ଯୁବକ ସହ ଭାଟିକୋଟ ନୂଆଗୁଡାର ନାବାଳିକା ସହ ଶୁକ୍ରବାର ସନ୍ଧ୍ୟାରେ ବିବାହ ହେବାର ଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ପିଇଓ ନରସିଂହ ଭତରା, ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ, ସୁପରଭାଇଜର ପରବିନ ବେଗମ , ୱାର୍ଡ ସଭ୍ୟ ଲକ୍ଷ୍ମଣ ସାନ୍ତା ପ୍ରମୁଖ କନ୍ଧଗୁଡାରେ ପହଞ୍ଚିଥିଲେ। ଝିଅ ନାବାଳିକା ଥିବାରୁ ବିବାହ କରାଇଲେ ଆଇନରେ ଦଣ୍ଡିତ ହେବା ସହ ଜେଲ ଦଣ୍ଡ ହେବ ବୋଲି କହିଥିଲେ। ଉଭୟ ଅଭିଭାବକଙ୍କର ସ୍ୱାକ୍ଷର ପତ୍ର ନେଇଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୬।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟଜିତ୍ ଗାହାଣ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ଏନ୍‌ଏସ୍‌ଏସ୍ ବିନୋଦ ବିହାରୀ ପ୍ରଧାନ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ 'ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର'କୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଫଳିତ କରାଯାଇଛି। ଏହି ଉପଲକ୍ଷେ ୭ ମାର୍ଚ୍ଚ ମହିଳାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ, ୮ ମାର୍ଚ୍ଚ ମହିଳାମାନଙ୍କ ପାଇଁ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

## ବୃଦ୍ଧାଶ୍ରମକୁ ସ୍ଥାନାନ୍ତର ହେଲେ 'ମାଉସୀ'



ନନ୍ଦପୁର, ୬।୩ (ସମିସ): ଦୀର୍ଘ ୧୫ବର୍ଷରୁ ଅଧିକ ହେବ ନନ୍ଦପୁର ସଦର ମହକୁମାରେ ଘରେ ଘରେ ପରିଚିତ ତଥା ଆବାଳ ବୃଦ୍ଧ ବନିତା ସମସ୍ତଙ୍କ "ମାଉସୀ' ଆଉ ଦେଖା ଦେବେନି ଦାଣ୍ଡ ଦୁଆର ମୁହଁରେ। ଘର ଘର ବୁଲି ଖାଇବା ମୁଠେ ମାଗି କାହା ଦାଣ୍ଡ ପିଣ୍ଡା ତ ରାସ୍ତା କଡ଼ରେ ଆଶ୍ରୟ ନେଉଥିଲେ ସେ। ନିଜେ ଯେତିକି ଅସହାୟ ତା ଠାରୁ ଅଧିକ ଦୟାଳୁ ଥିଲେ ମାଉସୀ । ମାନସିକ ବିକାର ଗ୍ରସ୍ତ ଏହି ମହିଳା ଜଣଙ୍କ ୧୫ବର୍ଷ ତଳେ ନନ୍ଦପୁରକୁ ଆସିଥିଲେ। ସାଙ୍ଗରେ ଥିଲା ଗୋଟିଏ ଲୁଗା ବ୍ୟାଗ। ଖବର ଅନୁସାରେ କଟକ ଜିଲ୍ଲାରୁ ସେ ଆସିଥିଲେ ସ୍ୱାମୀ, ସନ୍ତାନଙ୍କୁ ହରାଇବା ପରେ ମାନସିକ ବିକାର ଗ୍ରସ୍ତ। ସେଦିନ ଠାରୁ ନନ୍ଦପୁରରେ ରହି ଆସୁଥିଲେ । ନନ୍ଦପୁର ଛାଡ଼ି ଆଉ କେଉଠି ଯାଇ ନଥିଲେ । ନନ୍ଦପୁର ଆସିବା ଠାରୁ ସମସ୍ତେ ତାଙ୍କୁ ମାଉସୀ ମାଉସୀ କହି ଡାକନ୍ତି । ଯିଏ ଯାହା ଦେଲା ତାହାକୁ ଖାଇ ଜୀବନ ଅତିବାହିତ କରୁଥିଲେ । ଗାଈ ଗୋରୁଙ୍କୁ ଦେଖିଲେ ନିଜେ ଖାଉଥିବା ଖାଦ୍ୟ ଗୋ ମାତାଙ୍କୁ ଖୁଆଇ ଦେଉଥିଲେ । ବର୍ଷା, ଶୀତ, ଖରା ସବୁ ତାଙ୍କ ପାଇ ଥିଲା ସମାନ ଋତୁ । ଶୁକ୍ରବାର ନନ୍ଦପୁର ପୁଲିସ ପକ୍ଷରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ବୃଦ୍ଧା ଆଶ୍ରମ ପଠାଇଥିବା ଜଣାପଡିଛି। ଜଣେ ଅସହାୟ ମାନସିକ ବିକାର ଗ୍ରସ୍ତ ମହିଳା ବୁଲୁ ଥିବା ଖବର ପାଇ ନନ୍ଦପୁର ଥାନା ଅଧିକାରୀ ତ୍ରିନାଥ ତୋଟାପାଡିଆ ଏକ ଟିମ୍ ନେଇ ମାଉସୀଙ୍କୁ ଉଦ୍ଧାର କରି ଜିଲ୍ଲା ବୃଦ୍ଧା ଆଶ୍ରମରେ ଥଇଥାନ କରିଥିବା ଜଣାପଡିଛି।

## ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଶୋଚନୀୟ

ମାଥିଲି,୬ ।୩ (ସମିସ) ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ସମେତ ବିଭିନ୍ନ ସ୍ଥାନରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଘୋର ଦୟନୀୟ ଅବସ୍ଥାରେ ଗତି କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। କେଉଁଠି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଦୁଇଜଣ ତ କେଉଁଠି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଜଣେ ମାତ୍ର ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି। ଶିକ୍ଷା ବ୍ୟବସ୍ଥା ସ୍ଥିତି ଅନୁଧ୍ୟାନ କଲେ ଛାତ୍ରୀ ଛାତ୍ର ମାନଙ୍କ ଭବିଷ୍ୟତ ସହ କିପରି ଖେଳା ଯାଉଛି ତାହା ଅନୁମାନ କରାଯାଇ ପାରିବ। ଜଣେ ଡିପ୍ଲୋମା କିମ୍ବା ସିଟି ଯୋଗ୍ୟତାଧାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଦାନ କରିପାରିବେ। କିନ୍ତୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡିଗ୍ରୀ ଓ ବିଜ୍ଞାନ, ଗଣିତ ପାଇଁ ସ୍ୱତନ୍ତ୍ର ବିଷୟ ଭିତ୍ତିକ ଶିକ୍ଷକ ନିହାତି ଆବଶ୍ୟକ। ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରାଯାଇ ପ୍ରାଥମିକ ଶ୍ରେଣୀରେ ସ୍ନାତକ ଡିଗ୍ରୀଧାରୀ କଳା ବିଜ୍ଞାନ ଶିକ୍ଷକଙ୍କୁ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି କରାଯାଇଛି। ଯେଉଁଠି ବିଷୟ ଭିତ୍ତିକ ଶିକ୍ଷକ ନାହାନ୍ତି ସେଠାରେ କିପରି ବିଜ୍ଞାନ ଓ କଳା ବିଷୟରେ ଅନଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ଦାନ କରୁଥିବେ ତାହା ଅନୁମେୟ। ସେହିପରି ବହୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ନଥିବାରୁ କ୍ୟାଡ଼ର ଭୁକ୍ତ ହୋଇନଥିବା ଶିକ୍ଷକ ମାନଙ୍କ ଠାରୁ ଆରମ୍ଭ କରି ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହି ଆସୁଛନ୍ତି। ବହୁ ସ୍ଥାନରେ ବରିଷ୍ଠ ତଥା ପଦୋନ୍ନତି ପାଇ ଉପର ପଦରେ ଅବସ୍ଥାପିତ ରହି ମଧ୍ୟ ସେମାନଙ୍କୁ ଦାୟିତ୍ୱରେ ରଖାଯାଉ ନାହିଁ। ସମସ୍ତ ନିୟମକୁ ଉଲ୍ଲଂଘନ କରାଯାଉଛି। ଜିଲ୍ଲାର ସାତଟି ବ୍ଲକରେ ଅତିକମରେ ୭ ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ୨୧ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରହିବା କଥା। କିନ୍ତୁ ପରିତାପର ବିଷୟ ୫ ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ୯ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରହିଛନ୍ତି। ଯେଉଁମାନେ କି ପୁଣି ଅତିରିକ୍ତ ଭାବେ ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ରର ଦାୟିତ୍ୱରେ ରହିଛନ୍ତି। ଏସବୁକୁ ଦେଖିଲେ ଶିକ୍ଷା ବ୍ୟବସ୍ଥା ତଳିତଳାନ୍ତ ହେଉଥିଲେ ହେଁ କେହି କହିବାକୁ ନାହାଁ। ତୁରନ୍ତ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ପୂର୍ତ୍ତ ବିଭାଗ ନୂଆ ନିୟମକୁ ଠିକାଦାର ମହାସଂଘର ବିରୋଧ

### ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ




କୋରାପୁଟ,୬।୩(ସମିସ): ଗତ ଜାନୁଆରୀ ୩ ତାରିଖରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ନୂଆ ନିୟମକୁ କୋରାପୁଟ ଜିଲ୍ଲା ଠିକାଦାର ମହାସଂଘ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଜୟପୁର ଜେଇଏଲସି କମ୍ପ୍ଲେକ୍ସ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇ ପୂର୍ତ୍ତ ବିଭାଗର ନୂଆ ନିୟମକୁ ବିରୋଧ କରା ଯାଇଛି। ସରକାରଙ୍କ ଏଭଳି ନିୟମ ଯୋଗୁଁ ଠିକାଦାର ମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେବା ସହ ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ନିୟମ ଦ୍ୱାରା ଠିକାଦାର ମାନେ କାମ ପାଇବେ ନାହିଁ। ଯଦିବା କାମ ମିଳେ ତାହେଲେ କମ୍ ବିଡ଼ିଂରେ କାମ ନେବାକୁ ପଡିବ। ଯାହା ଫଳରେ କ୍ଷତି ଭରଣା କରିବାକୁ ଠିକାଦାର ନିମ୍ନ ମାନର କାମ କରିବାକୁ ବାଧ୍ୟ ହେବ। ତେଣୁ ଏହି ନିୟମକୁ ତୁରନ୍ତ ରଦ୍ଦ କରିବାକୁ ମହାସଂଘ ଦାବି କରିଛି। ମହାସଂଘର ସଭାପତି ପଦ୍ମନ ହରିଜନ, ସମ୍ପାଦକ ହେମନ୍ତ ପାଣିଗ୍ରାହୀ, ଭଗବାନ ଖରା, ଦେବେନ୍ଦ୍ର ପଟ୍ଟନାୟକଙ୍କ ସମେତ ୪୦ରୁ ଅଧିକ ଠିକାଦାର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

## ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

### ପ୍ରତି ବ୍ଲକରୁ ୩ ଗାଁକୁ ଆଦର୍ଶ ଗ୍ରାମ କରିବାକୁ ବିଧାୟକଙ୍କ ଘୋଷଣା




ମାଲକାନଗିରି, ୬ ।୩(ସମିସ): ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଧାୟକ ନିର୍ବାଚନମଣ୍ଡଳୀ ବିକାଶ ସମିତି ବୈଠକରେ ମାଲକାନଗିରି, କାଲିମେଳା ଓ ପଡ଼ିଆ ଆଦି ତିନୋଟି ବ୍ଲକର ପ୍ରତ୍ୟେକ ବ୍ଲକରୁ ୩ଟି ଲେଖାଏଁ ଗାଁକୁ ଚୟନ କରି ଆଦର୍ଶ ବା ମଡେଲ୍ ଗ୍ରାମ ଭାବେ ରୂପାନ୍ତରିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଚିହ୍ନଟ ଗାଁ ଗୁଡ଼ିକରେ ତୁରନ୍ତ ଏକ ବିସ୍ତୃତ ସର୍ଭେ କରାଯାଇ ବର୍ତ୍ତମାନର ବିକାଶ ସ୍ଥିତି, ଆବଶ୍ୟକତା ଓ ସମସ୍ୟାର ମୂଲ୍ୟାଙ୍କନ କରାଯାଉ। ଏହି ଅବଶକ୍ୟତା ଓ ସମସ୍ୟାର ସମାଧାନ ପାଇଁ କଣ ସବୁ କାର୍ଯ୍ୟ କରିବାକୁ ପଡ଼ିବ ତାହାର ଏକ ସ୍ପଷ୍ଟ ଯୋଜନା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି। ବୈଠକରେ ବିଧାୟକ ଶ୍ରୀ ମାଡ଼କାମି ସମସ୍ତ ବିଭାଗର ଚଳିତ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ତ୍ୱରାନିତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସେ ମାଲକାନଗିରିର ପ୍ରସିଦ୍ଧ ମଲ୍ଲିକେଶ୍ୱର ମନ୍ଦିର ଓ ଭୈରବୀ ମନ୍ଦିରର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଜଳ ଅଭାବ ଥିବା ଗାଁଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ୍ୟ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ବିଧାୟକ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀମାନଙ୍କ ସହ ଆଲୋଚନା ଓ ବୈଠକ କରି କେଉଁ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରାଯିବ, ସେଥି ନିମନ୍ତେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଲୋକେ ବିଧାୟକଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମକୁ ବ୍ୟାପକ ସ୍ୱାଗତ ଜଣାଇଛନ୍ତି।

## ବିଷାକ୍ତ ଖାଦ୍ୟ ଖାଇ ପରିବାରର ୪ ଗୁରୁତର

ପଦ୍ମପୁର,୬।୩(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ ଖିଲାପଦର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପରିବାରର ୪ଜଣ ସଦସ୍ୟ ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଖିଲାପଦର ଗ୍ରାମର ରଜନୀ ଗମାଙ୍ଗ (୨୭), ମୁକେଶ ଗମାଙ୍ଗ (୨୯), କସ୍ତୁରୀ ଗମାଙ୍ଗ (୨୬),ତ୍ରିନାଥ ଗମାଙ୍ଗ (୬୦)। ସମସ୍ତେ ଗତକାଲି ରାତ୍ରୀ ଭୋଜନର ଭାତ ତରକାରୀ



ଖାଇ ଶୋଇବା ପରେ ପରେ ସକାଳୁ ଭୋରରୁ ସମସ୍ତେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡିବାରୁ ସଙ୍ଗେ ସଙ୍ଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଖାଦ୍ୟ ବିଷାକ୍ତ ହେଲା ପରିବାର ଲୋକେ ଜାଣିପାରିନାହାନ୍ତି। ପଦ୍ମପୁର ଡାକ୍ତର ଚିନ୍ମୟୀ ସାମଲ୍ ସମସ୍ତଙ୍କୁ ଚିକିତ୍ସା କରିଥିବା ବେଳେ ସମସ୍ତେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି।

## ବିପୁଳ ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ



ମାଲକାନଗିରି, ୬ ।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓ ଦମନ କ୍ଷେତ୍ରରେ ଯବାନଙ୍କୁ ବଡ଼ ସଫଳତା ମିଳିଛି। ମାଓ ଦମନ ପାଇଁ ତଲାସୀ ଅଭିଯାନ ସମୟରେ ଯବାନ ମାନେ ବିପୁଳ ମାଓ ସାମଗ୍ରୀ ଜବତ କରିଛନ୍ତି। ସୂଚନା ଅନୁଯାୟୀ ଛତିଶଗଡର ସୁକୁମା ଜିଲ୍ଲାରେ ମାଓ ଦମନ ପାଇଁ ୨୧୭ ବାଟାଲିୟନ ଏବଂ କିସ୍ତାରାମ ପୋଲିସ ପକ୍ଷରୁ ଏକ ମିଳିତ ଅପରେସନ୍ କରାଯାଇଥିଲା। ଏହି ଅପରେସନ୍ ସମୟରେ, ବୀରମ୍ ପାହାଡ଼ ଅଞ୍ଚଳରେ ଯବାନ ମାନେ ତଲାସି କରିବା ବେଳେ ମାଟି ତଳୁ ବିପୁଳ ମାଓ ସାମଗ୍ରୀ, ଅସ୍ତ୍ର ଶସ୍ତ୍ର ଆଦି ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ଦେଶୀ ବନ୍ଧୁକ, ବ୍ୟାରେଲ୍, ୬ଟି ଡେଟୋନେଟର୍, ବ୍ୟାଟେରୀ, ୨୦ଟି ଜୀବନ୍ତ ଗୁଳି ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

## ଏଚ୍‌ପିଭି ଟୀକାକରଣ ଶୁଭାରମ୍ଭ

ପାପଡାହାଣ୍ଡି, ୬।୩ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଡା. ମୋନସ୍ମିତା ମହାନ୍ତିଙ୍କ ସଭାପତିତ୍ୱରେ ଏଚପିଭି ଟିକକରଣ ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ପାପଡାହାଣ୍ଡି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ଟୀକାକରଣର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଏହି ଟୀକା କିଭଳି ସମସ୍ତ ୧୪ରୁ ୧୫ ବର୍ଷର ବାଳିକାମାନଙ୍କୁ ଦିଆଯାଇପାରିବ ସେ ସମ୍ବନ୍ଧରେ ଗୁରୁତ୍ୱ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଉନ୍ନୟନ ଅଧିକାରୀ କପିଳଦେବ ସାହୁ ଜଣାଇଥିଲେ ଯେ ସରକାର ୪୦୦୦ ଟଙ୍କାର ଟୀକା ବିନାମୂଲ୍ୟରେ ପ୍ରଦାନ କରୁଛନ୍ତି ଯାହାର ସୁଯୋଗ ସମସ୍ତେ ନେବା ଉଚିତ। ଡ. ମନସ୍ମିତା ମହାନ୍ତି ଟୀକାକରଣ କିପରି ଭୂତାଣୁ ଜନୀତ ଜରାୟୁ ଗ୍ରୀବା କର୍କଟ ରୋଗକୁ ପ୍ରତିରୋଧ କରିପାରି ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତି ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ୧୨ ଜଣ କିଶୋରୀଙ୍କୁ ଟୀକା ପ୍ରଦାନ କରାଯାଇଥିଲା।

## ମଣ୍ଡିରୁ ଉଠୁନି ଧାନ

# ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାନବସ୍ତା ରଖି ପ୍ରତିବାଦ

କୋରୁକୋଣ୍ଡା,୬ ।୩(ସମିସ): ମଣ୍ଡିରୁ ଉଠୁନି ଧାନ, ଚାଷୀ ଅସନ୍ତୋଷ। ପୂର୍ବରୁ ରାଜା ରାସ୍ତାରେ ଧାନବସ୍ତା ରଖି ଚାଷୀ ମାନେ ପ୍ରତିବାଦ କରିଥିଲେ। ଆଜି ବ୍ଲକ ଆଗରେ ଧାନ ବସ୍ତା ରଖି ପ୍ରତିବାଦ କରିଥିଲେ ଚାଷୀ। ଆଜି ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରରେ। ମଣ୍ଡିରେ ଦୀର୍ଘ ଦିନ ହେବ ଧାନ ପଡି ରହିଥିବା ବେଳେ ଉଠୁନି ଧାନ। ଶେଷରେ ବାଧହୋଇ ଆଜି ପ୍ରାୟ ୫୦୦ରୁ ଅଧିକ ଗାଡିରେ ମଣ୍ଡିରୁ ଧାନ ବସ୍ତା ଧରି ଚାଷୀ ମାନେ ନିଜର ଅସନ୍ତୋଷ ଓ ପ୍ରତିବାଦର ନାରା ଦେବା ସହିତ ପ୍ରାୟ ଶତାଧିକ ଚାଷୀ ଚାଲି ଚାଲି ଚାଲି ବ୍ଲକ କାର୍ଯ୍ୟାଳୟ ପରିସରକୁ ଯାଇ କାର୍ଯ୍ୟାଳୟ ଗେଟ୍ ଆଗରେ ଧାନ ଗାଡି ରଖି ଧାରଣାରେ ବସିଥିଲେ। ଚାଷୀଙ୍କ କହିବା ଅନୁଯାୟୀ ବିଗତ ଦିନରେ ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଗତ ମାସ ୨୬ ତାରିଖରେ ଚାଷୀ ଧାନ ବସ୍ତା ରଖି ରାସ୍ତା ରୋକ କରିଥିଲେ। ସେହି ସମୟରେ ଖବର ପାଇ କିଛି ଘଣ୍ଟା ମଧ୍ୟରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ, ମାଲକାନଗିରି ଏସିଏସଓ ବିଶ୍ୱଜିତ ଦାସ, ମାଲକାନଗିରି ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ଏବଂ କୋରୁକୋଣ୍ଡା ଏମଆଇ ହରିଷ ରାମ ମଲ୍ଲିକ, କୋରୁକୋଣ୍ଡା ଏମଡି ଅଭିମନ୍ୟୁ ହଲବା ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିବା ସହିତ ପୂର୍ବରୁ ଚକ୍ଷୁସ୍ନାନ ହୋଇ ପଡି ରହିଥିବା ୩୦୦୦ କ୍ୱିଣ୍ଟାଲ ଧାନ ମଧ୍ୟରୁ ୨୦୦୦ କ୍ୱିଣ୍ଟାଲ ଧାନ କାଲଲି ମଧ୍ୟରେ ଉଠାଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଧାନ ଶେଷ ନ ହେବା ଯାଏଁ ମଣ୍ଡିରେ ଧାନ



କ୍ରୟ ଜାରି ରହିବ ବୋଲି ଏକ ଲିଖିତ ଚୁକ୍ତି ଦେଇଥିଲେ। କିନ୍ତୁ ଅଧିକାରୀଙ୍କ ଚୁକ୍ତି ପାଣିର ଗର ଭଳି ମିଲର ମାନେ ମାତ୍ର କିଛି ଧାନ ଉଠାଇ ରହିଗଲେ। ଏଣୁ ଆଜି ଚାଷୀ ମାନେ ଏଭଳି ପ୍ରତିବାଦ କରିବାକୁ ବାଧ୍ୟ ହେଲେ ବୋଲି ମାଣ୍ଡୀ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ପାତ୍ରଙ୍କ ସମେତ ସତ୍ୟ ପାଣିଗ୍ରାହୀ, ଚକ୍ରଧର ରୁଦ୍ରାକ୍ଷ, ପଦ୍ମନାଭ କେଲପ, ବସନ୍ତ ପଣ୍ଡା, ରାଜୁ ସାବତ, ପ୍ରକାଶ ସାହୁ, ରତ୍ନାକର ମହାରଣା, ଗଙ୍ଗା ଗୌଡ, ପଦ୍ମ ଦୋର, ଉତ୍ତମ ତୂରୁକା, ଅଜିତ ମାଲିକ, ବାବୁତୋଷ ମାଲିକ, ଲକ୍ଷ୍ମଣ ମାଲାକାରଙ୍କ ସମେତ ଅନେକ ଚାଷୀ। ଏହାକୁ ନେଇ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରି ବାରୁ ସେ କହିଥିଲେ ଆଜି ମାଲକାନଗିରି ଏସିଏସଓ,କୋରୁକୋଣ୍ଡା ଏମଆଇଙ୍କ ଉପସ୍ଥିତିରେ ଚାଷୀ ମାନଙ୍କୁ ବୁଝା ସୁଝା କରିବା ସହିତ ବିଭିନ୍ନ ମିଲ୍ ମାଲିକଙ୍କ ମାଧ୍ୟମରେ ପ୍ରାୟତ ୬୦୦ କ୍ୱିଣ୍ଟାଲ ଧାନ ଉଠାଯିବ ଏବଂ କାଳି ଠାରୁ ୧ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ଉଠାଯିବା। ଆଗାମୀ ଦିନରେ କିପରି ଭାବେ ସମସ୍ତ ଚାଷୀଙ୍କ ଧାନ ଶୀଘ୍ର ଉଠାଯିବ, ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ମିଲରମାନଙ୍କ ମଧ୍ୟ ଆଲୋଚନା କରିବି ବୋଲି ଶ୍ରୀ ସାହୁ କହିଥିଲେ।